



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୭ Vol. 22 No-57 28 MAY 2025 WEDNESDAY, BHUBANESWAR ବୁଧବାର, ୨୮ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ଭିସି

ଭୁବନେଶ୍ୱର, ୨୭।୫ (ଭାସ୍କର ନ୍ୟୁଜ): ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ବର୍ତ୍ତମାନ ଶ୍ରୀ ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋ ଟେକ୍ନୋଲୋଜି ବିଭାଗ ଦାୟିତ୍ୱରେ ରହିଛନ୍ତି।

### ୨୧ ବିଚାରପତିଙ୍କ ବଦଳି ସୁପାରିସ

ନୂଆଦିଲ୍ଲୀ, ୨୭।୫: ବିଭିନ୍ନ ହାଇକୋର୍ଟର ୨୧ଜଣ ବିଚାରପତିଙ୍କୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ଏହି କ୍ରମରେ ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ପାଇଁ ସୁପାରିସ କରାଯାଇଥିବା ସୂଚନା ମିଳିଛି।


### ପୁଣି ରେଳ ଟନେଲରେ ଗର୍ତ୍ତ

ବୌଦ୍ଧ, ୨୭।୫ (ଭାସ୍କର ନ୍ୟୁଜ): ସୋମବାର ଖୋର୍ଦ୍ଧା-ବଲାଙ୍ଗୀର ନିର୍ମାଣାଧୀନ ରେଳପଥର ଆରେଣିଗଡ଼ ନିକଟରେ ଏକ ଟନେଲ ଭୁଶୁଡ଼ି ପଡ଼ିଥିବାବେଳେ ମଙ୍ଗଳବାର ଆରେଣିଗଡ଼ ଟନେଲ-୪ ଉପରେ ଏକ ୧୦ ମିଟର ଗୋଲେଇର ଗର୍ତ୍ତ ହୋଇଥିବା ସୂଚନା ଦିଆଯାଇଛି। ସୋମବାର ଟନେଲ ଭୁଶୁଡ଼ି ପଡ଼ିବା ପରେ ସେଠାରେ ମଧ୍ୟ ଏକ ଗର୍ତ୍ତ ସୃଷ୍ଟି ହୋଇଥିଲା। ତେବେ ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ପୁଣିଥରେ ଟନେଲର ମରାମତି କରାଯିବ ବୋଲି ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୮୧,୫୫୧.୬୩
ସର୍ବାଧିକ: ୩୦.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୭।୫।୨୦୨୫ ର ମତାମତ**

ଓଡ଼ିଶାର ମନ୍ଦିରଗୁଡ଼ିକରେ ଅଣହିନ୍ଦୁଙ୍କ ପ୍ରବେଶକୁ ରୋକାଯାଇ ପାରିବ କି?




**ଆଜିର ପ୍ରସଙ୍ଗ**

ପାକିସ୍ତାନ ସହ ଶାନ୍ତି ଆଲୋଚନା ଫଳପ୍ରଦ ହେବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ହୋସ୍‌କୁ ଫେରିଲା ପାକିସ୍ତାନ

# ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ




- ଅପରେସନ ସିନ୍ଦୂର ପରେ ଭାଙ୍ଗିଲା ମୁହଁ ଫୁଟାଣି
- ଶାନ୍ତି ପ୍ରସ୍ତାବ ଦେଲେ ପାକ୍ ପ୍ରଧାନମନ୍ତ୍ରୀ
- ଆନ୍ତରିକତାର ସହ ଆଲୋଚନା କରିବୁ

ନୂଆଦିଲ୍ଲୀ, ୨୭।୫: ପହଲଗାମ ଆତଙ୍କୀ ଆକ୍ରମଣ ପରେ ବାରମ୍ବାର ଯୁଦ୍ଧ ଧମକ ଦେଉଥିବା ଦେବାଳିଆ ପାକିସ୍ତାନ ଶେଷରେ ହୋସ୍‌କୁ ଫେରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହବାଜ ସରିଫ ଭାରତ ସହ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ଇରାନ ରାଜଧାନୀ ତେହରାନରୁ ଦିଆଯାଇଥିବା ଏହି ବିବୃତିରେ ସେହବାଜ କାଶ୍ମୀର, ଆତଙ୍କବାଦ, ଜଳ ଏବଂ ବାଣିଜ୍ୟ ଭଳି ପ୍ରସଙ୍ଗରେ କଥାବାର୍ତ୍ତା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିଜର ମନ୍ଦ କାର୍ଯ୍ୟକଳାପରୁ ନିବୃତ୍ତ ହେଉନଥିବା ସେହବାଜ ଶାନ୍ତିର ଏହି ବାର୍ତ୍ତା ସହିତ ଏହାମଧ୍ୟ କହିଛନ୍ତି ଯେ ଯଦି ଭାରତ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରେ ତେବେ ପାକିସ୍ତାନ ଜବାବ ଦେବାରେ ବିଳମ୍ବ କରିବ ନାହିଁ। ପାକିସ୍ତାନ ସମ୍ପ୍ରତି ଭାରତ ଦ୍ୱାରା ଶୋଚନୀୟ ଭାବେ ଆକ୍ରମଣର ଶିକାର ହୋଇଥିବାବେଳେ ସେହବାଜଙ୍କ ଏଭଳି କିଛି ବିବୃତ୍ତି ଗଣମାଧ୍ୟମରୁ ଜାଣିବାକୁ ମିଳିଛି। ପାକ୍ ପ୍ରଧାନମନ୍ତ୍ରୀ ସେହବାଜଙ୍କ ଇରାନ ଗସ୍ତ ସମୟରେ ସେଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ଆମେ କାଶ୍ମୀର, ପାଣି, ଆତଙ୍କବାଦ ଓ ବାଣିଜ୍ୟ ଭଳି ପ୍ରସଙ୍ଗରେ ଭାରତ ସହ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ। ଆମେ ପଡୋଶୀ, ଶାନ୍ତି ଆମର ପ୍ରାଥମିକତା। ଯଦି ଭାରତ ଶାନ୍ତି ପ୍ରସ୍ତାବ ଗ୍ରହଣ କରେ ତେବେ ଆମେ ଆନ୍ତରିକତାର ସହ ଆଲୋଚନା କରିବୁ। କୁହାଯାଉଛି ଅପରେସନ ସିନ୍ଦୂର ଓ ଭାରତର ପ୍ରତିଶୋଧରେ ଭୟଭୀତ ପାକିସ୍ତାନ ପାଖରେ ଭାରତ ଠାରୁ ଦୟାଭିକ୍ଷା କରିବା ବ୍ୟତୀତ ଅନ୍ୟକିଛି ବିକଳ୍ପ ନଥିଲା। ଭାରତ ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ ପାକିସ୍ତାନ ସହିତ ଯେକୌଣସି ପ୍ରକାର ଆଲୋଚନା ହୁଏ ତେବେ ଆତଙ୍କବାଦ ଓ ପାକ୍ ଅଧିକୃତ କାଶ୍ମୀର ଫେରାଇବା ଉପରେ କେବଳ ଆଲୋଚନା କରାଯିବ। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ଅପରେସନ ସିନ୍ଦୂର ଅଧୀନରେ ଭାରତ ପକ୍ଷରୁ ପ୍ରତିଶୋଧମୂଳକ • ପୃଷ୍ଠା ୫ ଦେଖନ୍ତୁ

## ଆଇସିଏମ୍ଆରର ଗୁରୁତ୍ୱପୂର୍ଣ୍ଣ ତଥ୍ୟ

# ଚିନ୍ତା ବଢ଼ାଉଛି ଦୁଇ ନୂଆ ଭାରିଆଣ୍ଟ



ନୂଆଦିଲ୍ଲୀ, ୨୭।୫: ଭାରତରେ ପୁଣିଥରେ କରୋନା ମୁଣ୍ଡ ଟେକିଛି। ଆକ୍ରାନ୍ତଙ୍କ ସଂଖ୍ୟା ୧ ହଜାର ଉପରେ ପହଞ୍ଚିଛି। ୨୦ଟି ରାଜ୍ୟରେ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। କେରଳରୁ କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଦିଲ୍ଲୀ ସବୁଠି ଆକ୍ରାନ୍ତଙ୍କ ସଂଖ୍ୟା ଉପରମୁହାଁ। ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଡେଇଁ ଚାଲିଛି ଭାଇରସ୍। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ ହଜାର ଅତିକ୍ରମ କରିଛି। ଗତ ସପ୍ତାହକ ମଧ୍ୟରେ କେରଳ, ମହାରାଷ୍ଟ୍ର ଓ ଦିଲ୍ଲୀରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି। ମିଳିଥିବା ତଥ୍ୟ ଅନୁଯାୟୀ ସକ୍ରିୟ ମାମଲା ମଧ୍ୟରୁ ୭୫୨ଟି ମାମଲା ଏବେ ରିପୋର୍ଟ କରାଯାଇଛି। ଏସବୁ ଭିତରେ କରୋନା ଭାଇରସ ଯେ ଧିରେ ଧିରେ ଅଧିକ ଶକ୍ତିଶାଳୀ ହୋଇ ତା'ର କାୟା ବିସ୍ତାର କରୁଥିବା ଏଥିରୁ ଜଣାପଡ଼ିଛି। ଭାରତରେ ଏବେ ଦୁଇଟି ନୂଆ କୋଭିଡ ଭାରିଆଣ୍ଟ ଏନବି୧.୮.୧ ଏବଂ ଏଲଏଫ-୭ ଚିହ୍ନଟ ହୋଇଛି। ମୁମ୍ବାଇ, ପୁନେ ଏବଂ ଥାନେ ଭଳି ସହରରେ ରିପୋର୍ଟ ହେଉଛି ଯେ କରୋନାର ଏହି ନୂଆ ଭାରିଆଣ୍ଟ ମାଡ଼ିମାଡ଼ି ଚାଲିଛି। କେରଳରେ କରୋନା ମାମଲା ସବୁଠାରୁ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ୪୦୦ରୁ ଅଧିକ ସକ୍ରିୟ ମାମଲା ପଞ୍ଜିକୃତ ହୋଇଛି। • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ମେଗା ପ୍ଲାନ

# ୩୬୫ ଦିନ ପାଇଁ ଆସିବ ୩୬୫ ପ୍ରକଳ୍ପ



ଭୁବନେଶ୍ୱର, ୨୭।୫ (ଭାସ୍କର ନ୍ୟୁଜ): ଗତବର୍ଷ ଜୁନ୍ ୫ରେ ବିଜେଡିର ଦୁର୍ଗକୁ ଭାଙ୍ଗିଥିଲା ବିଜେପି। ନବୀନଙ୍କ ୨୪ ବର୍ଷର ନିରଙ୍କୁଶ କ୍ଷମତା ଉପରେ ଲାଗିଥିଲା ଲଗାମ। ରାଜ୍ୟରେ ଆରମ୍ଭ ହୋଇଥିଲା ନୂଆ ଯୁଗ। ଜୁନ୍ ୧୨ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ମୋହନ ଚରଣ ମାଝୀ। ଆଉ ବର୍ଷେ ପରେ ପୁଣି ସେମିତି ପାଳିବାକୁ ଯୋଜନା କରିଛି ବିଜେପି ସରକାର। ଆସନ୍ତା ୧୨ ତାରିଖରେ ମୋହନ ସରକାରଙ୍କ ଗୋଟିଏବର୍ଷ ପୂର୍ତ୍ତି ହେବ। ଏହାକୁ ସ୍ମରଣୀୟ ଓ ଐତିହାସିକ କରିବାକୁ ମୁଖ୍ୟମନ୍ତ୍ରୀ କରିଛନ୍ତି ମେଗା ପ୍ଲାନ। ପିଲାଠାରୁ ବୁଢ଼ା ସବୁ ବର୍ଗକୁ ଛୁଇଁବା ପାଇଁ ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚାଲିଛି ପ୍ରସ୍ତୁତି। ଆସନ୍ତା ୧୨ ତାରିଖରେ ଜନତା ମଇଦାନରେ ଉପସ୍ଥାପନ ହେବ ୨୦୩୬ର ଭିଜନ ଡକ୍ୟୁମେଣ୍ଟ। ସରକାରଙ୍କ ୩୬୫ଦିନ ପୂରଣକୁ ସ୍ମରଣୀୟ କରିବା ପାଇଁ ୩୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ସେହିଭଳି ପ୍ରତି ବ୍ଲକରେ ବୁଲିବ ସରକାରଙ୍କ ବିକାଶ ରଥ। ବିକାଶର ହିସାବକିତାବ ରାଜ୍ୟବାସୀଙ୍କ ପାଖରେ ରଖି ଉତ୍ତର ଦାୟିତ୍ୱ କଥା କହିବେ ମୋହନ ସରକାର। ତେବେ ବର୍ଷପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସାମିଲ କରିବା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରତି ଜିଲ୍ଲାରେ ବିକାଶମେଳା ସହିତ ଯୁବଶକ୍ତି ଓ ନାରୀଶକ୍ତି ମେଳାର ଆୟୋଜନ କରାଯିବ। ଜୁନ୍ ୬ରୁ ସରକାରଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ଶିଳ୍ପ ନେତୃତ୍ୱଙ୍କ ସହିତ ଆଲୋଚନା, ବୁଦ୍ଧିଜୀବୀଙ୍କ ସହ ବୈଠକ ଏବଂ ପଦ୍ମ ବିଜେତାଙ୍କଠାରୁ ପ୍ରସ୍ତାବ ଗ୍ରହଣ କରାଯିବ। ମୋ ସ୍ୱପ୍ନର ଓଡ଼ିଶାକୁ ନେଇ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତାର ଆୟୋଜନ ହେବ। ସଂସ୍କୃତି ବିଭାଗ ପକ୍ଷରୁ ଥିଏଟର ଫେଷ୍ଟିଭାଲ ମଧ୍ୟ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଗତ ୧୧ ମାସ ମଧ୍ୟରେ ମୋହନ ସରକାର ସୁଭଦ୍ରା ଯୋଜନା, ଆୟୁଷ୍ମାନ ଯୋଜନା ଲାଗୁ, ଚାଷୀଙ୍କୁ ୮୦୦ଟଙ୍କାର ଇନପୁଟ୍ ସବ୍‌ସିଡି, ରତ୍ନଭଣ୍ଡାର ଖୋଲିବା ଇତ୍ୟାଦି ସରକାରଙ୍କ ପାଇଁ ବଡ଼ ଉପଲବ୍ଧି ବୋଲି କୁହାଯାଉଛି।

## ଆଇଏମ୍‌ଡି ଡିଜିଙ୍କ ସୂଚନା

# ଜୁନ୍‌ରେ ଅଧିକ ବର୍ଷା



ନୂଆଦିଲ୍ଲୀ, ୨୭।୫: ଚଳିତବର୍ଷ ମୌସୁମୀ ଢେର ଆଗରୁ କେରଳ ଉପକୂଳ ଛୁଇଁଥିବାବେଳେ ଦେଶର ଅଧିକାଂଶ ଅଞ୍ଚଳରେ ବର୍ଷାର ପ୍ରଭାବ ଲାଗି ରହିଛି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ଛାଡ଼ିଦେଲେ ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହେଉଛି। ତେବେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଚଳିତବର୍ଷ ସ୍ୱାଭାବିକଠାରୁ ବର୍ଷାର ପରିମାଣ ଅଧିକ ରହିବ। ଏପରିକି ଜୁନ୍ ମାସରେ ୧୦୮ ପ୍ରତିଶତ ବର୍ଷାର ସମ୍ଭାବନା ଥିବା ସେ ପୂର୍ବାନୁମାନ କରିଛନ୍ତି। ଚଳିତବର୍ଷ • ପୃଷ୍ଠା ୫ ଦେଖନ୍ତୁ

### ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ଏସଆରସି

ଭୁବନେଶ୍ୱର, ୨୭।୫ (ଭାସ୍କର ନ୍ୟୁଜ): ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗକୁ ଆସୁଛି ବଡ଼ ବର୍ଷା। ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂ। ବର୍ଷା ସମୟରେ ବଜ୍ରପାତ ଅଘଟଣ ଏଡ଼ାଇବା ପାଇଁ ଲୋକଙ୍କୁ ସଚେତନ କରିବାକୁ ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ବର୍ଷାଜନିତ କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ଦେବାପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାପାଇଁ ବାରଣ କରାଯାଇଛି। ମତ୍ସ୍ୟଜୀବୀଙ୍କ ନିମନ୍ତେ ନିୟମ କଡ଼ାକଡ଼ି କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ଆଗକୁ ଅଗ୍ରସର ହେଉଥିବାରୁ ଏହା ଖୁବ୍‌ଶୀଘ୍ର ଓଡ଼ିଶାରେ ପହଞ୍ଚିବ ବୋଲି ଏସଆରସି ସୂଚନା ଦେଇଛନ୍ତି।

### ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର, ୨୭।୫ (ଭାସ୍କର ନ୍ୟୁଜ): ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ମଙ୍ଗଳବାର ଲଘୁଚାପର ରୂପ ନେଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେଏହାର ପ୍ରଭାବରେ ଅଧିକ ବର୍ଷା ଲାଗି ରହିବ। ତେଣୁ ଆସନ୍ତା ୨୯ ତାରିଖରୁ ୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବାପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରି ଦିଆଯାଇଛି। ଏଥିସହ ଆଗାମୀ ୩ ଦିନ ପାଇଁ ରାଜ୍ୟର ଅନେକ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୮ ତାରିଖରୁ ଉପକୂଳ ଓଡ଼ିଶା • ପୃଷ୍ଠା ୫ ଦେଖନ୍ତୁ

# କାର୍‌ରୁ ମିଳିଲା ଗୋଟିଏ ପରିବାରର ୭ ମୃତଦେହ

ପଞ୍ଚକୁଲା, ୨୭।୫: ହରିଆଣାର ପଞ୍ଚକୁଲାରେ ଚାଞ୍ଚଲ୍ୟ। କାର୍‌ରୁ ମିଳିଲା ଗୋଟିଏ ପରିବାରର ୭ଜଣଙ୍କ ମୃତଦେହ। ତେବେ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ସମସ୍ତ

**ଅଭାବନୀୟ**

ମୃତକମାନେ ବାବା ବାଗେଶ୍ୱର ଧାମରୁ ପ୍ରବଚନ ଶୁଣି ଫେରିବା ପରେ ଏହି କାଣ୍ଡ ଘଟିଛି। ସନ୍ଦେହ କରାଯାଉଛି, ପରିବାରର ଲୋକମାନେ ଗାଡ଼ିରେ ବସି ସମୂହ ବିଷପାନ କରିଛନ୍ତି। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ସମସ୍ତ ମୃତଦେହର ବ୍ୟବଚ୍ଛେଦ କରାଯିବା ପରେ ସବୁକିଛି ସ୍ପଷ୍ଟ ହୋଇପାରିବ। ଆତ୍ମହତ୍ୟା କରିଥିବା ପରିବାରଟି ଉତ୍ତରାଖଣ୍ଡର ବୋଲି ସୂଚନା ମିଳିଛି। ତେବେ ସେମାନେ ହରିଆଣାର ପଞ୍ଚକୁଲାରେ ରହୁଥିଲେ। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ପରିବାରର ବୃଦ୍ଧ ସଦସ୍ୟଙ୍କ ସହିତ ଏକ ଦମ୍ପତି ଏବଂ ସେମାନଙ୍କର ତିନି ଶିଶୁ ସାମିଲ ରହିଛନ୍ତି। ଯେଉଁ କାରରୁ ମୃତଦେହ ମିଳିଛି, ସେହି କାରଟି ଡେରାଡୁନର ବୋଲି ସୂଚନା ଦିଆଯାଇଛି। ପୋଲିସ କହିଛି, ସୋମବାର ରାତିରେ ଏହି ଘଟଣା ସଂପର୍କରେ ଜଣାପଡ଼ିବା ପରେ ଆମେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲୁ। ମୃତଦେହଗୁଡ଼ିକୁ କାର୍‌ରୁ ବାହାର କରିଥିଲୁ। ତେବେ ଡାକ୍ତରଖାନା ନେବା ପୂର୍ବରୁ ସମସ୍ତେ ମୃତ୍ୟୁବରଣ କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ମୃତକମାନେ ଦେଶରାଜ ମିତ୍ତଲ ଏବଂ ପ୍ରବୀଣ ମିତ୍ତଲ ତଥା ସେମାନଙ୍କ ପରିବାରବର୍ଗ ବୋଲି ଚିହ୍ନଟ କରାଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## ■ ଅବିଶ୍ରାନ୍ତ ବର୍ଷାରେ ମୁମ୍ବାଇ ବେହାଲ ■

# ଭସାଇଲା, ବୁଡ଼ାଇଲା



- ମୋଟ ୨୯୫ ମିମି ବର୍ଷା ରେକର୍ଡ
- ପରିବହନ, ବିମାନ ଚଳାଚଳ ବାଧାପ୍ରାପ୍ତ
- ସହରରେ ଟ୍ରେନ୍ ସେବା ପ୍ରଭାବିତ
- ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି

ମୁମ୍ବାଇ, ୨୭।୫: ଅବିଶ୍ରାନ୍ତ ବର୍ଷାରେ ଦେଶର ବାଣିଜ୍ୟନଗରୀ ମୁମ୍ବାଇ ବେହାଲ। ସଅଳ ମୌସୁମୀ ସହ ଲଗାଣ ବର୍ଷା ଯୋଗୁ ମୁମ୍ବାଇ ସହରରେ ପ୍ରଭାବିତ ହୋଇଛି ଜନଜୀବନ। ୧୦୭ବର୍ଷର ରେକର୍ଡ ଭାଙ୍ଗିଛି ଚଳିତମାସରେ ମୁମ୍ବାଇରେ ହୋଇଥିବା ବର୍ଷା। ୭୫ ବର୍ଷ ମଧ୍ୟରେ ପ୍ରଥମ ଥରପାଇଁ ମୌସୁମୀ ଛୁଇଁବା ପରେ ମୁମ୍ବାଇର ଅନେକ ସ୍ଥାନରେ ୨୦୦ ମିମି ବର୍ଷା ରେକର୍ଡ ହୋଇଛି। ତେବେ ସାମୁଦାୟିକ ଭାବେ ମୁମ୍ବାଇ ସହରରେ ୨୯୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁ ସହରର ଅନେକ ଅଞ୍ଚଳ ଜଳମଗ୍ନ ହେବା ସହ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସତେ ଯେପରି ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଫଳରେ ସହରର ଦୈନନ୍ଦିନ ଜୀବନଯାତ୍ରାରେ ବାଧା ଉପୁଜିଛି। ନରିମାନ ପଏଣ୍ଟ ସେକ୍ସନରେ ୨୫୨ ମିମି ବର୍ଷା ହୋଇଥିବାବେଳେ ବାଇକିଳାରେ ୨୧୩ ମିମି, କୋଲାବାରେ ୨୦୭ ମିମି, ଡୋଟାକି ଷ୍ଟେସନରେ ୨୦୨ ମିମି, ମାରିନିଲାଇନ୍ସ ଏବଂ ଚନ୍ଦନବାଡ଼ି ଅଞ୍ଚଳରେ ୧୮୦ ମିମି, ମେମନୱାଡାରେ ୧୮୩ ମିମି ଏବଂ ୱର୍ଲିରେ ୧୭୧ ମିମି ବର୍ଷା ରେକର୍ଡ କରାଯାଇଛି। ଆଇଏମ୍‌ଡିର ସୂଚନା ଅନୁଯାୟୀ ଗତ ୬୯ ବର୍ଷ ମଧ୍ୟରେ ମୁମ୍ବାଇକୁ ମୌସୁମୀର ଆଗମନ ସବୁଠାରୁ ଶୀଘ୍ର ହୋଇଛି। ସାଧାରଣତଃ ମୁମ୍ବାଇରେ ଜୁନ୍ ୧୧ରେ ମୌସୁମୀ ପ୍ରବେଶ କରିଥାଏ। ତେବେ ଚଳିତଥର ୧୬ ଦିନ ପୂର୍ବରୁ ମୌସୁମୀ ପହଞ୍ଚିଥିବାରୁ ପ୍ରବଳ ବର୍ଷା ଲାଗି ରହିଛି। ପୂର୍ବରୁ ୧୯୫୬, ୧୯୬୨ ଏବଂ ୧୯୭୧ ମଇ ୨୯ରେ ମୌସୁମୀ ମୁମ୍ବାଇ • ପୃଷ୍ଠା ୫ ଦେଖନ୍ତୁ

### ଦେଢ଼ ଟନ୍‌ର ବିସ୍ଫୋରକ ଲୁଟିନେଲେ ମାଓବାଦୀ

ସୁନ୍ଦରଗଡ଼, ୨୭।୫ (ଭାସ୍କର ନ୍ୟୁଜ): ଗୋଟିଏ ପଟେ ଶାନ୍ତି ଆଲୋଚନା ପାଇଁ ମାଓବାଦୀମାନେ ପ୍ରସ୍ତାବ ଦେଉଥିବାବେଳେ ଅନ୍ୟପଟେ ହିଂସା ଭିଆଇବା ପାଇଁ ଲୁଟ୍ ଜାରି ରଖିଛନ୍ତି। ଏହି କ୍ରମରେ ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼ରୁ ଝାଡ଼ଖଣ୍ଡ ସୀମାନ୍ତ ବଙ୍କୋରେ ଥିବା ପଥରଖଣିକୁ ଏକ ଟ୍ରକ୍‌ରେ ଯାଉଥିବା ଦେଢ଼ ଟନ୍‌ର ବିସ୍ଫୋରକକୁ ମାଓବାଦୀମାନେ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରାୟ ୩୦ରୁ ୪୦ ମାଓବାଦୀ ଟ୍ରକଟିକୁ ଘେରିଯାଇ ଡ୍ରାଇଭର ଓ ଅନ୍ୟମାନଙ୍କୁ ଭୟଭୀତ କରାଇ ଲୁଟି ନେଇଥିବା କୁହାଯାଉଛି। ଏ ନେଇ କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ମାଓବାଦୀଙ୍କ ପତ୍ତା କିମ୍ବା ଲୁଟ୍ ସାମଗ୍ରୀର ପତ୍ତା ପାଇବାରେ ପୋଲିସ ସଫଳ ହୋଇପାରି ନାହିଁ ବୋଲି ଜଣାପଡ଼ିଛି।

## ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ଶେଷରେ ନରମ ହେଲା ପାକିସ୍ତାନ
ପାଇଲାନି କିଛି ବାଟ
ପାଖରେ ତ ନାହିଁ ଖାଇବାକୁ ତା'ର
କିମ୍ବା ଦେଖାଇବ ଥାଟ
ମୋଦୀଙ୍କର ଦେଖି ନାଟ
ପିଳେହି ତାହାର ପାଣି ହୋଇଗଲା
ଶୋଇବାକୁ ଖୋଜେ ଖଟ...।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ଦୀର୍ଘ ୧୦ ବର୍ଷ ଧରି ଜଳ,ଜମି,ଜଙ୍ଗଲ,ଜନ୍ତୁ,ଲୋକ ମାନଙ୍କ ପାଇଁ କାର୍ଯ୍ୟରତ ଅନୁଷ୍ଠାନ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫ୍‌ଇଏସ୍) କେନ୍ଦୁଝର ଓ ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବାଂଶପାଳ ବ୍ଲକର ଜାଗର ଓ ବାଂଶପାଳ ହାଟପଦା ଠାରେ ପୃଥକ୍ ପୃଥକ୍ ଦୁଇଟି ଜୈବ ବିବିଧତା ମେଳା ମଇ ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏଫ୍‌ଇଏସ୍ ର ପ୍ରୋଜେକ୍ଟ ମ୍ୟାନେଜର ସୁଶ୍ରୀ କୁନାମୀ ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ ୨୬୦ ଜଣ ଶିଶୁ ଓ ବାଂଶପାଳ ବ୍ଲକର ବିଭିନ୍ନ ଗ୍ରାମରୁ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଫ୍‌ଇଏସ୍ ର ଦଳପତି ସୂର୍ଯ୍ୟ ସିଂ ସୋରେନ କାର୍ଯ୍ୟକ୍ରମ ଦୁଇଟିରେ ସଭାପତିତ୍ୱ କରିଥିଲେ । ମେଳା ଦୁଇଟିକୁ ଶିଶୁ ପ୍ରତିନିଧି ଶୁଭେନ୍ଦୁ ଦେହୁରୀ,ସରୋଜ ପ୍ରଧାନ,ଅନୁ ଦେହୁରୀ,ଟୋରୀ ନାୟକ ପ୍ରମୁଖ କୁଣ୍ଡରେ ଥିବା ତାରା ମୂଳରେ ଜଳ ଦାନ କରି ଜୈବ ବିବିଧତା ମେଳାକୁ ମିଳିତ ଭାବେ ଉଦ୍ଘାଟନ କରିଥିଲେ । ମେଳାରେ ଶିଶୁ ମାନଙ୍କୁ ବିଭିନ୍ନ ଜୀବଜଗତ, ବୃକ୍ଷଲତା ଟଙ୍ଗା ହୋଇଥିବା ଫ୍ଲେକ୍ସ ଚିତ୍ର ପାଖକୁ ନେଇ ପରିଚିତ କରାଯାଇଥିଲା । ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ମଞ୍ଜି,ଫଳ,ଫୁଲ ମାନଙ୍କର ନାମ ଓ ପରିଚୟ ପ୍ରଶ୍ନ ଉତ୍ତର ମାଧ୍ୟମରେ ଚର୍ଚ୍ଚା କରାଯାଇଥିଲା । ପଂଚାୟତ ପ୍ରତିନିଧି ସରପଂଚ,ସମିତିସଭ୍ୟ,ୱାର୍ଡମେମ୍ବର ମାନେ ମେଳାରେ ନିରିକ୍ଷକ ଥିଲେ । ପରିବେଶବିତ ତଥା କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂପାଦକ ଭକ୍ତବତ୍ସଳ ମହାନ୍ତି ଜୈବ ସୁରକ୍ଷା ପାଇଁ ଆହ୍ୱାନ ଦେଇଛନ୍ତି । ଏଫ୍‌ଇଏସ୍ ର କ୍ଷେତ୍ରୀୟ କର୍ମୀ ମାଳତୀ ମହାନ୍ତ ଓ ସଂଯୁକ୍ତା ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ ।



# ଆଦିବାସୀଙ୍କ ବୈଠକ ଓ କମିଟି ଗଠିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ଦୁର୍ଗାପୁର ହାଟ ପଡିଆ ଠାରେ ଆଦିବାସୀ ମହାସଂଘ କେନ୍ଦୁଝରର ଆହ୍ୱାନକ୍ରମେ ସମସ୍ତ ଆଦିବାସୀ ସାମ୍ପ୍ରଦାୟଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ଜିଲ୍ଲା ସଭାପତି ଚନ୍ଦ୍ରମୋହନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଜୀବନ ସିଂ ମୁଣ୍ଡା, ୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଥ ମୁଣ୍ଡାଙ୍କ ସମେତ ଝୁମ୍ପୁରା ବ୍ଲକର ଝୁମ୍ପୁରା, ନହବେଡା, କୁଟୁଗାଁ, ବସନ୍ତପୁର, ଅର୍ଶଳା, ବାରିଆ ଇତ୍ୟାଦି ଗ୍ରାମପଞ୍ଚାୟତର ସରପଞ୍ଚ ଗଣ, ପୂର୍ବତନ ସରପଞ୍ଚ ଅର୍ଜୁନ ନାଏକ, ଅବସରପ୍ରାପ୍ତ କର୍ମଚାରୀ ସମେତ ବହୁ ଆଦିବାସୀପ୍ରେମୀ ଯୋଗଦାନ କରିଥିଲେ । ଏଥିରେ ଆଦିବାସୀମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଦାଦନ ସମସ୍ୟା, ସାମାଜିକ ଓ ଅର୍ଥନୈତିକ ଉନ୍ନତି, ଅନ୍ଧବିଶ୍ୱାସ ଓ ବାଲ୍ୟ ବିବାହ, ଦାରିଦ୍ର ଦୂରୀକରଣ ଓ ନିଶାନିବାରଣ, ସାମ୍ବିଧାନିକ ଅଧିକାର ଓ ନ୍ୟାଯ୍ୟ ଦାବି, ଜଳ ଜଙ୍ଗଲ ଜମିନର ସୁରକ୍ଷା ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସମସ୍ତ ଆଦିବାସୀ ସାମ୍ପ୍ରଦାୟଙ୍କ ମଧ୍ୟରେ ସଚେତନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ,ଏକତା, ସଂଗଠିତ ଓ ସଂଘର୍ଷ କରିବାକୁ ଉଦବୋଧନ ଦିଆଯାଇଥିଲା । ଶେଷରେ ସଂଗଠନର ବ୍ଲକ କମିଟି ଓ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ନିମ୍ନ ପ୍ରକାରେ ଚୟନ କରାଯାଇଥିଲା । ସଭାପତି ଭାବେ ପୂର୍ବତନ ସରପଞ୍ଚ ଅର୍ଜୁନ ନାଏକ, ଉପ-ସଭାପତି ଭାବେ ସରପଞ୍ଚ ରେବତୀ ବିରୁଆ ଓ ରସିକ ନାଏକ ସମ୍ପାଦକ ଭାବେ ତାପସ କୁମାର ନାଏକ, ଯୁଗ୍ମ ସମ୍ପାଦକ ଭାବେ ରୁଦ୍ର ନାଏକ ଓ ଲକ୍ଷ୍ମୀ ଚାମ୍ପିୟା, କୋଷାଧ୍ୟକ୍ଷ ଭାବେ ସରପଞ୍ଚ ଗୁର୍ବା ମୁଣ୍ଡା, ସହ-କୋଷାଧ୍ୟକ୍ଷ ଭାବେ ଅଲେଖ ନାଏକ, ମିଡ଼ିଆ ସେଲ ଭାବେ ପ୍ରସନ୍ନ ନାଏକ, ସଂଯୋଜକ ଭାବେ ସରପଞ୍ଚ ମନ୍ମୟ ବିଳାସ ତିଉ, ସୁଶୀଲ କୁମାର ନାଏକ ଓ ତପନ କୁମାର ନାଏକ, ଉପଦେଷ୍ଟା ଭାବେ ସୁବର୍ଣ୍ଣ ନାଏକ ଓ ଡ଼ମ୍ବରୁଧର ନାଏକ ଇତ୍ୟାଦିଙ୍କୁ ଚୟନ କରାଯାଇଥିଲା । ଉପସ୍ଥିତ ସଦସ୍ୟ ଓ ସଦସ୍ୟା ପ୍ରଥମଥର ପାଇଁ ଆଦିବାସୀ ମହାସଂଘ କେନ୍ଦୁଝର ତରଫରୁ ଏପରି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପାରି ଥିବାରୁ ସମସ୍ତ ସଦସ୍ୟ/ ସଦସ୍ୟା ସନ୍ତୋଷ ପ୍ରକାଶ କରିଥିଲେ ।

# ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଶୁଭାରମ୍ଭ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍ ) : କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ୧୨ ବାଟାଲିୟନ ପକ୍ଷରୁ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସର ଶୁଭାରମ୍ଭ ହୋଇଛି । ଦ୍ୱିତୀୟ କମାଣ୍ଡ ଅଧିକାରୀ (କାର୍ଯ୍ୟକାରୀ କମାଣ୍ଡାଣ୍ଟ) କୃଷ୍ଣ କୁମାର ସିଂହଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି । ଯେଉଁଥିରେ ରାଜୀବ କୁମାର, ଡେପୁଟି କମାଣ୍ଡାଣ୍ଟ, ୧୨ ବାଟାଲିୟନ, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ଡକ୍ଟର ମାଧବନ କୁମାର, ସହାୟକ କମାଣ୍ଡାଣ୍ଟ (ଚିକିତ୍ସା), ସବ୍ ଅର୍ଡିନେଟ୍ ଅଧିକାରୀ ଜବାନ, ଓଡ଼ିଶା ପୋଲିସ କର୍ମଚାରୀ ଓ ବହୁ ସଂଖ୍ୟକ ସ୍ଥାନୀୟ ମହିଳା ଅଂଶଗ୍ରହଣ କରିଥିଲେ । କୃଷ୍ଣ କୁମାର ସିଂହ, ଦ୍ୱିତୀୟ କମାଣ୍ଡିଂ ଅଫିସର, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ ପକ୍ଷରୁ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ପ୍ରତିବର୍ଷ ୨୧ ଜୁନ୍ ରେ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଏ । ଏହା ୨୦୧୫ ମସିହାରୁ ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତିସଂଘ ସାଧାରଣ ସଭାରେ ଏହା ପ୍ରସ୍ତାବ ଦେଇଥିଲେ । ଯାହାକୁ ରେକର୍ଡ ସଂଖ୍ୟକ ଲୋକ ଗ୍ରହଣ କରିଥିଲେ । ବିଭିନ୍ନ ଦେଶରୁ ସମର୍ଥନ ମିଳିଥିଲା । ଏହି ବର୍ଷର ଯୋଗର ବିଷୟବସ୍ତୁ ହେଉଛି 'ନିଜ ପାଇଁ ଏବଂ ସମାଜ ପାଇଁ ଯୋଗ' ରଖାଯାଇଛି । ଏହି ବର୍ଷ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ୧୨ ବାଟାଲିୟନର ଜବାନମାନେ ନିଜ ପାଇଁ ଏବଂ ସମାଜ ପାଇଁ ଅବଦାନ ଦେଇଛନ୍ତି । ଏନେଇ 'ସ୍ୱୟଂ ଏବଂ ସମାଜ ପାଇଁ ଯୋଗ' ବିଷୟବସ୍ତୁ ଅଧୀନରେ ମେ ୨୭ ଠାରୁ ଜୁନ ୨୧ ତାରିଖ ସୁଦ୍ଧା ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ଯୋଗର ପ୍ରଚାର ଏବଂ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟକଳାପ ଆୟୋଜନ କରାଯିବ । ଯେଉଁଥିରେ ସ୍ଥାନୀୟ ନାଗରିକମାନଙ୍କୁ ଯୋଗ ବିଷୟରେ ସଚେତନ କରାଯିବ । ଯୋଗ ମାଧ୍ୟମରେ ଶରୀରକୁ ମିଳୁଥିବା ଲାଭ ବିଷୟରେ ଜଣାଯିବ । କାର୍ଯ୍ୟକ୍ରମର ସଫଳ ଶୁଭାରମ୍ଭ କାର୍ଯ୍ୟକ୍ରମ ପରେ, ମୁଖ୍ୟ ଅତିଥି କୃଷ୍ଣ କୁମାର ସିଂ ସୂଚନା ଦେଇଥିଲେ ଯେ ଯୋଗ ହେଉଛି ଭାରତର ପ୍ରାଚୀନ ସଂସ୍କୃତି ଏବଂ ଐତିହ୍ୟର ଏକ ଅଂଶ । ଯାହା ବର୍ତ୍ତମାନ ବିଶ୍ୱ ମଞ୍ଚରେ ଲୋକପ୍ରିୟ ହୋଇପାରିଛି । ଯୋଗରେ ଶାରୀରିକ ଆସନ, ଶ୍ୱାସକ୍ରିୟା ବ୍ୟାୟାମ, ଧ୍ୟାନ ଓ ନୀତିଗତ ନୀତି ଅନ୍ତର୍ଭୁକ୍ତ । ଯୋଗର ଏହି ଅଭ୍ୟାସ ମନ, ଶରୀର ଏବଂ ଆତ୍ମାକୁ ଏକୀକୃତ କରି ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ବୋଲି ଜଣାଇଥିଲେ ।

# ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ନେଇ ପାଣି ନମୁନା ସଂଗ୍ରହ

## ସଚେତନତା ସଭା କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍




ଛତ୍ରପୁର(ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ ଆର୍ଯ୍ୟପଲ୍ଲୀ ଗ୍ରାମରେ ଡେଙ୍ଗୁ ରୋଗ ବ୍ୟାପିବାରେ ଲାଗିଛି । ଜଣେ ନାବାଳକଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଥିବା ସୋମବାର ମ୍ୟୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ସ୍ୱାଧୀନ କୁମାର ରଥ ସୂଚନା ଦେଇଥିଲେ । ତେବେ ଡେଙ୍ଗୁରେ ନୁହେଁ ଅନ୍ୟ କାରଣରୁ ଘରୋଇ ହସ୍ପିଟାଲ ର ଆଇସିୟୁରେ ମୃତ୍ୟୁ ହୋଇଥିବା ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି । ଏବେ ୩ ଜଣ ଡେଙ୍ଗୁ ରୋଗରେ ପୀଡିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆଉ ଅନ୍ୟ ୫ ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏନେଇ ଆଜି ମ୍ୟୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ. ସ୍ୱାଧୀନ କୁମାର ରଥଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଟିମ ଗ୍ରାମରେ ପହଞ୍ଚି ଗ୍ରାମର ବିଭିନ୍ନ ସ୍ଥାନରେ ଜମି ରହିଥିବା ୫ ଟି ସ୍ଥାନରୁ ପାଣି ଗୁଡିକର ନମୁନା ସଂଗ୍ରହ କରିଛନ୍ତି । ଏହି ନମୁନା ଗୁଡିକୁ ଲ୍ୟାବ୍‌କୁ ପଠାଯିବ ବୋଲି ମ୍ୟୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ୱାଧୀନ ରଥ ସୂଚନା ଦେଇଛନ୍ତି । ପରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସରପଞ୍ଚ ଏମ. ଗୁମାଲି, ଅଗସ୍ତି ନୂଆଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବେନ୍ଦ୍ର ମିଶ୍ର, ସମ୍ ହସ୍ପିଟାଲର ଡାକ୍ତର ଦେବ ପ୍ରସାଦ ଦାଶ, ଲାବ ଟେକନିସିଆନ ଡ଼ଃ ନିତିନ ମୋହନ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ଆଶା କର୍ମୀମାନେ ପହଞ୍ଚି ଏହି ରୋଗ ଯେପରି ଆଗକୁ ଅଧିକ ନ ବ୍ୟାପିବ ସେନେଇ ଲୋକଙ୍କୁ ସଚେତନ କରିବା ସହିତ ଏହାର ମୂଳ ଉତ୍ପାଟନ ପାଇଁ ପରିବେଶ ସଫେଇ ରଖିବା ସହିତ ହଠାତ ଏହାର କିଛି ଲକ୍ଷଣ ଦେଖାଗଲେ ସରକାରୀ ଚିକିତ୍ସାଳୟରେ ଚିକିତ୍ସା ହେବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ ।

# ସାମ୍ବାଦିକଙ୍କ ବ୍ୟାଗ୍ ସହିତ କ୍ୟାମେରା ଚୋରି

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଅଞ୍ଚଳରେ ନ୍ୟୁଜ୍ ୭ ବୈଦୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ସମରେନ୍ଦ୍ର ମହଲାଙ୍କର କ୍ୟାମେରା ବ୍ୟାଗ ସହିତ ନଗଦ ଟଙ୍କା ଓ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇ ଯାଇଥିବା ନେଇ ବଡଚଣା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଶ୍ରୀ ମହଲା ଖବର ସଂଗ୍ରହ ପାଇଁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଛତିଆକୁ ଯାଉଥିଲେ । ଏହି ସମୟରେ ପ୍ରବଳ ବର୍ଷା ହେବାରୁ ସେ ବନ୍ଧାଳ ନିକଟସ୍ଥ ଜାତୀୟ ରାଜପଥ ଗଳିପୋଲ ତଳେ ନିଜ ବାଇକରଖି ଆଶ୍ରୟ ନେଇଥିଲେ । ଏହି ସମୟରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ମୋବାଇଲ କଲ ଆସିବାରୁ ସେ ବାଇକ ଠାରୁ କିଛି ଦୂରକୁ ଯାଇ ଫୋନରେ କଥା ହୋଇଥିଲେ । ମୋବାଇଲରେ କଥା ସାରି ଦେଖିବା ବେଳକୁ ବାଇକରେ ଟଙ୍ଗା ଯାଇଥିବା ତାଙ୍କ କ୍ୟାମେରା ନଥିଲା । ଫୋନରେ କଥାହେବା ବେଳେ ସେ ସାମାନ୍ୟ ଅନ୍ୟ ମନସ୍କ ଥିବା ସୁଯୋଗରେ କେହି ତାଙ୍କ ମୋଟର ସାଇକେଲରୁ ବ୍ୟାଗକୁ ଚୋରାଇ ନେଇଥିବା ଶ୍ରୀ ମହଲା ଉଲ୍ଲେଖକରି ଥାନାରେ ଏତଲା ଦାୟର କରିଛି । ବର୍ଷା ଯୋଗୁଁ ତାଙ୍କ ସହ ସେହି ପୋଲତଳେ ଆଉକିଛି ଲୋକ ଆଶ୍ରୟ ନେଇଥିଲେ ।ତେବେ ସେ ସେହି ଲୋକମାନଙ୍କୁ ପଚରାପଚରି କରିଥିଲେ ମଧ୍ୟ କେହି କିଛି କହିନଥିଲେ । ଉକ୍ତ ବ୍ୟାଗରେ ତାଙ୍କର ପରିଚୟ ପତ୍ର,କ୍ୟାମେରା ଓ ଅଫିସ ବୁମ୍ ସହିତ ନଗଦ ୫ ହଜାର ଟଙ୍କା ଥିଲା ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଏତଲା ପାଇବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀଣୀ କହୀଛନ୍ତି । ଏ ସମ୍ପର୍କରେ ପୋଲିସ ତଦନ୍ତକରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରେସକ୍ଲବ ଚଣ୍ଡିଖୋଲର ସାମ୍ବାଦିକ ମାନେ ଦାବି କରିଛନ୍ତି ।

# ମିଳିତ ଅଭିଯୋଗ ଶୁଣାଣି ଶିବିର



କୋରେଇ(ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ସଭା ଗୃହରେ କୋରେଇ ବିଡ଼ିଓ ଅବନୀ କାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସ ପ୍ରତାପ ଶ୍ରୀମଲଙ୍କ ଅନୁପସ୍ଥିତରେ କଳିଙ୍ଗ ନଗର ଏଡିଏମ ସପନ ନନ୍ଦ, ବ୍ୟାସନଗର ତହସିଲ ଦାର ଦେବାଶିଷ ରାଉତ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ ଯୋଗ ଦେଇ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ କରିଥିଲେ । ଏଥିରେ କୋରେଇର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ଯୋଗାଣ ବିଭାଗ, ଉଦ୍ୟାନ ବିଭାଗ, ଅବକାରୀ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଗ୍ରାମୀଣ ବିକାଶ ବିଭାଗ, ପୂର୍ତ୍ତ ବିଭାଗ, ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ଆଜିର ଶିବିରରେ ମୋଟ ୧୧୫ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ୪୩ଟି ଓ ସାମୂହିକ ଅଭିଯୋଗ ୪ଟି ହୋଇଛି । ମୁଖ୍ୟମନ୍ତ୍ରୀ ରିଲିଫ ପାଇଁ ୬୮ଜଣ ଆବେଦନ କରିଥିଲେ ।ତନ୍ମଧ୍ୟରୁ ୭୧ ଟି ଅଭିଯୋଗ ର ତତ୍କାଳ ସମାଧାନ ହୋଇଥିବା ବେଳେ ଅନ୍ୟ ସବୁ ଅଭିଯୋଗ ବିଚାରଧୀନ ଅଛି ।ସାମୂହିକ ଅଭିଯୋଗ ମଧ୍ୟରୁ ସମାଜସେବୀ ତଥା କଂଗ୍ରେସ ଯୁବ ନେତା ରାକେଶ ସାହୁ କୋରେଇ ଭବନ କାହିଁକି ନିର୍ମାଣ କରାଯାଉନି । ଭବନ କଣ ପାଇଁ ଅର୍ଦ୍ଧ ନିର୍ମିତ ହୋଇ ରହିଛି, ସେଥିପାଇଁ ସରକାର କେତେ ପଇସା ବ୍ୟୟ ବରାଦ ହୋଇଥିଲା । ଅନ୍ୟ ପକ୍ଷରେ ପାଣିକୋଇଲି ରେ ନିର୍ମାଣାଧୀନ ହୋଇ ପଡ଼ିରହିଥିବା ଅପାତ କାଳୀନ ଚିକିତ୍ସା କେନ୍ଦ୍ର କାହିଁକି କାର୍ଯ୍ୟକ୍ଷମ ହେଉନାହିଁ ବୋଲି ଅଭିଯୋଗ କରିଥିଲେ ।ଆଜିର ଶୁଣାଣି ଶିବିରରେ ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତ ଥିବାରୁ କିଛି ଅଭିଯୋଗ କାରୀ ଅଭିଯୋଗ ନକରି ଫେରି ଯାଉଥିବା ଦେଖିବାକୁ ମିଳିଥିଲା । ଏଠାରେ ପ୍ରଶ୍ନ ଉଠେ ଯଦି ଅଭିଯୋଗ ଶୁଣାଣି ଶିବିର ରେ ଉଚ୍ଚ ଅଧିକାରୀ ମାନେ ଯୋଗ ନଦେବେ ଲୋକ ଅଭିଯୋଗ କରିବେ କାହାକୁ ? ଅନ୍ୟ ପଟେ ଅଧିକାରୀଙ୍କର ଲୋକମାନଙ୍କ ଅସୁବିଧା ଶୁଣିବାକୁ ମନବୃତ୍ତି ନାହିଁ ବୋଲି ସେଠାରେ ଆଲୋଚନା ହେଉଥିଲା । ଆଜିର ଶିବିରକୁ କୋରେଇ ଥାନାର ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ମାନେ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ ।

# ଅସରାଏ ବର୍ଷାରେ ଜଳମଗ୍ନ ରାହାମା



କୁଜଙ୍ଗ(ଭାସ୍କର ନ୍ୟୁଜ୍): କଟକ ପାରାଦୀପ ମଝିରେ ବାଣିଜ୍ୟିକ ପେଣ୍ଠ ସ୍ଥଳୀ କୁଜଙ୍ଗ ବ୍ଲକ ରାହାମା ବଜାର ଦିନକୁ ଦିନ ସମସ୍ୟା ବହୁଳ ହେଉଛି । ବଜାରର ଡ୍ରେନେଜ ସମସ୍ୟା ଯୋଗୁ ଅସରାଏ ବର୍ଷା ବଜାର ଅବସ୍ଥାକୁ ବେହାଲ କରୁଛି । ଅଦିନିଆ ଲଘୁଚାପ ବର୍ଷାରେ ବନ୍ୟା ପରିସ୍ଥିତି ଉପୁଜୁଛି ।ଅଞ୍ଚଳରେ ଜଳ ନିଷ୍କାସନ ଦୀର୍ଘଦିନ ହେବ ଲାଗିରହିଛି । ପୂର୍ବରୁ ଏଣେ ତେଣେ ଯାଉଥିବା ବାଟରେ ଘରଗୁଡିକ ହେବା ଫଳରେ ପାଣି ବାଟ ଗୁଡିକ ବନ୍ଦ ଯୋଗୁଁ ଜଳ ନିଷ୍କାସନ ହୋଇ ପାରୁନାହିଁ । ଏବେ ପରିସ୍ଥିତି ଅତି ଭୟଙ୍କର ବର୍ଷାଦିନ ନହେଉଣୁ ଅଦିନିଆ ଲଘୁଚାପ ବର୍ଷାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି । ବ୍ୟବସାୟୀମାନଙ୍କ ଦୁଃଖ ନକହିଲେ ଭଲ ଦୋକାନ ଆଗରେ ପାଣି ରହିବା ଫଳରେ ଗ୍ରାହକମାନେ ଆସୁନାହାନ୍ତି ।ବର୍ଷା ପାଣି ଜମିରହିବା ଦ୍ୱାରା ପଚାସଢା ପାଣି ଦୁର୍ଗନ୍ଧ, ମାଛି, ମଶା ସୃଷ୍ଟି ହେଉଛି । ଯାତାୟତ କରୁଥିବା ପଥଚାରି ଯାନ ବାହାନ ଯିବା ଆସିବା ବେଳେ ପିନ୍ଧିଥିବା କପଡା ଉପରେ ପଚା ପାଣି ପଡି ନଷ୍ଟ ହୋଇଥାଏ । ପଚା ପାଣି ବୁଲା ଗୋରୁ, ଗାଇ, କୁକୁର ପିଇ ପେଟଜନିତ, ଚର୍ମ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେଲେ ମଧ୍ୟ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନିଅନ୍ତୁ । ଲୋକମାନେ ହଇରାଣ ହେବା ସହ ବ୍ୟବସାୟୀ ମାନେ ହଇରାଣରେ ଗୁଜୁରାଣ ମେଣ୍ଟାଉଛନ୍ତି । ପ୍ରତ୍ୟେକ ଦିନ ୧୦ହଜାରରୁ ୨୦ ହଜାର ଲୋକ ଚଳ ପ୍ରଚଳ କରିଥାନ୍ତି । ୩୦ ଗୋଟି ଗ୍ରାମ ପଞ୍ଚାୟତ, ଶିଳ୍ପ ନଗରୀ ପାରାଦ୍ୱୀପ ଓ ପାଖ ଜିଲ୍ଲାର ଲୋକମାନେ କ୍ରୟ ବିକ୍ରୟ କରିବାକୁ ଆସିଥାନ୍ତି । ଲୋକଙ୍କ ମତରେ( ଲାଇଫ ଲାଇନ ) କହୁଥିବା ରାହାମାର ଦୃଶ୍ୟ କେବେ ପରିବର୍ତ୍ତନ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଙ୍କିମାରୁଛି । ଏଆରଏସଏସ କଟକ ପାରାଦ୍ୱୀପ ରାଜ୍ୟ ରାଜପଥ ରୋଡ଼ କାର୍ଯ୍ୟ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ସୁବିଧା ନିମନ୍ତେ ଥିବା ଡ୍ରେନେଜ ସୁବିଧା ପାଇଁ ଆସିଥିବା ପ୍ଲାନ କଣ ପାଇଁ ହୋଇପାରିଲା ନାହିଁ । ଏ ସମସ୍ୟା ଯଦି ପ୍ରଶାସନ ନ ବୁଝେ ଆଗକୁ ବର୍ଷା ଦିନ ଆସିଲେ ପରିସ୍ଥିତି ଜଟିଳ ହୋଇ ପଡିବ ବୋଲି ବ୍ୟବସାୟୀମାନେ କହିଛନ୍ତି ।ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ରହିଥିବା ଜଳ ଆବର୍ଜନାରେ ପୋତି ହେବା ଫଳରେ କଲେଜ ରୋଡ, ରାହାମା ରେଳ ଷ୍ଟେସନ ମୁଖ୍ୟ ରାସ୍ତା ଆଣ୍ଠୁଏ ପାଣି ଜମି ରହୁଛି ଯାହା ଫଳରେ ଜଳ ଲହଡି ମାରୁଛି । ଆଉ ଏମସି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ମାସିକ ଭଡା ଆଦାୟ କରି ନେଉଛି । ବଜାର ଜଳ ନିଷ୍କାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବା ବ୍ୟବସାୟୀ ଅଭିଯୋଗ କରୁଛନ୍ତି । ତାଳପଡ଼ା ଛକ ଠାରୁ ୧୩ସି କେନାଲ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପନିପରିବା ମାର୍କେଟ, ଫଳ ଦୋକାନ, ଲୁଗା ଦୋକାନ, ସପିଙ୍ଗ ମଲ, ତେଜରାତି ଦୋକାନ ସାଙ୍ଗକୁ ୪୦୦ରୁ ଊର୍ଦ୍ଧ ବ୍ୟବସାୟିକ ଅନୁଷ୍ଠାନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାନ ରହିଛି । ବର୍ଷା ଜଳର ଆବର୍ଜନା ପାଣିରେ ବ୍ୟବସାୟୀ, ସାଧାରଣ ଲୋକେ, ମେଡିକାଲ, ରେଳ ଷ୍ଟେସନ, ହାଇସ୍କୁଲ, ସାରଳା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଅତ୍ୟନ୍ତ ଦୟନୀୟ ଭାବେ ଯାତାୟାତ କରୁଛନ୍ତି ।

# ଗୋପାଳକଙ୍କୁ ମିଳୁନାହିଁ ଗୋଶାଳା ନିର୍ମାଣ ଆର୍ଥିକ ଅନୁଦାନ



ବୋଲଗଡ (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗ୍ରାମାଞ୍ଚଳର ଖଟିଖିଆ, ଦିନମଜୁରିଆ ଓ ଗୋପାଳକ ମାନଙ୍କର ଉନ୍ନତି ତଥା ବିକାଶ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ବିଜ୍ଞାପନ ମାଧ୍ୟମରେ ଘୋଷଣା କରିଥିଲେ । କିନ୍ତୁ ବୋଲଗଡ ବ୍ଲକ ଅଞ୍ଚଳରେ ଏହି ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନଥିବାରୁ ଗରିବ, ଖଟିଖିଆ, ଦିନମଜୁରିଆ ଓ ଗୋପାଳକ ମାନେ ନିରାଶରେ ଭାଙ୍ଗିପଡିଛନ୍ତି । ଚାଷ ଓ ଚାଷୀର ବିକାଶ ପାଇଁ ଏବଂ ଗୋପାଳନର ଉନ୍ନତି ତଥା ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସହାୟତା ଯୋଜନା ବୋଲଗଡ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହୋଇନପାରି ଠପ ହୋଇ ପଡ଼ି ରହିଛ । ଏହି ଯୋଜନାରେ ଗୋପାଳକ ମାନେ ଗୋଶାଳା ନିର୍ମାଣ ପାଇଁ ସରକାରୀ ଆର୍ଥିକ ସହାୟତା ପାଇବା ପାଇଁ ଦୁଇ ବର୍ଷ ଧରି ଦରଖାସ୍ତ ମାଧ୍ୟମରେ ଆବେଦନ କରିଥିଲେ ମଧ୍ୟ ବୋଲଗଡ ବ୍ଲକ ନାଲି ଫିତା ଫାଇଲ ତଳେ ବନ୍ଧା ହୋଇ ପଡ଼ିରହିଛି । ବୋଲଗଡ ବ୍ଲକ କଳାଙ୍ଗ ଗ୍ରାମ ପଂଚାୟତ ଅନ୍ତର୍ଗତ ଫିରିଫିରା ଗ୍ରାମର ସୁମନ୍ତ କୁମାର ବେହେରା ନିଜ ପରିବାରର ଭରଣ ପୋଷଣ ପାଇଁ ଗାଇ ରଖି ଜୀବିକା ନିର୍ବାହ କରୁଅଛନ୍ତି । ସେ ଗାଈ ଗୋରୁମାନଙ୍କ ସୁରକ୍ଷା ଓ ଲାଳନ ପାଳନ ପାଇଁ ପ୍ରଧାନ ମନ୍ତ୍ରୀଙ୍କ ମନରେଗା ଯୋଜନାରେ ଆର୍ଥିକ ସହାୟତା ପାଇବା ପାଇଁ ସୁମନ୍ତ ଲିଖିତ ଆବେଦନ କରିଥିଲେ । ବୋଲଗଡ ବ୍ଲକର ପୂର୍ବତନ ବିଡ଼ିଓ ଧୋବେଇ ନାୟକ ଆବେଦନ ପତ୍ରକୁ ଗ୍ରହଣ କରି ବୋଲଗଡ ବ୍ଲକ ପଶୁ ଚିକିତ୍ସକଙ୍କୁ ତଦନ୍ତ କରିବା ପାଇଁ ଆଦେଶ ଦେଇଥିଲେ । ପଶୁ ଚିକିତ୍ସକ ଏହାକୁ ଦଦନ୍ତ କରି ଗୋପାଳକ ସୁମନ୍ତ ବେହେରାଙ୍କୁ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ବୋଲଗଡ ବ୍ଲକର ବିଭାଗୀୟ ଅଧିକାରୀ ଏହାକୁ କାର୍ଯ୍ୟକାରୀ ନକରି ନାଲି ଫିତା ଫାଇଲ ତଳେ ବାନ୍ଧି ଧରି ରଖିଛନ୍ତି । ତେଣୁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳରାଣା ଓ ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଏହାକୁ ତଦନ୍ତ କରି ଗରିବ ଗୋପାଳକଙ୍କୁ ସହାଯ୍ୟ କରିବାକୁ ଅନୁରୋଧ କରାଯାଇଛି ।

# ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜୟନ୍ତୀ ପାଳନ ନିଷ୍ପତ୍ତି

## ■ ସମ୍ବର୍ଦ୍ଧିତ ହେବେ ଆଦର୍ଶ ଶିକ୍ଷକ ଓ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା

ଧର୍ମଶାଳା (ଭାସ୍କର ନ୍ୟୁଜ୍): ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ପ୍ରତିଷ୍ଠାତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପଟ୍ଟଶିଷ୍ୟ, ବିପ୍ଳବୀ ଜନନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ ଉତ୍ସବ ପାଳନ କରିବାକୁ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଅନୁଷ୍ଠାନର ସଭାପତି ତଥା ରବି ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମିର୍ଜାପୁର ପଂଚାୟତ ପୂର୍ବତନ ସରପଂଚ ବିଷ୍ଣୁଚରଣ ବାରିକ, ପାଟପୁର ପଂଚାୟତର ପୂର୍ବତନ ସମିତି ସଭ୍ୟ ଶରତ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତି, ବନ୍ଦେ ଉତ୍କଳ ଜନନୀର ଉପସଭାପତି ତଥା ଆଇନଜୀବୀ ରାମଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ତଥା ଆଇନଜୀବୀ ପ୍ରେମାନନ୍ଦ ବେହେରା, ଯୋଜନା ଦଳପତି ଇଂ. ବିଜୟ କୁମାର ଜେନା, ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ଗଳଗଳି ଶଙ୍ଖ ପର୍ଯ୍ୟଟନ କ୍ଷେତ୍ର ଉନ୍ନୟନ କମିଟି ଆବାହକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ଧରି ରବି ଲାବଣ୍ୟ ଧର୍ମଶାଳା ବାସୀଙ୍କ ସେବା କରିବା ସହିତ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ ତଥା ଗମନାଗମନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ଭାଷା,ସାହିତ୍ୟ,କଳା, ସଂସ୍କୃତି କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି ସେ ଜୀବନର ଶେଷ ପର୍ଯ୍ୟନ୍ତ ଧର୍ମଶାଳାବାସୀଙ୍କ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଧର୍ମଶାଳାବାସୀଙ୍କ ପାଇଁ ସେ ଯାହା କରିଯାଇଛନ୍ତି ତାହା ଚିର ସ୍ମରଣୀୟ ହୋଇ ରହିବ ବୋଲି ମଂଚାସୀନ ଅତିଥିମାନେ ପ୍ରକାଶ କରିଥିଲେ । ଅଲେଖ ମହିମା ଧର୍ମଗୁରୁ ରବିନ୍ଦ୍ର ଦାଶ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିଥିଲେ । ବୈଠକ ଆରମ୍ଭରେ ଜାମ୍ମୁକାଶ୍ମୀରର ପହଲଗାଁଓ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ସହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ମଇ ମାସ ୩୦ ତାରିଖ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜନ୍ମଦିନ ପଡୁଥିବାରୁ ଏହି ଦିନ ଜୟନ୍ତୀ ଉତ୍ସବକୁ ସଫଳତାର ସହିତ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଜୟନ୍ତୀ ଉତ୍ସବ ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ପ୍ରକାଶ କରାଯିବାପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା । ସ୍ୱର୍ଗତ ରବି ଲାବଣ୍ୟ ଶିକ୍ଷକତା କରିବା ସହିତ ଜଣେ ଭଲ ଅଭିନେତା ଭାବେ ସୁନାମ ଅର୍ଜନ କରିଥିଲେ । ତେଣୁ ତାଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଜଣେ ଆଦର୍ଶ ଶିକ୍ଷକ ଏବଂ ଜଣେ ସ୍ୱନାମଧନ୍ୟ ଚଳଚିତ୍ର ଅଭିନେତାଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଅମରେନ୍ଦ୍ର ମହାପାତ୍ର, ବ୍ରଜକିଶୋର ମହାନ୍ତି, ଦିବାକର ସାହୁ, ଶୁଭକାନ୍ତ ନାଏକ, ହରିହର ମହାପାତ୍ର, ପରିକ୍ଷିତ ସାହୁ, ଅଜୟ କୁମାର ପଧାନ, ମନୋଜ ଦାଶ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳବାଳା ବେହେରା, ଉପସଭାନେତ୍ରୀ କୁନିଲତା ବେହେରା, ସମ୍ପାଦିକା ମୀନତି ପଣ୍ଡା, ସୁଜିତା ଜେନା, ରଶ୍ମିତା ନାୟକ, ଦୀପିକା ବରାଳ, ଲକ୍ଷ୍ମିପ୍ରୀୟା ଜେନା, ରଞ୍ଜୁଲତା ସାହୁ, ମାନସୀ ଦାସ, ସ୍ନେହଲତା ଦାଶ ପ୍ରମୁଖ ଶତାଧିକ ମହିଳା ପୁରୁଷ ତଥା ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସାମାଜିକ କର୍ମୀ, ଶିକ୍ଷାବିତ, ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସଂଯୋଜକ ପ୍ରଭାତ ପଣ୍ଡା, ନିତ୍ୟାନନ୍ଦ ବେହେରା, ସୁବାଶ ଦାସ, ବିନୋଦ ବିହାରୀ ପଣ୍ଡା, ସୁଦର୍ଶନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ତଥା ରବି ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ବନ୍ଦ ଆନ୍ଦୋଳନ ଉପରେ ବିଜେପିର ସାମ୍ବାଦିକ ସମ୍ମିଳନୀ



କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିର ଚାରୋଟି ବ୍ଲକରେ ରହିଥିବା ସାତଟି ଲାଇସେନ୍ସପ୍ରାପ୍ତ ମଦ ଦୋକାନକୁ ଗତକାଲି ବିଧାୟକ ପବିତ୍ର ସାଉଁତା ଚାବି ପକାଇ ବନ୍ଦ କରିଥିଲେ । ବିଭିନ୍ନ ଆଳ ଦେଖାଇ ବିଧାୟକ ମଦ ଦୋକାନକୁ ବନ୍ଦ କରିଥିବାବେଳେ ମଦ ବ୍ୟବସାୟୀମାନେ ଗତକାଲି ହିଁ ଜିଲ୍ଲାପାଳ ଓ ଅବକାରୀ ଅଧିକ୍ଷକଙ୍କୁ ବିଧାୟକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ । ବିଧାୟକ ଜଣକ ମାସିକ ଏକ ଲକ୍ଷ ଟଙ୍କା ଲେଖାଏଁ ମଦ ଦୋକାନକୁ ମାସିକ ହିସାବରେ ଟଙ୍କା ମାଗୁଥିବା ଅଭିଯୋଗ ହୋଇଥିବା ବେଳେ ଆଜି ବିଧାୟକ ପବିତ୍ର ଙ୍କ ନାମରେ ୫ ଟି ଥାନାରେ ମାମଲା ରୁଜୁ ହୋଇଛି । ମାମଲା ରୁଜୁ ହେବା ପରେ ବିଜେପି ଏକ ସାମ୍ବାଦିକ ସମ୍ମିଳନି କରି କହିଛି କି ବିଧାୟକଙ୍କ ଏପରି ଘୃଣ୍ୟ କାର୍ଯ୍ୟ ଯୋଗୁଁ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବୀ କରିଛନ୍ତି । କେବଳ ସେତିକି ନୁହଁ ପୂର୍ବତନ ବିଧାୟକ କୈଳାଶ କୁଲେସିକା ସାମ୍ବାଦିକ ସମ୍ମିଳନୀ ରେ କହିଛନ୍ତି କି ୧୧ ମାସ ଭିତରେ ସେ କୋଟି କୋଟି ଟଙ୍କାର ମାଲିକ ହୋଇଯାଇଛନ୍ତି, ଏମିତି ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଠାରୁ ପିସି ଆଦାୟକରୀ ବିଧାୟକ ଜଣକ କୋଟିପତି ହୋଇଛନ୍ତି । ଗତକାଲି ଜଣେ ବିଧାୟକ ହିସାବରେ ଏପରି କାଣ୍ଡ କରିବା କଥା ନୁହଁ । କେବଳ ମାସିକ ବଟି (ପିସି) ସକାଶେ ଏପରି କାର୍ଯ୍ୟ କରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳି ର ନାମକୁ ବଦନାମ କରିଛନ୍ତି । ତୁରନ୍ତ ତାଙ୍କୁ ଗିରଫ କରାନଗଲେ ବିଜେପି ଆନ୍ଦୋଳନ କୁଓଲ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ।ବିଧାୟକ ଙ୍କ ବାପା ଜଣେ ସରକାରଙ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀ । ଏତେ କମ ଦିନରେ ସେ ଅନେକ ସମ୍ପତ୍ତିର ମାଲିକ ହୋଇଯାଇଛନ୍ତି । ତେଣୁ ଭିଜିଲାନ୍ସ ତଦନ୍ତ କରିବା ସକାଶେ ପୂର୍ବତନ ବିଧାୟକ କୈଳାଶ ଚନ୍ଦ୍ର କୁଲେସିକା ଓ ମଣ୍ଡଳ ସଭାପତି ଅଜୟ ଖୋସଲା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରିଛନ୍ତି ।



କଟକ(ଭାସ୍କର ନ୍ୟୁଜ): ଗୌହାଟୀ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ ଏମ୍. ଆର୍ ପାଠକ (ମାନସ ରଞ୍ଜନ ପାଠକ) ହେବେ ଓଡିଶା ହାଇକୋର୍ଟର ନୂଆ ବିଚାରପତି। ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇ ଏବଂ ଅନ୍ୟ ୪ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ପାଠକଙ୍କୁ ଓଡିଶା ହାଇକୋର୍ଟକୁ ବଦଳି କରିବାକୁ ସୁପାରିଶ କରିଛନ୍ତି । ଗତ ୨୬ରେ ହୋଇଥିବା ସୁପ୍ରିମ୍‌କୋର୍ଟ କଲେଜିୟମ୍ ୨୧ ବିଚାରପତିଙ୍କ ବଦଳି ନିମନ୍ତେ ସୁପାରିଶ କରିଥିବା ବେଳେ ଜଷ୍ଟିସ୍ ପାଠଙ୍କୁ ଓଡିଶା ହାଇକୋର୍ଟକୁ ବଦଳି କରଯିବାକୁ କଲେଜିୟମ୍ ସୁପାରିଶ କରିଛନ୍ତି । ବର୍ତ୍ତମାନ ଓଡିଶା ହାଇକୋର୍ଟରେ ୧୮ ବିଚାରପତି କାର୍ଯ୍ୟରତ ଅଛନ୍ତି । ସୂଚନାଥାଉ କି ଜଷ୍ଟିସ୍ ପାଠକ ୧୯୬୫ ମସିହା ଅଗଷ୍ଟ ୨୮ରେ ଗୌହାଟୀରେ ଜନ୍ମଗ୍ରହଣ କରିଥିବା ବେଳେ ହରପ୍ରିୟା ବିଦ୍ୟାପୀଠରେ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ । ଏମ୍‌ସିଏମ୍‌ଇ ଉଜାନ୍ ବଜାରରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରିବା ପରେ ଅମ୍ବାରୀ କେନ୍ଦ୍ରୀୟ ବିଦ୍ୟାଳୟ, ବାଙ୍ଗାଲୋର୍‌ର ସେଣ୍ଟ୍ ଜୋଶେଫ୍ କଲେଜ୍‌ରେ ଗ୍ରାଜୁଏସନ୍, ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସରକାରୀ ଆଇନ ମହାବିଦ୍ୟାଳୟ ପାନବଜାରରେ ଆଇନ ଶିକ୍ଷା ଶେଷ କରିଥିଲେ ।

### ସଚିବ ସ୍ତରୀୟ ବୈଠକ
# ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କିତ ସ୍ଥିତି ଉପସ୍ଥାପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସଚିବ ସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ ଚଳିତ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଦେଖାଯାଇଛି ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଅପ୍ରେଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ଘଟିଛି । ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗମାନେ ନିଜ ନିଜ ସ୍ତରରେ ପ୍ରତି ମାସରେ କାର୍ଯ୍ୟ ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଆଦାୟ ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ୨୦୨୫-୨୬ବଜେଟ୍ ରେ ରହିଥିବା ନୂଆଯୋଜନାରକାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ସରକାରୀ କାର୍ଯ୍ୟ, ସେବା ପ୍ରଦାନ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଏଥିପାଇଁ ବିଭିନ୍ନ ବିଭାଗରୁ ମତାମତ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍ ଶିଘ୍ର ତାହା କାର୍ଯ୍ୟକାରୀ ହେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବା ସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଲୋଚନା କରିଥିଲେ । ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସଂପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗମାନଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ୍ ୧୨ ତାରିଖର ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ପୁଣି ତୁଳସୀରାମ ହେଲେ ଆର୍‌ଏସ୍‌ଏଫ୍‌ଆଇର ସଭାପତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦିଲ୍ଲୀରେ ଗତ ୨୪ ମଇରେ ଅନୁଷ୍ଠିତ ହୋଇଯାଇଛି ରୋଲର ସ୍କେଟିଂ ଫେଡ଼େରେସନ ଅଫ୍ ଇଣ୍ଡିଆ (ଆର୍‌ଏସ୍‌ଏଫ୍‌ଆଇ)ର ନିର୍ବାଚନ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳାହାଣ୍ଡିର କେସିଙ୍ଗାର ମୂଳ ବାସିନ୍ଦା ତୁଳସୀ ରାମ ଅଗ୍ରୱାଲଙ୍କୁ ଚାରି ବର୍ଷ ପାଇଁ ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ତୃତୀୟ କାର୍ଯ୍ୟକାଳ ପାଇଁ ସଭାପତି ଭାବରେ ନିର୍ବାଚିତ କରାଯାଇଛି । ଆର୍‌ଏସ୍‌ଏଫ୍‌ଆଇ ହେଉଛି ଭାରତରେ ରୋଲର ସ୍ପୋର୍ଟସକୁ ପରିଚାଳନା କରିବା ପାଇଁ ସର୍ବୋଚ୍ଚ ସଂସ୍ଥା/କ୍ରୀଡା ମହାସଂଘ, ଯାହାର ୩୦ଟି ଅନୁବନ୍ଧିତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଅଛି ଏବଂ ଏହାର ଏକ ବଡ଼ ଆଧାର ୨.୫ ଲକ୍ଷରୁ ଅଧିକ ପିକୃତ ସ୍କେଟର ଅଛନ୍ତି । ରୋଲର ସ୍ପୋର୍ଟସର ଅଧୀନରେ ୧୩ଟି ବିଷୟ ଅଛି, ଯେପରିକି ସ୍ପିଡ୍ ସ୍କେଟିଂ, କଳାତ୍ମକ, ରୋଲର ହକି/ଇନ-ଲାଇନ୍ ହକି ଏବଂ ସ୍କେଟ ବୋର୍ଡିଂ ଯାହା ଏକ ଅଲିମ୍ପିକ ସ୍ପୋର୍ଟ ଅଟେ । ୨୦୨୩ରେ ଚୀନରେ ଅନୁଷ୍ଠିତ ଶେଷ ଏସୀୟ କ୍ରୀଡ଼ାରେ, ଭାରତ ରିଲେ ଦୌଡ଼ରେ ୨ଟି କାଂସ୍ୟ ପଦକ ଜିତିଥିଲା । ଅଗ୍ରୱାଲଙ୍କ ନେତୃତ୍ୱରେ ଏସୀଆ ସ୍ତରରେ ରୋଲର ସ୍ପୋର୍ଟସ୍ ଏକ ବଡ଼ ସଫଳତା ହାସଲ କରିବା ସହ ଗର୍ବର ସ୍ଥାନ ହାସଲ କରିପାରିଛି ଏହାସହ ବିଶ୍ୱ କ୍ରୀଡାରେ ସ୍ପିଡ୍ ସ୍କେଟିଂ/କଳାରେ ରୌପ୍ୟ ଏବଂ ସ୍ୱର୍ଣ୍ଣ ପଦକ ଜିତି ମଧ୍ୟ ଗୌରବ ହାସଲ କରିଛି । ଓଡ଼ିଶା ଜାତୀୟ ସ୍ତରରେ ମଧ୍ୟ ନିଜର ଛାପ ସୃଷ୍ଟି କରିବା ଆରମ୍ଭ କରିଛି, ସଂଲଗ୍ନ ରାଜ୍ୟ ଆନ୍ଧ୍ର ପ୍ରଦେଶରେ ଥିବା ବିଶ୍ୱସ୍ତରୀୟ ରୋଲର ସ୍ପୋର୍ଟସ୍ ଭିତ୍ତିଭୂମି ଭଳି ଏଠାକାର ରୋଲର ସ୍ପୋର୍ଟସ୍‌ର ଆହୁରି ଉନ୍ନତ ଏବଂ ପ୍ରଗତି ପାଇଁ ଭଲ 'ଅତ୍ୟାଧୁନିକ ଅନ୍ତର୍ଜାତୀୟ ମାନକ' ରୋଲର ସ୍ପୋର୍ଟସ୍ ଭିତ୍ତିଭୂମି ଆବଶ୍ୟକ ।

## ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୂଆଦିଲ୍ଲୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ଦେଶ ଓ ରାଜ୍ୟର ସୁରକ୍ଷା ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆଦିଲ୍ଲୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲି । ଏହି ଅବସରରେ ଦେଶ ତଥା ରାଜ୍ୟର ସୁରକ୍ଷା ଏବଂ ବିକାଶ ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛି ।

## ରାଜ୍ୟରେ ପ୍ରଥମ ଡେଙ୍ଗୁ ରୋଗୀ ମୃତ୍ୟୁ ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବର୍ଷା ଆରମ୍ଭରୁ ଡରାଇଲାଣି ଡେଙ୍ଗୁ । ରାଜ୍ୟରେ ପ୍ରଥମ ଡେଙ୍ଗୁ ରୋଗୀ ମୃତ୍ୟୁ ଅଭିଯୋଗ ହୋଇଛି । ମୃତ୍ୟୁର ରିପୋର୍ଟ ନେଇ ତଦନ୍ତ କରାଯାଉଥିବା କହିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର । ଡେଙ୍ଗୁ ନେଇ ବିଭିନ୍ନ ସ୍ଥାନରେ ଜନସଚେତନତା କରାଯାଉଛି । ଆସନ୍ତା ଜୁନ ୧ରୁ ଭୁବନେଶ୍ୱରରେ ବଡ଼ଧରଣର ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ସେ କହିଛନ୍ତି ।

## କୋଭିଡ୍ ସ୍ଥିତି ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶରେ କୋଭିଡ ସ୍ଥିତିକୁ ନେଇ ଆସନ୍ତାକାଲି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବସିବ ବୈଠକ । ଭିଡିଓ କନଫରେନ୍ସିଂରେ ସବୁ ରାଜ୍ୟ ଅଧିକାରୀ ହେବେ ସାମିଲ । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି ।ସେ କହିଛନ୍ତି ଯେ, ଦେଶରେ ବ୍ୟାପୁଥିବା ଦୁଇଟି ଭ୍ୟାରିଏଣ୍ଟରେ କେବଳ ଥଣ୍ଡା କାଶ ଲକ୍ଷଣ ଦେଖାଯାଉଛି । ରାଜ୍ୟରେ ଚିହ୍ନଟ ହୋଇଥିବା ଜଣେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି । ଦେଶର ସ୍ଥିତିକୁ ଦେଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

### ଜଳ ସମ୍ପଦ ବିଭାଗ ଶାଖାର କାର୍ଯ୍ୟ ଓ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା
## ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଙ୍ଗଳବାର ଜଳ ସଂପଦ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହିତ ବିଭାଗୀୟ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବୈଠକରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳ ସେଚନ, ଉଠା ଜଳସେଚନ, ମେଗା ଲିଫ୍ ସଂପର୍କିତ ବିଭିନ୍ନ କାର୍ଯ୍ୟ ସହିତ ନିର୍ମାଣାଧିନ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ବୈଠକରେ ସମୀକ୍ଷା କରି ଉନ୍ନୟନ କମିଶନର ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପ ଏବଂ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକୁ ମଞ୍ଜୁରୀ ପାଇଁ ପ୍ରୟାସ କରିବା, ନିର୍ମାଣାଧିନ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯିବା, ବଜେଟ୍ ପ୍ରାବଧାନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରି ବିଭାଗୀୟ ଖର୍ଚ୍ଚ ବୃଦ୍ଧି କରିବା ଏବଂ ବିଭାଗରେ ଖାଲି ରହିଥିବା ବିଭିନ୍ନ ପଦବୀ ପୂରଣ ସଂପର୍କରେ ପଦକ୍ଷେପ ନେବାକୁ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଭିନ୍ନ ଶାଖାର କାର୍ଯ୍ୟ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରିବା ସହ ସମସ୍ତେ ନିଜ ନିଜ ଶାଖାର କାର୍ଯ୍ୟରେ କିପରି ଉଲ୍ଲେଖନୀୟ ତଥା ଆଖିଦୃଶିଆ ଉନ୍ନତି ଆଣିପାରିବେ, ସେଥିପ୍ରତି ଆନ୍ତରିକତା ଓ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ସେ ଆବଶ୍ୟକ ପରାମର୍ଶ ଦେଇଛନ୍ତି ।

## ସୀମାବିବାଦ ନେଇ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୀମାବିବାଦ ନେଇ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତା ବସିଲା ପ୍ରଥମ ବୈଠକ । ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗୃହ କମିଟିର ପ୍ରଥମ ବୈଠକ ଆରମ୍ଭ ହୋଇଛି । ବୈଠକରେ ଉପ ବାଚସ୍ପତି, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ, ବିଜେପି ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ଅଛନ୍ତି । କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହେବ । ପଡୋଶୀ ରାଜ୍ୟ କିପରି ଓଡିଶା ସୀମାରେ ଜବରଦଖଲ କରି ବିଭିନ୍ନ କାର୍ଯ୍ୟକ୍ରମ ନକରିବେ ତାହା ଉପରେ ଆଲୋଚନା ହେବ ।

## ବାରଙ୍ଗ ଥାନା ଆନନ୍ଦବଜାର ବୃଦ୍ଧ ହତ୍ୟା ମାମଲା, ଜଣେ ଗିରଫ

କଟକ(ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଆନନ୍ଦବଜାର ଅଞ୍ଚଳରେ ଗତ ୨୧ ତାରିଖରେ ଘଟିଥିବା ବୃଦ୍ଧାହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଘରେ ବୃଦ୍ଧା ଏକୁଟିଆ ରହୁଥିବା ସୁଯୋଗରେ ଚୋରି କରି ମୂଲ୍ୟବାନ ସାମଗ୍ରୀ ନେଇଯିବାକୁ ଅଭିଯୁକ୍ତ ହତ୍ୟାକାଣ୍ଡ ଭିଆଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତ ଜଣକ ହେଲେ ଏବେ ନନ୍ଦନକାନନ ଥାନା ଅନ୍ତର୍ଗତ ଝିଙ୍କିରିଆ । ଗ୍ରାମରେ ରହୁଥିବା ମଞ୍ଜେଶ୍ୱର ଥାନା ଗଣ୍ଡରପୁରର ଯୁବକ ଜମୁନା ରାଉତ(୨୮) । ଏନେଇ ବାରଙ୍ଗ ଥାନାରେ କେସ୍ ନଂ ୨୬୫/୨୦୨୫ ରୁଜୁ ହୋଇ ତଦନ୍ତ ଚାଲିଛି । ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ମୃତକଙ୍କ ମୋବାଇଲ୍ ଫୋନ୍, ବାସନକୁସନ, ଘଟଣା ଦିନ ଅଭିଯୁକ୍ତ ପିନ୍ଧିଥିବା ଲୁଗା ଓ ବ୍ୟବହାର କରିଥିବା ସାଇକଲକୁ ପୋଲିସ ଜବତ କରିଛି । ସୂଚନାନୁସାରେ, ବାରଙ୍ଗ ଥାନା ଆନନ୍ଦବଜାର ଅଞ୍ଚଳରେ ମୃତ ବୃଦ୍ଧା ବାସନ୍ତି ବେହେରା (୭୫) ଏକୁଟିଆ ରହୁଥିଲେ । ମୃତକଙ୍କ ପୁଅ ତ୍ରିଶୂଳିଆ ବ୍ରାହ୍ମଣୀଗାଁର ବାସିନ୍ଦା ବିଭୂତି ଭୂଷଣ ବେହେରା ଗତ ମେ ମାସ ୨୧ ତାରିଖ ସକାଳ ପ୍ରାୟ ୭.୪୫ ସମୟରେ ମା'ଙ୍କ ସହ ଯୋଗାଯୋଗ ହୋଇନପାରିବାରୁ ସେ ଆନନ୍ଦବଜାରକୁ ଗଲେ । ସେଠାରେ ଘର କବାଟ ବନ୍ଦ ଥିବାରୁ ଝରକା ବାଟେ ତାଙ୍କ ମା' ମୃତ ଅବସ୍ଥାରେ ପଡ଼ିଥିବା ଓ ଚଟାଣରେ ମେଞ୍ଚାଏ ରକ୍ତ ପଡ଼ିଥିବା ଦେଖିଥିଲେ । ତାଙ୍କ ମା'ଙ୍କୁ କେହି ହତ୍ୟା କରିଥିବା ନେଇ ସେ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ ।

## ଉପକୂଳ ରାଜପଥ ନିର୍ମାଣ ଟେଣ୍ଡରର ବାତିଲ୍ ଏକ ଧୋକା: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏନଏଚଏଆଇ ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉଚ୍ଚାଭିଳାଷୀ ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରାଯିବାକୁ ନେଇ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ପ୍ରକଳ୍ପର ଭିତ୍ତିପ୍ରସ୍ତରକୁ ଇତି ମଧ୍ୟରେ ଦଶ ବର୍ଷ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ ଓ ଏବେ ଟେଣ୍ଡର ବାତିଲ ପରେ, ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖା ଦେଇଛି । ତେଣୁ, ବିଜେପିର ଡବଲ ଇଞ୍ଜିନ ଡବଲ ବିକାଶ ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା କହିଥିଲେ, କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଭାରତମାଳା ପ୍ରକଳ୍ପର ଅଂଶ ଭାବେ, ଓଡ଼ିଶାରେ ପ୍ରାୟ ୪୧୩ କିଲୋମିଟର ଲମ୍ବର ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା, ଜୁଲାଇ ୯ ତାରିଖରେ, ପିପିଲିରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଘୋଷଣା କରିଥିଲେ । ଏହି ପ୍ରକଳ୍ପ ସହିତ, ରତନପୁର ଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ପ୍ରକଳ୍ପ ନିର୍ମାଣ ହେଲେ, ରାଜ୍ୟର ଭିତ୍ତିଭୂମି, ଗମନାଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା । ଶ୍ରୀ ଦାସବର୍ମା କହିଥିଲେ, ଏହି ଟେଣ୍ଡରକୁ ବାତିଲ କରିବା ପାଇଁ ପ୍ରଶାସନିକ କାରଣ ଦର୍ଶାଯାଇଥିଲେ ମଧ୍ୟ ବିଶେଷକରି ପ୍ରକଳ୍ପର ପୁନଃଆକଳନ ପରେ ପ୍ରକଳ୍ପର ଢାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି । ଆରମ୍ଭରୁ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ଚାରି ଲେନ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା ଓ ସେହି ହିସାବରେ ଟେଣ୍ଡର ଆହ୍ୱାନ ମଧ୍ୟ କରାଯାଇଥିଲା । କିନ୍ତୁ ପ୍ରକଳ୍ପର ପୁନଃଆକଳନ ପରେ ଏହାକୁ ଦୁଇ ଲେନ କରାଯିବ ବୋଲି ସୂଚନା ମିଳିଛି ଯାହା ଆଦୌ ଗ୍ରହଣୀୟ ନୁହେଁ । ବିଜେପି ସରକାର ଡବଲ ଇଂଜିନ ଡବଲ ବିକାଶ ନାରା ଦେଇ ଆସୁଥିବା ବେଳେ ଉପକୂଳ ରାଜପଥ ପ୍ରକଳ୍ପ ରାଜ୍ୟର ସାଢ଼େ ଚାରି କୋଟି ଲୋକଙ୍କ ଅପେକ୍ଷାକୁ ଧୋକା ସଦୃଶ୍ୟ ହୋଇଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

## ପିଏମ୍ ଆବାସରେ ପଞ୍ଜିକରଣ ପାଇଁ ୩ ଦିନ ବାକି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପିଏମ ଆବାସରେ ପଂଜିକରଣ ପାଇଁ ଆଉ ୩ ଦିନ ବାକି ଥିବା କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ । ସେ କହିଛନ୍ତି ଯେ, ଆମେ ଯେତେବେଳେ ସରକାରକୁ ଆସିଲୁ ସେତେବେଳେ ପିଏମ ଆବାସ ଯୋଜନାରେ ହିତାଧିକାରୀଙ୍କ ତାଲିକା ନଥିଲା । ବିଜେଡ଼ି ସରକାର ତାଲିକା କରି ନଥିଲା । ବିଜୁ ପକ୍କା ଘର କରି ସିଲଟ ମାରିଲେ । ଆମେ ଆସି ତାଲିକା ପ୍ରସ୍ତୁତ କରୁଛୁ । ଆବାସ ପାଇଁ ୩୬ ଲକ୍ଷ ୮୧ ପାଖା ପାଖି ଆବେଦନ ପାଇଛୁ । କେନ୍ଦ୍ର ପୋର୍ଟାଲ ସହିତ ଆମ ପୋର୍ଟାଲକୁ ସଂଯୋଗ କରିଛୁ । ଆଜି ୨୭ ତାରିଖ । ଆବେଦନ ପାଇଁ ଆଉ ୩ ଦିନ ସମୟ ଅଛି । ହିତାଧିକାରୀ ପଞ୍ଜିକରଣ କରନ୍ତୁ । ଏହା ପରେ ସର୍ଭେ ହେବ ବୋଲି ମନ୍ତ୍ରୀ କହିଛନ୍ତି । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଯେଉଁ ମାନେ ସବୁ ଯୋଜନାରୁ ବାଦ ପଡ଼ିଛନ୍ତି ସେମାନଙ୍କୁ ଘର ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ପାଖାପାଖି ଘର ଦିଆଯାଇଛି । ତାଲିକା କରୁଛୁ, ଦୁଇ ମାସ ଭିତରେ ପ୍ରକ୍ରିୟା ସରିବ ।

## ଯୁବ କଂଗ୍ରେସର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବୁଥ ସ୍ତରରୁ କିଭଳି ଭାବରେ ଯୁବ କଂଗ୍ରେସକୁ ମଜବୁତ କରାଯିବ ସେଥିପାଇଁ ଖସଡ଼ା ପ୍ରସ୍ତୁତ କରନ୍ତୁ । ଯୁବ କଂଗ୍ରେସର ନେତୃବୃନ୍ଦ ତୃଣମୂଳସ୍ତରରେ ଯାଇ ଦଳକୁ ସଂଗଠିତ କରନ୍ତୁ । ସମସ୍ତ ପଞ୍ଚାୟତ ଏବଂ ବୁଥସ୍ତରରେ ଯୁବ କଂଗ୍ରେସ କର୍ମୀ ସାଧାରଣ ଜନତାଙ୍କ ସମସ୍ୟା, ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରୀ, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରନ୍ତୁ । କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ କହିଲେ ଯେ ଯୁବ କଂଗ୍ରେସ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସାଧନ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରୁଛି । କ୍ଷମତାସୀନ ସରକାରର ଦୁର୍ବଳତା, ଅପାରଗତା, ଲୁଟ ଏବଂ ଅତ୍ୟାଚାର ବିରୁଦ୍ଧରେ ପୁରପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନର ସ୍ୱର ପ୍ରକମ୍ପିତ ହେବ । କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେ ଜେନା, ତାରା ପ୍ରସାଦ ବାହିନୀପତି, ରାଜନ ଏକା, ବିଶ୍ୱଜିତ ଦାଶ, ମନୋଜ ଜେନା, ୟାସିର ନୱାଜ, ମହମ୍ମଦ ଇମଦାଦ, ମନୋଳ ବିଶ୍ୱାଳ, ଯୋଗୀନାଥ ବାହୁବଳେନ୍ଦ୍ର, ମନୋଜ ରାଉତ,ଅଜୟ ସାହୁ ପ୍ରମୁଖ ଯୋଗଦେଇ ଯୁବ କଂଗ୍ରେସକୁ ତାଙ୍କ ବକ୍ତବ୍ୟ ମାଧ୍ୟମରେ ପ୍ରେରଣା ଦେଇଥିଲେ ।

## ପିସିସି ପକ୍ଷରୁ ପଣ୍ଡିତ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ କଂଗ୍ରେସ ଭବନ, ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଟିନ ଛକସ୍ଥିତ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଅଶୋକ ଦାସ, ମଙ୍ଗୁ ଖିଲ, ନିଳମାଧବ ହିକକା, ଦେବାଶିଷ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ମାନସ ରଞ୍ଜନ ଆଚାର୍ଯ୍ୟ, ଅଭୟ ସାହୁ, ମନୋରଞ୍ଜନ ଦାଶ, ନକୁଳ ନାୟକ, ମନୋରଞ୍ଜନ ରାଉତରାୟ, ପ୍ରକାଶ ମିଶ୍ର, ରଜନୀ ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ, ଶ୍ରିୟାସ୍ମିତା ପଣ୍ଡା, ସିତାଂଶୁ ଦାଶ, ଜୋଗୀନାଥ ବାହୁବଳେନ୍ଦ୍ର, ଅନିମା ମିଞ୍ଜ, ସମ୍ଭୁ ପାଣିଗ୍ରାହୀ, ଅଜୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## 'ପୁରୀ ହିଁ କେବଳ ଜଗନ୍ନାଥ ଧାମର ମାନ୍ୟତା ପାଇବା ଶାସ୍ତ୍ରସମ୍ମତ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀକ୍ଷେତ୍ର ପୁରୀକୁକୁ ଜଗନ୍ନାଥଧାମ ଭାବେ ମାନ୍ୟତା ଦେବା ଶାସ୍ତ୍ରସମ୍ମତ । ମହାପ୍ରଭୁଙ୍କ ମନ୍ଦିର ବିଶ୍ୱର କୋଣେ ଅନୁକୋଣେ ପ୍ରତିଷ୍ଠା ହୋଇ ତାଙ୍କ ସଂସ୍କୃତିର ପ୍ରସାର ଓ ପ୍ରଚାର ହେବା ଅଭିନନ୍ଦନୀୟ ମାତ୍ର ଶାସ୍ତ୍ରସମ୍ମତ ପରମ୍ପରାକୁ ଉଲଂଘନ କରି କୌଣସି ସ୍ଥାନକୁ ଜଗନ୍ନାଥଧାମ ଭାବେ ନାମିତ କରାନଯାଉ ବୋଲି ଅତିଥ ବକ୍ତାଗଣ ସ୍ପଷ୍ଟଭାବେ ମତବ୍ୟକ୍ତ କରିଛନ୍ତି । ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ଆନୁକୂଲ୍ୟରେ ୨୦୭ ତମ ଆଲୋଚନାଚକ୍ରରେ ମୁକ୍ତ ଚିନ୍ତନ ମଞ୍ଚର ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ଓଡ଼ିଆ ଅସ୍ମିତାର ପ୍ରତୀକ ରୂପେ ଜଗନ୍ନାଥଙ୍କୁ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ବୋଲି ଦର୍ଶାଇ ତାଙ୍କର ଜନ୍ମସ୍ଥାନ ପୁରୀକୁ କେବଳ ଜଗନ୍ନାଥ ଧାମ କୁହାଯାଇପାରିବ ବୋଲି ବକ୍ତବ୍ୟରେ ଦର୍ଶାଇଥିଲେ । ମୁଖ୍ୟ ଅତିଥି ସଂସ୍କୃତ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ଶାସ୍ତ୍ର ଶାସ୍ତ୍ରରୁ ଉଦାହରଣ ଦେଇ ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ୧, ବାମଦେବ ସଂହିତା, ମହାପୁରୁଷ ବିଦ୍ୟା, ନୀଳାଦ୍ରୀ ମହୋଦୟ ଓ ମୁକ୍ତି ଚିନ୍ତାମଣିରୁ ୧ରୁ ଉଦ୍ଧୃତ କରି ଶ୍ରୀ ଶ୍ରୀକ୍ଷେତ୍ର ଜଗନ୍ନାଥଧାମ ବୋଲି ଦର୍ଶାଇଥିଲେ । ଜଗନ୍ନାଥ ଦାରୁବ୍ରହ୍ମ ରୂପେ ଯେଉଁ ମର୍ତ୍ତ୍ୟ ଲୀଳା କରୁଛନ୍ତି ତାହା ବୈକୁଣ୍ଠଧାମ ନାମରେ ପ୍ରସିଦ୍ଧ । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ବହୁକାଳରୁ ପୁରୀ ଶ୍ରୀକ୍ଷେତ୍ରକୁ ଜଗନ୍ନାଥଧାମ ନାମରେ ଅଭିହିତ କରିଛନ୍ତି । ଏଠାରେ ପରଲୋକ ଗମନ କଲେ ଲାଭ ମିଳେ ବୋଲି ଶାସ୍ତ୍ରରେ କୁହାଯାଇଛି । ଏହି କ୍ଷେତ୍ରରୁ ପ୍ରସ୍ତୁତ ମହାପ୍ରସାଦ ମହାପ୍ରଭୁ ପ୍ରଭୁଙ୍କ ସହ ତୁଳନୀୟ । ସମ୍ମାନିତ ବକ୍ତା ଅସିତ ମହାନ୍ତି ଶାସ୍ତ୍ରରୁ ଉଦ୍ଧାର କରି କହିଲେ ଯେ ଶ୍ରୀଜଗନ୍ନାଥ କହିଛନ୍ତି ଯେ ଯେତେ ଯାହା ହେଲେ ମଧ୍ୟ ମୁଁ ପୁରୀକ୍ଷେତ୍ର ଛାଡ଼ିଯିବି ନାହିଁ । ତେଣୁ ତାଙ୍କର ଙ୍କର ଆଦିକ୍ଷେତ୍ର ଜଗନ୍ନାଥଧାମ ଏଥିରେ ସନ୍ଦେହ ନାହିଁ । ଏହି ନାମକୁ ନେଇ କିଛି ବିତର୍କ ସୃଷ୍ଟି କରିବା ଶୋଭନନୀୟ ନୁହେଁ । ଏହାର ମହାପ୍ରସାଦରୁ ପ୍ରସ୍ତୁତ ନିର୍ମାଲ୍ୟ ମୁକ୍ତିପ୍ରଦାୟକ ବୋଲି ଉଲ୍ଲେଖ କରିଥିଲେ । ସଭାରେ ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ ସ୍ଥାନକୁ ଜଗନ୍ନାଥଧାମ ନାମକରଣ କରିବା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ସମସ୍ତ ବକ୍ତା ତଥା ସଭାରେ ଉପସ୍ଥିତ ସଭ୍ୟଗଣ । ଏହି ସଭାରେ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରମାକାନ୍ତ ମିଶ୍ର । ସଭା ପ୍ରାରମ୍ଭରେ ମଧୁସ୍ମିତା ବିଶ୍ୱାଳ ଭକ୍ତିସଂଗୀତ ପରିବେଷଣ କରିଥିଲେ ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ




## ଅର୍ଥନୀତି କ୍ଷେତ୍ରରେ ସ୍ୱର୍ଣ୍ଣିମ ଅଧ୍ୟାୟ

# ଭାରତ ବିଶ୍ୱର ଚତୁର୍ଥ ଅର୍ଥ ବ୍ୟବସ୍ଥା

ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରମଣ୍ୟମଙ୍କ ବୟାନ ଯଦି ସତ୍ୟ ଉପରେ ଆଧାରିତ ହୋଇଥାଏ, ତା' ହେଲେ ଆମ ଦେଶର ଅର୍ଥନୀତି କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅୟମାରମ୍ଭ ହୋଇଛି ବୋଲି ବିଚାର କରିବାକୁ ହେବ। ରବିବାର ଦିନ ସୁବ୍ରମଣ୍ୟମ ଭାରତର ଅର୍ଥନୀତିକୁ ନେଇ ଏକ ବଡ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତ ବର୍ତ୍ତମାନ ସାରା ଦୁନିଆର ଚତୁର୍ଥ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି। ଆଜିପର୍ଯ୍ୟନ୍ତ ଚତୁର୍ଥ ବ୍ୟବସ୍ଥାର ମର୍ଯ୍ୟାଦା ହାସଲ କରିଥିବା ଜାପାନକୁ ପଛରେ ପକାଇ ଆମ ଦେଶ ଏହି ବିରଳ ଗୌରବ ହାସଲ କରିଛି। ଅର୍ଥନୈତିକ ପ୍ରଗତିର ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ଅଢ଼େଇ ବର୍ଷରୁ ତିନି ବର୍ଷ ମଧ୍ୟରେ ଜର୍ମାନୀକୁ ପଛରେ ପକାଇ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରୂପେ ମୁଣ୍ଡ ଟେକିବ ବୋଲି ନୀତି ଆୟୋଗର ସିଇଓ ଆଶାବ୍ୟକ୍ତ କରିଛନ୍ତି। ଏବେ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇ.ଏମ୍.ଏଫ୍) ଠାରୁ ଆରମ୍ଭ କରି ବିଶ୍ୱବ୍ୟାଙ୍କ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆର୍ଥିକ ଅନିଶ୍ଚିତତାର ଧାରା ଅବ୍ୟାହତ ରହିଛି। ଏହାରି ଭିତରେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତରୁ ଅଧିକ ହେବ ବୋଲି ଅର୍ଥନୀତି ବିଶାରଦମାନେ ଆକଳନ କରୁଛନ୍ତି, ଯାହା ବିଶ୍ୱର ସମସ୍ତ ପ୍ରମୁଖ ଅର୍ଥ ବ୍ୟବସ୍ଥା ମଧ୍ୟରେ ସର୍ବାଧିକ ଦ୍ରୁତତର। ନୀତି ଆୟୋଗର ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ ପରେ ସୁବ୍ରମଣ୍ୟମ ଏହି ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ ଯେ, ସାମଗ୍ରିକ ଭାବରେ ବିଶ୍ୱର ଅର୍ଥନୈତକ ପରିବେଶ ଏବେ ଭାରତ ପାଇଁ ଅନୁକୂଳ ରହିଛି। ଆମ ଦେଶର ୪୦୦୦ ବିଲିୟନ ଡଲାରର ଅର୍ଥ ବ୍ୟବସ୍ଥା ସାରା ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଏବଂ ଜାପାନ ଠାରୁ ଯଥେଷ୍ଟ ଅଧିକ। ବର୍ତ୍ତମାନ ବିଶ୍ୱର ତିନି ବୃହତ୍ ଅର୍ଥ ବ୍ୟବସ୍ଥା ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍ ଓ ଜର୍ମାନୀ ଅନ୍ତର୍ଭୁକ୍ତ ଏବଂ ଠିକ୍ ଏହା ପଛକୁ ଭାରତର ସ୍ଥାନ ରହିଛି। ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପକ୍ଷରୁ ଗତ ଏପ୍ରିଲ୍ ମାସରେ ଭାରତ ଚଳିତ ବର୍ଷ ଶେଷ ସୁଦ୍ଧା ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହେବ ବୋଲି ପୂର୍ବାନୁମାନ କରାଯାଇଥିଲା। ଆଇ.ଏମ୍.ଏଫ୍ ଆହୁରି ଦର୍ଶାଇଥିଲା ଯେ, ଆସନ୍ତା ୨୦୨୮ ମସିହା ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଜର୍ମାନୀକୁ ଟପିଯିବାର ସମ୍ଭାବନା ରହିଛି। ଭାରତ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଥିଲେ ହେଁ କୌଣସି ପରିସ୍ଥିତିରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍‌କୁ ଟପିପାରିବ ନାହିଁ ବୋଲି ଆଇ.ଏମ୍.ଏଫ୍ ସ୍ପଷ୍ଟ କରିଛି। ଏହି ଦୁଇ ଦେଶ ଚଳିତ ଦଶନ୍ଧି ଶେଷ ସୁଦ୍ଧା ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିବା ସୁନିଶ୍ଚିତ ଏବଂ ସେମାନଙ୍କ ସ୍ଥାନ ଅନ୍ୟ କୌଣସି ରାଷ୍ଟ୍ର ନେବା ଆଦୌ ସମ୍ଭବ ହେବନାହିଁ। ତେବେ ଭାରତୀୟ ଅର୍ଥ ବ୍ୟବସ୍ଥାର ଏଭଳି ଆଶାତୀତ ସଫଳତାର ସୁଫଳ ଯେପରି ସମାଜର ଗରିବ, ଅବହେଳିତ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଖରେ ପହଞ୍ଚେ, ସେଥିପ୍ରତି କେନ୍ଦ୍ର ସରକାର ଧ୍ୟାନ ଦେବାର ଜରୁରି ଆବଶ୍ୟକତା ରହିଛି। ଦେଶର ମୁଷ୍ଟିମେୟ ଧନୀକ ଶ୍ରେଣୀ ପାଖରେ ସମସ୍ତ ସଂପତ୍ତି ଠୁଳ ହେବା ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଶୁଭଙ୍କର ହୋଇନପାରେ। ତେବେ ଭାରତ ବିଶ୍ୱର ଚତୁର୍ଥ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ନିଶ୍ଚିତ ଭାବରେ ମୋଦି ସରକାରଙ୍କ ଏକ ଐତିହାସିକ ସଫଳତା, ଏଥିରେ ସନ୍ଦେହର ଅବକାଶ ନାହିଁ।

## ନୀତିବାଣୀ



କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ
ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା
ମିଥ୍ୟାଚାରଃ ସ ଉଚ୍ୟତେ ॥

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ବିଶ୍ୱ ପ୍ରଦୂଷଣ ଓ ଜନ ଜୀବନରେ ତା'ର କୁପ୍ରଭାବ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ। ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ। ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ। ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ। ୨୦୧୫ରେ, ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ। ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା: ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ। ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ। ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା। ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ , ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା। ' ଧାତୁକୁ ଆକାର ଦେବା ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା। ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ।

ସାଧାରଣତଃ ବାୟୁ ନାମରେ ପରିଚିତ, ଏକ ଗ୍ୟାସ୍‌ମାନଙ୍କ ସମାହାର ଯାହା ପୃଥିବୀ ଗ୍ରହକୁ ଘେରି ରହିଛି ଓ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବଳରେ ଆକର୍ଷିତ ହୋଇରହିଛି। ଏହି ବାୟୁମଣ୍ଡଳ ପୃଥିବୀର ଜୀବମାନଙ୍କୁ ଅତିବାଇଗିଣୀ ରଶ୍ମି ସୌର ରେଡିଏସନକୁ ଅବଶୋଷଣ କରି ସୁରକ୍ଷା ଦିଏ, ଏହାର ବାହ୍ୟ ଭାଗକୁ ଉଷୁମ ରଖେ ଓ ଦିବାରାତ୍ରିର ଚରମ ଉତ୍ତାପକୁ (ଦୈନନ୍ଦିନ ଉତ୍ତାପ ପରିବର୍ତ୍ତନ) କମେଇ ଦିଏ। ଶୁଷ୍କ ବାୟୁରେ ଏହାର ଆୟତନର ୭୮.୦୯% ଯବକ୍ଷାରଜାନ, ୨୦.୯୫% ଅମ୍ଳଜାନ, ୦.୯୩% ଆର୍ଗନ, ୦.୦୩୯% ଅଙ୍ଗାରକାମ୍ଳ ଓ ଅଳ୍ପ ପରିମାଣର ଅନ୍ୟାନ୍ୟ ଗ୍ୟାସ୍ ଥାଏ। ସମୁଦ୍ର ପତନରରେ ବାୟୁର ପରିବର୍ତ୍ତନଶୀଳ ଜଳୀୟ ବାଷ୍ପର ପରିମାଣ ୧% ଥାଏ ଓ ସମୁଦାୟ ବାୟୁମଣ୍ଡଳରେ ଏହାର ପରିମାଣ ୦.୪% ଥାଏ। ବାୟୁ ମଣ୍ଡଳର ବିଭିନ୍ନ ସ୍ତରରେ ବାୟୁର ସାମଗ୍ରୀ ଓ ଚାପରେ ଅନ୍ତର ଥାଏ ଓ ପାର୍ଥିବ ବୃକ୍ଷମାନଙ୍କ ଶ୍ୱାସକ୍ରିୟା ଓ ଆଲୋକ ସଂଶ୍ଳେଷଣ ନିମନ୍ତେ ଉପଯୁକ୍ତ ବାୟୁ କେବଳ ପୃଥିବୀର ଟ୍ରୋପୋସ୍ଫିଅରରେ ମିଳେ। ବାୟୁ ତଥା ପୃଥିବୀର ବାୟୁ ମଣ୍ଡଳର ତିନୋଟି ମୁଖ୍ୟ ଉପାଦାନ ଥାଏ ଯଥା:- ଯବକ୍ଷାରଜାନ, ଅମ୍ଳଜାନ ଓ ଆର୍ଗନ୍। ବାୟୁ ମଣ୍ଡଳର ସମୁଦାୟ ବସ୍ତୁତ୍ୱର ମୋଟାମୋଟି ୦.୨୫% ଜଳୀୟ ବାଷ୍ପ ଅଧିକାର କରିଥାଏ। ଜଳୀୟ ବାଷ୍ପର (ଏକ ଗ୍ରୀନ୍ ହାଉସ୍ ଗ୍ୟାସ୍) ସାନ୍ଦ୍ରତା ସର୍ବାଧିକ ଥଣ୍ଡା ସ୍ଥାନରେ ଆୟତନର ପ୍ରାୟ ୧୦ପିପିଏମ ଥାଏ ଓ ଉତ୍ତପ୍ତ ତଥା ଆର୍ଦ୍ର ବାୟୁରେ ଆୟତନର ୫% ଥାଏ; ଅନ୍ୟ ଗ୍ୟାସ୍‌ଗୁଡ଼ିକୁ ଶୁଷ୍କ ବାୟୁ ହିସାବରେ ଗ୍ରହଣ କରାଯାଏ। ଅନ୍ୟ ଗ୍ୟାସମାନଙ୍କୁ ନାମମାତ୍ର ଗ୍ୟାସ୍ ଭାବରେ ନିଆଯାଏ, ଯେଉଁଥିରେ ଗ୍ରୀନ ହାଉସ୍ ଗ୍ୟାସ୍ ଯଥା ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ ଓ ଓଜୋନ ଥାଏ। ଫିଲ୍‌ଟର ହୋଇଥିବା ଗ୍ୟାସ୍‌ରେ ନାମମାତ୍ର ରାସାୟନିକ ଦ୍ରବ୍ୟ ଥାଏ। ଅନେକ ସ୍ଥାନୀୟ ତଥା ଋତୁ ଅନୁଯାୟୀ ପରିବର୍ତ୍ତିତ ପରିମାଣର ପଦାର୍ଥ ଏରୋସୋଲ୍ ଆକାରରେ ପ୍ରାକୃତିକ ବାୟୁରେ ଥାଏ ଯେପରିକି ଖଣିଜ ଜୈବିକ ପଦାର୍ଥର ଧୂଳି, ପରାଗ, ସ୍ପୋର/ ବୀଜାଣୁ, ସାମୁଦ୍ରିକ ସ୍ପ୍ରେ ଓ ଆଗ୍ନେୟ ଗିରି ପାଉଁଶ। ବିଭିନ୍ନ ପ୍ରଦୂଷଣକାରୀ ପଦାର୍ଥ ଯେପରିକି କ୍ଲୋରିନ, ଫ୍ଲୋରିନ୍ ଯୌଗିକ ପଦାର୍ଥ ଓ ମୌଳିକ ପାରଦ ବାଷ୍ପ ମଧ୍ୟ ବାୟୁରେ ଥାଏ। ହାଇଡ୍ରୋଜେନ ସଲ୍‌ଫାଇଡ ଓ ସଲ୍‌ଫର୍ ଡାଇଅକ୍ସାଇଡ ମଧ୍ୟ ପ୍ରକୃତିରୁ ତଥା କଳ କାରଖାନାରୁ ଉତ୍ପନ୍ନ ହୋଇ ବାୟୁ ପ୍ରଦୂଷଣ କରେ।

ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି। ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ। ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି। ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢୁଛି। ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି। ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି। ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ। ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିଲାବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି। ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ପ୍ରାୟ ୪.୨ ନିୟୁତ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ପ୍ରଦୂଷିତ ବାୟୁର ପରିବ୍ୟାପ୍ତି ଏତେ ଅଧିକ ଯେ ପ୍ରାୟ ୯୧ ପ୍ରତିଶତ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ବାୟୁର ମାନଠାରୁ ନିମ୍ନମାନର ସ୍ଥାନରେ ବସବାସ କରିବାକୁ ବାଧ ହେଉଛନ୍ତି। ବାୟୁ ପ୍ରଦୂଷଣ: ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ। ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ୍ (ସିଏଫସି) ଏବଂ ଶିଳ୍ପ ଏବଂ ମୋଟର ଯାନ ଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍ ଅନ୍ତର୍ଭୁକ୍ତ। ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋକେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ। ବୈଦ୍ୟୁତିକ ଚୁମ୍ବକୀୟ ପ୍ରଦୂଷଣ: ରେଡିଓ ତରଙ୍ଗ ଇତ୍ୟାଦି ଇଲେକ୍ଟ୍ରୋ-ଚୁମ୍ବକୀୟ ବିକିରଣର ଅତ୍ୟଧିକତା, ଯାହା ରେଡିଓ ତରଙ୍ଗ ଇତ୍ୟାଦିରେ ଲୋକମାନେ କ୍ରମାଗତ ଭାବରେ ପ୍ରକାଶ ପାଇଥାନ୍ତି। ଯଦିଓ ସେହି ପ୍ରକାରର ବିକିରଣର ମାନବ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ଅଛି କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ।ଆଲୋକ ପ୍ରଦୂଷଣ : ଅଯଥା ଆଲୁଅ, ଅତ୍ୟଧିକ ଆଲୋକ ଏବଂ ଜ୍ୟୋତିର୍ମଣ୍ଡଳ ଦୁନିଆରେ ହସ୍ତକ୍ଷେପ ଅନ୍ତର୍ଭୁକ୍ତ କରେ। ଆବର୍ଜନାର ଦୁରୁପବ୍ୟବହାର: ଅନୁପଯୁକ୍ତ ମାନବ ନିର୍ମିତ ବସ୍ତୁକୁ, ସର୍ବସାଧାରଣ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଉପରେ ଆଜେବାଜେ କରି ଫୋପାଡ଼ିବା। ଶବ୍ଦ ପ୍ରଦୂଷଣ : ଯାହା ସଡ଼କ ପଥ ଶବ୍ଦ, ବିମାନ ଶବ୍ଦ, ଶିଳ୍ପ ଶବ୍ଦ ଏବଂ ଉଚ୍ଚ-ତୀବ୍ରତାଯୁକ୍ତ ସୋନାରକୁ ଅନ୍ତର୍ଭୁକ୍ତ କରେ। ପ୍ଲାଷ୍ଟିକ୍ ପ୍ରଦୂଷଣ : ପରିବେଶରେ ପ୍ଲାଷ୍ଟିକ୍ ଉତ୍ପାଦ ଏବଂ ଛୋଟ ଛୋଟ ପ୍ଲାଷ୍ଟିକ ଟୁକୁଡ଼ା ଜମା ହେବା ସହିତ ବନ୍ୟଜନ୍ତୁ, ବନ୍ୟଜନ୍ତୁ ବାସସ୍ଥାନ କିମ୍ବା ମଣିଷ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ମୃତ୍ତିକା ପ୍ରଦୂଷଣ ହୁଏ ଯେତେବେଳେ ରାସାୟନିକ ପଦାର୍ଥ ଛିଞ୍ଚିବା କିମ୍ବା ଭୂତଳ ଲିକେଜ୍ ଦ୍ୱାରା ମୁକ୍ତ ହୁଏ। ମୃତ୍ତିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଦୂଷକ ମଧ୍ୟରେ ହାଇଡ୍ରୋକାର୍ବନ, ଭାରୀ ଧାତୁ, କୀଟନାଶକ ଏବଂ କ୍ଲୋରାଇନେଟେଡ୍ ହାଇଡ୍ରୋକାର୍ବନ୍ ଅଛି। ପରମାଣୁ ପଦାର୍ଥ ବିଜ୍ଞାନରେ ବିଂଶ ଶତାବ୍ଦୀର କାର୍ଯ୍ୟକଳାପରୁ ରେଡିଓଆକ୍ଟିଭ୍ ପ୍ରଦୂଷଣ, ଯେପରିକି ଆଣବିକ ଶକ୍ତି ଉତ୍ପାଦନ ଏବଂ ଆଣବିକ ଅସ୍ତ୍ର ଅନୁସନ୍ଧାନ, ଉତ୍ପାଦନ ଏବଂ ନିୟୋଜନ। ତାପଜ ପ୍ରଦୂଷଣ, ପ୍ରାକୃତିକ ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରାକୃତିକ ଜଳ ଶରୀରରେ ତାପମାତ୍ରା ପରିବର୍ତ୍ତନ, ଯେପରିକି ବିଦ୍ୟୁତ୍ କେନ୍ଦ୍ରରେ ଜଳକୁ କୁଲାଣ୍ଟ ଭାବରେ ବ୍ୟବହାର କରିବା।

ଦୃଷ୍ଟି ପ୍ରଦୂଷଣ, ଯାହା ଓଭରହେଡ୍ ପାୱାର୍ ଲାଇନ୍, ମୋଟରୱେ ବିଲବୋର୍ଡ, ଛିନ୍ନ ବିଛିନ୍ନ ଲ୍ୟାଣ୍ଡଫର୍ମ , ଆବର୍ଜନା ଖୋଲା ସଂରକ୍ଷଣ, ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ କିମ୍ବା ଶୂନ୍ୟ (ସ୍ପେସ୍) ଆବର୍ଜନାକୁ ଦର୍ଶାଇପାରେ। ଜଳ ପ୍ରଦୂଷଣ, କ୍ଷରଣକାରୀଦ୍ୱାରା ଆବର୍ଜନା ଜଳ ବ୍ୟବସାୟିକ ଏବଂରୁ ଶିଳ୍ପ ଶୂନ୍ୟ (ଜାଣିଶୁଣି କିମ୍ବା ଡାଳି ହୋଇଯାଇ) ଭିତରକୁ ପୃଷ୍ଠ ଜଳ ; ବିଶୋଧିତ ଘରୋଇ ଜଳ ନିଷ୍କାସନ, ଏବଂ ରାସାୟନିକ ପ୍ରଦୂଷକ ଯେପରିକି କ୍ଲୋରାଇନ୍, ବିଶୋଧିତ ସ୍ୱେରେଜ୍‌ରୁ; ଛାଡ଼ି ଶୂନ୍ୟ ଏବଂ ଭିତରକୁ କଣ୍ଟେନମେଣ୍ଟ ପୃଷ୍ଠ ବାହିତ ପୃଷ୍ଠ ଜଳ ପ୍ରବାହିତ (ଅନ୍ତର୍ଭୁକ୍ତ ସହରାଞ୍ଚଳ ବାହିତ ଏବଂ କୃଷି ବାହିତ, ଯାହା ରାସାୟନିକ ଧାରଣ କରିପାରେ ସାର ଏବଂ କୀଟନାଶକ ମଧ୍ୟ ଅନ୍ତର୍ଭୁକ୍ତ ମଣିଷର ଖୋଲା ଶୌଚରୁ - ତଥାପି ଅନେକରେ ଏକ ପ୍ରମୁଖ ସମସ୍ୟା ବିକାଶଶୀଳ ଦେଶମାନଙ୍କର ବର୍ଜ୍ୟବସ୍ତୁ ନିଷ୍କାସନରୁ ଭୂତଳ ଜଳ ପ୍ରଦୂଷଣ ଏବଂ ଭୂମିରେ ପ୍ରବେଶ କରିବା, ପିଟ୍ ଲାଟ୍ରିନ ଏବଂ ସେପ୍ଟିକ୍ ଟ୍ୟାଙ୍କରୁ ; ଇଉଟ୍ରୋଫିକେସନ୍ ଏବଂ ଆବର୍ଜନା ଦୁର୍ବ୍ୟବହାର।

ଧୂଳି, ଧୂଆଁ, ଅତି ସୂକ୍ଷ୍ମକଣିକା ଏବଂ କିଛି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାନ୍ତି। ଏମାନଙ୍କ ଉପସ୍ଥିତିର ଉତ୍ସମାନ ହିଁ ବାୟୁ ପ୍ରଦୂଷଣକୁ ପ୍ରୋତ୍ସାହିତ କରିଥାନ୍ତି। ଶିଳ୍ପ, ଗାଡିମୋଟର, ଟ୍ରାଫିକ, ସଡକ ଧୂଳି, ଖଣିଖାଦାନ, ପରିବହନ ଇତ୍ୟାଦିରେ ବୃଦ୍ଧି ବାୟୁମଣ୍ଡଳର ମାନକୁ ନିମ୍ନକୁ ଟାଣି ଚାଲିଛି। କଳକାରଖାନା, ଗାଡିମୋଟରରେ ଇନ୍ଧନ ଭାବେ ବ୍ୟବହୃତ କୋଇଲା, ପେଟ୍ରୋଲ, ଡିଜେଲ ଆଦି ଜୀବାଶ୍ମ ଜାଳେଣିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ତଥା ନାଇଟ୍ରୋଜେନ ଅକ୍ସାଇଡ ଦ୍ୱାରା ବାୟୁମଣ୍ଡଳ ବିଶେଷଭାବେ ପ୍ରଦୂଷିତ ହୋଇଥାଏ। ଆଧୁନିକ କୃଷି ପଦ୍ଧତିରେ ବ୍ୟବହୃତ ରାସାୟନିକ ସାର, ଔଷଧ, କୀଟନାଶକ ବହୁଳତା କାରଣରୁ ଆମୋନିଆ ଭଳି ବିପଦପୂର୍ଣ୍ଣ ଗ୍ୟାସ ପ୍ରଚୁରମାତ୍ରାରେ ବାୟୁମଣ୍ଡଳରେ ମିଶୁଛି। ଖଣି ଖନନ, ଖଣିଜ ପରିବହନ ସମୟରେ ପ୍ରଚୁରମାତ୍ରାରେ ଧୂଳି ଏବଂ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରୁଛି। ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଗାଡିମୋଟର ସଂଖ୍ୟା ବଢିବାରେ ଲାଗିଛି। ସ୍ଥିତି ଏମିତି ହେଲାଣି ସହର ବଜାରରେ ସବୁବେଳେ ଲାଗିରହିଛି ଟ୍ରାଫିକ ଜାମ୍। ଅନେକ ସମୟ ଧରି ଷ୍ଟାର୍ଟରେ ଥାଇ ରାସ୍ତା ଉପରେ ଗାଡିମୋଟର ଛିଡା ହୋଇ ରହୁଛି କିମ୍ବା ଅତି ନିମ୍ନ ବେଗରେ ଗତି କରୁଛି, ଯାହା ଅଧିକ ବିଷାକ୍ତ ବାଷ୍ପ ଛାଡି ବାୟୁ ପ୍ରଦୂଷଣ କରୁଛି। ସେହିପରି କଚ୍ଚା ରାସ୍ତାରେ ପରିବହନ ପାଇଁ ଅଧିକ ମାତ୍ରାରେ ଧୂଳି ଉଡି ବାୟୁରେ ମିଶୁଛି। ଶସ୍ୟ ଅମଳ ପରେ କ୍ଷେତରେ ନଡା କିମ୍ବା ଡମ୍ପିଂୟାର୍ଡ ବା ଘରୋଇ ବର୍ଜ୍ୟବସ୍ତୁ ଜଳାଇବା ଦ୍ୱାରା ପ୍ରଚୁର ଧୂଆଁ ସହିତ ସୂକ୍ଷ୍ମକଣିକା ବାୟୁରେ ମିଶୁଛି। ଫଳରେ ବାୟୁମଣ୍ଡଳରେ ଭାସମାନ ସୂକ୍ଷ୍ମ କଣିକା (ଏସ୍‌ପିଏମ୍)ର ମାତ୍ରା ବଢି ବାୟୁ ପ୍ରଦୂଷିତ ହେଉଛି। ବାୟୁ ପ୍ରଦୂଷଣକାରୀ ଏ ଯେଉଁ କେତୋଟି ପ୍ରମୁଖ ଉତ୍ସ ଓ ଉପାଦାନ କଥା କୁହାଗଲା ତାହା ମୁଖ୍ୟତଃ ମଣିଷର କାର୍ଯ୍ୟକଳାପ ସହିତ ସଂଯୋଜିତ। ଯେଉଁଠି ମଣିଷର ଏସବୁ କାର୍ଯ୍ୟକଳାପକୁ ଉନ୍ନତି ଓ ଆଧୁନିକତାର ମାପକାଠି ବୋଲି ଧରି ନିଆଯାଉଛି ସେପରି ସ୍ଥଳେ ବାୟୁ ପ୍ରଦୂଷଣ କମିବ କେମିତି? ବାୟୁ ପ୍ରଦୂଷଣ ନିଃଶ୍ୱାସପ୍ରଶ୍ୱାସ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ସାଙ୍ଗକୁ କର୍କଟ ରୋଗ ଭଳି ଅନେକ ପ୍ରକାରର ଶାରୀରିକ ଜଟିଳତା ବୃଦ୍ଧି କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଅମ୍ଳବୃଷ୍ଟି, ଓଜୋନ ସ୍ତର ଅବକ୍ଷୟ ଆଦି ପରିବେଶୀୟ ପ୍ରତିକୂଳ ପ୍ରଭାବ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବାୟୁ ପ୍ରଦୂଷଣ। ଏହାଦ୍ୱାରା ମଣିଷ ଯେ ଖାଲି ଭୋଗୁଛି ତାହା ନୁହେଁ, ପଶୁପକ୍ଷୀ, ଗଛଲତା କ୍ରମଶଃ ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି।

ବାୟୁ ପ୍ରଦୂଷଣ ପରି ସମସ୍ୟାର ସମାଧାନ ପନ୍ଥା ମଣିଷ ପାଖରେ ଅଛି ଏବଂ ଏହା ସମ୍ଭବ ମଧ୍ୟ। ଆମେ ଆମର ଚିନ୍ତାଧାରା, କାର୍ଯ୍ୟକଳାପ ଏବଂ ଜୀବନଶୈଳୀରେ ବଡ଼ଧରଣର ପରିବର୍ତ୍ତନ ଆଣିବାର ବେଳ ଆସିଛି। ବିଳାସମୟ ଜୀବନରେ ଶକ୍ତି, ଇନ୍ଧନ, ବୈଦ୍ୟୁତିକ ଉପକରଣର ବ୍ୟବହାରକୁ କମ୍ କରିବାକୁ ପଡିବ। ବ୍ୟକ୍ତିଗତ ଗାଡିମୋଟର ସଂଖ୍ୟା କମାଇ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଆପଣେଇବାର ମାନସିକତା ଉଦ୍ରେକ କରିବାକୁ ପଡିବ। ତା'ହେଲେ ଜୀବାଶ୍ମ ଜାଳେଣି ଖର୍ଚ୍ଚ କମିବ, ଟ୍ରାଫିକ ସମସ୍ୟା ସମାଧାନ ହୋଇ ଧୂଳିଧୂଆଁରୁ ମୁକ୍ତି ମିଳିବ। ବିଜୁଳି ଶକ୍ତିର ସଂରକ୍ଷଣ ତଥା ଶୃଙ୍ଖଳିତ ବ୍ୟବହାର କରିପାରିଲେ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଜଳି ଯେଉଁ ବାୟୁ ପ୍ରଦୂଷଣ ହେଉଛି ତାହା କମିପାରିବ। ଏହା ସହିତ କମ୍ ବିଜୁଳି ଖର୍ଚ୍ଚ କରୁଥିବା ବୈଦ୍ୟୁତିକ ଉପକରଣ ଏବଂ ବଲ୍‌ବ ବ୍ୟବହାରକୁ ଅଗ୍ରାଧିକାର ଦିଆଯିବା ଦରକାର। ତେବେ ଶକ୍ତି ସଞ୍ଚୟକାରୀ ରେଫ୍ରିଜରେଟର, ଏୟାରକଣ୍ଡିସନର ମିଳୁଛି ବୋଲି ଗୋଟିଏ ଜାଗାରେ ଦୁଇ-ତିନୋଟି ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ? ଯଥାସାଧ୍ୟ ଖୋଲା ଡ୍ରେନକୁ ଆବରଣଯୁକ୍ତ କରାଯିବା ଦରକାର, ଯେଉଁଥିରୁ ବାହାରୁଥିବା କଠିନ ଆବର୍ଜନା ସମୟକ୍ରମେ ଶୁଖି ଧୂଳି ଉଡାଇଥାଏ। ଘରୋଇ, ମ୍ୟୁନିସିପାଲ ଆବର୍ଜନା ସହିତ କୃଷିକ୍ଷେତ୍ରର ଶସ୍ୟ, ନଡାକାଠି ସବୁକୁ ନ ଜାଳି ଉପଯୁକ୍ତ ପ୍ରଣାଳୀରେ ଲ୍ୟାଣ୍ଡଫିଲ କରାଯାଇପାରେ। ଶୁଷ୍କ ଆବର୍ଜନା, ବାଲି, ଖଣିଜ ପଦାର୍ଥ ପରିବହନକୁ ଆବରଣଯୁକ୍ତ କଲେ ତଦ୍ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ କମିଯିବ। ଖଣିଖାଦାନ, କଳକାରଖାନା ଅଞ୍ଚଳର କଚ୍ଚା ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ବ୍ୟବସ୍ଥା ହେବା ଆବଶ୍ୟକ। ଏମିତି ଛୋଟବଡ ଅନେକ ଦିଗ ରହିଛି ଯାହାର ପ୍ରତିକାରାତ୍ମକ ଉପଚାର କରିପାରିଲେ ବାୟୁ ପ୍ରଦୂଷଣ ପରି ଜୀବନନାଶକ ସମସ୍ୟାକୁ ପ୍ରଶମିତ କରାଯାଇପାରିବ। ଏହି ଦିଗରେ ଜନସଚେତନତା ସୃଷ୍ଟି ପାଇଁ ୨୦୧୯ ମସିହା ବିଶ୍ୱ ପରିବେଶ ଦିବସରେ 'ବାୟୁ ପ୍ରଦୂଷଣ' ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଛି। ତେଣୁ ବାୟୁ ପ୍ରଦୂଷଣ କୁ ରୋକିବା ଲାଗି ଆମେ ସଦା ସର୍ବଦା ସଚେତନ ହେବା ଆବଶ୍ୟକ।

# ଶ୍ରବଣର ମହତ୍ତ୍ୱ...



ମନୋଜ କୁମାର ବେହେରା
ପ୍ଲଟ ନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଶ୍ରବଣ କରିବା ଅର୍ଥାତ୍ ଶୁଣିବା ବହୁତ ମହତ୍ତ୍ୱ ଅଟେ । ବେଦ ଗ୍ରନ୍ଥକୁ ଶ୍ରୁତିଗ୍ରନ୍ଥ କୁହାଯାଏ। ଏହାର କାରଣ ହେଲା କି ଶ୍ରବଣ ପରମ୍ପରାରୁ ହିଁ ଏହି ଗ୍ରନ୍ଥଗୁରୁଙ୍କ ଠାରୁ ଶିଷ୍ୟ ପର୍ଯ୍ୟନ୍ତ ଆସିଲା । ଏହାକୁ ଶୁଣି କରି ଆଉଏହି ବେଦ ମନ୍ତ୍ରକୁ ଅଭ୍ୟାସ କରିକି କଣ୍ଠସ୍ଥ କରାଗଲା । ଯଦି ଶିଷ୍ୟ,ଗୁରୁଙ୍କ ଦ୍ୱାରା ପଢା ଯାଇଥିବା ମନ୍ତ୍ରକୁ ଶୁଣି କରି ଅଭ୍ୟାସ ନକରିବେ ତା ହେଲେ ଏହି ମୂଲ୍ୟବାନ ଜିନିଷ କେବେଠୁ ହଜିଯାଇସାରନ୍ତାଣି । ଆଜି ପ୍ରିଣ୍ଟିଙ୍ଗ୍ ଟେକ୍‌ନୋଲୋଜି ବହୁତ ଆଗକୁ ଚାଲିଗଲାଣି । ସେଥିପାଇଁ ଆକର୍ଷିତ ଛପା ଯାଇଥିବା ବାଲା ଏହି ମହାନ ଗ୍ରନ୍ଥକୁ ଆମର ଘରୋଇ ପୁସ୍ତକାଳୟରେ ବିଦ୍ୟମାନ ଅଛି । ଯାହା ଏବେ ଘରେ ହେବା ବହୁତ ଗୌରବର ବିଷୟ । ଜଣେ ବ୍ୟକ୍ତି ଯିଏ ନିଜର ହିଁ କଥାକୁ କହି ଚାଲିଥିବା ଆଉ ଅନ୍ୟ କାହାର କଥାକୁ ଶୁଣୁ ନଥିବ ଲୋକେ ତାକୁ ମୂର୍ଖ କୁହନ୍ତି । ନିଜର କଥା ଅନ୍ୟଙ୍କ ସମକ୍ଷ ଅବଶ୍ୟ ରଖିବା ଜରୁରି । କିନ୍ତୁ ଏହାର ମଧ୍ୟ ଗୋଟିଏ ପ୍ରକ୍ରିୟା ଅଛି । ଅନ୍ୟର କଥାକୁଶୁଣିଲେ,ବହୁତ କିଛି ଶିଖିବା-ବୁଝିବାକୁ ମିଳିଥାଏ । ଯଦି ତୁମ କଥାରେ କିଏ ଯଦି ନିଜର ପକ୍ଷ ରଖେତାହେଲେତାକୁ ଧ୍ୟାନରେଶୁଣିବ । ଯଦି ତାହା ଉପଯୋଗୀ ଲାଗିବ ତାହେଲେ ତାକୁ ମାନି ନେବ । ଏଥିରେ କିଛି ଭୂଲ୍ ନଥାଏ । ମନୁଷ୍ୟକୁ ଗମ୍ଭୀର ହେବା ଜରୁରୀ । ଯେଉଁ ମନୁଷ୍ୟ ଠାରେ ଗମ୍ଭୀରତା ନାହିଁ ତାହାର ମୂଲ୍ୟ କିଛି ହୋଇନଥାଏ । ତାକୁ ଗୋଟିଏ କୁଶଳ ଶ୍ରୋତା ହେବା ଜରୁରି । ତା' ହେଲେ ସେ ଭଲ-ମନ୍ଦ,ସତ୍ୟ-ମିଥ୍ୟା ଆଦିର ବିଷୟରେ ବିଚାର କରିପାରିବ । ମନୀଷୀ ବୁଝେଇ କରି କହିଛନ୍ତି' ଶୁଣ ସମସ୍ତଙ୍କର, କରମନର' । ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜର ଭାବି କରି କିଛି ବତେଇଥାଏ କିମ୍ବା ପରାମର୍ଶ ଦେଇଥାଏ,ଏହି ସବୁକୁ ଧ୍ୟାନରେ ଶୁଣ । ଶ୍ରବଣର ମହତ୍ତ୍ୱ ବତେଇ କରି ଚାଣକ୍ୟ କହିଛନ୍ତି- 'ଶ୍ରୁତ୍ୱା ଧର୍ମ ବିଜାନାତି ଶ୍ରୁତ୍ୱାତ୍ୟଜତି ଦୁର୍ମତିମ୍ । ଶ୍ରୁତ୍ୱା ଜ୍ଞାନ ମବାପ୍ନିତ ଶ୍ରୁତ୍ୱା ମୋକ୍ଷମ ବାନ୍ୟୁୟାତ୍' । ଅର୍ଥାତ୍ ଶ୍ରବଣ କରିଲେ ଧ୍ୟାନର ଜ୍ଞାନ ହୋଇଥାଏ, ଶୁଣି କରିକୁ ବୁଦ୍ଧିର ତ୍ୟାଗ କରାଯାଇପାରିବ । ଶୁଣିଲେ ଜ୍ଞାନର ପ୍ରାପ୍ତି ହୋଇଥାଏ ଆଉ ଶ୍ରବଣ କରିଲେ ମୁକ୍ତି ହୋଇଥାଏ । ଶ୍ରବଣଶୀଳ ମନୁଷ୍ୟକୁ ଧର୍ମ ଜ୍ଞାନରେ ବୃଦ୍ଧି ହୋଇଥାଏ । ଏହି କାରଣ ମନୁଷ୍ୟକୁ ବୁଦ୍ଧିର ଜଡ ଦୂର ହୋଇଥାଏ । ମନୁଷ୍ୟ ନିଜର କୁବୁଦ୍ଧିକୁ ତ୍ୟାଗ କରିଦିଏ ଆଉ ସଦାଚରଣ ଆଡକୁ ପ୍ରବୃତ୍ତ ହୋଇଥାଏ । ଶ୍ରବଣ କରିଲେ ତାକୁ ଜ୍ଞାନ ପ୍ରାପ୍ତି ହୋଇଥାଏ ଯାହା ତାର ଜୀବନକୁ ବଦଳେଇ କରି ରଖିଦିଏ । ଯେତେବେଳେ ମନୁଷ୍ୟକୁ ଧର୍ମଜ୍ଞାନ ହେବ, ତାହାର ବୁଦ୍ଧିର ଶୁଦ୍ଧିକରଣ ହୋଇଯାଏ । ତାକୁ ସାଂସାରିକ ଆଉ ଆଧ୍ୟାତ୍ମିକ ଜ୍ଞାନର ଅନ୍ତର କରିବା ଆସିଯିବ ଆଉ ଧୀରେ-ଧୀରେ ସେ ମୁକ୍ତିର ପଥର ଆଡକୁ ଅଗ୍ରସର ହେବ । ମନୁଷ୍ୟ ଜୀବନର ଅନ୍ତିମ ଲକ୍ଷ୍ୟ ମୋକ୍ଷର ପ୍ରାପ୍ତି । ଯେପର୍ଯ୍ୟନ୍ତ ତାକୁ ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ମିଳିବନି, ସେ ପର୍ଯ୍ୟନ୍ତ ସେ ଚଉରାଅଶୀ ଯୋନିରେ ଫସି କରି ରହିବ । ବାରମ୍ବାର ତାକୁ ଏହି ସଂସାରରେ ଅଲଗା ଅଲଗା ରୂପରେ ଜନ୍ମ ନେବାକୁ ପଡିବ । ଅନ୍ତତଃ ମୁକ୍ତ ହୋଇକରି ଅସୀମଶାନ୍ତି ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରାପ୍ତ କରିଥାଏ । ଯେଉଁପରି ଭଲ ବକ୍ତାକୁ ସବୁ ଲୋକ ପ୍ରଶଂସା କରିଥାନ୍ତି, ସେହି ପ୍ରକାର ଭଲ ଶ୍ରୋତା ମଧ୍ୟ ପ୍ରଶଂସାର ପ୍ରାତ୍ର ହୋଇଥାନ୍ତି । ଗୋଟିଏ କାନରେ ଶୁଣି କରି ଆରକାନରେ ବାହାର କରି ଦେବା ବୁଦ୍ଧିମତ୍ତା ହୋଇନଥାଏ । ମନୁଷ୍ୟକୁ ଅନ୍ୟମାନଙ୍କର କଥାକୁ ଶୁଣି କରି ନିଜର ହୃଦୟରେ ରହସ୍ୟ କରି ରଖିବା ଦରକାର । କେବେବି କାହା ଆଗରେ ପ୍ରକଟ କରନାହିଁ । ଏମିତି ଶ୍ରବଣଶୀଳ ବିବେକି ବ୍ୟକ୍ତି ସମସ୍ତଙ୍କର ପ୍ରିୟ ହୋଇଯାଏ ଆଉ ବିଶ୍ୱାସର ପାତ୍ର ମଧ୍ୟ କୁହାଯାଏ ।

# ବାଇଶି ପାହାଚେ ଗଡ଼େଇ ଦେବୁ...



ପୁଷ୍ପମିତ୍ର ମହାପାତ୍ର
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

'ମାଠିଆରେ ପାଣି ଡାବୁ ଡାବୁ, ମାଠିଆରେ ପାଣି ଡାବୁ ଡାବୁ, କୋଉ ଦିନ ମୋତେ ପୁରୀ କି ନେବୁରେ ପୁରୀକୁ ନେବୁ ପୁରୀକୁ ନେବୁ, ବାଇଶି ପାହାଚେ ଗଡ଼େଇ ଦେବୁ...'। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ 'ବାଇଶି ପାହାଚ' ଶୀର୍ଷକ ସଂଗୀତଟି ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ତନ୍ମନକୁ ପୁଲକିତ, ସିଂହରିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଭକ୍ତମାନସରେ ପୁରୀ ମନ୍ଦିରରେ ଥିବା ବାଇଶି ପାହାଚ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କିଛି। ସେଇ ପଥର ପାହାଚଗୁଡ଼ାକ ଚଢ଼ି ମନ୍ଦିରକୁ ଯିବାବେଳେ ଠାକୁରଙ୍କ ପ୍ରତି ସତେ ଅବା ଆର୍ଦ୍ର ହେବାକୁ ଆରମ୍ଭ କରେ ଭକ୍ତମାନଙ୍କ ମନ। ମନ୍ଦିର ଯାତ୍ରାବେଳେ ଭକ୍ତମାନେ ବାଇଶି ପାହାଚ ହାତରେ ସ୍ପର୍ଶକରି ମଥାରେ ଲଗାନ୍ତି। ଲାଗେ ହୃଦୟ ଭିତରେ ଥିବା ଅନେକ କଷ୍ଟ, ଅନେକ କୋହ, ଅନେକ ଯନ୍ତ୍ରଣା, ଅଭାବ, ନୈରାଶ୍ୟ, ହା ହୁତାଶ, ଆତ୍ମଗ୍ଲାନି ସବୁକିଛି ଯେପରି ସେଇଠି ହିଁ ଓଜାଡ଼ି ଦେବା ମହାପ୍ରଭୁଙ୍କୁ ପ୍ରାର୍ଥନା ପୂର୍ବକ। ସିଂହଦ୍ୱାର ସଂଲଗ୍ନରେ ଥିବା ମୁଖଶାଳା ଅତିକ୍ରମ କଲେ ଆଗରେ ପଡ଼େ ଗୋଟାଏ ସୋପାନ ଶ୍ରେଣୀ - ଲମ୍ବା, ଅନୁଚ୍ଚ, କିନ୍ତୁ ମସୃଣ। ଏଗୁଡ଼ିକ ମୁଖଶାଳାର ପଶ୍ଚାତରୁ ଆରମ୍ଭ ହୋଇ ଉପରକୁ ଉପରକୁ ଉଠି ସ୍ପର୍ଶ କରିଛି କୂର୍ମବେଢ଼ା ଦ୍ୱାର। ମୁଖଶାଳା ଓ କୂର୍ମବେଢ଼ା ମଧ୍ୟରେ ରହିଛି ମାତ୍ର ୨୦ଟି ପାହାଚ; ତେବେ ସୋପାନ ଶ୍ରେଣୀର ଶେଷ ଆଡ଼କୁ ଡାହାଣ ପଟେ ଉତ୍ତର ଦିଗରେ ଆନନ୍ଦବଜାର ପ୍ରବେଶ ପଥରେ ରହିଛି ଆଉ ଦୁଇଟି ପାହାଚ। ଏ ଦୁଇଟି ପାହାଚ ଆରମ୍ଭ ହୋଇଛି ଅଷ୍ଟାଦଶ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦବଜାରର ଦ୍ୱାର ଯାଏଁ। ଏଇ ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭାପାଉଛି ଖୁବ୍ ପ୍ରକାଣ୍ଡକାୟ ଦୁଇଟି ସିଂହ ଭାସ୍କର୍ଯ୍ୟ ପ୍ରାୟ ୧୦ଫୁଟ ଲମ୍ବା ଓ ୮ଫୁଟ ଉଚ୍ଚତା ବିଶିଷ୍ଟ।

ଶ୍ରୀକ୍ଷେତ୍ରର ଐତିହ୍ୟ, ଧର୍ମଚେତନା ଓ ପରମ୍ପରା ସହିତ ଏହି ବାଇଶି ପାହାଚର ଭୂମିକା ଅତିବ ଭାବପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱାସ ରହିଛି ଏଇଟି ହିଁ ଅଷ୍ଟବୈକୁଣ୍ଠ, ପିତୃଲୋକ, ବ୍ରହ୍ମଲୋକ ଓ ଧ୍ରୁବଲୋକ, ଅନ୍ନଦାନ, ପିଣ୍ଡଦାନ ଓ ବସ୍ତ୍ରଦାନର ମହାପୁଣ୍ୟ କ୍ଷେତ୍ର ହେଉଛି ଏହି ବାଇଶି ପାହାଚ। ଏହା କେବଳ ପଥରରେ ତିଆରି ସାଧାରଣ ପାହାଚ ନୁହଁ ବରଂ ଏଥିରେ ରହିଛି ଅନେକ ଗୂଢ଼ ତତ୍ତ୍ୱ। ଏହି ଅଷ୍ଟବୈକୁଣ୍ଠର ଲୋକ ମହାତ୍ମ୍ୟ ଏହିପରି ଯେ ନିତ୍ୟସ୍ଥଳୀ ଏହି ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁ ନିତ୍ୟଲୋକରୁ ଭୂଲୋକକୁ ଓହ୍ଲାଇ ଆସନ୍ତି ଏହି ବାଇଶି ପାହାଚ ଦେଇ।

ବାଇଶିଟି ଯାକ ପାହାଚର ଆୟତନ ଏକା ପ୍ରକାରର ନୁହେଁ। ସମସ୍ତ ସୋପାନ ଅବଶ୍ୟ ବଉଳମାଳ ବା କୁଣ୍ଡାପଥରରେ ନିର୍ମିତ ଏବଂ ଅଧିକାଂଶର ପ୍ରସ୍ଥ ପାଞ୍ଚ ଫୁଟ। ପାହାଚଗୁଡ଼ିକର ଉଚ୍ଚତା ମାତ୍ର ଛଅରୁ ସାତ ଇଞ୍ଚ ଏବଂ ଲମ୍ବା ପ୍ରାୟ ୪୦ଫୁଟ। ସୋପାନ ଶ୍ରେଣୀର ଉତ୍ତର ଓ ଦକ୍ଷିଣ ପଟେ ମଧ୍ୟ ରହିଛି ପାଚେରୀ। ତେବେ ଦୁଇ ପଟର ଏହି ପାଚେରୀ ଠିକ୍ ପାଚେରୀ ପରି ପ୍ରତୀୟମାନ ହେଉନି କାରଣ ମନ୍ଦିର ଚଟାଣର ସମତଳ ସହ ଏହା ମିଶି ଯାଇଛି। ଉପରେ ରହିଛି ଦୁଇଧାଡ଼ି ମିଷ୍ଟାନ୍ନ ତିଆରି ସରଘର ସୋପାନ ଶ୍ରେଣୀର ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ; ଯାର ପ୍ରସ୍ଥ ପ୍ରାୟ ୧୫ଫୁଟ। ୧୯ ଓ ୨୦ ତମ ପାହାଚ ଦୁଇଟି ଅର୍ଦ୍ଧ ଗୋଲାକୃତି। ଏ ଦ୍ୱୟ କାରୁକାର୍ଯ୍ୟ ମଣ୍ଡିତ କୂର୍ମବେଢ଼ା ଦ୍ୱାରକୁ ସ୍ପର୍ଶ କରି ରହିଛି। ଆନନ୍ଦବଜାରର ପ୍ରବେଶ ପଥରେ ଥିବା ପାହାଚ ଦୁଇଟି ମଧ୍ୟ ପ୍ରସ୍ଥରେ ପ୍ରାୟ ୧୦ଫୁଟ। ବାଇଶି ପାହାଚ ଦେଇ ମନ୍ଦିରକୁ ଉଠିଲା ବେଳେ ତୃତୀୟ ପାହାଚର ଦକ୍ଷିଣ ପାର୍ଶ୍ୱରେ ରହିଛି ଗୋଟିଏ ଅନୁଚ୍ଚ ମନ୍ଦିର ଯାହା କାଶୀ ବିଶ୍ୱନାଥ ଦେବାଳୟ ରୂପେ ପରିଚିତ। ଏଇ ଉପାସନା ପୀଠକୁ ଲାଗି ଅନ୍ୟ ଏକ ଅନୁଚ୍ଚ ମନ୍ଦିର ରହିଛି ଏଠାରେ ରାମ ଓ ସୀତା ପୂଜା ପାଆନ୍ତି। କେତେକ ବିଦ୍ୱାନ ବାଇଶି ପାହାଚର ମହତ୍ତ୍ୱ ପ୍ରତିବାଦିତ କରିବାକୁ ଯାଇ କିଛି ତତ୍ତ୍ୱ ବଖାଣନ୍ତି। ସେମାନଙ୍କ ମତରେ ଦେବତାଙ୍କୁ ପାଇବା ପଥରେ ମାନବ ୨୨ ପ୍ରକାରର ଦୋଷ ଦୁର୍ବଳତା ଅତିକ୍ରମ କରିବାକୁ ହୁଏ; ଏଣୁ ଶ୍ରୀମନ୍ଦିରରେ ରହିଛି ଏଇ ୨୨ ଗୋଟି ପାହାଚ। ବାଇଶି ପାହାଚର ପ୍ରଥମ ପାହାଚର ବାମପାର୍ଶ୍ୱରେ ପଶ୍ଚିମାଭିମୁଖୀ କାଶୀବିଶ୍ୱନାଥ ମନ୍ଦିର ଅବସ୍ଥିତ। କାଶୀବିଶ୍ୱନାଥ ହେଉଛନ୍ତି ବାଇଶି ପାହାଚର ପ୍ରଥମ ଦେବତା। ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ଦର୍ଶନ କରିବା ପରେ ବାଇଶି ପାହାଚରେ କିଛି ସମୟ ବସନ୍ତି। ପଞ୍ଚଦଶ ଅଷ୍ଟତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରୀଶକ୍ତି, ତ୍ରିଗୁଣର ସମାହାର ବାଇଶି ଯାହା କି ବାଇଶି ପାହାଚରେ ପ୍ରତିଫଳିତ।

ବିଶ୍ୱାସ ରହିଛି ମହାପ୍ରଭୁଙ୍କ କରୁଣା ନହେଲେ କେହି ବି ବାଇଶି ପାହାଚ ଅତିକ୍ରମ କରିପାରିବ ନାହିଁ କି ଠାକୁରଙ୍କୁ ଦର୍ଶନ ମଧ୍ୟ କରିପାରିବ ନାହିଁ। ପହଣ୍ଡି ସମୟରେ ମହାପ୍ରଭୁ ଏହି ପାହାଚ ଅତିକ୍ରମ କରି ହାତୀ ପରି ଝୁଲି ଝୁଲି ଟାହିଆ ହଲାଇ ଦୁଇ ହାତ ପ୍ରସାରିତ କରି ବଡ଼ଦାଣ୍ଡର ଜନସମୁଦ୍ରକୁ ଓହ୍ଲାଇ ଆସନ୍ତି। ଏହି ବାଇଶି ପାହାଚରେ ଅସଂଖ୍ୟ ଭକ୍ତ, ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ପବିତ୍ର ଚରଣ ରଜ ରଞ୍ଜିତ। ପତିତପାବନ ଯାତ୍ରା ସମୟରେ ଏହି ବାଇଶି ପାହାଚରେ ଶ୍ରୀଜୀଉଙ୍କ ଦେବୋପମ ପହଣ୍ଡି ହେଲାବେଳେ ଏଠାରେ ଅବସ୍ଥିତ ପିତୃଶିଳା ନିକଟରେ ପିତୃପୁରୁଷଗଣ, ଯଜ୍ଞଶାଳା ନିକଟରେ ଚିତ୍ରଗୁପ୍ତ ଓ ଜମଦୂତ ଗଣ, ତେତିଶ କୋଟି ଦେବଗଣ, ଗନ୍ଧର୍ବ, କିନ୍ନର, ଦେବ ନର୍ତ୍ତକୀ ସମସ୍ତେ ଉପସ୍ଥିତ ଥାଆନ୍ତି ଦର୍ଶନ ପାଇଁ। ବାଇଶି ପାହାଚ ହେଉଛି ଚତୁର୍ଦ୍ଦଶ ଭୁବନ। ଭୂଃ, ଭୁବଃ, ସ୍ୱଃ, ମହଃ ଜନ, ତପ, ସତ୍ୟ, ଅତ, ସୁତଳ, ବିତଳ, ମହୀତଳ, ରସାତଳ ତଥା ପାତାଳ ଏବଂ ଅଷ୍ଟ ବୈକୁଣ୍ଠ।

ତେବେ ତତ୍ତ୍ୱର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି ବାଇଶି ପାହାଚର ପବିତ୍ରତାକୁ କେହି ଅସ୍ୱୀକାର କରନ୍ତି ନାହିଁ। ବାପା ମା'ମାନେ ମାନସିକ କରି ନିଜ ଶିଶୁ ସନ୍ତାନମାନଙ୍କୁ ଏହି ସୋପାନର ଉପରୁ ତଳ ଯାଏଁ ଗଡ଼ାନ୍ତି। ଏଇ ବାଇଶି ପାହାଚକୁ ମଧ୍ୟ ପିତୃଲୋକର କ୍ଷେତ୍ର ବୋଲି ଗ୍ରହଣ କରାଯାଏ। ଏଣୁ ଆଶ୍ୱିନ ମାସ ପ୍ରଥମାର୍ଦ୍ଧାରେ ଏଠାରେ ଯାତ୍ରୀମାନେ ମହାଳୟା ଶ୍ରାଦ୍ଧ କରନ୍ତି। ଶ୍ରାଦ୍ଧ ସାରି ଦଶମ ପାହାଚର ଏକ ଚତୁଷ୍କୋଣୀ କ୍ଷେତ୍ରରେ ପିଣ୍ଡ ଅର୍ପଣ କରାଯାଏ। ଏ ଦିନେ ବାଇଶି ପାହାଚରେ ବହୁ ପୁରୋହିତ ଓ ଯଜମାନ ଶ୍ରାଦ୍ଧରେ ବସିଥିବା ଦେଖାଯାଏ। ଶ୍ରଦ୍ଧାଳୁ ହୁଅନ୍ତୁ ବା ଭକ୍ତ ମହାପ୍ରଭୁଙ୍କୁ ଦେଖିବା ପାଇଁ ଶ୍ରୀ ମନ୍ଦିରକୁ ପ୍ରବେଶ ପରେ ଏହି ବାଇଶ ପାହାଚ ନିକଟରେ ପହଞ୍ଚି ପାଦ ଦେବା ପୂର୍ବରୁ ଭକ୍ତିପୂତ ମୁଣ୍ଡିଆଟିମାରି ଆଗକୁ ଯାଇଥାଏ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା କଳିଙ୍ଗା ରୋଡ଼ ଉଭୟ ପାର୍ଶ୍ୱରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ଡ୍ରେନଜ ନିର୍ମାଣ ଚାଲିଛି। ଏହି ଡ୍ରେନେଜ ନିର୍ମାଣ ବେଳେ ସ୍ୱଚ୍ଛ ଗେଜର ଛଡ଼ ସାଙ୍ଗକୁ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଆସୁଛି। ନିର୍ମାଣ ସମୟରେ ବିଭାଗୀୟ କୌଣସି ଅଧିକାରୀ ରହୁନଥିବା ଯୋଗୁଁ ଏଭଳି କାର୍ଯ୍ୟ ହେଉଥିବା ଚର୍ଚ୍ଚା ହେଉଛି। ଡ୍ରେନେଜ ନିର୍ମାଣ ବେଳେ ତାହାର ଉପରେ ସ୍ୱଚ୍ଛ ମୋଟା ଘୋଡଣି ଯେଉଁ ଭାବେ ନିର୍ମାଣ କରାଯାଉଛି। ସେହି ଘୋଡଣି ଉପରେ ଯାନବାହାନ କେତେ ସୁରକ୍ଷିତ ଭାବେ ଯାତାୟାତ ହେବ ତାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଓଏସ୍ଆର୍‌ଟିସି ବସଷ୍ଟାଣ୍ଡ ଭିତରକୁ ଯିବା ପାଇଁ ଯେଉଁ ଡ୍ରେନ ନିର୍ମାଣ ଚାଲିଛି। ତାହା ଉପରେ ଘୋଡଣି ଯେପରି ନିର୍ମାଣ ହୋଇଛି, ତାହା ଉପରେ ଭାରି ଯାନ ଯାତାୟାତ ବେଳେ ଯାତ୍ରୀ ମାନେ ସୁରକ୍ଷିତ ଭାବେ ଯିବେ କି ? ଅଘଟଣ ପାଇଁ ଦାୟୀ କିଏ ରହିବ ବୋଲି ଆଲୋଚନା ହେଉଛି।

### ଆସୁଛି ମୌସୁମୀ, ବନ୍ଧବାଡ଼ ମୁକୁଳା

## ନିଦାବିଷ୍ଟୁ ଜଳସମ୍ପଦ ବିଭାଗ, କଲବଲ ହେବେ ନଦୀକୂଳବାସୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଆସୁଛି ମୌସୁମୀ। ଏହାର ପ୍ରଭାବରେ ଜୁନ ମାସରେ ତୁହାକୁତୁହା ବର୍ଷା ହୋଇ ସମୁଦ୍ର ଜୁଆର ମଧ ଜୋରଦାର ଉଠିବ। ଯଦି ଜୁନ ଓ ଜୁଲାଇ ମାସରେ ବର୍ଷା ପରିମାଣ ବୃଦ୍ଧି ହେବା ସହ ଦେବୀ ନଦୀର ଜଳସ୍ତର ବୃଦ୍ଧି ପାଏ ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହେବ। କିନ୍ତୁ ପ୍ରତିବର୍ଷ ଭଳି ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଦେବୀନଦୀର ଶାଖା ଭଉଁରିଆ ନଦୀରେ ଜଳସ୍ତର ବୃଦ୍ଧି ପାଇଲେ ପୂର୍ବବର୍ଷ ଭଳି ପୁଇଁଚାନ୍ଦୀଆ ଅଞ୍ଚଳ ଜଳମଗ୍ନ ହେବ। ଏ ପର୍ଯ୍ୟନ୍ତ ଜଳସମ୍ପଦ ବିଭାଗର ନିଦ ଭାଙ୍ଗିନାହିଁ। ଅସ୍ତରଙ୍ଗ ଅଞ୍ଚଳ ଅନେକ ସ୍ଥାନରେ ଦୁର୍ବଳ ନଦୀ ବନ୍ଧ ଥିବା ବେଳେ ନଦୀର ବନ୍ଧ ବାଡ଼ ମୁକୁଳା। ଉକୁଳେଇଠାରୁ ଭଉଁରିଆ ପର୍ଯ୍ୟନ୍ତ ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡିଛି। ମୁଣ୍ଡ ଉପରେ ମୌସୁମୀ ବର୍ଷା। କିନ୍ତୁ ନଗର, ଆଳସାହି, ଝାଡ଼ଲିଙ୍ଗ, ବଳଭଦ୍ରପୁର ସମେତ ବିଭିନ୍ନ ସ୍ଥାନରେ ଖୋଲା ମେଲା ହୋଇପଡିଥିବାରୁ ଦୁଇ କୂଳ ସଜଡା ଯାଇନାହିଁ। ଗେଟ ମରାମତି ନାମରେ ବିଲ ହେଉଛି କିନ୍ତୁ ସଠିକ କାମ ହେଉନି। ହେଲେ ଲୁଣା ପାଣି ଉଠିଲେ ଏହି ଫାଙ୍କା ସୁଇଚ ଗେଟ ଦେଇ ଚାଷ ଜମିରେ ପଶୁଛି। ଖଣ୍ଡାସାହିରୁ କାଳିଆକଣ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଦେବୀ ନଦୀବନ୍ଧରେ ଫାଟ ସହ ଗଳିଆ ସୃଷ୍ଟି ହୁଏ। ଅନେକ ସ୍ଥାନରେ ଲୁଣାବନ୍ଧ ଏତେ ଦୁର୍ବଳ ଯେ, ପ୍ରଥମ ମୌସୁମୀ ବନ୍ୟାରେ ଧସିଯିବା ଆଶଙ୍କା ସୃଷ୍ଟି ହୋଇଛି। କୌତୁହଳ କଥା ଅନେକ ସ୍ଥାନରେ ନିମ୍ନମାନର ପଥର ପକାଇ ମାଟି ମୁଠେ ଏହି ଦୁର୍ବଳ ବନ୍ଧରେ ପଡୁନାହିଁ। ତାହା ମଧ ଦେଖିବାକୁ କେହି ନାହାନ୍ତି। ପ୍ରତିବର୍ଷ ମରାମତି ନାଁରେ ଟଙ୍କା ଚଳୁ ହେଉଥିବା ବେଳେ ପୁଣି କେମିତି ସେହି ବନ୍ଧ ଭାଙ୍ଗୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ନଦୀବନ୍ଧ ମରାମତି ସମ୍ପର୍କରେ ନିମାପଡା ଜଳସେଚନ ଖଣ୍ଡ ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ପୋଥାଲ କହିଛନ୍ତି ମୁଁ ନୂଆ ଆସିଛି, ଖୁବ୍‌ଶୀଘ୍ର ସ୍ଥିତି ଅନୁଧାନ କରିବି।

## ନିମାପଡ଼ାରେ ୨ ସ୍କୁଲ, ଭେଣ୍ଡିଂ ଜୋନ୍ ଓ ଡ୍ରେନେଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ



ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୨ଟି ପ୍ରାଥମିକ ବିଦ୍ୟାଳୟ, ଭେଣ୍ଡିଂ ଜୋନ୍ ବଣ୍ଟନ, ଜଳ ସଂପଦ ବିଭାଗ, ଜଳ ନିକାଶ ବିଭାଜନ ପୁରୀ ପକ୍ଷରୁ ଡ୍ରେନେଜର ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଦ୍ୱାରା ସମଗ୍ର ଶିକ୍ଷା ଯୋଜନାରେ ନିମାପଡ଼ା ପଂଚାୟତ ସମିତି ଅଧୀନସ୍ଥ ତେରୁଣ୍ଡିଆ ଗ୍ରାମ ପଂଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଧୀରପୁରରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଡ଼ିଓ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସମଗ୍ର ଶିକ୍ଷା ଯୋଜନାରେ ଅରିଷଣ୍ଡ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଯାଇଛି। ଏହାର ଅଟକଳ ମୂଲ୍ୟ ୧୮ ଲକ୍ଷ ୩୩ ହଜାର ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ନିମାପଡ଼ା ବ୍ୟବସାୟୀଙ୍କୁ ଥଇଥାନ କରିବା ନିମନ୍ତେ ୩୩ଟି ଭେଣ୍ଡିଂ ଜୋନ୍ ଗୃହ ଲଟେରୀ ମାଧମରେ ବଂଟନ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ୍ ଗୃହ ବଂଟନ କରିଥିବା ବେଳେ ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ କୁମାର ଦାଶ, କାଉନସିଲର ତଥା ବିଜେପି ନଗର ସଭାପତି ନିରନ ନାୟକ, କାର୍ଯ୍ୟ ନିର୍ବାହୀ ଅଧିକାରୀ, କର୍ମଚାରୀ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ୱାର୍ଡ଼ର କାଉନସିଲର ଓ ବ୍ୟବସାୟୀ, ଜନସାଧାରଣ ଉପସ୍ଥିତ ଥିଲେ। ନିମାପଡ଼ା ଜୟଗୁରୁ ଆଶ୍ରମ ଠାରୁ ଜଳ ସଂପଦ ବିଭାଗ ଓଡ଼ିଶା ସରକାର, ଜଳ ନିକାଶ ବିଭାଜନ ପୁରୀ ପକ୍ଷରୁ ୪ କୋଟି ୮୫ ଲକ୍ଷ ଟଙ୍କା ଅଟକଳରେ ନିମାପଡ଼ା ଆଶ୍ରମ ଛକ ଠାରୁ ଅମଲାପଡ଼ା ଛକ ପର୍ଯ୍ୟନ୍ତ କଂକ୍ରିଟ୍ ନାଳର ଭିତିପ୍ରସ୍ତର ସ୍ଥାପନ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଡ୍ରେନେଜ୍ ବିଭାଗ ଅଧିକାରୀ ମଧ ଯୋଗ ଦେଇଥିବା ଜଣାପଡ଼ିଛି।

### ୩୦ରେ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ଜୟନ୍ତୀ ସମାରୋହ

## ସମ୍ବର୍ଦ୍ଧିତ ହେବେ ଅଭିନେତା ପ୍ରଦ୍ୟୁମ୍ନ, ଶିକ୍ଷକ ମଦନ ମୋହନ, ଅଜୟଙ୍କୁ ମରଣୋତ୍ତର

ଧର୍ମଶାଳା(ଭାସ୍କର ନ୍ୟୁଜ): ଜନପ୍ରିୟ ଜନନେତା ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ ସମାରୋହ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଓଡିଆ ଚଳଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ମଦନ ମୋହନ କଣ୍ଡୁଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ 'ଦି ଗ୍ରେଟ ଓଡିଶା ପଲିଟିକାଲ ସର୍କସ'ର ଦିବଙ୍ଗତ ହାସ୍ୟ ଅଭିନେତା ସ୍ୱର୍ଗତ ଅଜୟ ନାୟକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଜାରକା ସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସର ସଭାଗୃହରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଛି। ଏହି ସଭାରେ ରାଜ୍ୟର ବହୁ ବିଶିଷ୍ଟ ରାଜନେତା, ସାମ୍ବାଦିକ, ଖବରକାଗଜ ସମ୍ପାଦକ, ସାହିତ୍ୟିକ, ବୁଦ୍ଧିଜୀବୀଙ୍କ ସମେତ ସ୍ୱର୍ଗତ ଲାବଣ୍ୟଙ୍କ ଶୁଭେଚ୍ଛୁ ତଥା ସହଯୋଗୀ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାରୋହରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ। ଓଡିଆ ଚଳଚିତ୍ର ଅଭିନେତ୍ରୀ ମଧୁମିତା ମହାନ୍ତି କାର୍ଯ୍ୟକ୍ରମରେ ଉଦ୍‌ଘୋଷିକା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ କଟକର ନବକଳିକା ପକ୍ଷରୁ ସଂଗୀତ ପରିବେଷଣ କରାଯିବ। ପିତାଙ୍କର ସ୍ମୃତି ରକ୍ଷା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

## ବିକଶିତ ନିମାପଡ଼ା ଗଠନ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାକୁ ବିକଶିତ ନିମାପଡ଼ା ଗଠନ ନିମନ୍ତେ ରାଜ୍ୟ ସରକାର ପ୍ରଥମ ପାହାଚ ଅତିକ୍ରମ କରିଛନ୍ତି। ନିମାପଡ଼ାରେ ଉତ୍କର୍ଷ ନିମାପଡ଼ା-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ଜୁନ୍ ୩ ଓ ୪ ତାରିଖରେ ଅନୁଷ୍ଠିତ ହେବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କର୍ଷ ଗ୍ରାମ, ସୁସ୍ଥ ନିମାପଡ଼ା, ମହିଳା ସଶକ୍ତିକରଣ, କୃଷକ ସଶକ୍ତିକରଣ, ପର୍ଯ୍ୟଟନ ଓ ଶିଳ୍ପ ଅଭିବୃଦ୍ଧି, ଅପରାଧ ରହିତ ନିମାପଡ଼ା, ସ୍ମାର୍ଟ ନିମାପଡ଼ା ୧୧ଟି ବିଷୟକୁ ନେଇ ଗୁରୁତ୍ୱ ଦିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ଗଣମାଧମକୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଇନ୍‌ଡ଼ୋର ଷ୍ଟାଡ଼ିୟମ୍ ପରିସରରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏକ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ାରେ ଉତ୍କର୍ଷ ନିମାପଡ଼ା ବିକଶିତ ନିମାପଡ଼ା ଗଠନ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। କାର୍ଯ୍ୟକ୍ରମକୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିବା ସ୍ଥିର ହୋଇଥିବା ବେଳେ ପୁରୀ ଲୋକସଭା କ୍ଷେତ୍ର ସାଂସଦ, ସମସ୍ତ ବିଧାୟକ ଉପସ୍ଥିତ ରହିବେ। ଉଦ୍‌ଯାପନୀ ସଂଧ୍ୟାରେ ବିଭିନ୍ନ ବିଭାଗୀୟ ମନ୍ତ୍ରୀଗଣ, ସାଂସଦ, ବିଧାୟକ ଉପସ୍ଥିତ ରହିବେ। ୩ ଓ ୪ ତାରିଖ ଦୁଇଦିନ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଉତ୍କର୍ଷ ନିମାପଡ଼ା ସମ୍ମିଳନୀରେ ୧୧ଟି ବିଷୟ ଯଥା:- ଉତ୍କର୍ଷ ଗ୍ରାମ, ସୁସ୍ଥ ନିମାପଡ଼ା, ମହିଳା ସଶକ୍ତିକରଣରୁ ମହିଳା କେନ୍ଦ୍ରୀୟ ବିକାଶ, ଅପରାଧ ରହିତ, ନିମାପଡ଼ା ଏଡୁହବ, ନିମାପଡ଼ା କୃଷକ ସଶକ୍ତିକରଣ, ଶିଳ୍ପ ଅଭିବୃଦ୍ଧି ତଥା ନୂତନ ନିଯୁକ୍ତି ସୃଷ୍ଟି, ପର୍ଯ୍ୟଟନ, ବିପର୍ଯ୍ୟୟ ମୁକାବିଲା, ସ୍ମାର୍ଟ ନିମାପଡ଼ା, ଉତ୍କର୍ଷ ନିମାପଡ଼ା ୨୦୩୬ର ରୋଡ଼ ମ୍ୟାପ ଉପରେ ଆଲୋଚନା କରାଯିବ। ବିଜେପି ସରକାର ନିମାପଡ଼ାର ସାମଗ୍ରିକ ଓ ଦୀର୍ଘସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟର ମାନ ବଢ଼ାଇବା, ଶିଳ୍ପ ଅଭିବୃଦ୍ଧି ତଥା ନୂତନ ନିଯୁକ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ। ବିକଶିତ ନିମାପଡ଼ା ତଥା ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ସହ ଓଡ଼ିଶାକୁ ଭାରତର ଅଗ୍ରଣୀ ଅର୍ଥନୈତିକ ଶକ୍ତିଶାଳୀ ରାଜ୍ୟର ଆକାଂକ୍ଷାକୁ ସାକାର କରିବା ଦିଗରେ ଉତ୍କର୍ଷ ନିମାପଡ଼ା-୨୦୨୫ ଏକ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇ ପାରିବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ନିମାପଡ଼ାର ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

## ଅସହାୟ ମହିଳାଙ୍କୁ ଜରି ପାଲ ପ୍ରଦାନ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ପାରାଦ୍ୱୀପ ଦ୍ୱାରା ୧୯ ନମ୍ବର ୱାର୍ଡରେ ରହୁଥିବା ଜଣେ ଅସହାୟ ମହିଳା ବାସନ୍ତୀ ମାନ୍ନାଙ୍କୁ ଜରି ପାଲ ପ୍ରଦାନ କରାଯାଇଛି। ବର୍ଷା ଦିନରେ ଘରେ ପାଣି ପଶି ଯାଉଥିବାରୁ ମହିଳା ଜଣଙ୍କ ଚଳିବା କଷ୍ଟକର ହୋଇପଡୁଥିଲା। ଖବର ପାଇ ଅସହାୟ କଲ୍ୟାଣ ସମିତିର ସମସ୍ତ ସଦସ୍ୟ ଓ ସଦସ୍ୟା ସମ୍ପୃକ୍ତ ମହିଳାଙ୍କ ପାଖରେ ପହଞ୍ଚି ଜରି ପାଲ ପ୍ରଦାନ କରିଥିଲେ। ଏଥିରେ ସହଯୋଗ କରିଥିବା ସମିତି ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର, ସଭାପତି ପଞ୍ଚାନନ ବେହେରା, ଉପ ସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହସମ୍ପାଦକ କୈଳାଶ ଗୋଛାୟତ, ରଶ୍ମିତା ସାହୁ, ସୂର୍ଯ୍ୟ ଶିଖା ପଟ୍ଟନାୟକ, ରୀନା ମଲ୍ଲିକ୍, ମମତା ବିଶ୍ୱାଳ, ରୁନିଆ ଜେନା, ରାଜକିଶୋର ପଳାଉରୀ, ପ୍ରେମଲତା ବାରିକ ପ୍ରମୁଖ ଅସହାୟ ମହିଳାଙ୍କୁ ଜରି ପାଲ ପ୍ରଦାନ କରିଥିଲେ। ତେବେ ଆଗାମୀ ଦିନରେ କଲ୍ୟାଣ ସମିତି ପକ୍ଷରୁ ଅସହାୟଙ୍କୁ ଏହିପରି ସହଯୋଗ କରାଯିବ ବୋଲି ସମିତିର ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

### ସିଂହପୁରରେ ଚୋରି ଥମିବାର ନାଁ ଧରୁନି

## ପୋଲିସ କହୁଛି ନିୟମିତ ପହରା ହେଉଛି

ବିଂଝାରପୁର(ଭାସ୍କର ନ୍ୟୁଜ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଫାଣ୍ଡି ନିକଟ ସିଂହପୁର ଗ୍ରାମରେ ନିୟମିତ ଚୋରି ହେବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଚୋରି ହେଉଛି ମାତ୍ର ପୋଲିସ ଚୋରଙ୍କୁ ଠାବ କରିବା ଦୂରର କଥା ସେମାନଙ୍କ ସାମାନ୍ୟ ସୁରାକ ମଧ ପାଉନି। ଏନେଇ ଅଞ୍ଚଳବାସୀ ନିଶ୍ଚିନ୍ତରେ ଶୋଇ ପାରୁନାହାନ୍ତି। ଅପରପକ୍ଷରେ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି ବୋଲି ସଫେଇ ଦେଇ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ପ୍ରୟାସ କରିଛି। ସୂଚନା ମୁତାବକ ଗତକାଲି ରାତିରେ କେତେକ ଦୁର୍ବୃତ୍ତ ନିରଞ୍ଜନ ବେହୁରିଆଙ୍କ ସିଂହପୁର ବାସଭବନ ନିକଟରେ ଥିବା ୩ଟି ଟ୍ରାକ୍ଟରରୁ ୩ ବ୍ୟାଟେରୀ ଚୋରି କରିନେଇଯାଇଛନ୍ତି। ଶ୍ରୀ ବେହୁରିଆ ସିଂହପୁର ବଜାର କମିଟିର ପଦାଧିକାରୀ ହୋଇଥିଲେ ମଧ ତାଙ୍କ ଗାଡିରୁ ବ୍ୟାଟେରୀ ଚୋରି କରିବାକୁ ସାହସ କରି ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ସେହିପରି କିଛିଦିନ ତଳେ ବଜାରସ୍ଥିତ ଶିବ ମନ୍ଦିରରୁ ମାଇକ ସେଟ୍ ଚୋରି ଓ ମହେଶ୍ୱର ନାୟକଙ୍କ ଘରେ ଚୋର କଳାକନା ବୁଲାଇଥିଲେ। ସିଂହପୁର ଏକ ପ୍ରମୁଖ ବ୍ୟବସାୟ କେନ୍ଦ୍ର ହୋଇଥିଲେ ମଧ ପୋଲିସ୍ ପକ୍ଷରୁ ଲୋକଙ୍କ ଧନ ଜୀବନର ସୁରକ୍ଷା ପାଇଁ ସେତେଟା ଉଦ୍ୟମ ହେଉନଥିବା ଅଭିଯୋଗ ହେଉଛି। ବସ ଷ୍ଟାଣ୍ଡ, ଅଟୋ, ଟ୍ୟାକ୍ସି ଷ୍ଟାଣ୍ଡ ଏଠାରେ ଥିବାରୁ ଦୂରଦୁରାନ୍ତରୁ ବିଳମ୍ବିତ ରାତ୍ରୀରେ ଯାତ୍ରୀ ଦିଲ୍ଲୀ, କୋଲକାତାରୁ ଆସି ଏଠାରେ ପହଞ୍ଚି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ସେମାନଙ୍କ ସୁରକ୍ଷା ଓ ସିଂହପୁର ଅଞ୍ଚଳରେ ସିରିଜ୍ ଚୋରି ରୋକିବାକୁ ଏଠାରେ ନିୟମିତ ରାତ୍ର ପହରା ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

### ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ଭୁବନ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବି



ଭୁବନ(ଭାସ୍କର ନ୍ୟୁଜ): ନ୍ତବଡ ଖବର' ବଲାଙ୍ଗୀର ଜିଲ୍ଲା ପ୍ରତିନିଧି ବିଜୟ ପ୍ରଧାନଙ୍କୁ ଯେଉଁଭଳି ଭାବେ ସ୍ୱଷ୍ଟ ଦିବାଲୋକରେ କଙ୍ଗାରୁ କୋର୍ଟରେ ହାତଗୋଡ ବାନ୍ଧି ମରଣାନ୍ତକ ଆକ୍ରମଣ କରାଗଲା ଏହା ଅତ୍ୟନ୍ତ ଦୁଃଖ, ପରିତାପ ଓ ଲଜ୍ୟା ଜନକ ଘଟଣା। ସାମ୍ବାଦିକଙ୍କୁ ଆକ୍ରମଣ ନୁହେଁ ଏହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ସାମ୍ବାଦିକତା ଉପରେ ଆକ୍ରମଣ ହୋଇଛି। ଏହି ଦୁର୍ଭାଗ୍ୟ ଜନକ ଘଟଣାରେ ପୋଲିସ ଚାରିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଆସାମୀ ଅଦ୍ୟାବଧି ଫେରାର ଅଛି। ଏଭଳି ସମ୍ବେଦନଶୀଳ ଘଟଣାର ମୁଖ୍ୟ ଅଭିଯୁକ୍ତ ସଂପୃକ୍ତ ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କୁ ଅବିଳମ୍ବେ ଗିରଫ କରି ସବୁଦିନ ପାଇଁ ତାଙ୍କ ଠିକାଦାରୀ ଲାଇସେନ୍ସ ବାତିଲ କରିବା ସହିତ ସାମ୍ବାଦିକମନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଭୁବନ ସାମ୍ବାଦିକ ସଂଘ ଦାବି କରିଛି। ଷ୍ଟେଟ ୟୁନିଅନ୍ ଅଫ୍ ଜର୍ଣାଲିଷ୍ଟ (ଏସୟୁଜେ) ଆହ୍ୱାନ କ୍ରମେ ଭୁବନ ସାମ୍ବାଦିକ ସଂଘ ସଭାପତି ମଧୁପ ରଞ୍ଜନ ନନ୍ଦଙ୍କ ନେତୃତ୍ୱରେ ସମ୍ପାଦକ ସୁଶାନ୍ତ କୁମାର ପୋଥାଳ, ରବୀନ ଦାସ, ଦେବାନନ୍ଦ ସାହୁ, ମନୋଜ କୁମାର ପୋଥାଳ, ସଞ୍ଜୟ ନାୟକ, କମଳ ଲୋଚନ ମହାରଣା, ନିରଞ୍ଜନ ଗୁରୁ, ଚିତ୍ତ ରଞ୍ଜନ ମିଶ୍ର, ମାତାଜି ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଭୁବନ ଥାନା ଆଇଆଇସି ଧୀରେନ୍ଦ୍ର ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ଟି, ଆବାସ ସମ୍ପର୍କୀୟ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୮ଟି, ପେନସନ ପାଇବା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ବିକାଶ କୁମାର ମହାନ୍ତି, ତହସିଲଦାର, ବାଲିକୁଦା, ବିକାଶ ରଞ୍ଜନ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପଣ୍ଡିତ ଜବାହରଲାଲ ନେହରୁଙ୍କ ମହାପ୍ରୟାଣ ଦିବସ ପାଳିତ




ପାରାଦ୍ୱୀପ(ଭାସ୍କର ନ୍ୟୁଜ): ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମହାପ୍ରୟାଣ ଦିବସ ପାରାଦ୍ୱୀପ ସ୍ଥିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ମଇ ୨୭ ତାରିଖ ମଙ୍ଗଳବାର ସକାଳେ ଟ୍ରଷ୍ଟ ପକ୍ଷରୁ କୁମ୍ଭୀର ପାର୍କଠାରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏଥି ସହିତ ପାରାଦ୍ୱୀପ ନଗର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସ୍ମୃତି ସଭାରେ ନେହେରୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଧୂପଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସରୋଜ କୁମାର ପ୍ରଧାନ ଓ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଜଗନ୍ନାଥ ଶତପଥୀ, ତ୍ରିନାଥ ମହାନ୍ତି, କୃପାସିନ୍ଧୁ ଦାସ, ସୁଶାନ୍ତ କୁମାର ବାରିକ, ବିଜୟ କୁମାର ସେଠୀ, ସୁନାକର ସେଠୀ ପ୍ରମୁଖ ଯୋଗ ଦେଇ ପଣ୍ଡିତ ନେହେରୁଙ୍କ ଦେଶଭକ୍ତି, ତ୍ୟାଗ ଓ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ।

## କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଦାବିପତ୍ର

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲାରେ ବିଜୟ ପ୍ରଧାନ ନାମକ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ କିଛି ଅସମାଜିକ ବ୍ୟକ୍ତି ମାରଣାନ୍ତକ ଆକ୍ରମଣ କରିବା ଘଟଣାକୁ ରାଜ୍ୟ ହ୍ୟୁମାନ ରାଇଟ୍ସ କାଉନସିଲ ତରଫରୁ ତୀବ୍ର ନିନ୍ଦା କରାଯାଇଛି। ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧ ସମ୍ପର୍କିତ ଖବର ପ୍ରସାରଣ କରିବା ଦ୍ୱାରା ସାମ୍ବାଦିକଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ଅକ୍ରମଣ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଉପରେ ଆକ୍ରମଣ ବୋଲି କାଉନସିଲ ତରଫରୁ ଅଭିଯୋଗ କରାଯାଇ ପୀଡ଼ିତ ସାମ୍ବାଦିକଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ସଂପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହ୍ୟୁମାନ ରାଇଟ୍ସର କର୍ମକର୍ତ୍ତାମାନେ ଏକ ଲିଖିତ ଦାବିପତ୍ର ଚୌଦ୍ୱାର ଥାନା ଆଇଆଇସିଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ହ୍ୟୁମାନ ରାଇଟ୍ସ ରାଜ୍ୟ ସଭାପତି ସସ୍ମିତା ଦାସ, ସଂପାଦକ ନାରାୟଣ ବିଶ୍ୱାଳ, କଟକ ଜିଲ୍ଲା ମହିଳା ଉପସଭାପତି ସବିତା ଦାସ, ସଚିଦାନନ୍ଦ ରାଉତ, ରଞ୍ଜନ କୁମାର ବେହେରା, ସଂଜିତ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସୋରୋଡାରେ ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ

ସୋରଡ଼ା(ଭାସ୍କର ନ୍ୟୁଜ): ସୋରୋଡା ବ୍ଲକରେ ହାତଗଣତି ସାମ୍ବାଦିକ ରହିଥିଲା ବେଳେ ବିଭିନ୍ନ ଗଣମାଧ୍ୟମରେ କାମ କରୁଛି ବୋଲି କହି ମାଳ ମାଳ ନକଲି ସାମ୍ବାଦିକ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ନକଲି ସାମ୍ବାଦିକ ମାନେ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ହେଉଥିବା ଉନ୍ନୟନ କାର୍ଯ୍ୟ ସ୍ଥଳରେ ପହଞ୍ଚି ଦାଇତ୍ୱରେ ଥିବା ଅଧିକାରୀଙ୍କଠାରୁ ଠିକାଦାର ପର୍ଯ୍ୟନ୍ତ ସେମାନଙ୍କ କାମ ଭଲ ହେଉନାହି ବୋଲି କହିବା ସହ ଖବର କାଗଜ, ୟୁଟ୍ୟୁବ୍ ଚାନେଲରେ ଖବର ପ୍ରସାରଣ କରିବା ପାଇଁ ଧମକ ଦେଉଛନ୍ତି। କେବଳ ସେତିକି ନୁହେଁ ଯେକୌଣସି ସ୍ଥାନରେ ସରକାରୀ ବୈଠକ ହେଉ କିମ୍ବା ଦଳୀୟ ବୈଠକ ସେଠାରେ ପହଞ୍ଚି ଯାଇ ଆଗାଧଡିରେ ବସିଯାଉଛନ୍ତି ଓ ବଡ ବଡ ଖବର କାଗଜର ନାମ ନେଉଛନ୍ତି। ଏହି ନକଲି ସାମ୍ବାଦିକ ମାନେ ଗଞ୍ଜାମ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପଞ୍ଜୀକୃତ ସାମ୍ବାଦିକଙ୍କୁ ବଦନାମ୍ କରିବା ପାଇଁ ଏପରିହୀନ କମ କରୁଛନ୍ତି। ଫଳରେ ସଭା ସ୍ଥଳରୁ ଏହି ସମ୍ବାଦିକଙ୍କୁ ଆପଣ ଜାଣିଛନ୍ତି କି ବୋଲି ପଞ୍ଜୀକୃତ ସାମ୍ବାଦିକଙ୍କୁ ଫୋନ ଆସୁଛି। ନକଲି ସାମ୍ବାଦିକମାନେ ନିଜ ଗାଡିରେ ବଡ ବଡ ଅକ୍ଷରରେ ପ୍ରେସ ଲେଖି ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟରେ ପହଞ୍ଚି ଡରେଇ ଧମକେଇ କାର୍ଯ୍ୟ ହାସଲ କରୁଛନ୍ତି। ସୋରଡା ବ୍ଲକ ଅଫିସ କିମ୍ବା ବ୍ଲକର ଯେକୌଣସି ସଭା ସମିତିରେ ଯୋଗ ଦେଇଥିବା ସମୟରେ ସାମ୍ବାଦିକଙ୍କୁ ସ୍ୱତନ୍ତ୍ର ଚିଠିକଲେ ଓ ଗଞ୍ଜାମ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗଠାରୁ ପଞ୍ଜିକୃତ ସାମ୍ବାଦିକଙ୍କ ତାଲିକା ଆଣି ଚିଠି କଲେ କେଉଁମାନେ ନକଲି ସମ୍ବାଦିକ ତାହା ସ୍ୱଷ୍ଟ ହୋଇପାରିବ ଓ ଅଫିସରଙ୍କ କାର୍ଯ୍ୟରେ ବାଧା ମଧ ଉପୁଜିବ ନାହିଁ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ଏଣୁ ସୋରୋଡା ଅଞ୍ଚଳର ସମସ୍ତ ବିଭାଗ ଅଧିକାରୀ, ଠିକାଦାର ଏ ସଂପର୍କରେ ସୂଚନା ଜାଣିବା ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ଅବସ୍ଥିତ ସୂଚନା ଓ ଲୋକସଂପର୍କ ବିଭାଗ ସହିତ ଯୋଗାଯୋଗ କରି ପଞ୍ଜିକରଣ ସାମ୍ବାଦିକଙ୍କ ପଞ୍ଜିକୃତ ତାଲିକା ପାଇବା ସହ ଅସଲି ନକଲି ସାମ୍ବାଦିକଙ୍କ ସୂଚନା ପାଇପାରିବେ ବୋଲି ସୋରୋଡା ପ୍ରେସ୍ କ୍ଲବ୍ ଆଡଭାଇଜର ଆରପାଲି ସାରଥି ଅଞ୍ଚଳବାସୀଙ୍କୁ ଜଣାଇଛନ୍ତି।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଚାଷୀଙ୍କ ସହ ବିଶ୍ୱ ମହୁମାଛି ଦିବସ ପାଳିତ



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ଲାଇକେରାରେ ଏକ ସ୍ପନ୍ଦନଶୀଳ ସମ୍ପ୍ରଦାୟ କାର୍ଯ୍ୟକ୍ରମ ଆୟୋଜନ କରି ବିଶ୍ୱ ମହୁମାଛି ଦିବସ ପାଳନ କରିଛି, ଯାହା ଏହାର ବେଦମୃତ ମହୁ କ୍ଲଷ୍ଟର ବିକାଶ ପ୍ରକଳ୍ପର ଅଂଶବିଶେଷ ୫୦ରୁ ଅଧିକ ସ୍ଥାନୀୟ ଚାଷୀଙ୍କୁ ଏକତ୍ରିତ କରିଥିଲା। ଏହା ପ୍ରାକୃତିକ ପରିସଂସ୍ଥାରେ ମହୁମାଛିଙ୍କ ଅପରିହାର୍ଯ୍ୟ ଭୂମିକା ବିଷୟରେ ସଚେତନତା ପ୍ରସାର କରିବାର ଏକ ଅବସର ଥିଲା, ଯେତେବେଳେ ସ୍ଥାୟୀ ମହୁମାଛି ପାଳନ ମାଧ୍ୟମରେ ସେମାନଙ୍କର ସଂରକ୍ଷଣକୁ ସହାୟତା କରିବାର ପ୍ରୟାସକୁ ସ୍ୱୀକୃତି ଦେଇଥିଲା। ଏହି ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ନ୍ତମଧୁପାଳନ ପରିବେଶଗତ ସ୍ଥିରତା ଏବଂ ଗ୍ରାମୀଣ ସମୃଦ୍ଧି ଉଭୟକୁ ସମର୍ଥନ କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ ହୋଇପାରେ। ବେଦାମୃତ ମହୁ ପ୍ରକଳ୍ପ ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ଚାଷୀମାନଙ୍କୁ ପରିବେଶଗତ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିବା ସହିତ ସ୍ଥାୟୀ ଜୀବିକା ନିର୍ମାଣ କରିବାକୁ ସକ୍ଷମ କରୁଛୁ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଭାରତର ଅଧାରୁ ଅଧିକ ଆଲୁମିନିୟମ୍ ଅର୍ଥାତ୍ ଆର୍ଥିକ ବର୍ଷ ୨୫ରେ ୨.୪୨ ନିୟୁତ ଟନ୍ ଉତ୍ପାଦନ କରୁଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରିଥାଏ। ବେଦାନ୍ତ ଆଲୁମିନିୟମ୍ ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ବିଶ୍ୱ ରାଙ୍କିଂରେ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ଅଗ୍ରଣୀ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

### ବୈଦ୍ୟୁତିକ ସୁରକ୍ଷା ସଚେତନତାକୁ ବ୍ୟାପକ କରିବ ଟିପିଏନ୍‌ଓଡ଼ିଏଲ୍

## କ୍ଷୁଦ୍ର ଓ ପଥପ୍ରାନ୍ତ ନାଟକରେ ବାଣ୍ଟିବ ସଚେତନତା ବାର୍ତ୍ତା



ବାଲେଶ୍ୱର(ଭାସ୍କର ନ୍ୟୁଜ): ସୁରକ୍ଷା ହେଉଛି ଟିପିଏନଓଡ଼ିଏଲର ମୂଳମନ୍ତ୍ର। କର୍ମଚାରୀଙ୍କ ସହ ଜନସାଧାରଣଙ୍କ ସୁରକ୍ଷାକୁ ଟିପିଏନଓଡ଼ିଏଲ ବିଶେଷ ଗୁରୁତ୍ୱ ଦେଉଛି। ତେବେ ଜନସାଧାରଣଙ୍କ ସଚେତନତା ଅଭାବରୁ ଅଧିକାଂଶ ବୈଦ୍ୟୁତିକ ଦୁର୍ଘଟଣା ଘଟୁଥିବା ସୂଚନା ମିଳିଥିବା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମର ନିକଟରେ ନିର୍ମାଣ କାର୍ଯ୍ୟ, ହୁକିଂ ଆଦି ପାଇଁ ଅଧିକ ଦୁର୍ଘଟଣା ଘଟୁଥିବା ଟିପିଏନଓଡିଏଲ ପକ୍ଷରୁ ଏକ ସର୍ଭେକ୍ଷଣ ଦ୍ୱାରା ସୂଚନା ହସ୍ତଗତ ହେବା ପରେ ଏହାକୁ ଭିତ୍ତି କରିବା ସହ ଏ ନେଇ ଅଧିକ ଜନସଚେତନତା ବୃଦ୍ଧି କରିବାକୁ ଗୁରୁତ୍ୱ ଦେଉଛି। ଏଥି ଲାଗି ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବାବେଳେ ସୁରକ୍ଷା ସଚେତନତା ସମ୍ପର୍କିତ ପଦକ୍ଷେପ ଏହି ଟିମ୍ ଗ୍ରହଣ କରିବ। ବିଦ୍ୟାଳୟ ସ୍ତରରେ ପିଲାଙ୍କୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନ କରିବାକୁ ବ୍ୟାପକ ପଦକ୍ଷେପ ନିଆଯିବାକୁ ଥିବାବେଳେ ପଥପ୍ରାନ୍ତ ନାଟକ ମାଧମରେ ମଧ ସଚେତନତାକୁ ଗୁରୁତ୍ୱ ଦିଆଯିବ। କ୍ଷୁଦ୍ର ନାଟକ, କାନ୍ଥରେ ସଚେତନତା ବାର୍ତ୍ତା ଆଦିକୁ ମଧ ସ୍ଥାନିତ କରାଯିବ। ଏନେଇ ସବିଶେଷ ରଣନୀତି ପ୍ରସ୍ତୁତ ହୋଇଥିବା ଟିପିଏନଓଡ଼ିଏଲ ପକ୍ଷରୁ ସୂଚନା ଦିଆଯାଇଛି। ବୈଦ୍ୟୁତିକ ସୁରକ୍ଷା ନେଇ ସଚେତନତା ବ୍ୟାପକ କରିବା ଓ ଧନଜୀବନ ହାନିକୁ ସମ୍ପୂର୍ଣ୍ଣ ରୋକିବା ଟିପିଏନଓଡ଼ିଏଲର ଲକ୍ଷ୍ୟ ରହିଥିବା ବେଳେ ଏହି ଟିମ୍ ପଦକ୍ଷେପ ଗ୍ରହଣ କରିବ। ଅପରପକ୍ଷେ ନିଜ କର୍ମଚାରୀଙ୍କ ସୁରକ୍ଷାକୁ ଟିପିଏନଓଡ଼ିଏଲ ଗୁରୁତ୍ୱ ଦେଇ ସେମାନଙ୍କୁ ହେଲମେଟ, ହର୍ନେସ, ସୁରକ୍ଷା ଜୋତା, ଗ୍ଲୋବ୍ସ ଆଦି ସମସ୍ତ ପ୍ରକାରର ସୁରକ୍ଷା ଉପକରଣ ଯୋଗାଇର ବ୍ୟବସ୍ଥା କରିଛି। ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଥିବାବେଳେ ଜନସାଧାରଣଙ୍କୁ ମଧ ଏହାର ତଦାରଖ ଦାୟିତ୍ୱ ଦେଇଛି। ଟିପିଏନଓଡ଼ିଏଲ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣ ବ୍ୟବହାର ନ କରନ୍ତି ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିଲେ ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସ ଆପ୍ ଯୋଗେ ପଠାଇ ଏହାର ଅଭିଯୋଗ କରି ପାରିବେ। ଏଥି ଲାଗି ଟିପିଏନଓଡ଼ିଏଲ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ କରାଯାଇଥାଏ।



ଆଳି,( ଭାସ୍କର ନ୍ୟୂଜ)ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜକନିକାଠାରେ ପୂର୍ବାହ୍ଣ ୭ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରବୀନ୍ଦ୍ର କୁମାର ମଲ୍ଲିକ, ଉପ-ଜିଲ୍ଲାପାଳ, ଅରୁଣ କୁମାର ନାୟକ, ରାଜକନିକା ବିଡିଓ ଓ ଅତିରିକ୍ତ ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଏସଡିପିଓ, ପଟ୍ଟାମୁଣ୍ଡାଇ , ସହକାରୀ ଜିଲ୍ଲାପାଳ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍ ?ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୬୯ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୬ ଗୋଟି ସାମୁହିକ ଏବଂ ୬୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ୍ ?କାର୍ଡ଼ ପ୍ରଦାନ ନିମନ୍ତେ ନାମ ପଞ୍ଜୀକରଣ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ଭତ୍ତା ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଭୂମିହିନଙ୍କୁ ଜମି ପ୍ରଦାନ ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ ଓ ମରାମତି, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ।



# ଦିବ୍ୟାଙ୍ଗ ମୋନାଲିଙ୍କ ସଫଳତା ଗର୍ବ ଓ ଗୌରବ

- ବିନା ପାଦରେ ନାଚୁଛନ୍ତି ଓଡ଼ିଶୀ, କରୁଛନ୍ତି ସୁଇମିଂ
- ତାଲିମ ନ ପାଇ ମଧ୍ୟ ଜିତିଛନ୍ତି ଜାତୀୟ ପୁରସ୍କାର



ଆଳି, (ଭାସ୍କର ନ୍ୟୁଜ୍ ) : ଝିଅ ହେବ ତ ଏମିତି। ଡାହାଣ ଗୋଡ଼ ନାହିଁ, ତଥାପି ନୃତ୍ୟ, ରାମ୍ପ ଏବଂ ସନ୍ତରଣରେ ମାହିର। ଦିବ୍ୟାଙ୍ଗ ପ୍ରତିଭାଙ୍କୁ ନେଇ ଆଜି ଗାଁ ଠୁ ବ୍ଲକ, ବ୍ଲକ ଠୁ ଜିଲ୍ଲା ସମସ୍ତେ ଗର୍ବିତ। ଏପରି ଏକ ଉଦାହରଣ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନରେନ୍ଦ୍ରପୁର ଗାଁର ବାପା ନଳିନୀକାନ୍ତ ସ୍ୱାଇଁ ଓ ମା ସସ୍ମିତା ସ୍ୱାଇଁଙ୍କ ଦିବ୍ୟାଙ୍ଗ ଝିଅ ମୋନାଲି। ଜନ୍ମ ବେଳୁ ମୋନାଲିଙ୍କର ଗୋଟିଏ ଗୋଡ଼ ନ ଥିଲା। କିନ୍ତୁ ମାଆ-ବାପା ତାଙ୍କର ୬ ମାସରୁ ହିଁ ଓଲଟପୁର ଆଣି କୃତ୍ରିମ ଗୋଡ଼ ଲଗାଇ ଦେଇଥିଲେ। ୬ ମାସରୁ ୨୬ ବର୍ଷ ହେଲା ଏହି କୃତ୍ରିମ ଗୋଡ଼ ସହ ସଂଘର୍ଷ କରି ଜୀବନ ଯୁଦ୍ଧରେ ଲଢ଼ିବା ଶିଖିଯାଇଛନ୍ତି। ଛୋଟ ବେଳୁ ଟିଭି ଦେଖି ନାଚ ଶିଖିଛନ୍ତି। ପିଲା ବେଳୁ ଭଲ ସରକାରୀ ଚାକିରି କରିବା ସହିତ ଭଲ ଅଭିନେତ୍ରୀ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ହେଲେ ଭାଗ୍ୟ ଓ ସମୟ ସାଥ ଦେଇନଥିଲା। ବର୍ତ୍ତମାନ ସେ ସନ୍ତରଣରେ ରାଜ୍ୟ ସହ ଜାତୀୟ ସ୍ତରରେ ମଧ୍ୟ ମେଡାଲ ହାସଲ କରିଛନ୍ତି। ଆଗକୁ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ସହ ପାରାଅଲମ୍ପିକରେ ଭାଗ ନେବାକୁ ଇଚ୍ଛା ରଖିଛନ୍ତି ମୋନାଲି। ଏଥିପାଇଁ ସର୍ବଦା ଅଭ୍ୟାସ ଜାରି ରଖିଛନ୍ତି ସେ । ପିଲାଟି ବେଳୁ ସେ ଭିନ୍ନକ୍ଷମ, ହେଲେ ଭିନ୍ନ ଭିନ୍ନ କ୍ଷେତ୍ରରେ ସେ ସକ୍ଷମ। ଗୋଟିଏ ପାଦ ନାହିଁ, ତଥାପି ସେ ଜାତୀୟ ସ୍ତରରେ ସନ୍ତରଣ ପ୍ରତିଯୋଗିତାରେ ପଦକ ବିଜୟିନୀ। କେବଳ ସନ୍ତରଣ ନୁହେଁ, ଓଡ଼ିଶୀ ନୃତ୍ୟଠାରୁ ରାମ୍ପ ସୋ' ପର୍ଯ୍ୟନ୍ତ ସବୁଥିରେ ସେ ପାରଙ୍ଗମ। ତାଙ୍କୁ ଦେଖିଲେ କେହି କେବେ ଅନୁମାନ କରିପାରିବେ ନାହିଁ ଯେ, ସେ ଜଣେ ଦିବ୍ୟାଙ୍ଗ। ସବୁ ଘାତ ପ୍ରତିଘାତକୁ ଭୃକ୍ଷେପ ନକରି ନିଜ ସ୍ୱପ୍ନରେ ଡେଣା ଲଗାଇ ସେ ଆଗକୁ ଉଡି ଚାଲିଛନ୍ତି। ୨୦୨୪ ମାର୍ଚ୍ଚ ୨୯ରୁ ୩୧ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଗ୍ୱାଲିଅରରେ ହୋଇଥିବା ଜାତୀୟ ପାରା ସ୍ୱିମିଂ ଚାମ୍ପିୟନସିପରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ମୋନାଲି। ଏହା ସହିତ ୨୦୨୩- ୨୦୨୪ ବର୍ଷରେ, ରାଜ୍ୟସ୍ତରରେ ସନ୍ତରଣ ପାଇଁ ସେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜାତୀୟସ୍ତରରେ ପାରାଅଲିମ୍ପିକ୍ସରେ ମଧ୍ୟ ସେ ଅନେକ ପୁରସ୍କାର ପାଇଛନ୍ତି। ଏହା ସହ ଆଗକୁ ଅନ୍ତର୍ଜାତୀୟ ସ୍ତରରେ ଅଲିମ୍ପିକରେ ପାରା ଆଥଲେଟ ଭାବେ ପଦକ ଜିତିବା ଲକ୍ଷ୍ୟ ରଖିଛନ୍ତି ମୋନାଲି। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ସେ ଭୁବନେଶ୍ୱରରେ ରହି ଇଣ୍ଟରନ୍ୟାସନାଲ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବାକୁ ଅଭ୍ୟାସ କରୁଛନ୍ତି। ଶାରୀରିକ ଅକ୍ଷମତା କେବେ ତାଙ୍କ ମନ ବଳକୁ ଭାଙ୍ଗି ପାରିନି। ପିଲାଟି ବେଳୁ ଡାହାଣ ଗୋଡର ଆଣ୍ଠୁ ପାଖରୁ ତଳକୁ ନାହିଁ ଓ ଅନ୍ୟ ଗୋଡର ଆଙ୍ଗୁଠି ସବୁ ଛୋଟ। ହେଲେ ସେସବୁକୁ ଖାତିର ନକରି ସନ୍ତରଣରେ ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ସନ୍ତରଣ ନୁହେଁ ପାଦ ନ ଥାଇ ବି କୃତ୍ରିମ ଗୋଡ଼ରେ ସେ ଘୁଙ୍ଗୁର ପିନ୍ଧି ଓଡ଼ିଶୀ ନାଚନ୍ତି। କ୍ଲାସିକାଲ ହେଉ କି ସେମି କ୍ଲାସିକାଲ, ସବୁ ନୃତ୍ୟରେ ସେ ପାରଦର୍ଶିତା ଦେଖାଇଛନ୍ତି। ଏହା ସହିତ ମୋନାଲି ପାଠପଢାରେ ମଧ୍ୟ ଦକ୍ଷ। ଭୁବନେଶ୍ୱରରେ ଗ୍ରାଜୁଏସନ ସାରିବା ପରେ ଖୋର୍ଦ୍ଧାରେ ଥିବା ସ୍ପେଶାଲ ଆଇଟିଆଇରେ ପାଠପଢା ଶେଷ କରିଛନ୍ତି। ମୋନାଲି ସ୍ୱାଇଁ କୁହନ୍ତି, 'ପିଲାଟି ବେଳରୁ ଗୋଡ଼ ଆଉ ହାତ ସମସ୍ୟା ଥିଲା। ଛୋଟବେଳେ ଗାଁ ନଈରେ ଅନ୍ୟ ପିଲାମାନଙ୍କ ସହ ମୁଁ ବି ପହଁରେ। ସେତେବେଳୁ ସୁଇମିଂରେ କିଛି କରିବା ପାଇଁ ଚିନ୍ତା କରିଥିଲି। ଯେତେବେଳେ ଜାଣିଲି ଯେ, ପାରା ସୁଇମିଂ ବୋଲି କିଛି ଅଛି, ସେବେଠାରୁ ପହଁରିବା ଅଭ୍ୟାସ ଆରମ୍ଭ କରିଥିଲି। ଅନ୍ୟପଟେ ମୋନାଲିଙ୍କର ନୃତ୍ୟର ସଉକ ମଧ୍ୟ ଥିଲା। ଘରେ ଅର୍ଥ ଅଭାବ ଥିବାରୁ ନିଜେ ଟଙ୍କା ଯୋଗାଡ କରି ଅଭ୍ୟାସ କରନ୍ତି। ଭୁବନେଶ୍ୱରରେ ରହି ଏଭଳି ଅଭ୍ୟାସ କରିବା କଷ୍ଟକର। ଗାଁରେ ବାପା-ମାଆ ଓ ଦୁଇ ଭାଇ ରହୁଛନ୍ତି। ବାପା ଚାଷ କାମ କରନ୍ତି। ସେଥିରୁ ଯାହା ଆସେ ସେଥିରେ ଘର ଚଳେ। ମୋନାଲି ପ୍ରତ୍ୟେକ ଦିନ ସକାଳ ସମୟରେ କଳିଙ୍ଗ ଷ୍ଟାଡିୟମରେ ୪୫ ମିନିଟ ଓ ସନ୍ଧ୍ୟାରେ ରେଲୱେ ଷ୍ଟାଡିୟମରେ ୪୫ ମିନିଟ ସନ୍ତରଣ ଅଭ୍ୟାସ କରନ୍ତି। ହେଲେ ଏତେ ସବୁ ସଫଳତା ଓ ଦକ୍ଷତା ପରେ ମଧ୍ୟ କୃତ୍ରିମ ଗୋଡ଼ ବ୍ୟବହାର ପାଇଁ ସେ କ୍ଷତବିକ୍ଷତ ହୋଇ କଷ୍ଟ ଯନ୍ତ୍ରଣା ପାଆନ୍ତି। ସମସ୍ତ ବାଧାବିଘ୍ନକୁ ଏଡାଇ ସଫଳତା ପରେ ସଫଳତା ପାଉଥିବା ମୋନାଲିଙ୍କୁ ଆଗକୁ ବଢିବାକୁ ଲକ୍ଷ୍ୟ ରଖିଥିବା ବେଳେ ଯଦି ସରକାର ଯୁବ ପ୍ରତିଭାବାନ ଝିଅକୁ ସହାୟତାର ହାତ ବଢ଼ାଇଲେ ମୋନାଲି ରାଜ୍ୟ ପାଇଁ ଆହୁରି ସୁନାମ ଅର୍ଜନ କରି ପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ମନରେଗା ଯୋଜନାରେ ଶ୍ରମିକ ବଦଳରେ କାମ କରୁଛି ମେସିନ୍: ମାଲାମାଲ୍ ଠିକାଦାର



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଅନ୍ତର୍ଗତ ଟିଗଲ ଗ୍ରାମପଞ୍ଚାୟତରେ ମନରେଗା କାର୍ଯ୍ୟରେ ଅନିୟମିତତା ଦେଖାଦେଇଛି। ମନରେଗା ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଯେତେ ଚେଷ୍ଟା କଲେ ମଧ୍ୟ ପଞ୍ଚାୟତସ୍ତରୀୟ ଓ ବ୍ଲକ୍ସ୍ତରୀୟ କର୍ମଚାରୀମାନେ ସ୍ଥାନୀୟ ରାଜନୈତିକ ନେତାଙ୍କ ପ୍ରଭାବରେ ଦୁର୍ନିତି ପରେ ଦୁର୍ନିତି କରିଚାଲିଛନ୍ତି। ଯୋଜନାରେ ସଂପୃକ୍ତ ଜବକାର୍ଡ ଧାରୀ କାମ ନପାଇ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିବା ବେଳେ ଏହି ଯୋଜନାରେ ମେସିନ ଦ୍ୱାରା କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଏକ ଚିତ୍ର ଟିଗଲ ଗ୍ରାମ ପଞ୍ଚାୟତର ଏମ୍‌ପିଭି ୬୫ ଗ୍ରାମର ବିଭିନ୍ନ ପୋଖରୀ, ରାସ୍ତା କାର୍ଯ୍ୟରେ ମେସିନ ବ୍ୟବହାର ହେଉଅଛି। ସୂଚନା ମୁତାବକ ଆର୍ଥିକ ବର୍ଷ ୨୦୨୪-୨୫ରେ ଯାହାର କୋଡ଼ ନମ୍ବର ୨୫୩୧୦୧୦୦୨୦/ଆଇଏଫ୍/୧୨୯୫୫୫, ୧୨୮୧୧୧, ୧୧୨୮୩୧୦୫। ପୋଖରୀ ରାସ୍ତ ଓ ଅମୃତ ସରୋବର ପରି ଅନେକ କାର୍ଯ୍ୟକୁ ମେସିନ୍ ଦ୍ୱାରା କରି ରାତାରାତି ଶେଷ କରି ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି କି ମେସିନ ଦ୍ୱାରା ହୋଇଥିବା କାର୍ଯ୍ୟର ଦାନ୍ତ ଚିହ୍ନ ଓ ଚକ ଚିହ୍ନ ଯନ୍ତ୍ରୀ କିମ୍ବା ପଂଚାୟତ ଅଧିକାରୀଙ୍କ ନଜରକୁ କିପରି ଆସିପାରିଲା ନାହିଁ? ଠିକାଦାର ମେସିନ ସାହାଯ୍ୟରେ କାମଗୁଡିକ ଶେଷ କରିଦେଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରମିକମାନଙ୍କ ଉପସ୍ଥାନ ସରକରୀ ଖାତାରେ ଦେଖା ଯାଉଛି । ଏହାର ପରିଣାମରେ ଜିଲ୍ଲାରେ ଦାଦନ ଶ୍ରମିକ ସଂଖ୍ୟା କମ୍ ହେବାର ନା ଧରୁନାହିଁ। ଏ ନେଇ ସଂପୃକ୍ତ ଅଧିକାରୀ ଏପିଓଙ୍କ ସହ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଯାଞ୍ଚ ହେବ କେବେ ଓ ପ୍ରକୃତ ହିତାଧିକାରୀଙ୍କୁ କାମ ମିଳିବ କେବେ ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା।

# ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସମ୍ମିଳନୀ କକ୍ଷ ଠାରେ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୪ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ଏହା ମଧ୍ୟରୁ ୧୪ ଗୋଟି ଗୋଷ୍ଠୀ ଗତ ସମସ୍ୟା ରହିଥିବା ବେଳେ ୩୦ ଗୋଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ରହିଥିଲା। ସେଥିମଧ୍ୟରେ ଲୋ ଭଲ୍‌ଟେଜ୍, ସୋଲାର ପମ୍ପ, ଜାଗା ଚିହ୍ନଟ ଆଦି ସମସ୍ୟା ସହ ବିଭିନ୍ନ ସମସ୍ୟା ନେଇ ଆପତ୍ତି ଅଭିଯୋଗ ଆସିଥିଲା। ବହୁବିଧ ସମସ୍ୟା ଉପରେ ଆପତ୍ତି ଅଭିଯୋଗର ଏଡିଏମ୍, ସବ କଲେକ୍ଟର, ଏସ୍‌ଡବ୍ଲୁଓ ଶୁଣାଣି କରି ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ଏହି ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହ ଜିଲ୍ଲାସ୍ତରୀୟ ଅଧିକାରୀ ଗଣ, ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ, ସ୍ଥାନୀୟ ତହସିଲଦାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ସହ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାମ୍ବାଦିକଙ୍କୁ ମରଣାତ୍ମକ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତ ଠିକାଦାରଙ୍କୁ ଗିରଫ ଦାବିରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ମୁରିବାହାଲ (ଭାସ୍କର ନ୍ୟୁଜ ) ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକର ବରିଷ୍ଠ ସାମ୍ବାଦିକ ବିଜୟ ପ୍ରଧାନ ନିମ୍ନମାନର ଗାର୍ଡୱାଲ ସମ୍ପର୍କିତ ଦୁର୍ନୀତି ଖବର ସଂଗ୍ରହ ପାଇଁ କୁଲଥିପାଲି ଗାଁକୁ ଯାଇଥିବା ସମୟରେ ଦୁର୍ନୀତିଗ୍ରସ୍ତ ଠିକାଦାର ଗଜେନ୍ଦ୍ର ଦଳେଇଙ୍କ ସହ ତାଙ୍କ ସହଯୋଗୀମାନେ ବିଜୟ ପ୍ରଧାନଙ୍କୁ ହାତଗୋଡ ବାନ୍ଧି ଗାଳିଗୁଲଜ ସହିତ ତିନି ଘଣ୍ଟା ପର୍ଯ୍ୟନ୍ତ ନିର୍ଘୃମ ମାଡମାରି ଥିଲେ। ପରେ ପାଖରେ ଥିବା ମନ୍ଦିରକୁ ନେଇ ଆଉ କେବେ ଏହି ବିଷୟରେ ଖବର ପ୍ରସାରଣ ନ କରିବା ପାଇଁ ଶପଥ କରାଇଥିଲେ। ଘଟଣାଟିକୁ ପାଞ୍ଚ ଦିନ ବିତିଯାଇଥିବା ସତ୍ତ୍ୱେ ବଲାଙ୍ଗୀର ପୋଲିସ ଘଟଣାରେ ସମ୍ପୃକ୍ତ ଅନ୍ୟ ୪ଜଣଙ୍କୁ ସୋମବାର ସୁଦ୍ଧା ଗିରଫ କରିଥିବା ବେଳେ ତଥାକଥିତ ମୁଖ୍ୟ ଅଭିଯୁକ୍ତ ଓ ଠିକାଦାର ଗଜେନ୍ଦ୍ର ଦଳେଇଙ୍କୁ ଆଜି ପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ନିର୍ଘୃମ ମାଡମାରି ରକ୍ତାକ୍ତ କରିବା ପ୍ରମାଣ ପାଇଲା ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିନଥିବାରୁ ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଆସନ ପକ୍ଷରୁ ଏ ବିଷୟରେ ତୁରନ୍ତ ତଦାରଖ କରି ପଦକ୍ଷେପ ନେଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ଏହା ସହିତ ଓଡ଼ିଶାରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନକୁ କଡାକଡି ଲାଗୁକରିବା ପାଇଁ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି। ମୁରିବାହାଲ ଥାନା ଆଇଆଇସି ସିପୋରା ସରାୟ ଲୁଗୁନଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ ସଭାପତି ଦୁର୍ଗାନନ୍ଦ ମହାକୁରଙ୍କ ନେତୃତ୍ୱରେ ଉପଦେଷ୍ଟା ଭଗବାନ ମହାନ୍ତି, କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ସାହୁ, ଉପସଭାପତି ପ୍ରେମାନନ୍ଦ ତାଣ୍ଡି, ଗିରିଧାରୀ ସାହୁ, ସାଧାରଣ ସମ୍ପାଦକ ଜୟନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ନବୀନ କୁମାର ତାଣ୍ଡି ଓ ହୃଦାନନ୍ଦ ବାଗଙ୍କ ସହ ଆସୋସିଏସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସାବିତ୍ରୀ ବ୍ରତ ପାଳିଲେ ଶତାଧିକ ମହିଳା

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସଦର ମହକୁମାରେ ସଧବା ମହିଳାମାନେ ସୋମବାର ଦିନ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଜିଲ୍ଲାସଦରରେ ଥିବା ଜଗନ୍ନାଥ ମନ୍ଦିର, ଚଉଁରା ମୂଳ ଓ ଅନେକ ମହିଳା ନିଜନିଜ ଘରେ ପୂଜାର୍ଚ୍ଚନା କରି ବ୍ରତ ପାଳିଛନ୍ତି। ଏହି ଅବସରରେ ସତ୍ୟବାନ ଓ ସାବିତ୍ରୀଙ୍କ ପ୍ରତିମୂର୍ତ୍ତି କରି ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରିବା ସହ ନୂଆ ପୋଷାକ ପରିଧାନ କରି ଫଳ ଆହାର କରି ରହିଥିବା ଦେଖିବାକୁ ମିଳିଛି। ସାବିତ୍ରୀ ବ୍ରତକୁ ନେଇ ଫଳ ବଜାରରେ ବେସ ଚହଳ ଖେଳି ଯାଇଥିଲା । ଫଳ ଗୁଡିକର ଦରଦାମ ଆକାଶ ଛୁଆଁ ହୋଇଥିବାବେଳେ ବ୍ୟବସାୟୀମାନେ ଭଲ ଦୁଇ ପଇସା ରୋଜଗାର କରିଥିବା ଦେଖିବାକୁ ମିଳିଛି।

# ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜୋନ୍‌ସ୍ତରୀୟ ଚାମ୍ପିୟନସିପ୍ ପାଇଁ ୨୪ ଖେଳାଳିଙ୍କ ବ୍ରହ୍ମପୁର ଗସ୍ତ



ମାଲକାନଗିରି(ଭାସ୍କର ନ୍ୟୁଜ୍): ୧୬ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି ଜୋନସ୍ତରୀୟ ଚାମ୍ପିୟନଶିପ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ ତାରିଖରୁ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଭାଗ ନେବାପାଇଁ ମାଲକାନଗିରି ଜିଲାର ୨୪ ଖେଳାଳି ସୋମବାର ବ୍ରହ୍ମପୁର ଯାତ୍ରା କରିଛନ୍ତି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଜିଲା ଆଥଲେଟିକ ସଂଘ ସମ୍ପାଦକ ରାମହରି ପଣ୍ଡା, କୋଷାଧ୍ୟକ୍ଷ ପ୍ରସାଦି ରାଓଙ୍କ ସହ ସମ୍ପାଦକ ଗୋପିକୃଷ୍ଣ ପଟ୍ଟନାୟକ ପ୍ରମୁଖ ସ୍ଥାନୀୟ କ୍ରୀଡା କମ୍ପ୍ଲେକ୍ସରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲାପାଳ ଶ୍ରୀ ପ୍ରଧାନ ଯୁବ ପ୍ରତିଭାର ଅନ୍ୱେଷଣ ସହ କ୍ରୀଡାବିତ୍ ?ମାନଙ୍କୁ କ୍ରୀଡାନୈପୁଣ୍ୟ ପ୍ରଦର୍ଶନ ପାଇଁ ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ ସମସ୍ତ ପ୍ରକାର ସହାୟତା ଯୋଗାଇଦେବ ବୋଲି କହିଥିଲେ। ପ୍ରକାଶ ଥାଉ କି,ଏପ୍ରିଲ ୭ରେ ମାଲକାନଗିରି ସ୍ପୋର୍ଟ କମ୍ପ୍ଲେକ୍ସରେ ଜିଲାର ୭ ବ୍ଲକର ୮ ଟି ଦଳକୁ ନେଇ ମୁଖ୍ୟମନ୍ତ୍ରୀ ଟ୍ରଫିର ଜିଲାସ୍ତରୀୟ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ୮ ଟି ଦଳର ୫୦ ଜଣ ଉ□ମ ଖେଳାଳିଙ୍କୁ ଚୟନ କରାଯାଇଥିଲା।

# ଜିଲ୍ଲା ଆଦିବାସୀ ସମାଜ ମହାସଂଘର ଜାଗା ଚିହ୍ନଟ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲାରେ ୫୦ ଭାଗରୁ ଉର୍ଦ୍ଧ୍ୱ ଆଦିବାସୀ ରହିଛନ୍ତି ଦୀର୍ଘ ଦିନଧରି ଆଦିବାସୀ ସମୁଦାୟ ପକ୍ଷରୁ ବିଭିନ୍ନ ଦାବି ନିମନ୍ତେ ଆନ୍ଦୋଳନ କରାଯାଉଥିବା ମିଳିତ ଜିଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ଏକ ସ୍ଥାୟୀ ଗୃହ ନିର୍ମାଣ ପାଇ ଦାବି ହୋଇଆସୁଥିଲା ଏହି କ୍ରମରେ ଗତକାଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ ଚଲାଣ ଗୁଡା ପଂଚାୟତ ର ସିଆଡିମାଳ ଠାରେ ଜାଗା ନିରୂପଣ କରାଯିବା ସହ ଜିଲା ଆଦିବାସୀ ସମାଜ ମହାସଂଘର ବନ୍ଧୁ ମୁଦୁଲି ଓ ଜିଲା ବିଜେଡି ବରିଷ୍ଠ ନେତା ଦୂର୍ଗାପ୍ରସାଦ ତ୍ରିପାଠୀଙ୍କ କରକମଳରେ ଶୁଭ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମାଜ ମହାସଂଘର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଏସସି, ଏସଟି କ୍ରିୟାନୁଷ୍ଠାନ ସଭାପତି ଜରା ସବର ମାଢ଼ି, ଦଣ୍ଡକାରଣ୍ୟ ଲିବରେସନ ଅରଗାନାଇଜେସନ ସଭାପତି ଲଳିତ ମାଡକାମୀ, ବୁଦ୍ରା କର୍ତ୍ତାମୀ, କୁନ୍ଦ ମାଝୀ, ସମାରୁ ନାୟକ, ନୀଳକଣ୍ଠ ଡୋରା, ଈଶ୍ୱର ମାଡକାମୀ ଓ ବାଗା ମାଢ଼ି ପ୍ରମୁଖ ଉପସ୍ଥିତ ଥିଲେ।

# ୩ଦିନ ହେଲା ପିଏଚ୍‌ଡି ପାଣି ସପ୍ଲାଏ ବନ୍ଦ

କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡା ଏନ୍‌ଏସିରେ ପାନୀୟ ଜଳର ଘୋର ସଙ୍କଟ ଦେଖାଦେଇଛି। ୩ ଦିନ ହେଲା ପିଏଚଡ଼ି ପାଣି ସପ୍ଲାଏ ସମ୍ପୂର୍ଣ୍ଣ ଫେଲ ମାରିଥିବା ସତ୍ତ୍ୱେ ବିଭାଗୀୟ ତଥା ପ୍ରଶାସନିକ ଅଧିକାରୀଙ୍କ ଏଥିପ୍ରତି ଆଦୌ ଆନ୍ତରିକତା ନଥିବା କୁଚିଣ୍ଡା ନଗରବାସୀଙ୍କୁ ନିରାଶ କରିଛି। ନେତା, ମନ୍ତ୍ରୀ, ଯନ୍ତ୍ରୀ ଏ ଦିଗରେ କାହାରି ତତ୍ପରତା ପ୍ରକାଶ ନ ପାଇବା ଦୁର୍ଭାଗ୍ୟ ଜନକ। ଆଉ କେତେ ଦିନ ଡହଳ ବିକଳ ହେବେ କୁଚିଣ୍ଡାବାସୀ ତାହା ଦେଖିବାକୁ ବାକି ରହିଲା। ପୂର୍ବ ବର୍ଷ ଭଳି ୱାର୍ଡକୁ ୱାର୍ଡ଼ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ଅବିଳମ୍ବେ କରାଯିବାକୁ ବିଶେଷ ଅନୁରୋଧ କରିଛନ୍ତି ଏନ୍‌ଏସିର ଜନସାଧାରଣ। ପ୍ରାପ୍ତ ସୂଚନାମତେ, କୁଚିଣ୍ଡା ଖରଲାନଦୀରୁ ଆସୁଥିବା ପିଏଚଡ଼ି ପାଣି ଉପରେ ନିର୍ଭର କରିଥାଏ କୁଚିଣ୍ଡା ସହର। ଏବେ ନଦୀର ଜଳସ୍ତର ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସୁଖି ଯାଇଛି। ତେଣୁ ପିଏଚଡ଼ି ପମ୍ପ ସାହାଯ୍ୟରେ ଯୋଗାଣ କ୍ଷମତାକୁ ଧ୍ୟାନ କରି ପାଣି ଭର୍ତ୍ତି କରିବା ସହ, ସହରକୁ ପର୍ଯ୍ୟାୟଭିତ୍ତିରେ ଜଳଯୋଗାଣ କରୁଛି। ତେଣୁ କେଉଁ ୱାର୍ଡକୁ ପାଣି ସପ୍ଲାଏ ହେଉଛି ତ କେଉଁ ୱାର୍ଡକୁ ୩/୪ ଦିନ ଧରି ଯୋଗାଣ ହେଉନାହିଁ। ତେଣୁ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ସାଧାରଣ ଜନତା ଡ଼ହକ ବିକଳ ହେଉଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ସଂପୃକ୍ତ ୱାର୍ଡମାନଙ୍କରେ ଟ୍ୟାଙ୍କର ପାଣି ଯୋଗାଣ ନିମନ୍ତେ ସବୁ ମହଲରେ ଦାବି ହେଉଛି।

# ଗୁରୁକୃପା ଶିକ୍ଷା ଅନୁଷ୍ଠାନର ଶହେ ପ୍ରତିଶତ ଫଳାଫଳ



ଉମରକୋଟ (ଭାସ୍କର ନ୍ୟୁଜ୍): ଆଦିବାସୀ ଅଧୁଷିତ ନବରଙ୍ଗପୁର ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ଦିନକୁ ଦିନ ଉନ୍ନତି ଆସୁଥିବା ପରିଲକ୍ଷିତ ହେଉଛି। ଏହି ଜିଲ୍ଲାରେ ଥିବା ସମସ୍ତ ଶିକ୍ଷା ଅନୁଷ୍ଠାନ ମାନଙ୍କର ଚଳିତବର୍ଷ ସିବିଏସ୍‌ଇ ପରୀକ୍ଷା ଫଳ ଗ୍ରାଫ ଆକାଶଛୁଆଁ ହୋଇଥିବା ବେଳେ, ଆଜି ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଗୁରୁକୃପା ପୁଣି ସଫଳତାର ଶୀର୍ଷରେ ଥିବା ଜଣାପଡିଛି । ସୂଚନା ଅନୁଯାୟୀ ଗତ କିଛି ଦିନ ପୂର୍ବରୁ ରାଜ୍ୟରେ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା, ହେଲେ କୌଣସି କାରଣ ବଶତଃ ଏହି ଅନୁଷ୍ଠାନର ପରୀକ୍ଷା ଫଳ ପ୍ରକାଶିତ ହୋଇ ପାରିନଥିଲା। ଯାହାକି ଆଜି ପ୍ରକାଶିତ ହୋଇଛି। ସିବିଏସ୍‌ଇ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀର ବାର୍ଷିକ ପରୀକ୍ଷା ୨୦୨୫ ଫଳାଫଳ ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଗୁରୁକୃପା ପବ୍ଲିକ୍ ସ୍କୁଲ୍ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଫଳାଫଳର ଇତିହାସକୁ ଦୋହରାଇ ଶତ ପ୍ରତିଶତ ସଫଳତା ହାସଲ କରିଛି। ସୂଚନା ଅନୁଯାୟୀ ଉକ୍ତ ଅନୁଷ୍ଠାନର ସର୍ବମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀରେ ଓ ୬୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୧୧ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ସଫଳତା ଅର୍ଜନ କରିଛନ୍ତି। ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସରୋଜ ପାଲ୍ ୯୧.୬% ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବେଳେ ସିଦ୍ଧାନ୍ତ ସାହୁ ୮୪.୬% ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏବଂ ପ୍ରଦୀପ ଗଣ୍ଡ ୮୨.୨% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଓ ଅନୁଷ୍ଠାନର ଏହି ଅପାର ସଫଳତା ପଛରେ ଉତ୍ତମ ଶିକ୍ଷାଦାନ ବ୍ୟବସ୍ଥା, ଅନୁଶାସନ, ଭୟମୁକ୍ତ ପରିବେଶ ଏବଂ ଉଚ୍ଚ ଶିକ୍ଷିତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଅଭିଭାବକଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି ଅନୁଷ୍ଠାନର ସଭାପତି ଶ୍ରୀ ମନୋଜ କୁମାର ପାତ୍ରୀ। ସେହିପରି ସମ୍ପାଦିକା ସାଗରିକା ପଟ୍ଟନାୟକ, ଅଧ୍ୟକ୍ଷା ସ୍ୱପ୍ନା ପାଣିଗ୍ରାହୀ, ପି. ଆର. ଓ ଇଂ. ଚନ୍ଦନା ମଲ୍ଲିକ ସମସ୍ତ କୃତି ଛାତ୍ର ଛାତ୍ରୀ, ଅଭିଭାବକ ତଥା ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବର୍ଷାରେ ଭୁଶୁଡ଼ିଲା ଭାରତର ସର୍ବବୃହତ ଟନେଲ୍



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଡ଼େନିଗଡରେ ରେଲୱେ ଟନେଲ କାମରେ ବଡ ଅଘଟଣ ଘଟିଛି। ଦିନ ପ୍ରାୟ ୧୧:୪୫ ସମୟରେ ଭୁସୁଡ଼ିଲା ଭାରତର ସର୍ବ ବୃହତ ଟନେଲ। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େନିଗଡ଼ ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗୀର ରେଲୱେର ଚାରି ନମ୍ବର ଟନେଲ ଯାହାକି ଭାରତର ସର୍ବ ବୃହତ ଟନେଲ। ଯାହାର ଲମ୍ବ ପ୍ରାୟ ଚାରି କିଲୋମିଟରରୁ ଅଧିକ। ଆଡ଼େନିଗଡ଼ ଠାରୁ ଅନତି ଦୂର କଖାରୁଫାଳ ନିକଟରେ ଟନେଲଟି ଭୁସୁଡ଼ି ଯାଇଛି। ପ୍ରାୟ ୩୦ ଫୁଟରୁ ଉର୍ଦ୍ଧ ତଳକୁ ମାଟି ଭୁସୁଡ଼ି ଯାଇଛି। ତେବେ ନିମ୍ନମାନର କାର୍ଯ୍ୟ ପାଇଁ ଏମିତି ଅଘଟଣ ଘଟିଥାଇପାରେ ବୋଲି ଯାହା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଭୁସୁଡ଼ି ଯାଇଥିବା ଟନେଲର ଚାରି ପଟେ ଆବଦ୍ଧ କରିଦିଆଯାଇଛି। ଟନେଲ ଭିତରେ କିଏ କିଏ, କେତେ ଜଣ କାମ କରୁଥିଲେ, କେତେଜଣ ମୃତ ନା କେତେ ଜଣ ଆହତ ଏ ବାବଦରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ମୁହଁ ଖୋଲୁ ନାହାନ୍ତି। ସୂଚନା ଥାଉ କି ଉକ୍ତ ଟନେଲ କାର୍ଯ୍ୟ ଗ୍ରିଲ ନାମକ ଏକ ଠିକା ସଂସ୍ଥା କରୁଥିଲା। ଏ ବାବଦରେ ଖବର ସଂଗ୍ରହ କରିବା ପାଇଁ କୌଣସି ଗଣ ମାଧ୍ୟମକୁ ମଧ୍ୟ ପାଖକୁ ଛାଡୁନାହାନ୍ତି। ତେବେ ଏହି ଟନେଲଟି କେମିତି ଭୁସୁଡ଼ିଲା, କେତେ ଜଣ କାର୍ଯ୍ୟରତ ଥିଲେ, କେତେ ଜଣ ମରିଛନ୍ତି, କେତେ ଜଣ ଆହତ ହୋଇଛନ୍ତି ତାର ଏକ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଜୁନ ୫ରେ ଖୋଲିବ ରବି ମଣ୍ଡି

କୋରାପୁଟ, (ଭାସ୍କର ନ୍ୟୁଜ୍): ଆସନ୍ତା ମାସ ଜୁନ ୫ତାରିଖରେ ରବି ମଣ୍ଡି ଖୋଲିବ ବୋଲି ଜିଲ୍ଲାପାଳ ପତ୍ର ମାଧ୍ୟମରେ ଜଣାଇଛନ୍ତି। ପୂର୍ବରୁ ଜିଲ୍ଲା ପ୍ରକ୍ୟୁମେଣ୍ଟ ବୈଠକରେ ମେ ୨୫ତାରିଖରେ ରବି ମଣ୍ଡି ଖୋଲିବାକୁ ସ୍ଥିର କରାଯାଇଥିଲା । ହେଲେ ଲଘୁଚାପ ଜନିତ ବର୍ଷା, ଧାନ ଅମଳ ସମ୍ପର୍କରେ କୃଷି ବିଭାଗର ରିପୋର୍ଟକୁ ଦୃଷ୍ଟିରେ ରଖି ରବିମଣ୍ଡି ଜୁନ ୫ରେ ଖୋଲାଯିବ ବୋଲି ସ୍ଥିର କରାଯାଇଛି। ଜିଲ୍ଲା ପ୍ରକ୍ୟୁମେଣ୍ଟ ବୈଠକରେ ମେ ୨୫ତାରିଖରେ ରବି ମଣ୍ଡି ଖୋଲିବା ଲାଗି ସ୍ଥିର କରାଯାଇଥିଲା । ଏହି ସମୟରେ କୁନ୍ଦୁରା ବ୍ଲକର ଧାନ ଅମଳ ହୋଇଥିବ ବୋଲି ଆକଳନ କରାଯାଉଥିଲା । ତେଣୁ କୁନ୍ଦୁରା ବ୍ଲକର ମଣ୍ଡି ଉଦ୍‌ଘାଟନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ସେହି ବ୍ଲକରେ ମାତ୍ର ୨୦ପ୍ରତିଶତ ଧାନ ଅମଳ ହୋଇଥିବା, ଆସନ୍ତା ଦୁଇ ଦିନ ମଧ୍ୟ ବର୍ଷା ହେବାର ସମ୍ଭାବନ ଥିବା ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଥିଲା । ସୂଚନାଥାଉକି, ୨୫ତାରିଖରେ ମଣ୍ଡି ଖୋଲିବା ଲାଗି ନିଷ୍ପତି ନିଆଯାଇଥିଲେ ହେଁ ମିଲରଙ୍କ ସହ ଯୋଗାଣ ବିଭାଗର ଚୁକ୍ତି ହୋଇନି । ଜିଲ୍ଲା ମିଲର୍ସ ଭାଗ ନେବେ ନାହିଁ ବୋଲି ଜଣାଇବା ପରେ ବାଲାଙ୍ଗିର ସହ ଅନ୍ୟ ଜିଲ୍ଲାର ମିଲର ଏଠାକାର ମଣ୍ଡିରୁ ଧାନ ଉଠାଇବେ । ହେଲେ କେଉଁ କେଉଁ ମିଲର ଧାନ ଉଠାଇବେ, ତାହାର ତାଲିକା ପ୍ରସ୍ତୁତ ହୋଇନଥିବା ଜଣାପଡିଛି । ଏମିତିକି କେଉଁ ମିଲର ଓ କ୍ରୟକାରୀ ସଂସ୍ଥା କେତେ ଧାନ ଉଠାଇବେ ତାହାର ଟାର୍ଗେଟ ମିଳିନି । ଅନ୍ୟ ପକ୍ଷରେ ଚାଷୀଙ୍କ ପାଖକୁ ଟୋକେନ ଆସିନି । ଏସମସ୍ତ କାରଣରୁ ମଣ୍ଡି ଘୁଞ୍ଚା ଯାଇଥିବା ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି ।



# ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ଗୁରୁତର



ବୌଦ୍ଧ(ଭାସ୍କର ନ୍ୟୁଜ୍): ସୋମବାର ଦିନ ୨ ଘଣ୍ଟା ସମୟରେ ବୌଦ୍ଧ ଥାନା ମୁଣ୍ଡାପଡା ଗ୍ରାମ ପଞ୍ଚାୟତର ଖମାରୀପଡା ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ସୁଜିତ ମହାକୁଡ ନିଜ ବାଡି ପଟେ ଥିବା ଏକ ବିଦ୍ୟୁତ୍ ଚାଳିତ ପାଣି ପମ୍ପ ଚଳାଇବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଥିଲେ। ତାଙ୍କର ଦୁଇ ଗୋଡ ଓ ହାତରେ ଆଘାତ ହେବା ସହ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ଆଣିଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି ।




ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସହିଦ ଦିବସ ଓ ପହଲଗାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଥିବା ପର୍ଯ୍ୟଟକ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ଯୁବ କଂଗ୍ରେସ ପକ୍ଷରୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବଡଚଣା ସ୍ଥିତ ବିଦ୍ୟା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନଗୃହ ଆମଘର ପିଲା ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଯାଜପୁର ଜିଲ୍ଲା ଯୁବ କଂଗ୍ରେସର ପ୍ରାକ୍ତନ ସାଧାରଣ ସଂପାଦକ ଚର୍ଚ୍ଚିତ ମାହାଲାଙ୍କ ନେତୃତ୍ୱରେ ବଡଚଣା ଯୁବ କଂଗ୍ରେସର ପୂର୍ବତନ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ଆବାସ ଜେନା, ସତ୍ୟଜିତ ସେଠୀ, ଚିକୁ ଦାସ, ସନକ ନାୟକ, ହରପ୍ରସାଦ ବିଶ୍ୱାଳ, ଉଦିତ ପ୍ରଧାନ, ଦିଗମ୍ବର ପ୍ରମୁଖ ଉପସ୍ଥିତ ରହି ଫଳବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।



# କେଦାରନାଥ ଢାଞ୍ଚାରେ ଜଗତେଶ୍ୱର ଶିବ ମନ୍ଦିର ନିର୍ମାଣ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) :ବଡ଼ଚଣା ବ୍ଲକ୍ କାଇମାଟିଆ ପଞ୍ଚାୟତ ବରାଙ୍ଗ ଗ୍ରାମରେ କେଦାରନାଥ ମନ୍ଦିର ଢାଞ୍ଚାରେ ନିର୍ମାଣ ହୋଇଛି ଶିବ ମନ୍ଦିର। ଏହାର ନାମ ରଖାଯାଇଛି ଜଗତେଶ୍ୱର ମନ୍ଦିର। ଏହି ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ପରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହୁଛି। ଭୁବନେଶ୍ୱରଠାରେ ରହି ବ୍ୟବସାୟ କରୁଥିବା ବରୀ ଅଞ୍ଚଳର ସତ୍ୟ ଦାଶ ଏହି ମନ୍ଦିର ନିର୍ମାଣ କରିଛନ୍ତି। ଯାଜପୁର ଜିଲ୍ଲାର କୌଣସି ଏକ ଗ୍ରାମରେ ଶିବ ମନ୍ଦିର ନିର୍ମାଣ କରିବା ପାଇଁ ସେ ଇଚ୍ଛା କରି ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। ଭୁବନେଶ୍ୱରରେ ରହୁଥିବା କାଇମାଟିଆ ଅଞ୍ଚଳର ଜଣେ ବ୍ୟକ୍ତି ମନ୍ଦିର ପାଇଁ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଶ୍ରୀ ଦାଶ ଏଠାକୁ ଆସି ଜମି କିଣି ଏହି ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ନିର୍ମାଣ ପାଇଁ ଏକ ବର୍ଷ ସମୟ ଲାଗିଥିଲା। ଏହାପରେ ବିଗ୍ରହ ପ୍ରତିଷ୍ଠା ସହିତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ପରେ ପ୍ରତ୍ୟେକ ପର୍ବପାର୍ବଣୀ ଓ ପୂର୍ଣ୍ଣିମା ତଥା ସଂକ୍ରାନ୍ତିରେ ଭକ୍ତଙ୍କ ଗହଳି ଲାଗି ରହୁଛି। ଆଜି ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ଏହି ମନ୍ଦିରରେ ଶତାଧିକ ବ୍ରତଧାରୀ ମହିଳା ଆସି ପୂଜାର୍ଚ୍ଚନା କରିଥିଲେ।

# କ୍ୟାନ୍ସର ରୋଗୀଙ୍କ ପାଇଁ ପ୍ଲେଟ୍‌ଲେଟ୍ ଦାନକଲେ ରକ୍ତଦାତା ନିରୋଜ

ବାରିପଦା, (ଭାସ୍କର ନ୍ୟୁଜ): କ୍ୟାନ୍ସର ପୀଡ଼ିତ ରୋଗୀଙ୍କ ପାଇଁ ବାରିପଦାର ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଯାଇ ନିଜର ପ୍ଲେଟ୍‌ଲେଟ୍ ପ୍ରଦାନ କରିଛନ୍ତି। ଏହି ପ୍ଲେଟଲେଟ ଦାନ ସମୟରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଓ ବିଶିଷ୍ଟ ସମାଜସେବୀ ଦେବାଶିଷ ସାହୁ, ଗଜେନ୍ଦ୍ର ସେନାପତି, ପୂର୍ଣ୍ଣ ଚନ୍ଦ୍ର ଦାସ, ରଞ୍ଜିତା ଦଳେଇ ଓ ନିଭା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ ଓ ଉତ୍ସାହିତ କରିଥିଲେ। ଏସ୍‌ସିବି ମେଡିକାଲ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଡ଼ ଜଗନ୍ନାଥ ସାହୁଙ୍କ ତତ୍ତ୍ୱାବଧାନତାରେ ପ୍ଲେଟ୍‌ଲେଟ୍ ସଂଗ୍ରହ କରାଯାଇଥିଲା। ଏହା ପୂର୍ବରୁ ଅନେକ ବାର ନିୟମିତ ଭାବରେ ଡଃ ନିରୋଜ କୁମାର ପୋଥାଳ ବାରିପଦାରୁ ଭୁବନେଶ୍ୱର, କଟକକୁ ଯାଇ ଡେଙ୍ଗୁ ଓ କ୍ୟାନ୍ସର ରୋଗୀଙ୍କୁ ନିଜର ପ୍ଲେଟ୍‌ଲେଟ୍ ଦାନ କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସର୍ବମୋଟ ୧୨୬ ଥର ନିଜର ରକ୍ତଦାନ କରି ଅନେକ ରାଜ୍ୟରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି ।



# ଚାଷୀଙ୍କୁ ତାଲିମ ଓ କ୍ଷେତ୍ର ଦିବସ ଆୟୋଜିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଠାରେ ଇଷ୍ଟ-ୱେଷ୍ଟ ସିଡ୍ସ ନଲେଜ ଟ୍ରାନ୍ସଫର ଫାଉଣ୍ଡେସନ ଦଳ ପନିପରିବା ଚାଷ ପାଇଁ ଉତ୍କର୍ଷ କେନ୍ଦ୍ରରେ ସବୁଜ ସାର ବ୍ୟବହାର ଉପରେ କେନ୍ଦ୍ରିତ ଏକ ସଫଳ ତାଲିମ ଏବଂ କ୍ଷେତ୍ର ଦିବସ ଆୟୋଜନ କରିଥିଲା। ଏହି ପଦକ୍ଷେପ 'ସବୁଜ ଖତ ବ୍ୟବହାର ମାଧ୍ୟମରେ ଭାରତରେ ମାଟି ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ପୁଷ୍ଟିସାର, ଆୟ ଏବଂ ମାଟି ଉର୍ବରତା ଉନ୍ନତ କରିବା' ପ୍ରକଳ୍ପ ଅଧୀନରେ ଚାଲିଥିବା ସବୁଜ ସାର କାର୍ଯ୍ୟ ଗବେଷଣା ପ୍ରଦର୍ଶନ ପ୍ଲଟର ଏକ ଅଂଶ ଥିଲା। ସଦର ଏବଂ ଝୁମ୍ପୁରା ବ୍ଲକର ପ୍ରାୟ ୧୪୦ ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଯେଉଁଠାରେ ସେମାନଙ୍କୁ ଏକ ସ୍ଥାୟୀ ଏବଂ କମ୍ ଖର୍ଚ୍ଚରେ ମାଟି ଉର୍ବରତା ପରିଚାଳନା ରଣନୀତି ଭାବରେ ସବୁଜ ସାର ବ୍ୟବହାରର ଲାଭ ଏବଂ ଅଭ୍ୟାସ ସହିତ ପରିଚିତ କରାଯାଇଥିଲା। ସବୁଜ ସାର ହେଉଛି ମାଟିରେ ସବୁଜ ଉଦ୍ଭିଦ ସାମଗ୍ରୀ ଅନ୍ତର୍ଭୁକ୍ତ କରିବାର ଅଭ୍ୟାସ, ଯାହା ଜମିକୁ ସମୃଦ୍ଧ କରିବାର ଏକ ଜଳବାୟୁ-ସ୍ମାର୍ଟ ଉପାୟ। ଏକ ପ୍ରାକୃତିକ ସଂଶୋଧନ, ସବୁଜ ସାର ଜୈବ ପଦାର୍ଥ ଏବଂ ନାଇଟ୍ରୋଜେନ ଭଳି ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ପଦାର୍ଥ ଯୋଗ କରି ମାଟି ସ୍ୱାସ୍ଥ୍ୟକୁ ବୃଦ୍ଧି କରେ। ଇଷ୍ଟ-ୱେଷ୍ଟ ସିଡ୍ସ ନଲେଜ ଟ୍ରାନ୍ସଫର ଫାଉଣ୍ଡେସନର ବୈଷୟିକ ବିଶେଷଜ୍ଞ ଭାଗ୍ୟଧର ସ୍ୱାଇଁ ପନିପରିବା ଚାଷରେ ସବୁଜ ସାର ପ୍ରୟୋଗର ଅନେକ ଲାଭ ଉପରେ ଆଲୋକପାତ କରିଥିଲେ। ଯେପରିକି ମାଟିର ଉର୍ବରତାରେ ଉନ୍ନତି, ମାଟି ଗଠନ ବୃଦ୍ଧି ଏବଂ ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସ। ଚାଷୀମାନେ ଧନିଚା, ମୁଗ, ବୁଦା ଝୁଡ଼ଙ୍ଗ ଏବଂ ସନହେମ୍ପ ଭଳି ସବୁଜ ସାର ଫସଲର ସକାରାତ୍ମକ ପ୍ରଭାବକୁ ପ୍ରତ୍ୟକ୍ଷ ଭାବରେ ଦେଖିଥିଲେ, ଯାହାକୁ ଝୁଡ଼ଙ୍ଗ ପ୍ରଦର୍ଶନ ପ୍ଲଟରେ ଅନ୍ତର୍ଭୁକ୍ତ କରାଯାଇଥିଲା। ସବୁଜ ସାର ପ୍ରୟୋଗ ଏକ ସମୟ-ପରୀକ୍ଷିତ ଅଭ୍ୟାସ ଯାହା ଦୀର୍ଘକାଳୀନ ମାଟି ସ୍ୱାସ୍ଥ୍ୟ ଏବଂ ଫସଲ ଉତ୍ପାଦନକୁ ବୃଦ୍ଧି କରେ ବୋଲି ପ୍ରଦର୍ଶନ ସମୟରେ ଶ୍ରୀ ସ୍ୱାଇଁ କହିଥିଲେ। କ୍ଷେତ୍ର ଦିବସ ପାରସ୍ପରିକ ଆଲୋଚନା, ଚାଷୀ ମତାମତ ଏବଂ ଆଗାମୀ ଫସଲ ଋତୁରେ ସବୁଜ ସାର ପ୍ରୟୋଗ କାର୍ଯ୍ୟକାରୀ କରିବା ପାଇଁ ଏକ ସମାନ ପ୍ରତିବଦ୍ଧତା ସହିତ ଶେଷ ହୋଇଥିଲା।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ସ୍ଥିତ ପଞ୍ଚବଟୀ ବଜାର ନିକଟ ଶ୍ରୀ ଶ୍ରୀ ବଟେଶ୍ୱର ମହାଦେବଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୦୨୫ ର ୨୮ ତମ ରାମ ଚରିତ ମାନସ ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ୧୮ ତାରିଖ ଠାରୁ ଆରମ୍ଭ ହୋଇ ୨୬ ତାରିଖ ସୋମବାର ପବିତ୍ର ସାବିତ୍ରୀ ଅମାବାସ୍ୟା ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ନବ ଦିନ ବ୍ୟାପୀ ଦୈନନ୍ଦିନ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ବାଳକୃଷ୍ଣ ବେହେରା ଓ ନିଳୀମା ବେହେରା କର୍ତ୍ତା କର୍ତ୍ତୀ ଭାବେ କାର୍ଯ୍ୟରେ ବସିଥିବା ଦେଖିବାକୁ ମିଳିଥିଲା। ପୂର୍ଣ୍ଣାହୁତି ସଂନ୍ଧ୍ୟାରେ ଏକ ଆଧାତ୍ମିକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ଓ ସମାଜସେବୀ ଉମାକାନ୍ତ ନନ୍ଦ ମୁଖ୍ୟ ଅତିଥି, ପ୍ରବକ୍ତା ମହାସଂଘର ରାଜ୍ୟ ସମ୍ପାଦକ ପ୍ରମୋଦ ପଣ୍ଡା ମୁଖ୍ୟ ବକ୍ତା ସମ୍ମାନିତ ଅତିଥି ଭାବେ କଟକ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ଓମ୍ ପ୍ରକାଶ ମହାନ୍ତି, ପ୍ରବଚକ ପଣ୍ଡିତ ରବି ନାରାୟଣ ପଣ୍ଡା, ପାଲା ଗାୟକ ଯୁଧିଷ୍ଠିର ପରିଜା, ମୂରଲୀଧର ପଣ୍ଡା, ବ୍ୟାସ ପଣ୍ଡିତ ହରିଚରଣ ଦାସ, ବଂଶୀଧର ଭୋଳ ଯୋଗ ଦେଇ ପ୍ରଭୁ ଶ୍ରୀରାମ ଚରିତ ଉପରେ ବକ୍ତବ୍ୟ ରଖିଥିଲେ। ଦୀର୍ଘ ୨୮ ବର୍ଷ ଧରି ଏହି କାର୍ଯ୍ୟକ୍ରମକୁ ବାଳକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ କରାଯାଉଛି ବୋଲି ଭୂୟସି ପ୍ରଶଂସା କରିଥିଲେ। ସମସ୍ତ ଅତିଥି ଓ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ପୁଷ୍ପମାଲ୍ୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ସାମ୍ବାଦିକ ସନାତନ ପରିଜା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ବେହେରା,ପ୍ରମିଳା ବେହେରା, ଭିକାରୀ ସାହୁ, ଲକ୍ଷ୍ମୀଧର ପାତ୍ର,ଅଜୟ କୁମାର ପରିଡ଼ା, ନନ୍ଦିତା ପରିଡ଼ା, ଡ.ଦିଲ୍ଲୀପ କୁମାର ଦାସ, ନମିତା ଦାସ, ଅର୍ଜୁନ ବେହେରା ଓ ଅନିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ବିହନ ଅଭାବ ଯୋଗୁଁ ଚାଷ କାର୍ଯ୍ୟ ବ୍ୟାଘାତ

ଧର୍ମଶାଳା, (ଭାସ୍କର ନ୍ୟୁଜ) : ଚଳିତ ବର୍ଷ ମୌସୁମୀ ଦେଶରେ ପ୍ରବେଶ କରିଛି । ରାଜ୍ୟବାପୀ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ଧାନ ବୁଣିବା ପାଇଁ ଚାଷୀ ବିଲ ପ୍ରସ୍ତୁତ ହୋଇଥିବା ବେଳେ ବିହନ ଅଭାବ ଯୋଗୁଁ ଧାନ ବୁଣା ବ୍ୟାଘାତ ହୋଇଛି । ଗତ ମାସ ୩୦ତାରିଖରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥିଲେ ମଧ୍ୟ ଏଯାବତ୍ ଧାନ ବୁଣା ଆରମ୍ଭ ହୋଇପାରିନାହିଁ । ସାଧାରଣତଃ ଚାଷୀମାନେ ରଜ ସଂକ୍ରାନ୍ତୀ ପୂର୍ବରୁ ବିଲରେ ଧାନ ବୁଣି ରଜୋତ୍ସବ ପାଳନ କରିଥାନ୍ତି । ସରକାରୀ ଧାନ ବିହନ ପହଞ୍ଚି ପାରି ନଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଶାଳା ବ୍ଲକରେ ଚଳିତ ଖରିଫ୍ ଋତୁରେ ୧୨ହଜାର ଏକ ଶହ ହେକ୍ଟର ଜମିରେ ଧାନ ବୁଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଧର୍ମଶାଳା ବ୍ଲକ୍ କୃଷି ଅଧିକାରୀ ସୂଚନା ଦେଇଛନ୍ତି । ପ୍ରତି ହେକ୍ଟର ପିଛା ୪୦ କିଲୋ ବିହନ ଆବଶ୍ୟକତା ଥିବା ବେଳେ ୩ଟି ବିହନ ବିକ୍ରୟ ସଂସ୍ଥା ମାତ୍ର ୩୧୫ କ୍ୱିଣ୍ଟାଲ୍ ଧାନ ବିହନ ଆଣିବା ପାଇଁ ଓଡ଼ିଶା ବିହନ ନିଗମରେ ଅର୍ଥ ପୈଠ କରିଛନ୍ତି । ଏହି ବିହନ ଖୁବ୍‌ଶୀଘ୍ର ଆସି ଲୋକଙ୍କୁ ବିକ୍ରୟ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଯଥେଷ୍ଟ ପରିମାଣର ବିହନ ପହଞ୍ଚି ପାରିନାହିଁ । ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ବିହନର ଦାମ୍ ଅଧିକ ପଡୁଥିବାରୁ ଚାଷୀମାନେ ହତାଶ ହେଉଛନ୍ତି । ସବ୍‌ସିଡି ହ୍ରାସ ମଧ୍ୟ ଚାଷୀ ପାଇଁ ହତାଶର କାରଣ ପାଲଟିଛି । ସୂଚନାନୁସାରେ ଖରିଫରେ ଧର୍ମଶାଳା ବ୍ଲକରେ ୧୨୧୦୦ହେକ୍ଟର ଜମିରେ ଧାନ ଚାଷ କରାଯିବ । ଏଥିପାଇଁ ୪୮ହଜାର କ୍ୱିଣ୍ଟାଲ୍ ବିହନର ଆବଶ୍ୟକତା ଅଛି । ଧର୍ମଶାଳା ବ୍ଲକର ଶଂଖାରୀଢ଼ିହସ୍ଥିତ ଗୋପବନ୍ଧୁ ବିହନ ବିକ୍ରୟ ସଂସ୍ଥା ୨୨୦ କ୍ୱିଣ୍ଟାଲ୍, ଅଭୟପୁର ଶୁଭଲକ୍ଷ୍ମୀ ବିହନ ବିକ୍ରୟ ସଂସ୍ଥା ୬୦ କ୍ୱିଣ୍ଟାଲ ଓ କବାଟବନ୍ଧ ମହାପାତ୍ର ବିହନ ବିକ୍ରୟ ସଂସ୍ଥା ୩୫ କ୍ୱିଣ୍ଟାଲ ମୋଟ ୩୧୫ କ୍ୱିଣ୍ଟାଲ ବିହନ ଆସିଥିବା ଜଣାଯାଇଛି । ଆବଶ୍ୟକ ବିଭିନ୍ନ କିସମର ଧାନ ବିହନ ଯୋଗାଇ ଦେବାକୁ କୃଷକ ନେତା ବସନ୍ତ ପରିଡ଼ା, ନେତ୍ରାନନ୍ଦ ଦାସ, ବିଦ୍ୟାଧର ପରିଡ଼ା, ସୁନାକର ରାଉତ ପ୍ରମୁଖ ଦାବି କରିଛନ୍ତି । ଓଡ଼ିଶାରେ ଚଳିତ ବର୍ଷ ବିଗତ ବର୍ଷମାନଙ୍କ ଠାରୁ ଶିଘ୍ର ମୌସୁମୀ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଧର୍ମଶାଳା ବ୍ଲକରେ ୨୫ ଭାଗ ଜଳସେଚିତ ଓ ୭୫ଭାଗ ଅଣ ଜଳସେଚିତ ଚାଷ ଜମି ଥିବା ବେଳେ ବିଓଲି ବିଲ ଗୁଡ଼ିକରେ ଏବେ ସୁଧା ଧାନ ବୁଣା କାର୍ଯ୍ୟ ଶେଷ ହେବା କଥା । କାଳ ବୈଶାଖୀ ଓ ଲଘୁଚାପ ଜନିତ ବର୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ଚାଷ ଉପଯୋଗୀ ଉତ୍ତମ ବର୍ଷା ହୋଇଛି । ଚାଷୀମାନେ ଟ୍ରାକ୍ଟର ଓ ହଳ ମାଧ୍ୟମରେ ଚାଷ ଜମିକୁ ଚାଷଉପଯୋଗୀ କରିସାରି ସରକାରୀ ଧାନ ବିହନକୁ ଅପେକ୍ଷା କରି ବସିଛନ୍ତି । ସରକାରୀ ଧାନ ବିହନ ଯୋଗାଣରେ ବିଳମ୍ବ ହେତୁ ଚାଷ କାର୍ଯ୍ୟ ବ୍ୟାଘାତ ହୋଇଛି ।


# ସାମ୍ବାଦିକଙ୍କୁ ଆକ୍ରମଣ ନେଇ ଏସ୍‌ୟୁଜେର ନିନ୍ଦା

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଗତ ଶନିବାର ବଲାଙ୍ଗୀର ପୁଇଁତଲାରେ ବରିଷ୍ଠ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ଯେଉଁ ପରି ଭାବେ ଜଣେ ଠିକାଦାରଙ୍କ ନିର୍ଦ୍ଦେଶରେ ହାତଗୋଡ ବାନ୍ଧି ବର୍ବୋରଚିତ ଆକ୍ରମଣ କରାଯାଇଛି ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଜଣେ ସାମ୍ବାଦିକ ନିଜ ଜୀବନକୁ ବାଜି ଲଗାଇ ଦୁର୍ନୀତି ଓ ଅନିୟମିତତାର ଖବର ପ୍ରକାଶ କରି ସରକାର ପ୍ରଶାସନ ଏବଂ ଜନସାଧାରଣଙ୍କୁ ସହଯୋଗ କରିଥାଏ। ସାମ୍ବାଦିକ ଉପରେ ଆକ୍ରମଣକୁ ପ୍ରଶାସନ, ପୋଲିସ ଏବଂ ଖୋଦ୍ ସରକାର ସେପରି ଗୁରୁତ୍ୱ ଦେଉ ନାହାନ୍ତି। ଏପରି ଘଟଣାକୁ ନେଇ ସବୁ ବର୍ଗର ସାମ୍ବାଦିକ ମାନେ ଏକ ହୋଇ ଏହାର ପ୍ରତିବାଦ କରିବାର ଆବଶ୍ୟକତା ରହିଛି। ଏହି ଘଟଣାରେ ଜଗତସିଂହପୁର ଜିଲ୍ଲା ଏସ୍‌ୟୁଜେର ରଘୁନାଥପୁର ବ୍ଲକ ଶାଖା ସଭାପତି ବରିଷ୍ଠ ସାମ୍ବାଦିକ କଲ୍ୟାଣ ସେନ, ଉପଦେଷ୍ଟା ଆଇନଜୀବୀ ଜିତେନ୍ ବେହେରା, ସମ୍ପାଦକ ଧନଞ୍ଜୟ ମଲ୍ଲିକ୍, କୋଷାଧ୍ୟକ୍ଷ ରଞ୍ଜନ କୁମାର ଲେଙ୍କା, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, ଲକ୍ଷ୍ମୀ ନାରାୟଣ ଦାଶ, ସୂର୍ଯ୍ୟନାରାୟଣ ଦାଶ, ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନ ପ୍ରତି ହୋଇଥିବା ଆକ୍ରମଣକୁ ନିନ୍ଦା କରିବା କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ମୁଖ୍ୟ ଆଶାମୀ ମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଏକ କଠୋରରୁ କଠୋର ଆଇନ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଉଛି।

# ଅମୃତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ୪୨ ମୌଜା ବାଣିଆ ପୀଠ ହଂସନାଥ ମହାପ୍ରଭୁଙ୍କ କୃପାରୁ ଚଳିତ ମେ ମାସ ୩୧ ତାରିଖ ଶନିବାର ସନ୍ଧ୍ୟାରେ ୪୨ ମୌଜା ବେଣ୍ଟକାର ସ୍ଥିତ ଭଜ ଗୋବିନ୍ଦ ପୀଠ ପରିସରରେ ଜଗଦଗୁରୁ ଶ୍ରୀଧର ସ୍ୱାମୀଙ୍କ ଅମୃତ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ଆୟୋଜକ ଶ୍ରୀଧର ସ୍ୱାମୀଙ୍କ ଭକ୍ତ, ଶ୍ରଦ୍ଧାଳୁ ମାନଙ୍କର ଏକ ପ୍ରସ୍ତୁତି ବୈଠକ ଭଜ ଗୋବିନ୍ଦ ପୀଠରେ ଅନୁଷ୍ଠିତ ହେବା ସହ କାର୍ଯ୍ୟକ୍ରମର ଚୁଡାନ୍ତ ରୂପରେଖ ପ୍ରସ୍ତୁତ କରାଯାଇ ସର୍ବସାଧାରଣରେ ପ୍ରକାଶ କରାଯାଇଛି। ଏହି ମହୋତ୍ସବରେ ଇସ୍କନର ସନ୍ୟାସୀ - ଶ୍ରୀପାଦ କୃଷ୍ଣଗତି ଦାସ, ତିରୁପତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି - ଡ଼ ହରେକୃଷ୍ଣ ଶତପଥି, ବିହାର କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି - ଡ଼ ପ୍ରଫୁଲ୍ଲ ମିଶ୍ର, ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ - ପ୍ରଦ୍ୟୁମ୍ନ ଶତପଥି, ସାହିତ୍ୟ ଗବେଷକ, ପୌରୁଷର ସମ୍ପାଦକ - ଅସିତ ମହାନ୍ତି, ଆମେରିକାର ଅବସରପ୍ରାପ୍ତ ଯନ୍ତ୍ରୀ, ଶ୍ରୀଧର ପ୍ରେମୀ - ପ୍ରସାଦ ରାଓ, ଓଡିଶା ସନାତନୀ ସେନାର ସଭାପତି - ସମୀର କୁମାର ପଣ୍ଡା, ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ସଭାପତି - ବିଜୟ କୁମାର ମହାକୃତ ସମ୍ପାଦକ - ହରେକୃଷ୍ଣ ପଣ୍ଡା, ଆବାହକ - ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ, ଆଧାତ୍ମିକ ସଂଗଠକ - ମନୋରଞ୍ଜନ ମହାନ୍ତି ପ୍ରମୁଖ ଦିବ୍ୟାତ୍ମା ଅତିଥିମାନେ ଯୋଗଦେଇ ବ୍ୟାସଦେବ କୃତ ଭାଗବତର ପ୍ରଥମ ଟିକାକାର, ପୁରୀ ଗୋବର୍ଦ୍ଧନ ପୀଠର ୧୦ମ ଶଙ୍କରାଚାର୍ଯ୍ୟ, ଓଡିଆ ଜଗଦଗୁରୁ, ଶ୍ରୀଧର ସ୍ୱାମୀଙ୍କ ସ୍ମୃତିଚାରଣ କରିବାସହ ଓଡିଆ ଅସ୍ମିତା ଏବଂ ଆମ ଗୌରବ ଗାଥା ମନେ ପକାଇବାକୁ ପ୍ରୟାସ କରିବେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶ୍ରଦ୍ଧାଳୁ ଉପସ୍ଥିତ ରହି ଉକ୍ତ ଅମୃତ ମହୋତ୍ସବକୁ ସଫଳ କରିବା ସହ ଓଡିଆ ମହାପୁରୁଷଙ୍କୁ ସର୍ବଜନ ବିଦିତ କରି, ଓଡିଆ ଅସ୍ମିତାକୁ ବଜାୟ ରଖି କାର୍ଯ୍ୟକ୍ରମକୁ ଉଜ୍ଜିବୀତ କରିବାକୁ ନିବେଦନ କରାଯାଇଛି ।ଉକ୍ତ ପ୍ରସ୍ତୁତି ବୈଠକରେ ସବଶ୍ରୀ ପ୍ରହଲ୍ଲାଦ ଶତପଥି, ଦିପ୍ତୀକାନ୍ତ ମହାନ୍ତି, ଗିରିଶ ପ୍ରସାଦ ଦାସ, ଶ୍ୱେତବନ୍ଧୁ ୬ଭାଇ, ଜ୍ଞାନରଞ୍ଜନ ପ୍ରଧାନ, କଲ୍ୟାଣ ମହାନ୍ତି, ଶୋଲା, ଭାରତୀ ମହାନ୍ତି, ରିଭା ମହାନ୍ତିଙ୍କ ସମେତ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଆତ୍ମସମର୍ପଣ କଲେ ମାଓବାଦୀ ବିଜୟ



ରାୟଗଡା (ଭାସ୍କର ନ୍ୟୁଜ୍): ହାର୍ଡକର ମାଓବାଦୀ ବିଜୟ ପୁନେମ ଏଲିଆସ୍ ଅଜୟ ଆଜି ରାୟଗଡା ଏସପିଙ୍କ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ବିଜୟର ଘର ଛତିଶଗଡ଼ ରାଜ୍ୟ ବାଟିଗୁଡା ଗ୍ରାମର ବୋଲି ଜଣାପଡିଥିବା ବେଳେ ସେ ଦୀର୍ଘ ବର୍ଷ ହେବ ବାସଧରା-ଘୁମୁସର-ନାଗାବଳୀ ଡିଭିଜନର କେଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୦୯ ମସିହାରେ ନକ୍ସଲ ସଂଗଠନରେ ମିଶିଥିଲେ। ପରେ ଟ୍ରେନିଂ ଶେଷ ହେବା ପରେ ତାକୁ ୨୦୧୪ ମସିହାରେ ନକ୍ସଲ ସଂଗଠନର ଏସିଏମ୍ ଦାୟିତ୍ୱ ମିଳିଥିଲା। ଏବଂ ୨୦୨୪ ମସିହାରେ ତାକୁ ବାଶଧରା-ଘୁମୁସର-ନାଗାବଳୀ ଡିଭିଜନର କ୍ୟାଡେର୍ ଦାୟିତ୍ୱ ମିଳିଥିଲା। ବିଜୟ ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ରାୟଗଡାରେ ଘଟିଥିବା ବିଭିନ୍ନ ନକ୍ସଲ ହିଂସାରେ ଜଡିତ ଥିବା ରାୟଗଡା ଏସପି ସ୍ୱାଥୀ ଏସ୍. କୁମାର ସୂଚନା ଦେଇଛନ୍ତି। ତା ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ତାଠାରୁ ଗୋଟିଏ ୯ଏମଏମ୍ ପିସ୍ତଲ,୮ରାଉଣ୍ଡ ଅଫୁଟା ଗୁଳି, ୱାକିଟକି ଓ ଘଣ୍ଟା ଜବତ କରାଯାଇଛି। ତେବେ ସେ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ସରକାରଙ୍କ ନକ୍ସଲ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏସପି ସ୍ୱାଥୀ ଏସ୍ କୁମାରଙ୍କ ସୂଚନା। ଅନ୍ୟପଟେ ନକ୍ସଲ ସଂଗଠନ ଉପରେ ବିମୁଖ ହୋଇ ସେ ଆତ୍ମସମର୍ପଣ କରିଥିବା ବେଳେ ଆଗକୁ ନିଜ ସ୍ତ୍ରୀ ଓ ଅନେକ ସାଥୀ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀ ବିଜୟ ସୂଚନା ଦେଇଛନ୍ତି।

# ମୃତହାତୀର ବ୍ୟବଚ୍ଛେଦ ପରେ ପୋତି ଦିଆଗଲା


## ■ ହାତୀ ଟ୍ରାକିଂ ବ୍ୟବସ୍ଥା ଉପରେ ଉଠିଲା ପ୍ରଶ୍ନ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଅନ୍ତର୍ଗତ ତାଳପଦା ସେକ୍ସନ ଓରିଆ ବିଟ୍‌ର ତମାଙ୍ଗ ସଂରକ୍ଷିତ ଜଙ୍ଗଲର ଏକ ପାହାଡରୁ ଗତ ୨୫ତାରିଖ ଅପରାହ୍ନରେ ୨୦ବର୍ଷର ଏକ ମାଈ ହାତୀର ମୃତ ଦେହ ଠାବ ହୋଇଥିଲା। ଆଜି ବନ ବିଭାଗ ଘଟଣାସ୍ଥଳରେ ହାତୀର ମୃତ ଦେହ ଜବତ୍ କରି ତଦନ୍ତ ଆରମ୍ଭ କରିଛି। ତେଲକୋଇ ବ୍ଲକ ଶିରିଗିଡା ପ୍ରାଣୀ ଚିକିତ୍ସାଳୟ ସହକାରୀ ପ୍ରାଣୀ ଚିକିତ୍ସକ ଡାକ୍ତର ଅଭିଷେକ ନାୟକ,ଡବ୍ଲ୍ୟୁଟିଏଫ୍ ଡାକ୍ତର ବ୍ରଜରାଜ ସିଂ ଯାଦବଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିବାବେଳେ ଘଟଣା ସ୍ଥଳରେ କେନ୍ଦୁଝର ବନଖଣ୍ଡ ଡିଏଫ୍‌ଓ ଧନରାଜ ଏଚ୍ଡି,ଏସିଏଫ୍ ଅଶୋକ ଦାସ,ଏସିଏଫ୍ ଡକ୍ଟର ସୁଦିପ୍ତ କୁମାର ପଣ୍ଡା,ତେଲକୋଇ ରେଞ୍ଜର ଶିବାଜୀ ମୋହନ ରାଓ, ଜେଟିଏଫ୍‌ର ରେଞ୍ଜର କୁଲେଶ ଚନ୍ଦ୍ର ସାହୁ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ହାତୀର ମୃତ ଦେହ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଛି। ୪/୫ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବାବେଳେ ହୃଦଘାତ କାରଣରୁ ମୃତ୍ୟୁ ହୋଇ ସନ୍ଦେହ କରାଯାଉଛି ବୋଲି ଡାକ୍ତର ଅଭିଷେକ ନାୟକ କହିଛନ୍ତି। ତେବେ ମୃତ୍ୟୁର ସଠିକ୍ କାରଣ ବ୍ୟବଚ୍ଛେଦ ରିର୍ପୋଟ ମିଳିବା ପରେ ଜଣାପଡିବ। ହାତୀଟି ୪/୫ ଦିନ ପୂର୍ବରୁ ମରିଥିଲେ ହେଁ ଦାୟିତ୍ୱରେ ଥିବା ବନ କର୍ମଚାରୀମାନେ କିପରି ଜାଣି ପାରିଲେ ନାହିଁ ତାହାକୁ ନେଇ ହାତୀ ଟ୍ରାକିଂ କରୁଥିବା କର୍ମଚାରୀଙ୍କ କାମ କାର୍ଯ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ବନ ବିଭାଗର ଟ୍ରାକିଂ ରିପୋର୍ଟର ତଥ୍ୟ ଅନୁଯାୟୀ ୨୫ତାରିଖ ଅପରାହ୍ନରେ ୬ଟି ହାତୀ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜରୁ ତେଲକୋଇ ରେଞ୍ଜକୁ ପ୍ରବେଶ କରିଥିଲେ। ସେହି ହାତୀ ଦଳରୁ ଗୋଟିଏ ହାତୀ ଓରିଆ ବିଟ୍‌ର ତମାଙ୍ଗ ଜଙ୍ଗଲରେ ମରିଥିବା ନେଇ ତଥ୍ୟ ଦିଆଯାଇଥିଲା । ତେବେ ହାତୀଟି ୪/୫ ଦିନ ପୂର୍ବରୁ ମରିଥିଲେ ହେଁ ବନବିଭାଗ ହାତୀ ଦଳକୁ ନ ଦେଖି ଭୁଲ ରିପୋର୍ଟ ଉଚ୍ଚ ଅଧିକାରୀଙ୍କୁ ଦେଇଥିବା ସ୍ପଷ୍ଟ ହୋଇଥିଲା। କେନ୍ଦୁଝର ବନଖଣ୍ଡରେ ହାତୀମାନଙ୍କ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ପ୍ରକୃତ ପକ୍ଷେ ଏହାର ସଠିକ୍ ତଦାରଖ ହେଉନଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ହାତୀ ଟ୍ରାକିଂ ଏବଂ ମନିଟରିଂ ଅଭାବରୁ ହାତୀ ମୃତ୍ୟୁ ହେଉଛି। ହାତୀ ସୁରକ୍ଷା ପାଇଁ ଗଜ ସାଥି, ଏଲିଫାଣ୍ଟ ଟ୍ରାକର, ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ, ୨୪ ଘଂଟିଆ କଂଟ୍ରୋଲ ରୁମ ରହିଛି। ଦୈନନ୍ଦିନ ପାଦଚଲା ପେଟ୍ରୋଲିଂ ବ୍ୟବସ୍ଥା ରହିଛି। ତେବେ ଏହା ଠିକ୍ ଭାବରେ ହେଉନଥିବା ଏହି ଘଟଣାରୁ ଜଣାପଡିଛି। ଏତେ ସବୁ ଯୋଜନା ପରେ ମଧ ହାତୀ ମୃତ୍ୟୁ ବଢିବାରେ ଲାଗିଛି। ସରକାର ଏଥିପାଇଁ ପ୍ରତିବର୍ଷ କୋଟି କୋଟି ଖର୍ଚ୍ଚ କରୁଛନ୍ତି। ହାତୀ ଟ୍ରାକିଂ ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀ ସଠିକ୍ ଭାବେ କାର୍ଯ୍ୟ କରୁନାହାଁନ୍ତି। ତେବେ ହାତୀ ଟ୍ରାକିଂ ନେଇ ଭୁଲ ତଥ୍ୟ ଦେଉଥିବା ବନ କର୍ମଚାରୀଙ୍କ ବିରୁଦ୍ଧରେ ଡିଏଫ୍‌ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ରାଶିଫଳ


ବୁଧବାର, ୨୮ ମଇ ୨୦୨୫



**ମେଷ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି ।ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ।



**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ। ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।



**କନ୍ୟା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।




**ଧନୁ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଶାଶୁଙ୍କ ଅନୁଗ୍ରହରୁ ଉପହାର ପାଇବା ସମ୍ଭାବନା ସୃଷ୍ଟି ହେଉଛି।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯ , ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ୍): ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ବ୍ରତ ପାଳିଲେ ହିନ୍ଦୁ ସଧବା ମହିଳା । ସାବିତ୍ରୀଙ୍କ ପତିଭକ୍ତିକୁ ମନେ ପକାଇ କଲେ ପୂଜାର୍ଚ୍ଚନା । ସକାଳ ହେଉ ହେଉ ମଥାରେ ସିନ୍ଦୂର, ହାତରେ ନୂଆ ଚୁଡ଼ି, ରଙ୍ଗ ବେରଙ୍ଗ ଶାଢୀରେ ସଜେଇ ହୋଇ କିଛି ସଧବା ମହିଳା ମନ୍ଦିରରେ ପହଞ୍ଚିଥିବାବେଳେ ଆଉ କେହି ଘରେ ପୂଜା କରିବା ଦେଖିବାକୁ ମିଳିଲା । କେତେକ ସ୍ଥାନରେ ନିଜେ ସ୍ୱାମୀମାନେ ପରିବାର ଲୋକମାନଙ୍କ ସହିତ ପୂଜା କରୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ସାହି ବସ୍ତିର କିଛି ସ୍ତ୍ରୀ ଲୋକମାନେ ଏକତ୍ରିତ ହୋଇ ଘରେ ପୂଜା କରିବାର ଦେଖାଯାଇଛି । ଓଡିଆ ଘରର ପରମ୍ପରା ଅନୁସାରେ ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ପାଇଁ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି । ହିନ୍ଦୁ ମହିଳାମାନେ ପ୍ରତିବର୍ଷ ଏହି ଦିନକୁ ଭକ୍ତି ଉତ୍ସାହର ସହିତ ଅପେକ୍ଷା କରିଥାଆନ୍ତି । ସଧବା ନାରୀମାନଙ୍କ ଦ୍ୱାରା ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ସାବିତ୍ରୀ ଓଷା ପାଳିତ ହୋଇଥାଏ । ପ୍ରତ୍ୟେକ ସଧବା ନାରୀ ଲାଗି ତା'ର ସ୍ୱାମୀ ହିଁ ସର୍ବସ୍ୱ। ଏହି ଅମାବାସ୍ୟା ତିଥିରେ ବ୍ରତ ପାଳନ କରି ନାରୀମାନେ ନିଜ ପତିମାନଙ୍କର ଦୀର୍ଘାୟୁ କାମନା କରିଥାଆନ୍ତି । ତେବେ ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ଓ ପୂଜା ସାଧାରଣତଃ ସ୍ୱଚ୍ଛ ଭିନ୍ନ ପ୍ରକାରରେ ମଧ୍ୟ ପାଳିତ ହୋଇଥାଏ । ଅର୍ଥାତ୍ ବ୍ରତ ବିଧି ସମାନ ହୋଇଥିଲେ ମଧ୍ୟ ପୂଜା ପଦ୍ଧତିରେ ସାମାନ୍ୟ ପରିବର୍ତ୍ତନ ହୋଇଥାଏ । କିଛି ସ୍ଥାନରେ ଶିଳପୁଆ ପୋଇ ବଟବୃକ୍ଷ, ତରଭା ପାଖରେ ପୂଜା କରାଯାଉଥିବାର ଦେଖାଯାଇଥାଏ । ଅନ୍ୟ କେତେକ ସ୍ଥାନରେ ସାବିତ୍ରୀ ଦେବୀ, ସତ୍ୟବାନ, ଯମଦେବତାଙ୍କ ସହିତ ଲକ୍ଷ୍ମୀନାରାୟଣଙ୍କୁ ମଧ୍ୟ ଏକାଠି ରଖି ପୂଜା କରାଯାଇଥାଏ ।



## ପୋଖରୀ ଉନ୍ନତିକରଣ ନାମରେ ହରିଲୁଟ୍ ଅଭିଯୋଗ

### ଶ୍ରମିକ ବଦଳରେ ମେସିନ କରୁଛି କାମ



ବୌଦ୍ଧ(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପୋଖରୀ ଉନ୍ନତିକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଯେଉଁଭଳି ଭାବରେ ପୋଖରୀ ଉନ୍ନତିକରଣ କରାଯାଉଛି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ ଅର୍ଜ୍ଜୁନପାଲି ପଞ୍ଚାୟତ ଅନ୍ତର୍ଗତ ଦନ୍ତପାଲି ଟେଙ୍ଗରମୁଣ୍ଡା ବନ୍ଧର ଉନ୍ନତିକରଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୯ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟରେ ଗ୍ରାମରେ ଥିବା ଗ୍ରାମର ବନ୍ଧ ଉନ୍ନତିକରଣ କରାଯାଇଛି । ତେବେ ଶ୍ରମିକ ବଦଳରେ ଜେସିବି ମେସିନରେ କାମ କରିଥିବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷରେ ଗ୍ରାମରେ ଶ୍ରମିକ ଶ୍ରେଣୀର ଲୋକ ଥିଲେ ମଧ୍ୟ ଠିକାଦାର ନିଜ ସୁବିଧାଲାଗି ଭଳି ଶ୍ରମିକଙ୍କ ଜବ କାର୍ଡ ନେଇ ତାଙ୍କ ବ୍ୟାଙ୍କ ଖାତାରେ ଟଙ୍କା ପକାଉଛନ୍ତି ବୋଲି ଅଭିଯୋଗ ହେଉଛି । କାର୍ଡ ପିଛା ୨୦୦ ରୁ ୩୦୦ ଟଙ୍କା ଦେଇ ବାକି ଟଙ୍କା ଠିକାଦାର ନେଉଥିବା ବେଳେ ବନ୍ଧରେ ଶ୍ରମିକ ବଦଳରେ ଜେସିବି ମେସିନରେ ବନ୍ଧରୁ ମାଟି କାଢି ଟ୍ରାକ୍ଟର ଯୋଗେ ମାଟି ବୋହିଥିବା ଅଭିଯୋଗ ହୋଇଛି । ବନ୍ଧର ଉନ୍ନତିକରଣ ବଦଳରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ସାଧାରଣ ରେ ଅଭିଯୋଗ ହେଉଛି । ବନ୍ଧରେ ଲାଗିଥିବା ସୂଚନା ଫଳକରେ ଅସମ୍ପୂର୍ଣ୍ଣ ସୂଚନା ଲାଗିଥିବାରୁ ଲୋକ ପ୍ରକୃତ ତଥ୍ୟ ଜାଣି ପାରୁନଥିବା ଦେଖିବାକୁ ମିଳିଛି । କିନ୍ତୁ ଏବେ ବନ୍ଧରୁ ୪୦ ରୁ ୫୦ ଟ୍ରିପ ମାଟି କାଢି ଏହି ମାଟି ବନ୍ଧ ହୁଡ଼ାରେ ପକାଯାଇଛି । ତେବେ କାର୍ଯ୍ୟ ୧ଦେଶ ବିଭାଗୀୟ ଅଧିକାରୀଙ୍କ ନାମରେ ଥିଲେ ମଧ୍ୟ ଏଥିରେ ଠିକାଦାର ନିଯୁକ୍ତି ଦିଆଯାଉଛି । ତେବେ ଦୁର୍ନୀତିକୁ ଚପେଇବାକୁ ୧୦/୧୨ ଜଣ ଶ୍ରମିକଙ୍କୁ ଠିଆ କରାଇ ଫଟୋ ଉଠେଇ ଜିଓଟେକ କରାଯାଉଛି । ସରକାର ଶ୍ରମିକମାନଙ୍କୁ ୧୦୦ ଦିନର କାମ ସରକାର ଯୋଗାଇ ଦେଉଥିବା ବେଳେ ଅଳ୍ପ କିଛି ଶ୍ରମିକଙ୍କୁ ଠିକାଦାର କାମଦେଉ ଥିବାରୁ ବାକି ଶ୍ରମିକମାନେ ଭିନ ରାଜ୍ୟକୁ ଦାଦନମୁହାଁ ହେଉଥିବା ଅଭିଯୋଗ ହେଉଛି । ସେହିପରି ଏହି ପଂଚାୟତ ଅନ୍ତର୍ଗତ ଗଜରାଜପୁର ଜାତୀୟ ରାଜପଥ ନଂ ୫୭ ଠାରୁ କନ୍ଧୀ ବୁଢ଼ୀ ପାଠ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ୮ ଲକ୍ଷ ୧ ହଜାର ଟଙ୍କା ବ୍ୟୟ ଅଟକଳ ଥିବାବେଳେ ମାତ୍ର ୧୦୦ ମିଟର ରାସ୍ତାରେ ୮/୧୦ ଟ୍ରିପ ମୋରୁମ ପକାଇ ଅର୍ଥ ହରିଲୁଟ କରାଯାଇଛି । ଏନେଇ ସରପଞ୍ଚ ଅଜିତ କୁମାର ମେହେର, ପିଇଓ ପ୍ରଜ୍ଞା ପ୍ରତିମିତା ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠେଇ ନଥିଲେ । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଉଦ୍ଧାର ହରିଣ ମୃତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବନ ବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ହରିଣର ମୃତ୍ୟୁ । ଆଜି ସକାଳ ପ୍ରାୟ ୮ ଟା ବେଳେ କମିରା ଗ୍ରାମରୁ ଉଦ୍ଧାର କରାଯାଇଥିବା ହରିଣର ମୃତ୍ୟୁ ଘଟିଛି । ବ୍ୟବଚ୍ଛେଦ ପରେ ବାମଣ୍ଡା ନର୍ସରୀରେ ମୃତ ଦେହକୁ ପୋତି ଦିଆଯାଇଥିବା ବନପାଳ ଦୀପକ ନାୟକ ସୂଚନା ଦେଇଛନ୍ତି । ହରିଣର ଶିଙ୍ଗ ଭାଙ୍ଗି ଯାଇଥିବାରୁ ମୁଣ୍ଡରେ ରକ୍ତ ଜମାଟ ଯୋଗୁଁ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି ।



## ୫ଗାଁରେ ଉତ୍କଟ ଜଳ ସଂକଟ

## ରାସ୍ତା ଅବରୋଧ କଲେ ମହିଳା



ଉମରକୋଟ (ଭାସ୍କର ନ୍ୟୁଜ୍): ୫ଗାଁରେ ଉତ୍କଟ ଜଳକଷ୍ଟ । ଜଳକଷ୍ଟକୁ ନେଇ ଅତିଷ୍ଠ ଗ୍ରାମବାସୀ । କାହାକୁ କହିଲେ କେହି ବୁଝୁନାହାନ୍ତି । ସମସ୍ୟା ଏତେ ବଢିଯାଇଛି ଯେ, ଶେଷରେ ଗରା ମାଠିଆ ରାସ୍ତାରେ ରଖି ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ ଗ୍ରାମର ମହିଳାମାନେ । ୫ଗାଁରେ ଯେଉଁଠି ଦୀର୍ଘଦିନ ଧରି ଲୋକଙ୍କୁ ସନ୍ତାପିତ କରୁଛି ଜଳାଭାବ । ତହିଁ ତହିଁ ଖରାରେ ପାଣି ପାଇଁ ନାହିଁ ନଥିବା ସମସ୍ୟା ଥିବାବେଳେ ବସୁଧା ଯୋଜନା ଏଠାରେ ଫେଲ୍ ମାରିଥିବା ଦେଖିବାକୁ ମିଳିଛି । ଆଜକୁ ପୂର୍ବବର୍ଷ ହେବ ଚାଲିଛି କାମ, ହେଲେ ଏଯାଏ କାମ ସରିନି ନା ଘରେ ଘରେ ପରିବାର ପାଣି ଆଉଟି ପାଇପାରୁନଥିବା ବେଳେ ଯାହାକୁ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ । ଦିନେ ଛାଡି ଦିନେ ଅଧ ଘଣ୍ଟା ଛଡାଯାଉଛି ପାଣି । ତାହାର ମଧ୍ୟ ଠିକଣା ନାହିଁ । ଛୁଆପିଲା ଠାରୁ ବୃଦ୍ଧ ବୃଦ୍ଧା ଏହି ଜଳସଙ୍କଟର ଶିକାର ହେଉଛନ୍ତି । ଏପଟେ ଦୀର୍ଘ ଦିନ ହେବ କାମ ମନ୍ଥର ଗତିରେ ଚାଲିଥିବାବେଳେ ନିର୍ବାଚନ ଭେଳିକି ରେ ନଡ଼ିଆ ଭାଙ୍ଗି ରିବନ କାଟିଦେଲେ ନେତା ହେଲେ ଏବେ ଲୋକଙ୍କ ପାଣି ସମସ୍ୟା କେହି ବୁଝୁ ନାହାନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି । ନବରଙ୍ଗପୁର ଜିଲ୍ଲା ୫ଗାଁରେ ବ୍ଲକ ଘୋଡ଼ା ପଂଚାୟତ ଅଧୀନରେ ଥିବା ବିଗ୍ରିଗୁଡ଼ାର ଶତାଧିକ ମହିଳା ନବରଙ୍ଗପୁର ଉମରକୋଟ ରାଜରାସ୍ତାରେ ଗରା, ମାଠିଆ ଧରି ପ୍ରତିବାଦ ଜଣେଇ ରାସ୍ତା ଅବରୋଧ କରିଥିଲେ । ଯାହା ଫଳରେ ପ୍ରାୟ ଦୁଇଘଣ୍ଟା ଯାତାୟାତ ଠପ ହୋଇଯାଇଥିଲା ଏବଂ ପାଣି ସମସ୍ୟାର ସମାଧାନ ଲାଗି ଅଡ଼ି ବସିଥିଲେ । ତେବେ ଘଟଣା ସ୍ଥଳରେ ରାଜା ବୋରଗୁଡ଼ାର ମାଳିକ ଯୋଗୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତିନି ଦିନ ମଧ୍ୟରେ ପାଣି ସମସ୍ୟା ଦୂର ହୋଇଯିବ ବୋଲି ଲୋକଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଧାରଣାରୁ ଉଠିଥିଲେ !

## ୫ରୁ ଉର୍ଦ୍ଧ୍ୱ ଗାଡ଼ିର କାଚ ଭାଙ୍ଗିଲେ ଦୁର୍ବୃତ୍ତ




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପୌର ପରିଷଦ ଅଞ୍ଚଳର ବିଭିନ୍ନ ସାହିରେ ୫ ରୁ ଉର୍ଦ୍ଧ୍ୱ ଗାଡ଼ିର କାଚ ଭାଙ୍ଗିଲେ ଦୁର୍ବୃତ୍ତ । ଗତ ବିଳମ୍ବିତ ରାତିରେ ଉମରକୋଟ ସହରର ମେଡିକାଲ ରୋଡରେ ଗୋଟିଏ କାର ଗୋଟିଏ ଟ୍ରକ, ଭଗବତୀ ନଗରରେ ତିନିଟି କାର୍‌ର କାଚ ଭାଙ୍ଗିଥିବା ବର୍ତ୍ତମାନ ନଜରକୁ ଆସିଛି । କିନ୍ତୁ ତା' ଠାରୁ ଅଧିକ ଗାଡ଼ିର କାଚ ଭଙ୍ଗାଯାଇଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା। ଉମରକୋଟରେ ଦିନକୁ ଦିନ ଅପରାଧ ବଢିବା ସହ ମଦ୍ୟପଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି । ସହରରେ ଚୋରି ଡକାୟତି ହେଉଥିଲା, କିନ୍ତୁ ବର୍ତ୍ତମାନ ମଦ୍ୟପଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଉମରକୋଟ ସହରର ବହୁ ସାହିରେ । ଷ୍ଟ୍ରିଟ ଲାଇଟ ଲାଗୁନି । ଏହାଛଡ଼ା ପୋଲିସ ପକ୍ଷରୁ ପେଟ୍ରୋଲିଂ କରାଯାଉନି ଏବଂ ସହର ରେ ଲାଗିଥିବା କୌଣସି ସିସି କ୍ୟାମେରା କାମ କରୁନାହିଁ ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ଅନ୍ଧାର ରାସ୍ତା, ପୋଲିସ ପେଟ୍ରୋଲିଂର ଅଭାବ ଓ ସି ସି କ୍ୟାମେରାର ଅଚଳ ଯୋଗୁ ଏଭଳି ଘଟୁଛି ବୋଲି ଅଭିଯୋଗ କରିଛନ୍ତି ଉମରକୋଟ ନାଗରିକ ମଞ୍ଚ ସଦସ୍ୟ ତଥା ୧୧ ନମ୍ବର ୱାର୍ଡ କାଉନସିଲର ମୁନା ପାଢ଼ି । ଏଥିସହ ଉମରକୋଟ ସହରର ବିଭିନ୍ନ ଦୋକାନରେ ବେଆଇନ ଭାବରେ ନିଶା ଦ୍ରବ୍ୟ ବିକ୍ରି ହେଉଛି । ଏହି କାରଣ ରୁ ସହରରେ ନିଶାଡି ମାନଙ୍କୁ ସହଜରେ ନିଶା ଦ୍ରବ୍ୟ ମିଳିଯାଉଛି ଏବଂ ନିଶାଡ଼ିଙ୍କ ଦୌରାତ୍ମ୍ୟ ବଢ଼ିଥିବା ଅଭିଯୋଗ ହେଉଛି । ଯାହାଦ୍ୱାରା ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି ।


## ଆଶ୍ରମ ସ୍କୁଲ ପରିଚାଳନାକୁ ନେଇ ପ୍ରଶ୍ନବାଚୀ ?

### ଚାର୍ଜରେ ଥିବା ପ୍ରଧାନଶିକ୍ଷକଙ୍କ ନାମରେ ଲକ୍ଷାଧିକ ଟଙ୍କାର ଠକେଇ ଅଭିଯୋଗ

କୁଚିଣ୍ଡା (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ସବଡିଭିଜନ ଅନ୍ତର୍ଗତ ଅର୍ଡା ବାହାଲ ଗ୍ରାମରେ ହରିଜନ ଆଦିବାସୀ କଲ୍ୟାଣ ଆଶ୍ରମ ସ୍କୁଲ୍ ରହିଛି । ଏଠାରେ ମାସ୍ ଏଜୁକେସନ ଆନୁକୂଲ୍ୟରେ ପରିଚାଳିତ ସରକାରୀ ସ୍କୁଲରେ ଚଳିତ ଶିକ୍ଷାବର୍ଷରେ ୪କ୍ଲାସରୁ ୧୦ମ ପର୍ଯ୍ୟନ୍ତ ୩୦୦ ଛାତ୍ରୀ ହଷ୍ଟେଲରେ ରହି ଅଧ୍ୟୟନ କରୁଛନ୍ତି । ଏଠାକାର ପ୍ରଧାନ ଶିକ୍ଷୟିତ୍ରୀ ୮ମାସ ହେଲା ଅବସର ଗ୍ରହଣ କରିବାପରେ, ସ୍କୁଲର ଅନ୍ୟତମ ସିନିୟର ଶିକ୍ଷକ ହରିହର ନାଏକ ପ୍ରଧାନ ଶିକ୍ଷକ ଚାର୍ଜରେ ରହିଛନ୍ତି । ସ୍କୁଲ ପରିଚାଳନା ସମସ୍ୟା ଜାଣିବାପରେ ପାରୁଆ ଭାଡିର ପୂର୍ବତନ ସରପଞ୍ଚ ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ ହଷ୍ଟେଲ ପରିଚାଳନା ସଂକ୍ରାନ୍ତରେ ସୂଚନା ଆଇନରେ ସୂଚନା ମାଗିଥିଲେ । ୪ମାସର ସୂଚନା ପ୍ରାପ୍ତ ପରେ ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ଜଣାପଡିଛି । ୪ମାସର ପ୍ରଦତ୍ତ ତଥ୍ୟରେ ଅକ୍ଟୋବର ୨୦୨୪ରୁ ଫେବୃଆରୀ ପର୍ଯ୍ୟନ୍ତ ଅକ୍ଟୋବର ରେ ୨ଲକ୍ଷ ୬୨ହଜାର ୮୩୬ ଟଙ୍କା, ନଭେମ୍ବରରେ ୩ଲକ୍ଷ ୭୪ହଜାର ୪୮୫ଟଙ୍କା, ଡିସେମ୍ବରରେ ୨ଲକ୍ଷ ୬୬ହଜାର ୨୧୪ ଟଙ୍କା, ଜାନୁୟାରୀରେ ୩ଲକ୍ଷ ୩୧ହଜାର ୬୫୪ ଟଙ୍କା,ଏବଂ ଫେବୃୟାରୀ ମାସରେ ୩ଲକ୍ଷ ୬୨ହଜାର ୩୫୫ ଟଙ୍କା ଉଠାଣ କରିଥିବା ଦର୍ଶାଇଛନ୍ତି । ଏହି ସାମଗ୍ରୀ କ୍ରୟ , ଗୃହଲକ୍ଷ୍ମୀ ଜେନେରାଲ ଷ୍ଟୋର ପତ୍ରାପାଲି, ମେଘନାଦ ଜେନେରାଲ ଷ୍ଟୋର ପତ୍ରାପାଲି କୁଚିଣ୍ଡା,ଜ୍ୟୋତି କଟନ ଇଣ୍ଡୋଷ୍ଟ୍ରିଜ୍ ଅଏତାପାଲି ଝାରସୁଗୁଡା ଏବଂ ସଦନ କ୍ଲଥଷ୍ଟୋର କେଶାଇ ବାହାଲ ପ୍ରମୁଖରୁ କପଡ଼ା ଓ ତେଜରାତି କ୍ରୟ କରିଥିବା ଉଲ୍ଲେଖ ରହିଛି । କିନ୍ତୁ ଏହାର ସତ୍ୟତା ଜାଣିବାକୁ ସଂପୃକ୍ତ ଅଭିଯୋଗକାରୀ ପ୍ରୟାସ କରିଥିଲେ । ଜଣାପଡିଛି ଯେ, ପତ୍ରାପାଲି ପ୍ରଦତ୍ତ ଅନୁଯାୟୀ ଗୃହଲକ୍ଷ୍ମୀ ଜେନେରାଲ ଷ୍ଟୋର ଓ ମେଘନାଦ ଜେନେରାଲ ଷ୍ଟୋର ଦୋକାନ ନାହିଁ,କପଡ଼ା କ୍ରୟ ଫେରିବାଲା ଠାରୁ କରି ଅଇତାପାଲି ଜ୍ୟୋତିକଟନ ଇଣ୍ଡଷ୍ଟ୍ରିଜ ବୋଲି ଦର୍ଶାଯାଇଛି । ତେବେ ଏପରି ଦୋକନ ନଥିବା ଓ ଚାର୍ଜ ପ୍ରଧାନ ଶିକ୍ଷକ ନିଜେ ବିଲ୍ ପ୍ରିଣ୍ଟ କରି ସ୍କୁଲ ଆଦିବାସୀ, ହରିଜନ ଛାତ୍ରୀଙ୍କ ଏକ ତୃତୀୟାଂଶ ଅର୍ଥ ଆତ୍ମସାତ କରିଥିବା ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି । ଶ୍ରୀ ଅଗ୍ରୱାଲ ଓ ଅଭିଯୋଗକାରୀ ଏସବୁ ଜାଣିବାପରେ, ୧୭ ଏପ୍ରିଲ ୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରୀଭାନ୍ସରେ ସମ୍ବଲପୁରରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟଯେ, ଏଠାକାର ପ୍ରଧାନ ଶିକ୍ଷୟିତ୍ରୀ ଅବସର ନେବାପରେ, ଭୋଜପୁର ଆଶ୍ରମ ସ୍କୁଲ ୨୪ କିଲୋମିଟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପାୱାର ଦିଆଯାଇଛି । ଉପରୋକ୍ତ ସଂକ୍ରାନ୍ତରେ ଫୋନରେ ପ୍ରତିନିଧି ବୁଝିବାରୁ ସେ କହିଥିଲେ ମୁଁ କେବଳ ଦରମା ବିଲରେ ସ୍ୱାକ୍ଷର କରିଛି । ଅନ୍ୟାନ୍ୟ ବିଲ୍ କେଉଁଠାରୁ ସ୍ୱାକ୍ଷର କରିଛନ୍ତି ସେ ବିଷୟ ମତେ ଜଣାନାହିଁ ବୋଲି କହିଛନ୍ତି । ଏଣୁ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ତାଙ୍କଠାରୁ ରିକଭରି କରିବାକୁ ଅଭିଯୋଗ କରିଛନ୍ତି ।

## 'ସୁବର୍ଣ୍ଣଦୀପ'ର ଜନ୍ମ ବିଶେଷାଙ୍କ ଉନ୍ମୋଚିତ

ବରଗଡ(ଭାସ୍କର ନ୍ୟୁଜ୍): ୩୧ତମ ବର୍ଷରେ ପଦାର୍ପଣ କରିଥିବା ବରଗଡ଼ରୁ ପ୍ରକାଶିତ "ଯୁଗୋପଯୋଗୀ ସୁବର୍ଣ୍ଣଦୀପ"ର ଜନ୍ମ ବିଶେଷାଙ୍କ-୨୦୨୫ ପ୍ରକାଶ ପାଇଛି। ଚଳିତ ସଂଖ୍ୟାକୁ ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିର ଠାରେ ଲୋକାର୍ପିତ ହେବା ଅବସରରେ ମୁଖ୍ୟ ପଣ୍ଡିତ ହରିରାମ ପଣ୍ଡା ପଣ୍ଡିତ ସୁମନ୍ତ ଷଡ଼ଙ୍ଗୀ ଜନ୍ମସଂଖ୍ୟା



ଲୋକାର୍ପଣ କରିଥିଲେ । ଶିଶୁ କିଶୋର ପତ୍ରିକା ସଂପାଦକ ପ୍ରଦୀପ୍ତ ଭାନୁ ମହାନ୍ତି, ଉପଦେଷ୍ଟା ସର୍ଦ୍ଦାର ପ୍ରୀତମ ସିଂ, ସହ-ସଂପାଦକ ନବକୃଷ୍ଣ ମିଶ୍ରଙ୍କ ସମେତ ଛାତ୍ରଛାତ୍ରୀ, ପାଠକ ପାଠିକା ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥି ଓ ଛାତ୍ରଛାତ୍ରୀ ୩୧ ବର୍ଷର ଏପ୍ରିଲ-ମଇ ସଂଖ୍ୟାରେ ସଂପାଦକୀୟ ଠାରୁ ଆରମ୍ଭ କରି ରାଜ୍ୟ ସ୍ତରୀୟ ଲେଖକ ଅରୁଣ ଚନ୍ଦ୍ର ମହାନ୍ତି, ଦେବାଶିଷ ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ମହାନ୍ତି, ଅର୍ଜୁନ ଘଡ଼େଇ, ଇଂ. ପ୍ରମୋଦ କୁମାର ନନ୍ଦ, ରାଧାରାଣୀ ପଟ୍ଟନାୟକ, କାମାକ୍ଷୀ ଶତପଥି, ମନୋଜ ଦାଶ ପ୍ରମୁଖ ୨୦ ଜଣ ଲେଲକ ଲେଖିକାଙ୍କର ଭାବଗର୍ଭକ ଗଦ୍ୟ, ପଦ୍ୟର ଉନ୍ନତମାନ, ପିଲାଙ୍କ ଚିତ୍ରରେ ଭାଗ୍ୟଶ୍ରୀ ମାନବୀ ମିଶ୍ର ଓ ଶ୍ରୀଶାନ୍ତ କୁମାର ପଣ୍ଡାଙ୍କ ଚିତ୍ରାଙ୍କନର ଗୁରୁତ୍ୱ ସମ୍ପର୍କେ ଆଲୋଚନା କରିଥିଲେ । ପତ୍ରିକା ନିୟମିତ ହୋଇ ଉଚ୍ଚମାନର ଲେଖା ପରିବେଷଣ କରୁ ବୋଲି ମତ ପ୍ରକାଶ ପାଇଛି ।

## ଡେଡ୍ ହୋଇ ପଡ଼ିରହିଛି ଡେଡ୍‌ବଡି ଫ୍ରିଜର

ବାମରା(ଭାସ୍କର ନ୍ୟୁଜ୍): ବାମରା ବ୍ଲକ ସଦର ମହକୁମା ସ୍ଥିତ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ପ୍ରାୟ ଏକ ବର୍ଷ ହେବ ଏକ ନୂଆ ଡେଡବଡି ଫ୍ରିଜର ଆସିଥିବା ବେଳେ ଏହା ବିଦ୍ୟୁତ୍ ସଂଯୋଗ ନ ହୋଇ ଡେଡ୍ ହୋଇ ଖତ ଖାଉଛି । ଏନେଇ ବାରମ୍ବାର ଅଭିଯୋଗ ସତ୍ୱେ କେହି କର୍ଣ୍ଣପାତ କରୁନାହାନ୍ତି । ସୂଚନା ଅନୁସାରେ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ୨ ଚାମ୍ବର୍ ବିଶିଷ୍ଟ ଏକ ଡେଡ ବଡି ଫ୍ରିଜର ଯୋଗାଇ ଦିଆଯାଇଥିବାବେଳେ ଏହା ସେବେ ଠାରୁ ବିଦ୍ୟୁତ୍ ସଂଯୋଗ ନହୋଇ ଅକାମୀ ହୋଇ ପଡ଼ିରହିଛି । ବାମରା ବ୍ଲକ ସଦର ମୁଖ୍ୟାଳୟ ଠାରେ ରହିଥିବା ଗୋବିନ୍ଦପୁର ଡାକ୍ତରଖାନା ବିଭିନ୍ନ ଦିଗରୁ ଗୁରୁତ୍ୱ ବହନ କରୁଥିବା ବେଳେ ମାସକୁ ୧୫ ରୁ ଅଧିକ ଶବ ଏଠାରେ ବ୍ୟବଚ୍ଛେଦ ପାଇ ଡାକ୍ତରଖାନାକୁ ଆସିଥାଏ । ବିଭିନ୍ନ ସମୟରେ ଶବ ଗୁଡ଼ିକୁ ଫ୍ରିଜରରେ ସୁରକ୍ଷିତ ରଖା ଯାଇଥାଏ । କେତେବେଳେ ଗୋଟିଏ ସମୟରେ ୨/୩ ଟି ମଧ୍ୟ ଶବ



ଡାକ୍ତରଖାନାକୁ ଆସିଥାଏ । ମାତ୍ର ଫ୍ରିଜର କାର୍ଯ୍ୟକ୍ଷମ ନ ଥିବାରୁ ଶବକୁ ବିନା ଫ୍ରିଜରରେ ରଖା ଯାଇଥିବାରୁ ଶବ ପଚି ସଢ଼ି ଯାଉଥିବା ମଧ୍ୟ ଦେଖାଯାଇଛି । ବାମରା ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଂଗଠନର ଫିଜର ଗୋବିନ୍ଦପୁର ଡାକ୍ତରଖାନା ରେ ରଖା ଯାଇଥିବା ବେଳେ ଏହାକୁ ବର୍ତ୍ତମାନ ବ୍ୟବହାର କରାଯାଉ ଥିବା ବେଳେ ସରକାରଙ୍କ ପକ୍ଷରୁ ଯୋଗାଇଦିଆ ଯାଇ ଥିବା ଫ୍ରିଜର ପଡ଼ି ରହି ଖତ ଖାଉଛି । ଏହାକୁ ନେଇ ବାମରା ବ୍ଲକ ମେଡିକାଲ ସୁପରିଟେଣ୍ଡେଣ୍ଟ ନାରାୟଣ ରାଏ ଙ୍କୁ ପଚାରି ବୁଝିବାକୁ ଡେଡ ବଡି ଫ୍ରିଜରରେ ଥ୍ରୀ ଫେଜ୍ ବିଦ୍ୟୁତ୍ ସଂଯୋଗ ଆବଶ୍ୟକତା ରହିଥିବାରୁ ଏଥି ପାଇଁ ବିଦ୍ୟୁତ୍ ବିଭାଗ କୁ ଆବେଦନ କରାଯାଇଛି ଏବଂ ଗୋବିନ୍ଦପୁର ଡାକ୍ତରଖାନା ପରିସର ରେ ଶବ ଗୃହ ନ ଥିବାରୁ ଏପରି ଅସୁବିଧା ହେଉଛି ବୋଲି କହିଥିଲେ । ଅନ୍ୟ ପଟେ ଏ ନେଇ ବାମରା ବିଦ୍ୟୁତ୍ ସେକ୍ସନ ଅଧିକାରୀଙ୍କୁ ପଚାରି ବୁଝିବାରୁ ଥ୍ରି ଫେଜ ବିଦ୍ୟୁତ୍ ସଂଯୋଗ ପାଇଁ ଅନଲାଇନ୍ ଆବେଦନ କଲେ ଶୀଘ୍ର ବିଦ୍ୟୁତ୍ ସଂଯୋଗ କରି ଦିଆଯିବ ବୋଲି ସେ କହିଛନ୍ତି । ଗୋବିନ୍ଦପୁର ଡାକ୍ତରଖାନା ରେ ପଡ଼ି ରହିଥିବା ଡେଡ ବଡି ଫ୍ରିଜରକୁ ଅସ୍ଥାୟୀ ଭାବେ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସାଧାରଣ ରେ ଦାବି ହୋଇଛି ।

## ଫୋନ୍ ପେ' କରିଦେଉଛି କହି ଠକିନେଲେ ୮ହଜାର ଟଙ୍କା

### ଥାନାରେ ଅଭିଯୋଗ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡା ବ୍ଲକର ମାଝୀ ଧନୁଆ ପଞ୍ଚାୟତ ଆଉଁଳି ଗାଁର ଯୋଗେଶ୍ୱର ଭତ୍ରା(୨୫) ଙ୍କ ଗ୍ରାହକ ସେବା କେନ୍ଦ୍ର ଠାରେ ସୋମବାର ଦିନ୧୦:୨୦ରେ ଏକ ଅଜଣା ଯୁବକ ଏକ ଏଚ୍ଏଫ୍ ଡିଲକ୍ସ ଗାଡ଼ିରେ ଆସି ଫୋନ ପେ କରିଦେଉଛି ମୋତେ ୮ହଜାର ଟଙ୍କା ଦିଅ କହି ଫୋନ ପେ ରେ ଏକ ଟଙ୍କା ରିକ୍ୱେଷ୍ଟ ମେସେଜ କରି ୮ହଜାର ଟଙ୍କା ଠକି ନେଇ ତୁରନ୍ତ ବାଇକ ଷ୍ଟାର୍ଟ କରି ଚାଲିଯାଇଥିଲା । ଗ୍ରାହକ ସେବାକେନ୍ଦ୍ରର ମାଲିକ ସେହି ସମୟରେ ନିଜ ଘର ପାଇଁ ଇନ୍ଧନ ଗ୍ୟାସ ଗାଡି ଆସିବାରୁ ତରବରିଆ ଭାବରେ ଉକ୍ତ ଠକକୁ ୮ହଜାର ନଗଦ ବଢ଼ାଇ ନିଜେ ଗ୍ୟାସ ଆଣିବା ପାଇଁ ବ୍ୟସ୍ତ ହେଉଥିବା ବେଳେ ଠକ ଚମ୍ପଟ ମାରିଥିଲା । ପରେ ନିଜ ଫୋନ ପେ'ରେ ୮ହଜାର ଟଙ୍କା ନ ଆସିବା ଦେଖି ଯୋଗେଶ୍ୱର ଅବାକ ହୋଇଥିଲେ । ପରେ ଏହି ଘଟଣା କୁନେଇ ସୋମବାର ଦିନ ଯୋଗେଶ୍ୱର ଭତ୍ରା ସନ୍ଧ୍ୟା ୭:୩୦ରେ କୋଷାଗୁମୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି । ବର୍ତ୍ତମାନ କୋଷାଗୁମୁଡା ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଏତଲା କୁଭିତ୍ତି କରି ତଦନ୍ତ ଆରମ୍ଭ କରିଛନ୍ତି । ସେହି ଭଳି କୋଷାଗୁମୁଡା ସଦର ମହକୁମାର ଏକ ତେଜରାତି ଦୋକାନରୁ ଫୋନ ପେ' ରେ ଟଙ୍କା ରିକ୍ୱେଷ୍ଟ ମେସେଜ ପଠାଇ ଏକ ଠକ ପ୍ରାୟ ୧ହଜାର ଟଙ୍କାର ଜିନିଷ ସହ ଟଙ୍କା ନେଇଥିଲା । ପରେ ଦୋକାନୀ ତୁରନ୍ତ ଠକାମି ର ଶିକାର ହୋଇଥିବା ଜାଣି ପାରି ଉକ୍ତ ଠକ କୁ ଥାନା ରେ ବସାଇଥିଲେ । ପରେ ଉକ୍ତ ଠକକୁ କୋଷାଗୁମୁଡା ଥାନା ପୋଲିସ ଚେତାବନୀ ଦେଇ ଛାଡିଥିଲେ । ଦିନକୁ ଦିନ ଅନଲାଇନ ପେମେଣ୍ଟ ବ୍ୟବସ୍ଥା ଯୋଗୁଁ ସାଧାରଣ ଲୋକଙ୍କୁ ଠକ ଓ ସାଇବର ଲୁଟେରାମାନେ ଏଭଳି ଲୁଟି ଚାଲିଥିବା ଅଭିଯୋଗ ହେଉଛି ।

## ପହଲଗାମ୍ ବର୍ବରକାଣ୍ଡକୁ ନେଇ କବିତା ମାଧ୍ୟମରେ ସଚେତନତା




ମାଲକାନଗିରି (ଭାସ୍କର ନ୍ୟୁଜ୍): ଗତ ଏପ୍ରିଲ ୨୪ ତାରିଖରେ କେତେ ଜଣ ଆତଙ୍କବାଦୀ ଜମ୍ମୁର ପହଲଗାମ୍ ଠାରେ ୨୭ ଜଣ ହିନ୍ଦୁଙ୍କୁ ଗୁଳିକରି ହତ୍ୟା ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏହାର ଜବାବରେ ଭାରତ ସରକାର ମେ ୭ ତାରିଖ ରେ ପାକସ୍ତାନ ଉପରେ ଅପରେସନ ସିନ୍ଦୂର ମାଧ୍ୟମରେ ଆକ୍ରମଣ ଆରମ୍ଭ କରିଥିଲେ । ଏହାକୁ ନେଇ ମାଲାକନଗିରି ଜିଲ୍ଲା କାଳିମେଳା ବ୍ଲକ ମାନ୍ୟମକୋଣ୍ଡା ପଂଚାୟତ ଅଞ୍ଚଳର ଆଦିବାସୀ କବି ଭଗବାନ ହନ୍ତାଳ ଭାରତବାସୀଙ୍କୁ ସଚେତନ କରିବା ନେଇ ଏକ କବିତା ଲେଖୀ ଗ୍ରାମ ଗ୍ରାମ ବୁଲି ନାଗରିକଙ୍କୁ ସଚେତନ କରୁଛନ୍ତି । ଉକ୍ତ କବିତାରେ ଉଲ୍ଲେଖ ରହିଛି, ଏହି ଜଗତ ନୁହେଁ ନାଲି, ନୁହେଁ ରଙ୍ଗ, ସିନ୍ଦୂର ହେଉଛି ହିନ୍ଦୁଙ୍କ ପ୍ରତୀକ । ସିନ୍ଦୂରର ମହତ ତୁମେ କ'ଣ ଜାଣିଛ, ହିନ୍ଦୁ ନାରୀର ଶୀର୍ଷକ । ଭାରତରେ ଖାଲି ହିନ୍ଦୁ ନୁହେଁ, ମୁସଲମାନ, ଖ୍ରୀଷ୍ଟିଆନ ଭଳି ଅନେକ ଜାତିର ଲୋକ ରହୁଛନ୍ତି ଭାରତବର୍ଷରେ । ସମସ୍ତେ ଭାଇଚାରାକୁ ଆପଣେଇ ରହୁଥିବା ବେଳେ ତୁମ୍ଭେମାନେ ଏହାକୁ ଲୀନ କରୁଅଛ । ହିନ୍ଦୁ ଜାଣିଛି ସିନ୍ଦୂରର ମର୍ମ, ନିଆଁ ଜାଣି ପାରିବ ନାହିଁ, ରାଗ, ଅହଂକାରରେ ୨୭ ଜଣ ମହିଳାଙ୍କ ସିନ୍ଦୂର ପୋଛିଲ । ତୁମ୍ଭ ଦେଶରେ ଶତ୍ରୁ ନାହାନ୍ତି କି ଯେ, ଆମ୍ଭଦେଶର ହିନ୍ଦୁମାନଙ୍କ ପ୍ରାଣ ନେଲ । ଏହି ପ୍ରାଣ ତୁଚ୍ଛାରେ ଯିବନାହିଁ । ବେଳ ଆସୁଛି ପ୍ରତିଶୋଧ ପାଇଁ, ଦେଶବାସୀ ହେବ କଲବଲ । ଦିନ ଥିଲା ଇଂରେଜମାନେ ଶାସନ କରୁଥିଲେ । ସେହି ସମୟରେ ଝାନସୀ ରାଣୀ ଭଳି ନାରୀ ଆମ ଭାରତରେ ଜନ୍ମ ନେଇ ଇଂରେଜମାନଙ୍କ ସହ ଲଢିଥିଲେ । ଆମ ଭାରତର ଦୁଇ ବୀରାଙ୍ଗନା ସିନ୍ଦୂର ସଂଗ୍ରାମରେ ଯାଇ ଦୋହଲାଇ ଦେଲେ । ତୁମ ଦେଶକୁ ଯାହାକୁ ତୁମେ ରୋକି ପାରିଲ ନାହିଁ । ସିନ୍ଦୂରର ଶକ୍ତି କେତେ ରହିଛି, କଳ୍ପନା କରିପାରିବ ନାହିଁ । ସିନ୍ଦୂରର ତାକତ ଦେଖାଇଦେବୁ ।ମରିବୁ ଝୁରି ଝୁରି ଆଦି ଉଲ୍ଲେଖ କରିଛନ୍ତି ।

## ଜୟପୁରରେ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ

କୋରାପୁଟ(ଭାସ୍କର ନ୍ୟୁଜ୍): ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟପୁରରେ ସର୍ବସାଧାରଣଙ୍କ ଅଭିଯୋଗ ଶୁଣିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସମସ୍ତ କାର୍ଯ୍ୟ ତଦାରଖକରିବା ପାଇଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଜିଲ୍ଲା ପ୍ରଶାସନକୁ ଚିଠି ଆସିଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ କେଉଁମାନେ ଅଭିଯୋଗ କରିବେ ତାହାର ଚିଠା ପ୍ରସ୍ତୁତ ପାଇଁ ପ୍ରଶାସନ ଓ ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ପୋଲିସକୁ ନିର୍ଦ୍ଦେଶ ହୋଇଛି । ଜୁନ ୧ରେ କୋରାପୁଟ ଜିଲ୍ଲା ଗସ୍ତରେ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୨ତାରିଖରେ ଜୟପୁରରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରହିଛି । ଜିଲ୍ଲାପାଳ ଭି କୀର୍ତି ଭାସନ , ଏସପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପାଳ ଆକାବରମ୍ ସସ୍ୟା ରେଡି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ, ଜିଲ୍ଲା ଚିକିତ୍ସାଳୟ ନିକଟସ୍ଥ ପଡିଆ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଦିନେ ଦୁଇ ଦିନ ମଧ୍ୟରେ ଜାଗା ଚୟନ ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମ୍ପର୍କରେ ସ୍ପଷ୍ଟ ହେବ । ସମ୍ବଲପୁର, ବ୍ରହ୍ମପୁର ପରେ ଜୟପୁରରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେବାକୁ ଯାଉଛି ।

## ହରିଶଙ୍କର ମନ୍ଦିର ପୂଜାରୀ ପରିବାରକୁ ମିଳିଲା ଅନୁସୂଚିତ ଜନଜାତି ସ୍ୱୀକୃତି

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ହରିଶଙ୍କର ମନ୍ଦିର ପୂଜକ ନାନ୍ଦୁପଲା ଗାଁ ର ପୂଝାରୀ ପରିବାରଙ୍କ ଜମିପଟ୍ଟାରେ ଦଳକନ୍ଧ ଲେଖା ଥିବାରୁ ଅନୁସୂଚିତ ଜନଜାତି ଭାବରେ କୌଣସି ସହାୟତା, ଜାତି ପ୍ରମାଣ ପତ୍ର ଇତ୍ୟାଦି ମିଳୁନଥିଲା । ଯାହାଫଳରେ ପୂଜାରୀ ପରିବାର ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏନେଇ ଅନୁସୂଚିତ ଜନଜାତି ପ୍ରମାଣ ପତ୍ର ପାଇବାକୁ ପୂଜାରୀ ପରିବାର ବରିଷ୍ଠ ସଦସ୍ୟ ରବିଚନ୍ଦ୍ର ପୂଜାରୀ ସମ୍ବଲପୁର ଆରଡିସିଓ ବରଗଡ଼ ଅତିରିକ୍ତ ଜମି ବନ୍ଦୋବସ୍ତ ଅଧିକାରୀଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ପୂଝାରୀ ପରିବାରର ରୀତି ନୀତି , ଚାଲି ଚଳଣୀ, ପରମ୍ପରା ଉପରେ ତର୍ଜମା କରିବା ସହିତ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ,ବିଶ୍ୱାସେ ଦଳ ସମାଜ



ନିଜର ମତାମତ ରଖିବା ସହିତ ପ୍ରତିପକ୍ଷ ଖପ୍ରାଖୋଲ ତହସିଲଦାର ଓ ସମ୍ବଲପୁର ବନ୍ଦୋବସ୍ତ ଅଧିକାରୀଙ୍କ ମତାମତ ପରେ ପୂଝାରୀ ପରିବାରକୁ ବରଗଡ଼ ଅତିରିକ୍ତ ବନ୍ଦୋବସ୍ତ ଆୟୋଗ ୧୯୫୮ ସର୍ବେକ୍ଷଣ ଓ ବନ୍ଦୋବସ୍ତ ଆଇନ ବଳରେ ପୂଜାରୀ ପରିବାରର ଜମି ପଟ୍ଟାରେ ଜାତି ଲେଖା ପରିବର୍ତ୍ତନ ସହିତ ଅନୁସୂଚିତ ଜନଜାତି ସ୍ୱୀକୃତି ଦେଇଥିବା ଜଣାଯାଇଛି । ଯାହାଫଳରେ ପୂଜାରୀ ପରିବାର ମଧ୍ୟରେ ଉତ୍ସବ ପାଳନ କରିଥିବା ବେଳେ ଆବେଦନକାରୀ ବରିଷ୍ଠ ସଦସ୍ୟ ରବି ଚନ୍ଦ୍ର ପୂଜାରୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ବ୍ଲକ୍ ସଭାପତି ବିପ୍ର ବିଶି, ବିଶ୍ୱାସେ ଦଳ ସମାଜ ଜିଲ୍ଲା ସଭାପତି ପ୍ରୀତ ସିଂ ମଲ୍ଲିକ, ସଂପାଦକ ଇନ୍ଦ୍ରମଣି ଭୁଏ, ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ,ଧରମ ସିଂ ଧରୁଆ,ଗୁପ୍ତେଶ୍ୱର କୁଅଁର, ଶଶି ପୁଝାରୀ, ପଞ୍ଚା ପୁଝାରୀ, ରୁଦ୍ର ପୁଝାରୀ, ଜୟ ସିଂ ପୁଝାରୀ ପ୍ରମୁଖ ପୁଝାରୀ ପରିବାର ସଦସ୍ୟ,ଶୁଭେଚ୍ଛୁ ଉପସ୍ଥିତ ଥିଲେ ।

## ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହେଲେ ମନ୍ତ୍ରୀ

କୁଚିଣ୍ଡା(ଭାସ୍କର ନ୍ୟୁଜ୍):ଅପରେସନ ସିନ୍ଦୂରର ସଫଳତା ତଥା ଭାରତର ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କୁଚିଣ୍ଡା ଠାରେ ଭାରତୀୟ ଏକତା ମଞ୍ଚ କୁଚିଣ୍ଡା ପକ୍ଷରୁ ଏକ ବିରାଟ 'ପରାକ୍ରମ ଶୋଭାଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଏକତା ମଞ୍ଚ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଭାରତୀୟ ଜନତାପାର୍ଟି କାର୍ଯ୍ୟକର୍ତ୍ତା, କୁଚିଣ୍ଡା ଉପଖଣ୍ଡବାସୀ, ଜନସାଧାରଣ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହିତ 'ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହୋଇଛନ୍ତି ମନ୍ତ୍ରୀ ରବିନାରାୟଣ ନାଏକ । କୁଚିଣ୍ଡା ପୂର୍ତ୍ତବିଭାଗ ଡାକବଙ୍ଗଳାରୁ ଏହି ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି କୁଚିଣ୍ଡା ସହର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରା ଅପରେସନ ସିନ୍ଦୂରର ସଫଳତା, ଦେଶର ସୈନ୍ୟଶକ୍ତିର ଶୌର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇବାର ମହାନ ଅବସର । 'ଅପରେସନ ସିନ୍ଦୂର' ଜରିଆରେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଛି । ଭାରତର ସୈନିକ ଶକ୍ତି ନିଜର ପରାକାଷ୍ଠା ଦେଖାଇଛି । ଭାରତୀୟ ସେନାମାନେ ନିପୁଣତାର ସହ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶୟ ଦେଉଥିବା ପାକିସ୍ତାନକୁ ଉଚିତ୍ ଜବାବ୍ ଦେଇଛି । 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂଆ ପରିଚୟ ତିଆରି କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ ନେତୃତ୍ୱ ଏବଂ ଭାରତୀୟ ସେନାର ଅଦମ୍ୟ ସାହସ ପାଇଁ ରବିନାରାୟଣ ନାଏକ ଧନ୍ୟବାଦ ଜଣାଇଛନ୍ତି ।

## ଶାଗୁଆନ କାଠ ସହ ମ୍ୟାକ୍ସ ପିକ୍‌ଅପ୍ ଜବତ, ଜଣେ ଗିରଫ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣୁପୁର ବନବିଭାଗ ପକ୍ଷରୁ ସୋମବାର ବିଳମ୍ବିତ ରାତ୍ରି ସମୟରେ ମ୍ୟାକ୍ସ ପିକଅପ ଯୋଗେ ଶାଗୁଆନ କାଠ ବେଆଇନ ଭାବେ ଚୋରାଚାଲାଣ ବେଳେ ଚଢାଉ କରା ଯାଇଥିଲା । ଚଢାଉବେଳେ ୨୯ ଟି ଶାଗୁଆନ କାଠଗଣ୍ଡି ଜବତ କରାଯାଇଥିଲା ଯାହାର ଘନଫଳ ୮୦ ସିଏଫ୍‌ଟି । ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ବୋଲି ଜଣାପଡିଛି । ମ୍ୟାକ୍ସ ପିକ୍‌ଅପ ଗାଡିକୁ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କଲା ବନବିଭାଗ । ଗିରଫ ଅଭିଯୁକ୍ତ ଆନ୍ଧ୍ରର ମାନ୍ୟଂ ଜିଲ୍ଲାର



ନୀଳକଣ୍ଠ ପୁର ଥାନା ଅନ୍ତର୍ଗତ ସଞ୍ଜୁବାଇ ଗ୍ରାମର ବିଡିକା ବିଜୟ କୁମାର । ମରଡା ଗ୍ରାମରୁ ଶାଗୁଆନ କାଠଗଣ୍ଡି ଧରି ବେଆଇନ ଭାବେ ଚୋରାଚାଲାଣ କରି ଆନ୍ଧ୍ର ଓଡିଶା ସିମାନ୍ତ ଗଠଲପଦର ରାସ୍ତାରେ ମ୍ୟାକ୍ସପିକ୍‌ଅପ ଗାଡି ଯୋଗେ ଚାଲାଣ ହେଉଥିବା ବେଳେ ରେଲିଗୁଡା ନିକଟ ମୁଖ୍ୟ ରାସ୍ତା ଉପରେ ଚଢାଉ କରଯାଇଥିଲା। । ଜବତ କାଠ ଆନ୍ଧ୍ର ମରଡାରୁ ବାହାରି ଓଡିଶା ରାସ୍ତା ଦେଇ ଆନ୍ଧ୍ରର କତୁରୁ ଡିପୋକୁ ଚୋରା ଚାଲାଣ ହେଉଥିବା ନେଇ ସୂଚନା ଦେଇଛନ୍ତି ଗୁଣୁପୁର ରେଞ୍ଜର ଗଙ୍ଗାଧର ମିଶ୍ର ।



ପୁରୀ (ଭାସ୍କର ନ୍ୟୁଜ) : ଆଗାମୀ ବିଶ୍ୱପ୍ରସିଦ୍ଧ ମହାପ୍ରଭୁଙ୍କ ରଥଯାତ୍ରା-୨୦୨୫ କୁ ସୁସଂଗଠିତ ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲିବାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଆଜି ପୁରୀ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଆଇ.ପି.ଏସ. ଙ୍କ ଅଧ୍ୟକ୍ଷତାରେ ପୁରୀ ସହରର ୮ଟି ପ୍ରମୁଖ ସାହିର ପ୍ରତିନିଧିମାନଙ୍କ ସହିତ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହେଲା।ଏହି ବୈଠକରେ ରଥଯାତ୍ରା ସମୟରେ ସାହିମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା ଓ ଏହାର ସମାଧାନ ପାଇଁ ପୋଲିସ ପ୍ରଶାସନ ଓ ସାହିମାନଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ଶ୍ରୀମନ୍ଦିରର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ୮ଟି ସାହିର ସଭାପତି, ସଚିବ ଓ ସିରିୟର ସଦସ୍ୟମାନେ ଅଂଶ ନେଇଥିଲେ। ଏହାସହିତ ପୋଲିସ ଅଧିକାରୀମାନେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୌମ୍ୟରଞ୍ଜନ ମଲ୍ଲିକ,ସିଟି ଡିଏସ୍ପି ପ୍ରଶାନ୍ତ କୁମାର ସାହୁ,ଟ୍ରାଫିକ୍ ଡିଏସ୍ପି ରାଜକୁମାର ପରିଡା, ଏସି ଘନଶ୍ୟାମ ହେମ୍ବ୍ରମ,ଏସି ବିଜୟ କୁମାର ନନ୍ଦ, ଟ୍ରାଫିକ୍ ଆଇଆଇସି ଜୟଦୀପ ମୋହାନ୍ତି,ଟାଉନ୍ ଆଇଆଇସି ଗୋକୁଲ ରଞ୍ଜନ ଦାସ,ବାସେଲିସାହି ଆଇଆଇସି ବିକ୍ରମ କିଶୋର ଜେନା,ସିଂହଦ୍ୱାର ଆଇଆଇସି ସ୍ୱେତପଦ୍ମା ଦାଶ ଓ ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## AFFIDAVIT

By virtue of an affidavit sworn before the Executive Magistrate, Kesinga, Dist- Kalahandi on dated 25.02.2025, I, Sukesh Kumar Gond, S/o- Pitabas Gond, resident of village/post- Laitara, Ps- Kesinga, Dist- Kalahandi, declares that my son's actual name is Rupesh Kumar Gond, S/o- Sukesh Kumar Gond as per Birth Certificate, but wrongly mentioned as Rupash Gond, S/o- Sukesh Gond. Rupesh Kumar Gond & Rupash Gond, S/o- Sukesh Kumar Gond is same and one person myself. This is to be used as & when required to avoid future litigation.
Sd/- Sukesh Kumar Gond

## AFFIDAVIT

By virtue of an affidavit sworn before the Executive Magistrate, Banpur, dated: 17.05.2025, I, Khiroda chandra Nayak, Address: At- Dadhibamanpur, Po- Harichandanpur, Ps- Nachuni, Dist- Khordha, Odisha, PIN-752035, declare that I have changed my son's name from Piusjit Nayak to Piyushjit Nayak. Henceforth, He shall be known as Piyushjit Nayak for all purposes.
**Sd/- Khiroda chandra Nayak**

## AFFIDAVIT

By virtue of an affidavit sworn before the Notary Public, Jatni, dated: 26.05.2025, I Manoranjan Mahapatra, Address: village- Talashi Deulabasta,Po- Aragul, Ps- Jatni, Dist- Khordha, Odisha, PIN-752050, declare that I have changed my name from Manaranjan Mohapatra to Manoranjan Mahapatra. Henceforth, I shall be known as Manoranjan Mahapatra for all purposes.
**Sd/- Manoranjan Mahapatra**

## AFFIDAVIT

By virtue of an affidavit sworn before the Executive Magistrate, Bhanjanagar, Ganjam, dated: 27.05.2025, I, Ratnamala Pradhan, Address: village- Kotibaradi, Po- Kullada, Ps- Bhanjanagar, Dist- Ganjam, Odisha, PIN-761131, declare that I have changed my name from Ratnamala Chidananda Pradhan to Ratnamala Pradhan. Henceforth I shall be known as Ratnamala Pradhan for all purposes.
Sd/- Ratnamala Pradhan

## AFFIDAVIT

By virtue of an affidavit sworn before the Executive Magistrate, Jajpur, dated: 23.05.2025, I, Aruna Kumar Panda, Address: village- Jamuna, Po- Bhubaneswarpur, Ps- Jajpur Sadar, Dist- Jajpur, Odisha, PIN-755043, declare that I have changed my daughter's name from Achrita Panda to Archita Panda. Henceforth, She shall be known as Archita Panda for all purposes.
Sd/- Aruna Kumar Panda

## AFFIDAVIT

By virtue of an affidavit sworn before the Executive Magistrate, Puri, dated: 08.05.2025, I, Mukteswara Mallick, Address: At- Kapoteswar, Po- Chandanpur, Ps- Chandanpur, Dist- Puri, Odisha, PIN-752012, declare that I have changed my name from Sur Mallick to Mukteswara Mallick. Henceforth, I shall be known as Mukteswara mallick for all purposes.
**Sd/- Kukteswara Mallick**

# ତିନିରଥର ପ୍ରଥମ, ଦ୍ୱିତୀୟ ଭୂଇଁ ଓ ଆଗ ଭୂଇଁ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ



ପୁରୀ (ଭାସ୍କର ନ୍ୟୁଜ) : ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ରଥଖଳାରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ରଥଖଳାକୁ ପର୍ଯ୍ୟାୟ କ୍ରମେ ରଥକାଠ ଆସି ପହଞ୍ଚୁଛି । ରବିବାର ଦିନ ଏକ ଟ୍ରକରେ ରଥକାଠ ପୁରୀରେ ରଥଖଳାରେ ପହଞ୍ଚିଥିଲା । ସେଥିରେ ଆସିଥିବା କାଠ ମଧ୍ୟରେ ୪୦ ଫୁଟିଆ ୧୦ ଖଣ୍ଡ ଧଉରା ଏବଂ ୨୨ ଖଣ୍ଡ ରହିଛି କାଠ ଗୁଡିକ ବୌଦ୍ଧ କଣ୍ଟାମାଳ ବନଖଣ୍ଡରୁ ଆସିଥବା ଜଣାପଡିଛି । ରଥଖଳାରେ ଭୂଇଁ ଚଉତା ବିନ୍ଧ ଅନୁକୂଳ ପୂଜା ସହ ଭୂଇଁ ଚଉତାର ପାଖୁଡା ବିନ୍ଧ ଶେଷ ହୋଇଯାଇଛି । ରବିବାର ଭୋଇ ସେବକ ମାନେ ତିନିରଥର ତୁମ୍ବରେ ସିଙ୍ଗଡା ବାଡିଆ କାର୍ଯ୍ୟ ଯନ୍ତା ଗାଡରେ ଶେଷ କରିଥିଲେ । ଶେଷ ସିଙ୍ଗଡା ବାଡିଆ ତୁମ୍ବ ତିନିରଥର ଚାଳି ମହାରଣା ମାନଙ୍କୁ ହସ୍ତାନ୍ତର କରିବା ପରେ ଯନ୍ତାଗାଡ ପୋତାପର୍ବ ଭୋଇ ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ତିନିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଓ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଁଏ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଶେଷ ହୋଇଛି । ଚଉତା କାଠ ଗୁଡିକରେ ୫ଟି ଲେଖାଁଏ ପାଖୁଡା ବିନ୍ଧ କାମ ସରିଛି । ତିନିରଥର ୪୨ ଯୋକାର ନିର୍ମାଣ କାର୍ଯ୍ୟ ସରିଛି । ୧୮ ଫୁଟିଆ ଯୋକା ଗୁଡିକ ରଥର ଅଖ,କୁତୁକା, ଗୟଳ ଓ ନିରାଡିକୁ ମଜବୁତ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ । ତିନିରଥର ୮ ଟି ଲେଖାଁଏ ୨୦ ଫୁଟିଆ ୧୪ ନାହାକର ଚଉପଟ କମ ସରିଛି । ସେଗୁଡିକର ଆଠକଣି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୋମବାର ସୁଦ୍ଧା ତିନିରଥର ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନିରଥର ରୂପକାର ମାନେ କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ କାମ କରୁଛନ୍ତି । ରୂପ ଖୋଦେଇ ଶେଷ ହୋଇଥିବା ରୂପ ଗୁଡିକରେ ପଲିସି କରି ଅଳଙ୍କାର କାର୍ଯ୍ୟ ଜାରି ରଖିଛନ୍ତି । ଦୋଳବେଦି ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର ଘଡି ମୁହଁ ଦଣ୍ଡାକଣ୍ଟା ,ଦଣ୍ଡା ବିଡିଆ ଓ ଅଗ ପାତେଳି କଣ୍ଟା ନିର୍ମାଣ କାର୍ଯ୍ୟ କରୁଛନ୍ତି ।

## AFFIDAVIT

By virtue of an affidavit sworn before the Executive Magistrate, Bhapur, dtd. 21.05.2025, I, Jyotshnamayee Mohapatra, D/o- Pramod Kumar Mohapatra, resident of village- Kunjabiharipur Sasan, Post- Begunia, Ps- Fategarh, Dist- Nayagarh, declares that my actual name is Jyotshnamayee Mohapatra which is mentioned in Board of Secondary Education Certificate. But wrongly mentioned Jyotshna Mahapatra in Aadhar Card. Jyotshnamayee Mohapatra & Jyotshna Mahapatra is same and one person myself. This affidavit is to be produced before concerned authority for Aadhar correction.
Sd/- Jyotshnamayee Mohapatra

## PUBLIC NOTICE

This NOTICE is hereby given that my client Mr. Naba Kishore Shaw has lost his two Link Deeds in respect of Khata No- 181 Plot no-641 , Mouza- Bidyadharpur, Tahasil- Barang, PS- Cuttack Sadar, Dist- Cuttack, Odisha- 753014 , having Sale Deed nos- 87 on date:-16.01.2009and 1061 on date- 24.02.2009 in the name of Rakesh Pattnaik and Brahmananda Mohanty and also a general diary for the same has been lodged with Markatnagar Police Station , on 27.05.2025 and general diary Number- 24862015072500030. All Person/ Persons are hereby informed to put in their claims or interest of objection about the said above referred documents and / or about the said property or any part thereof, within a period of 15 days along with the sufficient evidence from appearance of this notice. If the Sale deed is not found within 15 days , then the certified copy of the document obtained from the registry office will be considered as the original document.

**P. K Nayak**
**Advocate**
**Cuttack Court**
**Ph :-8984561380**

ଫର୍ମ ଜି
ଭୁବନେଶ୍ୱର ଏକ୍ସପ୍ରେସୱେଜ୍ ପ୍ରାଇଭେଟ ଲିମିଟେଡ୍ ପାଇଁ ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ନିମନ୍ତେ ଆମନ୍ତ୍ରଣ
ଭୁବନେଶ୍ୱରରେ ସ୍ୱତନ୍ତ୍ର ଉଦ୍ଦେଶ୍ୟରେ ଯାନ ନିର୍ମାଣ (ଏସ୍‌ପିଭି) ସେବା ଯୋଗାଉଥିବା ନିର୍ମାଣ କମ୍ପାନୀ, ଓଡ଼ିଶା
ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ ରପ୍ଟସି ବୋର୍ଡ ଅଫ୍ ଇଣ୍ଡିଆର ୨୦୧୬ ଆଇନ ଅନୁଯାୟୀ ଉପଧାରା (୧)ର ଆଇନ ୩୬ଏ (ଇନସଲଭେନ୍ସି ରିଜୋଲ୍ୟୁସନ ପ୍ରୋସେସ କର୍ପୋରେଟ ବ୍ୟକ୍ତିଙ୍କ ପାଇଁ)

| ରିଲେଭାଣ୍ଟ ବିବରଣୀ | | |
|---|---|---|
| ୧. | ପାନ ଏବଂ ସିଆଇଏନ୍/ ଏଲଏଲପି ନମ୍ବର ସହ କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ଭୁବନେଶ୍ୱର ଏକ୍ସପ୍ରେସ ୱେ ପ୍ରାଇଭେଟ ଲିମିଟେଡ୍ ସିଆଇଏନ୍-ୟୁ୪୫୨୦୦ଡିଏଲ୨୦୧୦ପିଟିସି୨୦୫୧୨୧ |
| ୨. | ପଞ୍ଜିକୃତ କାର୍ଯ୍ୟାଳୟର ଠିକଣା | ପଞ୍ଜିକୃତ କାର୍ଯ୍ୟାଳୟ: ଡି-୪୨୭, ଦ୍ୱିତୀୟ ମହଲା, ରାମଫାଲ ଚୌକ, ପାଲାମ ଏକ୍ସଟେନସନ, ସେକ୍ଟର-୭, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୫, ପୂର୍ବର ରେଜିଷ୍ଟ୍ରର ଅଫିସ- ସପ୍ ନଂ ୧୧୯, ପ୍ରଥମ ମହଲା, ସେକ୍ଟର-୭, ଏଲଏସସି-୩, ବର୍ଦ୍ଧମାନ ଷ୍ଟାରସିଟି ମଲ୍ଲ, ଦ୍ୱାରକା, ନୂଆଦିଲ୍ଲୀ-୧୧୦୦୭୭ |
| ୩ | ୱେବସାଇଟ୍‌ର ୟୁଆରଏଲ | https://www.bexp.in/ |
| ୪ | ଯେଉଁଠାରେ ଅଧିକ ପରିମାଣର ଫିକ୍ସଡ ଆସେଟ୍ ରହିଛି ସେ ସ୍ଥାନର ବିବରଣୀ | ରାଇଗଡ଼, ମହାରାଷ୍ଟ୍ର |
| ୫ | ମୁଖ୍ୟ ସାମଗ୍ରୀ/ ସେବାର ଇନଷ୍ଟଲ କାପାସିଟି | ଆବଶ୍ୟକ ନାହିଁ |
| ୬ | ଗତ ଆର୍ଥିକ ବର୍ଷରେ ମୁଖ୍ୟ ସାମଗ୍ରୀ/ସେବାର ବିକ୍ରି ପରିମାଣ ଓ ମୂଲ୍ୟ | ଆବଶ୍ୟକ ନାହିଁ |
| ୭. | କର୍ମଚାରୀ/କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା | ଶୂନ |
| ୮. | ଗତ ଦୁଇ ବର୍ଷର ଆର୍ଥିକ ବିବରଣୀ ସହ ପରବର୍ତ୍ତୀ ବିବରଣୀ (ସିଡ୍ୟୁଲ ସହ), ୟୁଆରଏଲରେ ଧାରକଙ୍କ ବିବରଣୀ ରହିଛି | ପୂର୍ବବର୍ଷର ଆର୍ଥିକ ସ୍ଥିତି https://drive.google.com/drive/folders/1JwrlhXutnKGcRKoMaB8QZrbgUsl3eu5G?usp=drive_link ପ୍ରୋସେସ ପାଇଁ ଆବଶ୍ୟକ ଦସ୍ତାବିଜ୍ https://www.bexp.in/ |
| ୯. | ୟୁଆରଏଲରେ ଥିବା କୋଡ ସହିତ ଧାରା ୨୫(୨) (ଏଚ୍) ସହ ରିଜ୍ୟୁଲେସନରେ ଥିବା ଆବେଦନକାରୀଙ୍କ ଯୋଗ୍ୟତା | ପ୍ରୋସେସ ସମ୍ବନ୍ଧିତ ଦସ୍ତାବିଜ https://www.bexp.in/ (Document Title: |
| ୧୦. | ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ ଗ୍ରହଣ କରିବାର ଶେଷ ତାରିଖ | ୦୩.୦୬.୨୦୨୫ ମଙ୍ଗଳବାର (ସମ୍ପ୍ରସାରିତ) |
| ୧୧. | ରିଜୋଲ୍ୟୁସନରେ ଥିବା ଆବେଦନକାରୀଙ୍କ ପ୍ରୋଭିଜନାଲ ତାଲିକାର ଦିଆଯାଇଥିବା ତାରିଖ | ୧୩.୦୬.୨୦୨୫ ଶୁକ୍ରବାର |
| ୧୨. | ପ୍ରୋଭିଜନାଲ ତାଲିକା ସମ୍ବନ୍ଧରେ ଅଭିଯୋଗ ଥିଲେ ଦାଖଲ କରିବାର ଶେଷ ତାରିଖ | ୧୮.୦୬.୨୦୨୫ ବୁଧବାର |
| ୧୩. | ରିଜ୍ୟୁଲେସନରେ ଥିବା ଯୋଗ୍ୟ ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶନର ତାରିଖ | ୨୮.୦୬.୨୦୨୫ ଶନିବାର |
| ୧୪. | ରିଜ୍ୟୁଲେସନରେ ଥିବା ଯୋଗ୍ୟ ଆବେଦନକାରୀଙ୍କ ରିଜ୍ୟୁଲେସନ ପ୍ଲାନ୍‌ର ଅନୁରୋଧ ସହ ମେମୋରାଣ୍ଡମର ସୂଚନା, ମାଟ୍ରିକ୍ସର ମୂଲ୍ୟାୟନ ତଥା ପ୍ରକାଶନର ତାରିଖ | ୧୩.୦୬.୨୦୨୫ ଶୁକ୍ରବାର |
| ୧୫. | ରିଜ୍ୟୁଲେସନ ପ୍ଲାନ ଦାଖଲ କରିବାର ଶେଷ ତାରିଖ | ୧୪.୦୭.୨୦୨୫, ସୋମବାର, ତେବେ କୋଡ୍‌ର ଧାରା ୧୨(୩) ଅନୁଯାୟୀ ମାନ୍ୟବର ଯୋଗ୍ୟ ଅଧିକାରୀଙ୍କ ଆବଶ୍ୟକ ଅନୁମତିକ୍ରମେ ସମ୍ପ୍ରସାରଣ |
| ୧୬. | ଏକ୍ସପ୍ରେସନ ଅଫ ଇଣ୍ଟରେଷ୍ଟ ଦାଖଲ କରିବା ପାଇଁ ଇ-ମେଲ ଆଇଡି | bepl.cirp@gmail.com |
| ୧୭. | ଏମ୍ଏସଏମଇରେ କର୍ପୋରେଟ ଧାରକଙ୍କ ରେଜିଷ୍ଟ୍ରେସନ ବିବରଣୀ | ରେଜିଷ୍ଟ୍ରର ହୋଇନାହିଁ |

ତାରିଖ: ୨୮.୦୫.୨୦୨୫
ସ୍ଥାନ: ନୂଆଦିଲ୍ଲୀ

ସ୍ୱା/-
ସିଏ ମୋନିକା ଅଗ୍ରୱାଲ
ରିଜୋଲ୍ୟୁସନ ପ୍ରଫେସନାଲ
ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ (ସିଆଇଆରପି ଅଧୀନରେ)
ଆଇବିବିଆଇ ରେଜିଷ୍ଟ୍ରେସନ ନଂ: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପିଓ-୧୧୩୬/୨୦୧୮-୧୯/୧୧୮୬୬
୩୧.୧୨.୨୦୨୫ ପର୍ଯ୍ୟନ୍ତ ଏଏଫଏ ଭାଲିଡ୍
ଆଇବିବିଆଇ ରେଜିଷ୍ଟ୍ରର୍ଡ ଠିକଣା: ୨୦୫, ଚୋପ୍ରା କମ୍ପ୍ଲେକ୍ସ, ୮ ପ୍ରୀତବିହାର, କମ୍ୟୁନିଟି ସେଣ୍ଟର, ନୂଆଦିଲ୍ଲୀ bepl.cirp@gmail.com (ପ୍ରୋସେସ ସ୍ପେସିଫିକ୍)
cacsmonika.agarwal@gmail.com(ଆଇବିବିଆଇ ସହ ପଞ୍ଜୀକୃତ)

# ମୌସୁମୀ ପରେ ୨ୟ ପର୍ଯ୍ୟାୟ ଅନ୍ତ୍ୟୋଦୟ ଘର ବଣ୍ଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୌସୁମୀ ପରେ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତ୍ୟୋଦୟ ଘର ବଣ୍ଟନ ହେବ। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସବୁ ଯୋଜନାରୁ ବାଦ୍ ପଡ଼ିଥିଲେ ସେମାନଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୬୦ ହଜାର ଘର ଦିଆଯାଇଛି। ହିତାଧିକାରୀଙ୍କ ତାଲିକା ଚାଲିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପରିବାରର...

ସେମାନେ ଡେରାଡୁନରେ ଏକ ଟୁର୍ ଓ ଟ୍ରାଭେଲ ବ୍ୟବସାୟ କରୁଥିଲେ। ବ୍ୟବସାୟରେ କ୍ଷତି ଯୋଗୁ ସେମାନେ ଋଣଗ୍ରସ୍ତ ହୋଇଥିଲେ। ଫଳରେ ପରିବାର ଚଳାଇବା କାଠିକର ପାଠ ହୋଇପଡ଼ିଥିଲା। ସେଥିପାଇଁ ସମସ୍ତେ ସମୂହ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଘଟଣାସ୍ଥଳରୁ ଜବତ ହୋଇଥିବା ସୁଇସାଇଡ୍ ନୋଟ୍‌କୁ ତର୍ଜମା କରାଯାଉଛି ବୋଲି ପୋଲିସ କହିଛି।

### ଚିନ୍ତା ବଢାଉଛି...

ଏହାପରେ ମହାରାଷ୍ଟ୍ର, ଦିଲ୍ଲୀ ଏବଂ କର୍ଣ୍ଣାଟକେ ରହିଛି। କାଶ ଲକ୍ଷଣ ଥିବା ଲୋକମାନେ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଗୁରୁତର ଶ୍ୱାସକ୍ରିୟା ରୋଗ କିମ୍ବା ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା ଲୋକମାନେ ତୁରନ୍ତ କୋଭିଡ ଟେଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି। ଆଇସିଏମ୍‌ଆର ପକ୍ଷରୁ କୁହାଯାଇଛି ଯେ ଏହି ଦୁଇ ନୂଆ ଭାରିଆଣ୍ଟ ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ଦୁଇ ଭାରିଆଣ୍ଟ ପ୍ରଥମେ ଚୀନ୍‌ରେ ରିପୋର୍ଟ କରାଯାଇଥିବାବେଳେ ପରେ ସିଙ୍ଗାପୁର ଏବଂ ହଂକଂ ସମେତ ଏସିଆର ଅନେକ ଅଞ୍ଚଳରେ ଏହାର ଉପସ୍ଥିତି ଜାରି କରିଛି। ଏହି ଭାରିଆଣ୍ଟକୁ ଭାରିଆଣ୍ଟ ଅଣ୍ଡର ମନିଟରିଂ ଭାବରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନାମିତ କରିଛି।

### ଶାନ୍ତି ଆଲୋଚନା...

କାର୍ଯ୍ୟାନୁଷ୍ଠାନ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି କରିଥିଲା। ପହଲଗାମ ଆକ୍ରମଣ ପରେ ଏବେ ମଧ୍ୟ ଦୁଇ ରାଷ୍ଟ୍ର ମଧ୍ୟରେ ଉତ୍ତେଜନା ଶୀର୍ଷରେ ରହିଛି। ପହଲଗାମ ଆକ୍ରମଣ ପରେ ଭାରତ ପକ୍ଷରୁ ପାକିସ୍ତାନ ବିରୋଧରେ ଅନେକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏଥିରେ ସିନ୍ଧୁ ଜଳଚୁକ୍ତିନାମା ସ୍ଥଗିତ କରିବା ହେଉ କିମ୍ବା ପାକିସ୍ତାନର ଲୋକଙ୍କୁ ତୁରନ୍ତ ଭାରତରୁ ଫେରିବା ନିର୍ଦ୍ଦେଶ ଦେବା ହେଉ। ଏହି କୂଟନୈତିକ ଆକ୍ରମଣ ପରେ ପାକିସ୍ତାନର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଥିଲା। ଏହି ସମୟରେ ଭାରତ ଅପରେସନ ସିନ୍ଦୂର ମିଶନ ମାଧ୍ୟମରେ ପାକିସ୍ତାନରେ ଆତଙ୍କବାଦୀଙ୍କ ସ୍କୁଲ ଚଳାଉଥିବା ଅନେକ ଆତଙ୍କୀ ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେଗୁଡ଼ିକୁ ଧ୍ୱଂସ କରି ଦେଇଥିଲା।

### ଜୁନ୍‌ରେ ଅଧିକ...

ସମଗ୍ର ଦେଶରେ ୧୦୬ ପ୍ରତିଶତରୁ ଅଧିକ ବର୍ଷା ରହିବ, ଯାହାକି ସ୍ୱାଭାବିକଠାରୁ ବହୁ ଅଧିକ। ସେ କହିଛନ୍ତି, ମୌସୁମୀର ଅଗ୍ରଗତି ଆଶାନୁରୂପ ରହିଛି ଏବଂ ଆଗାମୀ କିଛିଦିନରେ ଏହା ଅନ୍ୟ କେତେକ ରାଜ୍ୟକୁ ଅଗ୍ରସର ହେବ। ବିଶେଷକରି ଦୁଇ ତିନିଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳକୁମୌସୁମୀ ପ୍ରବେଶ କରିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ଦେଶପାଇଁ ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। କାରଣ ଦେଶର ବାର୍ଷିକ ବର୍ଷାର ୭୦ ପ୍ରତିଶତ ମୌସୁମୀରୁ ଆସିଥାଏ ଓ ଏହା ଦେଶର କୃଷି କ୍ଷେତ୍ରପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେହିପରି କେନ୍ଦ୍ର ଭୂ-ବିଜ୍ଞାନ ସଚିବ ଡକ୍ଟର ଏନ.ରବିଚନ୍ଦ୍ରନ କହିଛନ୍ତି ଯେ ଚଳିତବର୍ଷ କେନ୍ଦ୍ରୀୟ ଓ ଦକ୍ଷିଣାଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହବ। ଅତଏବ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷାର ପ୍ରଭାବ ଅଧିକ ରହିବ। କିନ୍ତୁ ଉତ୍ତର-ପୂର୍ବ ଭାରତରେ କମ୍ ବର୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି।

### ବଙ୍ଗୋପସାଗରରେ...

ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଏହି ସମୟରେ ପବନର ବେଗ ୪୦ରୁ ୪୫ କିମି ରହିବ। ବୁଧବାର ବର୍ଷା ଓ ପବନର ବେଗ ବୃଦ୍ଧି ପାଇବ ବୋଲି ବିଭାଗ ସୂଚନା ଦେଇଛି। ଫଳରେ କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି ଓ ନୂଆପଡ଼ା ଜିଲ୍ଲା ଅଧିକ ପ୍ରଭାବିତ ହେବ ବୋଲି ଆଶଙ୍କା କରଯାଉଛି। ମଙ୍ଗଳବାର ପାରାଦୀପରେ ଅଧିକ ବର୍ଷା ରେକର୍ଡ କରାଯାଇଛି।

### ଭସାଇଲା...

ଛୁଇଁଥିଲା। ଅନ୍ୟପକ୍ଷରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବଜ୍ରପାତ ହେବା ନେଇ ଆଇଏମ୍‌ଡି ପକ୍ଷରୁ ମୁମ୍ବାଇ, ଥାଣେ, ରାୟଗଡ଼ ଓ ରତ୍ନଗିରି ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ବର୍ଷାଯୋଗୁ ସହରର ପରିବହନ ଓ ବିମାନ ଚଳାଚଳ ସେବା ବାଧାପ୍ରାପ୍ତ ହୋଇଛି। ମୁମ୍ବାଇରେ ୨୫୦ ବିମାନର ଉଡାଣ ପ୍ରଭାବିତ ହୋଇଛି। ବର୍ଷାସ୍ଥିତିକୁ ଦୃଷ୍ଟିରେ ରଖି ସ୍ପାଇସ୍ ଜେଟ୍ ଓ ଏୟାରଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ପାସେଞ୍ଜରଙ୍କ ପାଇଁ ଆଡଭାଇଜରି ଜାରି କରାଯାଇଛି। ସହରରେ ଟ୍ରେନ୍ ସେବାମଧ୍ୟ ବ୍ୟାହତ ହୋଇଛି। ବିଏମ୍‌ସି ଏବଂ ଏମଏଚଏଡିଏ ପକ୍ଷରୁ ସହରରେ ଥିବା ୯୬ଟି କୋଠାକୁ ବର୍ଷାପାଇଁ ବିପଦସଂକୁଳ ଚିହ୍ନଟ କରାଯାଇଛି। ସେହିସବୁ କୋଠାରେ ରହୁଥିବା ୩୧୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## OFFICE OF THE MUNICIPAL COUNCIL: RAYAGADA

DIST-RAYAGADA
PIN CODE-765001, ODISHA
E-mail ID - raygadam.hud@nic.in,
web-www.rayagadamunicipality.in
Phone- 06856-235052

C-381

Letter No. 4123 Date: 22.05.2025

**TENDER NOTICE**

Bid documents consisting of 05 (five) no. of Civil works with their Tendered amount (Work Value) cost of Tender paper, E.M.D, Time of completion, class of contractors, Additional Performance Security Deposit and the set of Terms and Conditions applicable for the contract and other required necessary document mentioned in the Tender Call Notice available in Rayagada Municipality Office.

1. Name of the Work : Civil works as mentioned in the Tendr Call Notice.
2. No. of Works : 05 (Five)
3. Tender Amount : 1,68,750/- (Rupees One lakh sixty eight thousand seven hundred fifty) only to 1,18,648/- (One lakh eighteen thousand six hundred forty eight) only
4. Period of Completion : 15 (Fifteen) days
5. Date of availability of Bid documents at the Office (Development Section) : From dated 23.05.2025, 11.30 am To dated 02.06.2025, 05.30 pm
6. Last dated & time for Original Documents submission. : dated 03.06.2025, 05.30 pm
7. Bids received offline to be opened on : dated 04.06.2025, 11.30 am
8. Name and Address of the Officer Inviting the Bid : The Excecutive Office, Rayagada Municipality,Rayagada

Further details of the Tender documents can be seen from Municipality Office in Working Hours.

Sd/- Executive Officer
Rayagada Municipality

OIPR 13150/11/0061/2526

## GOVERNMENT OF ODISHA, DEPARTMENTOF WATER RESOURCES

Office of the Engineer-In-Chief, Water Resources, Secha Sadan, Bhubaneswar

A-211

Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-05/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 05/ 2025-26
5. Estimated Cost : Rs. 21,62,503.00
6. Period of Completion : 01 (One) calendar month.
7. Date & time of availability of bid documents in the Portal : From dt.28.05.2025 (10.00 AM) to dt.09.06.2025(5.30 PM)
8. Last date/ time for receipt of bid In the Portal : dt. 09.06.2025 (up to 5.30 PM)
9. Date and Place of opening of Bid : dt.10.06.2025 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR 32520/11/0040/2526

## OFFICE OF THE MUNICIPAL COUNCIL: KEONJHARGARH

email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-05/2025-26

C-389

Letter No 3671 /KGM/ Date.23.05.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- Civil Work.
2- No of Work- 26 Nos
3-Value of works: Rs. 5,00,000/- to 26,00,000/-
4-Date & Time of availability of Bid document in the portal:
From. 28.05.2025 at 11.00 A.M. up to 12.06.2025 at 5.30 P.M.
5-Date of Opening of bid in portal. 18.06.2025 at 11.00 A.M.
6- Name & address of the officer in Inviting Bid– EO, Keonjhargarh Municipality

Further details can be seen from Website: www.tendersorissa.gov.in

Sd/- Executive Officer
Keonjhargarh Municipality

OIPR 13115/11/0031/2526

## WORKS DEPARTMENT

OFFICE OF THE SUPERINTENDING ENGINEER,
BHADRAK (R&B) DIVISION

B-157

e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK- 3 /2025-26
No. 3988 / dt- 23.05.2025

Nature of work: - - Civil Work and Electrical Works
Number of works: -4(Four) No's
Amount put to Tender: - Rs.9.54 to 81.61Lakhs
Class of Contractor: B Class ,C&D,
Date & Time of availability of bid document in the portal: - ...06.06.2025 at 11.00 AM
Last Date / Time of receipt of bid in the portal: ......17.06.2025.......up to 05.00 PM
Date of opening of bid: - Dt......18.06.2025 at 11.30 AM
Name & address of the Office inviting bid: - Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-procurement portal "http//tendersodisha.gov.in."
All future corrigendum will be available on ONLINE mode only.

Sd/-Superintending Engineer
Bhadrak (R&B) Division

OIPR 34079/11/0022/2526

E-mail: eeroads.khr@rediffmail.com

## OFFICE OF THE SUPERINTENDING ENGINEER
KHARIAR (R&B) DIVISION, KHARIAR, DIST. NUAPADA, ODISHA.

Letter No. 2415 Date 24.05.2025

1st Corrigendum to
Bid Identification No.SER&BKHR - 01 /2025-26

B-158

The following changes are being made for E-Procurement Notice- 01, Bid Identification No. SER&BKHR - 01 /2025-26 vide Letter No.1998 Date 25.04.2025 for the work bearing Tender ID No.2025_EICCL_113094_1 & Tender ID No.2025_EICCL_113094_2 in the above Tender Call Notice.

| Provision as per Financial Summary up load the Date & time of conducting Transparent Lottery system | Modified as per 1st Corrigendum Date & time of conducting Transparent Lottery system |
|---|---|
| At 11.00 AM on 26.05.2025 | At 11.00 AM on 30.05.2025 |

All other terms and conditions remain unchanged.

Sd/- Superintending Engineer
Khariar (R&B) Division

OIPR 34062/11/0024/2526

## Bid identification No-02/RMC/Bhadrak/2024-2025
## Tender call notice no-461/RMC dated.23.05.2025

H-08

| Sr. No. | Item | |
|---|---|---|
| **A. General Information** | | |
| 1 | Name of the work | Construction of Infrastructure Developmental work at Different Market Yard under RMC Bhadrak. |
| 2 | Inviting Authority | Sub-Collector cum Chairman, R.M.C. Bhadrak. |
| 4 | Estimated Cost in crores | Rs.1.27 to 3.95 Crores |
| **B. Bid Information** | | |
| 1 | Intended completion period | 09 Months to 12 Months |
| 2 | Tender availability | The tender is available in www.tendersodisha.gov.in |
| 3 | Last date & time for submission of bid | 17.00 hours of 12/06/2025 |
| 4 | Dates of opening (Technical bid) | 11.00 hours on 13/06/2025 |
| 5 | Dates of opening (Financial bid) | Intimated after evaluation of Technical Bid. |
| 6 | Cost of Bid Document On-line | |
| 7 | Bid security On-line | |
| 8 | Bid validity period | 90 days |
| 9 | Currency of contract | INR |
| 10 | Language of Contract | English |

Sd/- Secretary,
RMC, Bhadrak

OIPR 07015/11/0001/2526

## DIRECTORATE OF GROUND WATER DEVELOPMENT : ODISHA

Office of The Deputy Director, GWD Division-II ,Bhubaneswar
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]

A-227

**INVITATION FOR BIDS (IFB)**

e- Procurement Notice : 371 Date: 23.05.2025
Bid Identification No. 06/GWRSD/CHHATA/2025-26R,
(Single-Envelope Bidding Process)

Deputy Director, Geology, GWD Division-II ,Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "B" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of works following Work.

Bids must be submitted online on or before **07/06/2025 at 11.00 Hrs** IST (system server time). Proposals will be opened online on **07/06/2025 ; at 12.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal *'www.tendersodisha.gov.in"*.

| Sl.No. | Description | Details |
|---|---|---|
| 1. | Name Of the Work | Construction of 06 nos. RRHS in Nayagarh Urban area of Nayagarh district for FY-2025-26. |
| 2. | Start Date of availability of Bid document online (bid download) | **29/05/2025 from 11.00 Hrs** |
| 3. | Last Date of availability of bid document online (bid download) | **07/06/2025 up to 11.00 Hrs** |
| 4. | Last date and time for receipt of bid document (Bid Submission End date & Time) | **07/06/2025 up to 11.00 Hrs** |
| 5. | Date & Time of opening of bid document (bid Opening date) | **07/06/2025 at 12.00 Hrs** |

Sd/-Deputy Director, Geology
GWD Division-II, Bhubaneswar

OIPR 32462/11/0015/2526



ନୂଆଦିଲ୍ଲୀ: ଭାରତ ଦେଶର ସବୁଠାରୁ ଉନ୍ନତ ଗୁପ୍ତ ଯୁଦ୍ଧ ବିମାନ (ଷ୍ଟେଲଥ ଫାଇଟର ଜେଟ) ନିର୍ମାଣ ପାଇଁ ଏକ କାର୍ଯ୍ୟକ୍ରମକୁ ଅନୁମୋଦନ ଦେଇଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଏହି ନିଷ୍ପତ୍ତି ନିଆଯାଇଛି, ଯାହା ଦେଶର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଅଡ୍‌ଭାନ୍ସଡ ମିଡିଅମ କମ୍ବାଟ ଏୟାରକ୍ରାଫ୍ଟ ନାମରେ ପରିଚିତ, ଯାହା ଏକ ପଞ୍ଚମ ପିଢ଼ିର ଦୁଇ ଇଞ୍ଜିନ ବିଶିଷ୍ଟ ଗୁପ୍ତ ଯୁଦ୍ଧ ବିମାନ ନିର୍ମାଣ କରିବ। ଏହି ପ୍ରୋଜେକ୍ଟ ଭାରତୀୟ ବାୟୁସେନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ବାୟୁସେନାର ସ୍କ୍ୱାଡ୍ରନ ସଂଖ୍ୟା ଅନୁମୋଦିତ ୪୨ରୁ ହ୍ରାସ ପାଇ ୩୧କୁ ଆସିଛି, ଯେତେବେଳେ ପ୍ରତିଦ୍ୱନ୍ଦ୍ୱୀ ଚୀନ ନିଜର ବାୟୁସେନାକୁ ଦ୍ରୁତ ଗତିରେ ବିସ୍ତାର କରୁଛି।

# ଗୁଜରାଟ ସହରାଞ୍ଚଳ ୨୦ ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଗୁଜରାଟର ଗାନ୍ଧୀନଗରରେ ଗୁଜରାଟ ସହରୀ ବିକାଶ କାହାଣୀର ୨୦ ବର୍ଷ ପାଳନ ସମାରୋହରେ ଉଦବୋଧନ ଦେଇଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ଭଦୋଦରା, ଦାହୋଡ଼, ଭୁଜ, ଅହମ୍ମଦାବାଦ ଏବଂ ଗାନ୍ଧୀନଗର ଗସ୍ତ ସମୟରେ ସେ ଅପରେସନ ସିନ୍ଦୂରର ସଫଳତା ଶଙ୍ଖଧ୍ୱନି ଏବଂ ତ୍ରିରଙ୍ଗା ଉଡ଼ିବାର ଦେଖିବା ସହିତ ଦେଶପ୍ରେମର ଉତ୍ସାହ ଅନୁଭବ କରିଛନ୍ତି। ଭାରତର ଗଭୀର ସାଂସ୍କୃତିକ ମୂଲ୍ୟବୋଧକୁ ଆଲୋକପାତ କରିବା, ବସୁଧୈବ କୁଟୁମ୍ବକମ୍ ର ଦର୍ଶନ ଉପରେ ଗୁରୁତ୍ୱାରୋପ କରିବା , ଯାହା ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବରେ ବିବେଚନା କରେବୋଲି ଉଲ୍ଲେଖ କରିବା ସହିତ ପ୍ରଧାନମନ୍ତ୍ରୀ କହିଥିଲେ ଯେ , ଭାରତ ଶହ ଶହ ବର୍ଷ ଧରି ଏହି ପରମ୍ପରାକୁ ବଜାୟ ରଖିଆସିଛି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ସଦାସର୍ବଦା ପ୍ରଗତି ଏବଂ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରୟାସ କରିଆସିଛି। ଭାରତ କୌଣସି ଶତ୍ରୁତା ଚାହେଁ ନାହିଁ ଏବଂ ଶାନ୍ତି ଓ ସମୃଦ୍ଧି ପାଇଁ ଆଶାପ୍ରକାଶ କରେ ବୋଲି ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ଦେଶର ପ୍ରଗତି ଏବଂ ବିଶ୍ୱ କଲ୍ୟାଣରେ ଯୋଗଦାନ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସହରାଞ୍ଚଳ ବିକାଶ ପ୍ରତି ଗୁଜରାଟ ସରକାରଙ୍କ ପ୍ରତିବଦ୍ଧତାରେ ଖୁସି ପ୍ରକାଶ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ରାଜ୍ୟ ୨୦୦୫ ମସିହାରେ ଏହି ପ୍ରୟାସ ଆରମ୍ଭ କରିଥିଲା ଏବଂ ବର୍ତ୍ତମାନ ଏହାର ଦୁଇ ଦଶନ୍ଧିର ପ୍ରଗତି ହେଉଛି। ଭାରତର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ବିଶ୍ୱ ଅର୍ଥନୀତି ରାଙ୍କିଙ୍ଗରେ ଭାରତ ଷଷ୍ଠରୁ ପଞ୍ଚମ ସ୍ଥାନକୁ ଉଠିବା ସମୟରେ ନାଗରିକମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ମନେ ପକାଇଥିଲେ, ବିଶେଷକରି ଯୁବପିଢ଼ିଙ୍କଭିତରେ ରହିଥିବା ଉତ୍ସାହକୁ ଲକ୍ଷ୍ୟ କରି ସେ ଏହା କହିଥିଲେ। ପ୍ରଧାନମନ୍ତ୍ରୀ ଗୁଜରାଟ ଗଠନ ହେବା ପରଠାରୁ ଏହାର ଉଲ୍ଲେଖନୀୟ ଯାତ୍ରା ଉପରେ ଆଲୋକପାତ କରିଥିଲେ। ସେ 'କୁଛ ଦିନ ତୋ ଗୁଜାରୋ ଗୁଜରାଟ ମେଁ' ଅଭିଯାନକୁ ମନେ ପକାଇଥିଲେ , ଯାହା ପର୍ଯ୍ୟଟନକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା, ଯାହା ସୋମନାଥ, ଦ୍ୱାରକା ଏବଂ ଅମ୍ବାଜୀ ଭଳି ପର୍ଯ୍ୟଟନସ୍ଥଳୀର ବିକାଶ କରିଥିଲା। ପ୍ରଧାନମନ୍ତ୍ରୀ ଆର୍ଥିକ ଅଭିବୃଦ୍ଧିକୁ ଚାଳିତ କରିବାରେ ପର୍ଯ୍ୟଟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଗୁଜରାଟର ପରିବର୍ତ୍ତନକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। ଜାତୀୟ ଗର୍ବକୁ ଉତ୍ସାହିତ କରି ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ମେଡ୍ ଇନ୍ ଇଣ୍ଡିଆ ଉତ୍ପାଦ ଉପରେ ଗର୍ବ କରିବାକୁ ଏବଂ ସେମାନଙ୍କ ଦେଶର ଉନ୍ନତିକୁ ପାଳନ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ, କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ସିଆର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

## କାରଖାନା ନିର୍ମାଣ ଲାଗି ପାକିସ୍ତାନ ସହ ଋଷିଆର ଚୁକ୍ତି

ନୂଆଦିଲ୍ଲୀ: ଋଷିଆ ପାକିସ୍ତାନ ସହିତ ଏକ ଆଧୁନିକ ଇସ୍ପାତ କାରଖାନା ନିର୍ମାଣ ପାଇଁ ଏକ ଚୁକ୍ତିନାମାକୁ ଚୂଡ଼ାନ୍ତ କରିଛି। ଏହି ଚୁକ୍ତି ୨୦୧୫ରେ ବନ୍ଦ ହୋଇଯାଇଥିବା ସୋଭିଏତ-ନିର୍ମିତ ଇସ୍ପାତ କାରଖାନାକୁ ପୁନର୍ଜୀବିତ କରିବ। ପାକିସ୍ତାନୀ ଅଧିକାରୀ ଏବଂ ରୁଷ ପ୍ରତିନିଧି ଡେନିସ ନାଜାରୋଭ ଏହି ଚୁକ୍ତିକୁ ନିଶ୍ଚିତ କରିଛନ୍ତି। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ପାକିସ୍ତାନର ବାର୍ଷିକ ଇସ୍ପାତ ଆମଦାନୀକୁ ୩୦% ହ୍ରାସ କରିବା, ଯାହା ଦ୍ୱାରା ୧୧.୨ ନିୟୁତ ମେଟ୍ରିକ ଟନ ବ୍ୟବହାର ବ୍ୟବଧାନ ସହିତ ଜଡିତ ୨.୬ ବିଲିୟନ ଆମଦାନୀ ବିଲ ହ୍ରାସ କରାଯିବ। ନୂତନ ମିଲ ମୂଳ ୧୯,୦୦୦ ଏକର ପାକିସ୍ତାନ ଷ୍ଟିଲ ମିଲ୍ସ ସ୍ଥାନର ୭୦୦ ଏକର ଜମି ଅଧିକାର କରିବ, ଯାହା ୧.୪ ବିଲିୟନ ଟନ ଘରୋଇ ଲୁହା ପଥର ଭଣ୍ଡାର ପ୍ରକ୍ରିୟାକରଣ ପାଇଁ ବିଦ୍ୟମାନ ବନ୍ଦର ଭିତ୍ତିଭୂମିକୁ ଉପଯୋଗ କରିବ।

# ୬୮ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ନାଗରିକ ଅନୁସନ୍ଧାନ ସମାରୋହରେ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି। ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରୁ ଅନ୍ୟତମ ପଦ୍ମ ପୁରସ୍କାର ତିନୋଟି ବର୍ଗରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପ୍ରଦାନ କରାଯାଏ। କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା ଏବଂ ନାଗରିକ ସେବା ସମେତ ବିଭିନ୍ନ ବିଭାଗ ଓ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ସରକାର ୧୩୯ଟି ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି, ଯେଉଁଥିରେ ୭ଟି ପଦ୍ମ ବିଭୂଷଣ, ୧୯ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି। ପ୍ରଥମ ସମାରୋହରେ ରାଷ୍ଟ୍ରପତି ୨୦୨୫ ବର୍ଷ ପାଇଁ ୭୧ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ। ଆଜି ଦ୍ୱିତୀୟ ସମାରୋହରେ ମୋଟ ୬୮ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଉଛି। ସେମାନଙ୍କ ମଧ୍ୟରେ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଜଗଦୀଶ ସିଂ ଖେହର ଏବଂ କୁମୁଦନୀ ରଜନୀକାନ୍ତ ଲାଖିଆ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଛନ୍ତି। ଯେଉଁମାନଙ୍କୁ ପଦ୍ମ ଭୂଷଣ ପ୍ରଦାନ କରାଯାଉଛି ସେମାନଙ୍କ ମଧ୍ୟରେ ଅଛନ୍ତି ଜତିନ ଗୋସ୍ୱାମୀ, କୈଳାଶ ନାଥ ଦୀକ୍ଷିତ ଏବଂ ସାଧ୍ୱୀ ଋତମ୍ଭରା ଓ ପ୍ରସିଦ୍ଧ ଅର୍ଥନୀତିଜ୍ଞ ବିବେକ ଦେବରଏଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଛି। ପଦ୍ମଶ୍ରୀ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମନ୍ଦା କ୍ରିଷ୍ଣା ମାଦିଗା, ଡ. ନୀରଜା ଭଟଲା, ସନ୍ଥୁ ରାମ ଦେଶୱାଲ ଏବଂ ସୟେଦ ଆଇନୁଲ ହାସନ ଅଛନ୍ତି।

# ପ୍ରତିଭାବାନ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲେ ବିଷ୍ଣୁଦେବ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ରାୟଗଡ ଜିଲ୍ଲାରେ ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ମାନୀତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ରାୟପୁର ଜିଲ୍ଲା କାର୍ଯ୍ୟାଳୟର ସୃଜନ ସଭାକକ୍ଷଠାରେ ଆୟୋଜିତ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ରାଜ୍ୟସ୍ତରୀୟ ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ୍ ଏବଂ ଟାବ୍‌ଲେଟ୍ ଦେଇ ସମ୍ମାନୀତ କରିଥିଲେ। ଏହି ଅବସରରେ ଶ୍ରୀ ସାଏ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଥିଲେ। ଶ୍ରୀ ସାଏ କହିଥିଲେ ଆପଣମାନେ ଆଗକୁ ପ୍ରତିଭାଶାଳୀ ଛାତ୍ରଛାତ୍ରୀ ଭାବେ ଛତିଶଗଡର ସମ୍ମାନ ବୃଦ୍ଧି କରିବାରେ ସହାୟକ ହେବେ। ଏ କ୍ଷେତ୍ରରେ ସରକାର ସବୁ ପ୍ରକାରର ସହଯୋଗ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସାଏ କହିଥିଲେ। ରାୟଗଡ ଜିଲ୍ଲାର କୃତି ଛାତ୍ର ହେମଲତା ପଟେଲ ସିବିଏସ୍‌ଇର ଦଶମ ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଆୟୁଷୀ କୁମାରୀ ସପ୍ତମ ଏବଂ ରୋନକ ଚୌଧୁରୀ ନବମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ କୃତିକ ଯାଦବ ଷଷ୍ଠ ଏବଂ ତରଙ୍ଗ ଅଗ୍ରୱାଲ ୮ମ ସ୍ଥାନ ହାସଲ କରିଛନ୍ତି। ଏମାନଙ୍କ ସହିତ ଦୀଆ ପାଣ୍ଡେ ଏମ୍‌ଏମ୍‌ଏସ୍‌ଇ ପରୀକ୍ଷାରେ ପ୍ରଦେଶରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାର ଗୌରବ ବୃଦ୍ଧି କରିଥିବା ଶ୍ରୀ ସାଏ କହିଥିଲେ।

# କୁଏତର ଶୀର୍ଷ ନେତା ଓ ସଂଗଠନ ସହ ଆଲୋଚନା କଲା ଭାରତର ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ

ନୂଆଦିଲ୍ଲୀ: ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇରେ ବିଶ୍ୱ ସମୁଦାୟର ସମର୍ଥନ ହାସଲ କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା ଗଠିତ ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମଧ୍ୟରୁ ଗୋଟିଏ କୁଏତରେ ପହଞ୍ଚିଛି। ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଚତୁଃରାଷ୍ଟ୍ରୀୟ କୂଟନୈତିକ ଗସ୍ତରେ ଥିବା ବେଳେ ବାହାରିନ୍ ପରେ ଦ୍ୱିତୀୟ ରାଷ୍ଟ୍ର ଭାବେ କୁଏତରେ ପହଞ୍ଚିଥିଲା। ଏହି ପ୍ରତିନିଧି ମଣ୍ଡଳୀ କୁଏତର ଉପପ୍ରଧାନମନ୍ତ୍ରୀ ତଥା କ୍ୟାବିନେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶେରିଦା ଅବଦୁଲ୍ଲା ସାଦ୍ ଅଲ ମୌଶେର୍ଜିଙ୍କ ସହ ଫଳପ୍ରଦ ଆଲୋଚନା କରିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ସମେତ ଭାରତ ବିରୋଧରେ ଚାଲିଥିବା ସୀମାପାର ଆତଙ୍କବାଦ ସମ୍ପର୍କରେ ଭାରତର ପ୍ରତିନିଧିମାନେ କୁଏତ ଉପପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜାମ୍ମୁକାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ସେଠାରେ ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ କରୁଛନ୍ତି । ଭାରତୀୟ ପ୍ରତିନିଧିମାନେ ଭାରତର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଏବଂ 'ନୂତନ ବାସ୍ତବିକତା' ବିଷୟରେ ଅବଗତ କରାଇଥିଲେ। ସେମାନେ ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତର ସଠିକ କାର୍ଯ୍ୟାନୁଷ୍ଠାନ ବିଷୟରେ ମଧ୍ୟ ଜଣାଇଥିଲେ। କୁଏତ ଉପପ୍ରଧାନମନ୍ତ୍ରୀ ଭାରତର ଦୃଷ୍ଟିକୋଣ ବିଷୟରେ ସୂଚନା ଦେଇଥିବାରୁ ଭାରତୀୟ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆତଙ୍କବାଦକୁ କୌଣସି ପ୍ରକାର ଉଚିତ୍ ବୋଲି ଆଖ୍ୟା ଦିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। ଉଭୟ ପକ୍ଷ ଆତଙ୍କବାଦର ସବୁ ସ୍ୱରୂପ ବିରୋଧରେ ଲଢ଼େଇ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଦୋହରାଇଥିଲେ। ପ୍ରତିନିଧି ଦଳ କୁଏତରେ ଥିବା ବିଶାଳ ପ୍ରବାସୀ ଭାରତୀୟଙ୍କ ସହିତ ଆଲୋଚନା କରିଥିଲେ। ଆତଙ୍କବାଦ ବିରୁଦ୍ଧରେ ଭାରତର ସକାରାତ୍ମକ କାର୍ଯ୍ୟାନୁଷ୍ଠାନ, ବିଶେଷକରି ଅପରେସନ ସିନ୍ଦୂରକୁ ପ୍ରବାସୀ ଭାରତୀୟ ଦୃଢ଼ ସମର୍ଥନ କରିଥିଲେ। କୁଏତର ଏକ ବୁଦ୍ଧିଜୀବୀ ସଂଗଠନ ରେକନାଏସେନ୍ସ ରିସର୍ଚ୍ଚ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଦିୱାନିଆ ଶୈଳୀର ମତବିନିମୟ କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିନିଧିମାନେ କୁଏତ ରାଜ ପରିବାରର ସଦସ୍ୟଙ୍କ ସମେତ ନାଗରିକ ସମାଜ, ପୂର୍ବତନ ମନ୍ତ୍ରୀ, ବରିଷ୍ଠ ସମ୍ପାଦକ, ବୁଦ୍ଧିଜୀବୀ, ଜନନେତାଙ୍କ ସହ ଆଲୋଚନା କରିଥିଲେ। ଭାରତ-କୁଏତ ମଧ୍ୟରେ ଦୃଢ଼ ରଣନୀତିକ ସହଭାଗିତା ଉପରେ ଆଲୋଚନା ସମୟରେ, ଭାରତୀୟ ଉପମହାଦେଶର ସାମ୍ପ୍ରତିକ ପରିସ୍ଥିତି ଏବଂ ସୀମାପାର ଆତଙ୍କବାଦର ମୁକାବିଲା ପାଇଁ ଭାରତର 'ନୂତନ ବାସ୍ତବିକତା' ଆଭିମୁଖ୍ୟ ଉପରେ ଆଲୋଚନା ହୋଇଥିଲା। ଆତଙ୍କବାଦ ମାନବତା ବିରୋଧୀ ଏବଂ ସମସ୍ତ ସମ୍ଭାବ୍ୟ ଉପାୟରେ ଏହାର ମୁକାବିଲା କରାଯିବା ଆବଶ୍ୟକ ବୋଲି ଅଂଶଗ୍ରହଣକାରୀମାନେ ଏକମତ ହୋଇଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଭାରତରେ ସୁନା ମୂଲ୍ୟର ବୃଦ୍ଧି ଘଟିଛି। ମଙ୍ଗଳବାର ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ଗ୍ରାମ ୯,୮୧୩ ଟଙ୍କା ଥିଲା, ଯେଉଁଥିରେ ୪୯ ଟଙ୍କା ବୃଦ୍ଧି ହୋଇ ମୋଟ ୯,୮୬୨ ଟଙ୍କା ହୋଇଛି। ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ଗ୍ରାମ ୮,୯୯୫ ଟଙ୍କା ଥିଲା, ଅତିରିକ୍ତ ୪୫ ଟଙ୍କା ସହ ଏହା ୯,୦୪୦ ଟଙ୍କା ହୋଇଛି। ୧୮ କ୍ୟାରେଟ ସୁନା ପାଇଁ ମୂଲ୍ୟ ପ୍ରତି ଗ୍ରାମ ୭,୩୬୦ ଟଙ୍କା ଥିଲା, ଯେଉଁଥିରେ ୩୭ ଟଙ୍କା ବୃଦ୍ଧି ହୋଇ ଚୂଡ଼ାନ୍ତ ମୂଲ୍ୟ ୭,୩୯୭ ଟଙ୍କା ହୋଇଛି। ମଙ୍ଗଳବାର ୯୮,୧୩୦ ଟଙ୍କା, ଯାହା ୯୭,୬୪୦ ଟଙ୍କାଠାରୁ ୪୯୦ ଟଙ୍କା ବୃଦ୍ଧି ଦେଖାଉଛି। ୧୦୦ ଗ୍ରାମ ପାଇଁ ମୂଲ୍ୟ ୪,୯୦୦ ଟଙ୍କା ବୃଦ୍ଧି ପାଇ ଆଜି ୯,୮୧,୩୦୦ ଟଙ୍କା ହୋଇଛି, ଯାହା ଗତକାଲି ୯,୭୬,୪୦୦ ଟଙ୍କା ଥିଲା। ୨୭ ମେ'ରେ ଭାରତରେ ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ଗ୍ରାମ ୮,୯୯୫ ଟଙ୍କା ରହିଛି, ଯାହା ଗତକାଲିର ୮,୯୫୦ ଟଙ୍କାଠାରୁ ୪୫ ଟଙ୍କା ବୃଦ୍ଧି ପାଇଛି। ୮ ଗ୍ରାମ ପାଇଁ ମୂଲ୍ୟ ୩୬୦ ଟଙ୍କା ବୃଦ୍ଧି ପାଇ ଏବେ ୭୧,୯୬୦ ଟଙ୍କା, ଯାହା ଗତକାଲି ୭୧,୬୦୦ ଟଙ୍କା ଥିଲା।

## ଡିଆର୍‌ଏଚ୍‌ପି ଦାଖଲ କଲା କନୋଡିଆ ସିମେଣ୍ଟ

ନୂଆଦିଲ୍ଲୀ: ଉତ୍ତର ପ୍ରଦେଶ ଓ ବିହାରରେ ସାଟେଲାଇଟ୍ ଗ୍ରାଇଣ୍ଡିଂ ୟୁନିଟ୍ ଜରିଆରେ ପରିଚାଳିତ ହେଉଥିବା ସିମେଣ୍ଟ କମ୍ପାନି କନୋଡିଆ ସିମେଣ୍ଟ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନି ଇନିସିଆଲ ପବ୍ଲିକ୍ ଅଫରିଂ ଜରିଆରେ ଇକ୍ୱିଟି ସେୟାର ଜାରି କରି ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛି। ଅଫର୍ ଫର୍ ସେଲ୍‌ରେ ୧୪,୯୧୩,୯୩୦ ଇକ୍ୱିଟି ସେୟାର ବିକ୍ରି କରାଯିବ। ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା କମ୍ପାନିର ପାଂଚଟି ସାଟେଲାଇଟ୍ ଗ୍ରାଇଣ୍ଡିଂ ୟୁନିଟ୍ ରହିଛି ଯାହା ହାରାହାରି ସିମେଂଟ୍ ଉତ୍ପାଦନ କ୍ଷମତା ହେଉଛି ୩.୫୪ ଏମ୍‌ଟିପିଏ। ୨୦୨୨ରୁ ୨୦୨୪ ଆର୍ଥିକ ବର୍ଷ ମଧ୍ୟରେ ବିକ୍ରି ବଢ଼ାଇବା କ୍ଷେତ୍ରରେ ୩୬.୧୪ ପ୍ରତିଶତ ଚକ୍ରବୃଦ୍ଧି ହାରରେ ଅଭିବୃଦ୍‌ଧି ହାସଲ କରି କମ୍ପାନିର ଅନ୍ୟତମ ସର୍ବବୃହତ୍ ସିମେଣ୍ଟ ନିର୍ମାତା ଭାବେ ଉଭା ହୋଇଛି। ଏହାର ଅଭିବୃଦ୍ଧି ଶିଳ୍ପର ହାରାହାରି ୧୧.୧୦ ପ୍ରତିଶତ ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ୮.୮୦ ପ୍ରତିଶତ ଅଭିବୃଦ୍ଧିଠାରୁ ଅଧିକ। ରାଜସ୍ୱ କ୍ଷେତ୍ରରେ ଚକ୍ରବୃଦ୍ଧି ହାରରେ କମ୍ପାନି ୩୪.୮୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ଯାହା ଶିଳ୍ପର ହାରାହାରି ୧୩.୬୧ ପ୍ରତିଶତ ଓ ପ୍ରତିଦ୍ୱନ୍ଦ୍ୱୀଙ୍କ ୧୨.୦୪ ପ୍ରତିଶତ ଅଭିବୃଦ୍ଧିଠାରୁ ଅଧିକ। ଏହି ଅଫର୍‌ର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଆନନ୍ଦ ରାଠି ଆଡଭାଇଜର୍ସ ଲିମିଟେଡ୍, ଆଇଆଇଏଫ୍‌ଏଲ୍ ସର୍ଭିସେସ୍ ଲିମିଟେଡ୍ ଓ ୱାନ୍‌ଭିଉ କର୍ପୋରେଟ୍ ଆଡଭାଇଜର୍ସ ଲିମିଟେଡ୍।

## ଓରିଏଣ୍ଟାଲ ଟ୍ରାଇମେକ୍ସର ରାଜସ୍ୱ ଆୟ ଚାରିଗୁଣରୁ ଅଧିକ ବୃଦ୍ଧି

ନୂଆଦିଲ୍ଲୀ: ଭାରତରେ ପ୍ରାକୃତିକ ପଥରଗୁଡିକର ଏକ ଅଗ୍ରଣୀ ପ୍ରକ୍ରିୟାକରଣକାରୀ ଏବଂ ଟ୍ରେଡର ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ତାହାର ବ୍ୟବସାୟିକ କାର୍ଯ୍ୟକଳାପରେ ରୂପାନ୍ତରଣ ଆଣିଛି ଏବଂ ତାହା ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୟମାସିକ ନିମନ୍ତେ ଆର୍ଥିକ ଫଳାଫଳରେ ପ୍ରତିଫଳିତ ହୋଇଛି। କମ୍ପାନୀ ଗତବର୍ଷ ଚତୁର୍ଥ ତ୍ରୟମାସିକରେ ୬.୪୩ କୋଟି ଟଙ୍କା କ୍ଷତି କରିଥିବାବେଳେ ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୟମାସିକରେ ୫.୯୭ କୋଟି ଟଙ୍କା ନେଟ ଲାଭ ଉପାର୍ଜନ କରିଛି। ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୟମାସିକରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ଚାରିଗୁଣରୁ ଅଧିକ ବୃଦ୍ଧିପାଇ ୧୬.୬୬ କୋଟି ଟଙ୍କା ହୋଇଛି, ଯାହା ଆର୍ଥିକ ବର୍ଷ ୨୪ର ଚତୁର୍ଥ ତ୍ରୟମାସିକରେ ୩.୦୧ କୋଟି ଟଙ୍କା ହୋଇଥିଲା, ଏବଂ ଏହାଦ୍ୱାରା ପୂର୍ବବର୍ଷର ଚତୁର୍ଥ ତ୍ରୟମାସିକ ତୁଳନାରେ ଆର୍ଥିକ ବର୍ଷ ୨୫ର ସେହି ସମୟରେ କମ୍ପାନୀର ରାଜସ୍ୱ ଆୟରେ ୪୫୩% ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ନେଟ୍ ୮.୫୩ କୋଟି ଟଙ୍କା ଲାଭ ଉପାର୍ଜନ କରିଥିବା ପ୍ରକାଶ କରିଛି, ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୩-୨୪ରେ ଏହା ୬.୪୮ କୋଟି ଟଙ୍କା ନେଟ୍ କ୍ଷତିର ସମ୍ମୁଖୀନ ହୋଇଥିଲା। ଆର୍ଥିକ ବର୍ଷ ୨୪ରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ୩.୬୪ କୋଟି ଟଙ୍କା ଥିବାବେଳେ ଆର୍ଥିକ ବର୍ଷ ୨୫ରେ ତାହା ୪୭୬% ବୃଦ୍ଧିପାଇ ୨୧.୦୨ କୋଟି ଟଙ୍କା ହୋଇଛି। ଓଡ଼ିଶାରେ କମ୍ପାନୀ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ନିକଟରୁ ବ୍ଲାକ ଗ୍ରାନାଇଟ ଖଣି ୩୦ ବର୍ଷ ଲିଜ ସୂତ୍ରରେ ହାସଲ କରିଛି। ଓରିଏଣ୍ଟାଲ ଟ୍ରାଇମେକ୍ସ ଏହି ଖଣି ସ୍ଥଳରୁ ଏହାର ବାର୍ଷିକ ରାଜସ୍ୱ ଆୟ ୧୦ କୋଟିରୁ ୧୫ କୋଟି ଟଙ୍କା ହେବା ଆଶା କରୁଛି। ଏହି ଲିଜ ୨୦୨୫ ମେ ୨୧ ତାରିଖରେ ଆନୁଷ୍ଠାନିକ ଭାବରେ କମ୍ପାନୀକୁ ପ୍ରଦାନ କରାଯାଇଥିବାବେଳେ ଏହା ମାଲକାନଗିରି ଜିଲ୍ଲାର ମୋଟୁ ତହସିଲ ଅଧୀନ ପୋଟେରୁ ଗ୍ରାମରେ ୪.୯୬୧ ହେକ୍ଟର ଅଞ୍ଚଳରେ ରହିଛି। ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଏହାର ଅଭିବୃଦ୍ଧି ରଣକୌଶଳକୁ ସମର୍ଥନ କରିବା ନିମନ୍ତେ କମ୍ପାନୀ ତାହାର ଭର୍ଟିକାଲ ଡିଭିଜନ ନିମନ୍ତେ ଗ୍ରେଟର ନଏଡାରେ ଏକ ଦ୍ୱିତୀୟ ସୋରୁମ ଏବଂ ଗୋଦାମଘର ଖୋଲିଛି, ଯେଉଁଠାରେ ପ୍ରିମିୟମ 'ବିରଳ ମୃତ୍ତିକା' ଭିଟ୍ରିଫାଏଡ ଟାଇଲ୍ସ ସ୍ୱତନ୍ତ୍ର ଭାବରେ ସ୍ଥାନପାଇଛି। କମ୍ପାନୀ ୨୦୨୪ ସେପ୍ଟେମ୍ବରରେ ସଫଳତାର ସହିତ ୪୮.୫୧ କୋଟି ଟଙ୍କାର ରାଇଟସ୍ ଇସ୍ୟୁ ସମ୍ପୂର୍ଣ୍ଣ କରିଥିଲା।

## 'ଆର୍ଥିକ ସାକ୍ଷରତା ହେଉଛି ସଶକ୍ତିକରଣର ଚାବିକାଠି'

ନୂଆଦିଲ୍ଲୀ: ଗାର୍ଡେନ ରିଚ୍ ଶିପ୍‌ବିଲ୍ଡର୍ସ ଓ ଇନୀୟର୍ସ ଲିମିଟେଡ୍ (ଜିଆର୍‌ଏସ୍‌ଇ)ର ନିର୍ଦ୍ଦେଶକ (ଅର୍ଥ) ଭାବରେ ଆର୍.କେ ଦାଶ ଜଣେ ଅଭିଜ୍ଞ ଆର୍ଥିକ ପେସାଦାର ଏବଂ ବିଭିନ୍ନ ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ନିଜର ଅଭିନବ ଚିଂଧାରା ଏବଂ ପରିବର୍ତ୍ତନଶୀଳ ଆର୍ଥିକ ରଣନୀତି ପାଇଁ ଜଣାଶୁଣା ସେ ଅନେକ ସଂଗଠନର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏକ ଗଭୀର ବାର୍ତ୍ତାଳାପରେ ଶ୍ରୀ ଦାଶ କେବଳ କର୍ପୋରେଟ୍ ମାନଙ୍କ ପାଇଁ ନୁହେଁ, ବ୍ୟକ୍ତିବିଶେଷ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ମଧ୍ୟ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ମତରେ, ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ଗଣିତ ଭଳି ବିଷୟକୁ ଅଂର୍ଭୁକ୍ତ କରାଯାଇଥିଲେ ମଧ୍ୟ ଏହା ପ୍ରାୟତଃ ଏକ ଦକ୍ଷତାକୁ ଅବହେଳା କରିଥାଏ ଯାହା ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ - ବ୍ୟକ୍ତିଗତ ଆର୍ଥିକ ପରିଚାଳନା । ଆର୍ଥିକ ସାକ୍ଷରତା ବିଳାସ ନୁହେଁ, ଏହା ଏକ ଆବଶ୍ୟକତା। ଏହି ଧାରଣାକୁ ସରଳ ଶବ୍ଦରେ ବର୍ଣ୍ଣନା କରି ଶ୍ରୀ ଦାଶ ଆର୍ଥିକ ସାକ୍ଷରତାକୁ ସାଧାରଣ ସାକ୍ଷରତା ସହ ତୁଳନା କରିଥିଲେ। 'ଯେପରି ସାକ୍ଷରତା ଜଣେ ବ୍ୟକ୍ତିଙ୍କୁ ପଢିବା ଏବଂ ଲେଖିବାରେ ସକ୍ଷମ କରେ, ଆର୍ଥିକ ସାକ୍ଷରତା ଜଣେ ବ୍ୟକ୍ତିଙ୍କୁ ବୁଦ୍ଧିମତା ସହିତ ଅର୍ଥ ପରିଚାଳନା କରିବାକୁ ସକ୍ଷମ କରେ - ଯୋଜନା କରିବା, ସଂଚୟ କରିବା, ସାବଧାନତାର ସହ ଖର୍ଚ୍ଚ କରିବା ଏବଂ ନିବେଶ କରିବା । ଏହା ବ୍ୟକ୍ତିବିଶେଷଙ୍କୁ ସୁଚନ୍ତିତ ଆର୍ଥିକ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥାଏ ଯାହା ଅଧିକ ସୁରକ୍ଷିତ ଜୀବନ ନେଇଥାଏ।

## ଜିଓବ୍ଲାକରକ୍‌କୁ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ ପାଇଁ ଅନୁମୋଦନ

ମୁମ୍ବାଇ: ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବି ଅନୁମୋଦନ ଲାଭ କରିଛି। ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ। ଆଶା କରାଯାଉଛି ଯେ କମ୍ପାନୀଟି ଖୁବ୍ ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓବ୍ଲାକରକ୍ ଦ୍ୱାରା ସିଡ୍ ସ୍ୱାମୀନାଥନଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରାଯାଇଛି । ଜେଏଫଏସଏଲର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି 'ବ୍ଲାକରକ୍‌ର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ରହିଛି ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଏକାଠି, ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ। ମୁଁ ନିଶ୍ଚିତ ଯେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତିକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।' ବ୍ଲାକରକ୍ ଅନ୍ତର୍ଜାତୀୟ ମୁଖ୍ୟ ରାଚେଲ ଲର୍ଡ କହିଛନ୍ତି 'ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନା ଆଜି ଏକ ଅନନ୍ୟ ମୋଡ଼ରେ ରହିଛି। ଜିଓବ୍ଲାକରକ୍ ନିବେଶକମାନଙ୍କୁ ସିଧାସଳଖ କମ୍ ମୂଲ୍ୟରେ ସଂସ୍ଥାଗତ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରି ଭାରତରେ ଅଧିକ ଲୋକଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାରେ ସାହାଯ୍ୟ କରିବ। ଆମର ସହଭାଗୀ ଜେଏଫଏସଏଲ ସହିତ ମିଶି, ଆମେ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ନିବେଶକଙ୍କ ଦେଶ ଭାବରେ ପରିବର୍ତ୍ତିତ ହେବା ଦିଗରେ ଯୋଗଦାନ ପାଇଁ ପ୍ରସ୍ତୁତ ରହିଛୁ।' ବ୍ଲାକରକ ଅନ୍ତର୍ଜାତୀୟ ଇଣ୍ଡେକ୍ସ ଇକ୍ୱିଟିର ପୂର୍ବତନ ମୁଖ୍ୟ ସିଡ୍ ସ୍ୱାମୀନାଥନଙ୍କୁ ଏବେ ଜିଓବ୍ଲାକରକ୍ ଦାୟିତ୍ୱ ମିଳିଛି। ସେ ଏବେ ଯାଏଁ ୧.୨୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ପରିଚାଳନା କରିଛନ୍ତି। ନିଜ ନୂତନ ନିଯୁକ୍ତି ନେଇ ଖୁସି ବ୍ୟକ୍ତ କରି ସେ କହିଛନ୍ତି ଯେ 'ମୋତେ ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ନେତୃତ୍ୱ ନେବା ଏବଂ ନିବେଶକମାନଙ୍କ ନିବେଶ କ୍ଷମତା ବୃଦ୍ଧି କରି ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନାକୁ ନୂଆ ରୂପ ଦେବାର ସମ୍ମାନ ମିଳିଛି। ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ହେଉଛି ସାରା ଭାରତରେ ନିବେଶକମାନଙ୍କୁ ସଂସ୍ଥାଗତ ଗୁଣାତ୍ମକ ନିବେଶ ଉତ୍ପାଦ ପ୍ରଦାନ କରିବା।'

## ପୁଣି ଖସିଲା ସେୟାର ବଜାର



ନୂଆଦିଲ୍ଲୀ: ଗତ କିଛି ଦିନ ହେବ ଭାରତୀୟ ସେୟାର ବଜାରରେ ଉତ୍ସାହ ଦେଖା ଦେଇଥିବା ବେଳେ ମଙ୍ଗଳବାର ପୁଣି ନିରାଶ ହୋଇଛନ୍ତି ନିବେଶକ। ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିନ ମଙ୍ଗଳବାର ଷ୍ଟକ୍ ବଜାରରେ କାରବାର ହ୍ରାସ ସହିତ ଆରମ୍ଭ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ସେନସେକ୍ସ ୭୫୨ ପଏଣ୍ଟ ହ୍ରାସ ପାଇ ୮୧,୪୨୪ରେ ପହଞ୍ଚିଛି। ଯେତେବେଳେ କି ନେସ୍‌ନାଲ୍ ଷ୍ଟକ୍ ? ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ ନିଫ୍‌ଟି) ୫୦ ବି ରେଡ୍ ଜୋନ୍‌କୁ ଯାଇଥିବାର ଦେଖିବାକୁ ମିଳିଛି। ଏହା ୨୦୯ ପଏଣ୍ଟ ? ହ୍ରାସ ପାଇବା ପରେ ୨୪,୭୯୨ରେ ପହଞ୍ଚିଛି। ମଙ୍ଗଳବାର ପ୍ରାରମ୍ଭିକ କାରବାରରେ ଇକ୍ୱିଟି ବେଞ୍ଚମାର୍କଗୁଡ଼ିକ ଦ୍ରୁତ ଭାବରେ ହ୍ରାସ ପାଇଥିଲା, ଯାହା ପୂର୍ବ ସେସନର ଲାଭକୁ ବି ବୁଡ଼ାଇ ଦେଇଛି। କାରଣ ବିଶ୍ୱ ଅନିଶ୍ଚିତତା ଏବଂ ଲାଭ ବୁକିଂ ମଧ୍ୟରେ ନିବେଶକମାନେ ସତର୍କ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପରେ ଗତ କିଛି ଦିନ ହେବ ଭାରତୀୟ ଷ୍ଟକ୍ ବଜାରରେ ଏକ ପ୍ରକାରର ଉତ୍ସାହ ଦେଖିବାକୁ ମିଳିଥିଲା। ଗତକିଛି ମାସ ହେବ ସେୟାର ବଜାର ତଳମୁହାଁ ରହି ଆସୁଥିବା ବେଳେ ନିକଟରେ ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହେବା ପରେ ଏହି ଟ୍ରେଣ୍ଡ୍ ବଦଳୁଥିବା ନଜର ଆସିଥିଲା। ଗତ କିଛି ଦିନ ଲଗାତର ଭାବେ ଉପରମୁହାଁ (ଗ୍ରୀନ୍ ଜୋନ୍)ରେ ବଜାର ରହିଥିବା ବେଳେ ଆଜି ପୁଣି ଟ୍ରେଣ୍ଡ୍ ବଦଳିଛି।

## 'ଏବିପି ୨୦୨୫-୨୬ ଆର୍ଥିକ ତଥ୍ୟ ପୁସ୍ତିକା' ଉନ୍ମୋଚିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମଇ ୨୬ ତାରିଖରେ ଦିନ 'ଏବିପି ୨୦୨୫ -୨୬ ଆର୍ଥିକ ତଥ୍ୟ ପୁସ୍ତିକା'ର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସେଲ ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ ଏବଂ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ରୂପେ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଏଚ ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏ କେ ବେହୁରିଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ସୁଦୀପ ପାଲ ଚୌଧୁରୀ ଏବଂ ବିତ୍ତ ଓ ଲେଖା ବିଭାଗ ସିଜିଏମ୍ ଆର ଦାସଗୁପ୍ତାଙ୍କ ସମେତ ବିତ୍ତ ଓ ଲେଖା ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜର ଅଭିଭାଷଣରେ, ଶ୍ରୀ ବର୍ମା ଏହି ପୁସ୍ତିକା ବିସ୍ତୃତ ଭାବେ ପ୍ରସ୍ତୁତ କରିବା ପାଇଁ ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଏବଂ ବଜେଟ୍ ସେକ୍‌ଶନର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କାରଖାନାର ସମସ୍ତ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣରେ ଦୃଢ଼ ଆର୍ଥିକ ତଥ୍ୟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଖର୍ଚ୍ଚ ଏବଂ ବଜେଟ୍‌ର ଜିଏମ୍ ବି କେ ସିଂହ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେ ଆରଏସପି ର ସାମଗ୍ରିକ ଭାବେ ଏକ ପ୍ରସ୍ତୁତ ହିସାବ ପ୍ରଦାନକାରୀ ପୁସ୍ତିକାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ।



ରାଉରକେଲା (ଭାସ୍କର ନ୍ୟୁଜ୍) : ରାଉରକେଲା ଇସ୍ପାତ କାରଖାନାର କ୍ରୀଡା ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଥିବା ୩୮ ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିରରେ ପିଲାମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପରିଲକ୍ଷିତ ହେଉଛି। ଇସ୍ପାତ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମର ଚେସ ହଲରେ ଏହି କ୍ରିଡା ଶିବିର ଅନୁଷ୍ଠିତ ହେଉଛି। ଶିବିରର ଚେସ୍ ସେଗମେଣ୍ଟରେ ସହରର ଉଦୀୟମାନ ପ୍ରତିଭାମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରୁଛନ୍ତି। ଚଳିତ ବର୍ଷ ଶିବିରରେ ୬୫ ରୁ ଅଧିକ ପିଲା ନାମ ପଞ୍ଜୀକରଣ କରିଛନ୍ତି। ମୌଳିକ ଚେସ୍ ତାଲିମ ସହିତ, ଅଂଶଗ୍ରହଣକାରୀମାନଙ୍କୁ ଚେସ୍ ଆରମ୍ଭ, ମଧ୍ୟମ ଖେଳ, ଶେଷ ଖେଳ ରଣନୀତି, ମିଶ୍ରଣ ଏବଂ ଟୁର୍ନାମେଣ୍ଟ ଫର୍ମାଟ୍ ବିଷୟରେ ଜ୍ଞାନ ପ୍ରଦାନ କରାଯାଉଛି। ଶିବିର ଯୁବ ଚେସ୍ ଉତ୍ସାହୀମାନଙ୍କୁ ଖେଳର ବିଭିନ୍ନ ଦିଗ ପ୍ରତି ଗଭୀର ତାଲିମ ଏବଂ ଏକ୍ସପୋଜର୍ ପ୍ରଦାନ କରୁଛି। ଆରଏସପିର ବିଶେଷଜ୍ଞ ପ୍ରଶିକ୍ଷକଙ୍କ ଏକ ଦଳ ଯୁବ ଖେଳାଳୀଙ୍କୁ ଖେଳର ସୂକ୍ଷ୍ମକଳା ଶିଖିବା ପାଇଁ ମାର୍ଗଦର୍ଶନ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବକସିଙ୍ଗ, ଚେସ, କ୍ରିକେଟ, ସାଇକ୍ଲିଙ୍ଗ, ଫୁଟବଲ, ହକି, କବାଡି, ଟେବୁଲ ଟେନିସ, ଭଲିବଲ, ଭାରୋତ୍ତୋଳନ, ଏବଂ ଯୋଗ ଆଦି ୧୪ ଟି କ୍ରୀଡାବର୍ଗରେ ଛାତ୍ରଛାତ୍ରୀମାନେ ଏହି ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିରରେ ଭାଗ ନେଉଛନ୍ତି । ଅଭିଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ କ୍ରୀଡା ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି ।

**୭୦ତମ ମ୍ୟାଚ୍ | ଲକ୍ଷ୍ନୌ ସୁପରଜାଏଣ୍ଟସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ**

# ଆର୍‌ସିବି ୬ୱିକେଟ୍‌ରେ ବିଜୟୀ

ଲକ୍ଷ୍ନୌ: ଆଇପିଏଲ ୨୦୨୫ର ୭୦ତମ ତଥା ଶେଷ ଲିଗ୍ ମ୍ୟାଚ ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଲକ୍ଷ୍ନୌ ସୁପରଜିଆଣ୍ଟସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଆର୍‌ସିବି ୬ ୱିକେଟ୍‌ରେ ଜିତି ନେଇଛି। ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ ମିଚେଲ ମାର୍ଶ ଓ ମାଥ୍ୟୁ ବ୍ରିଜକେ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ । ତେବେ ବ୍ରିଜକେ ମାତ୍ର ୧୪ ରନ କରି ଆଉଟ ହେବା ପରେ ଅଧିନାୟକ ଋଷଭ ପନ୍ତ ଓ ମାର୍ସଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା । ବିଶେଷକରି ପନ୍ତ ନିଜର ପୁରୁଣା ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳିଥିଲା । ସେ ମାତ୍ର ୬୧ ବଲରେ ଅପରାଜିତ ୧୧୮ ରନ କରିଥିଲେ । ନିଜର ଏହି ଇନିଂସରେ ସେ ୮ଟି ଛକା ଓ ୧୧ଟି ଚୌକା ମାରିଥିଲେ । ମାର୍ସ ୬୭ ରନ କରିଥିଲେ। ନିକୋଲାସ ପୁରନ ୧୩ ରନ କରିଥିଲେ । ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୨୨୭ ରନ କରିଥିଲା। ଆରସିବି ପକ୍ଷରୁ ଭୁବନେଶ୍ୱର କୁମାର, ନୁୱାନ ତୁଷାରା ଓ ରୋମାରିଓ ସେଫର୍ଡ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ୨୨୮ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ଆର୍‌ସିବି। ଆର୍‌ସିବି ୧୮.୪ୱିକେଟ୍‌ରେ ୪ୱିକେଟ୍ ହରାଇ ୨୩୦ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଆର୍‌ସିବିର ଅଧିନାୟକ ଧୂଆଁଧାର ବ୍ୟାଟିଂ କରି ମାତ୍ର ୩୩ଟି ବଲ୍‌ର ସମ୍ମୁଖୀନ ହୋଇ ୮ଚୌକା, ୬ଛକା ସହାୟତାରେ ଗୁରୁତ୍ୱପୂର୍ଣ୍ଣ ୮୫ରନ୍ କରିଥିବା ବେଳେ ଫିଲିପ୍ ସଲ୍ଟ ୩୦, ବିରାଟ କୋହଲି ୫୪, ରଜତ ପାଟିକର୍ ୧୪ ଓ ମୟଙ୍କ ଅଗ୍ରୱାଲ ୪୧ରନ୍ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଆକାଶ ମହାରାଜ ସିଂ ୧ୱିକେଟ, ୱିଲିୟମ୍ ଓରକୋ ୨ୱିକେଟ ଓ ଅଭେଷ ଖାନ୍ ୧ୱିକେଟ ଅକ୍ତିଆର କରିଥିଲେ।



**ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍**

## ଗୋପବନ୍ଧୁ ହାଇସ୍କୁଲ ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ଆଜିର ଅଷ୍ଟମ ଦିବସ ଗ୍ରୁପ ବି' ର ଏକ ଲିଗ ପର୍ଯ୍ୟାୟ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) କେନ୍ଦୁଝରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ମିଳିତ) ବିପକ୍ଷରେ ୯୩ ରନରେ ଏକ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ଏଥିସହ ଲିଗର ୩ଟି ମ୍ୟାଚରୁ ସବୁଥିରେ ବିଜୟ ଲାଭ କରି ୬ ପଏଣ୍ଟ ହାସଲ କରିବା ସହ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଗୁରୁବାର ଫାଇନାଲ ଖେଳରେ ଗୋପବନ୍ଧୁ ହାଇସ୍କୁଲ କେନ୍ଦୁଝରର ସେଣ୍ଟ ଜାଭିଆର ହାଇସ୍କୁଲକୁ ଭେଟିବାର କାର୍ଯ୍ୟକ୍ରମ ଥିବାବେଳେ ଆସନ୍ତାକାଲି ହେବାକୁଥିବା ଅନ୍ତିମ ଲିଗ ମ୍ୟାଚର କୌଣସି ଗୁରୁତ୍ୱ ନାହିଁ। ଆଜିର ଖେଳରେ ଗୋପବନ୍ଧୁ ହାଇସ୍କୁଲ ଟସରେ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୨୦.୫ ଓଭର ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୨୭୨ ରନ କରିଥିଲା। ଦଳ ପକ୍ଷରୁ ଯୋଗେଶ୍ୱର ମହାନ୍ତ ଅତି ଚମତ୍କାର ବ୍ୟାଟିଂ କରି ୪୨ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ଏବଂ ୨ଟି ଛକା ସହାୟତାରେ ୧୭୧.୪୩ ଷ୍ଟ୍ରାଇକ ରେଟ ସହ ୭୨ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିବା ବେଳେ ଅଧିନାୟକ ଆଶୁତୋଷ ନାୟକ ୨୦ଟି ବଲର ସମ୍ମୁଖୀନ ହୋଇ ୬ଟି ଚୌକା ସହାୟତାରେ ୩୧ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାଟିଂ କରିବାକୁ ଆସି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଏବଂ ନିୟମିତ ବ୍ୟବଧାନରେ ୱିକେଟର ପତନ ଘଟିଥିଲା। ଦଳ ୨୦.୧ ଓଭର ବ୍ୟାଟିଂ କରି ୭୯ ରନରେ ସମସ୍ତ ଉଇକେଟ ହରାଇଥିଲେ। ଦଳ ପକ୍ଷରୁ କ୍ରିଷ୍ଣକ୍ଷଜିତ ସାହୁ ୨୨ଟି ବଲର ସମ୍ମୁଖୀନ ହୋଇ ୩ଟି ଚୌକା ସହାୟତାରେ ସର୍ବାଧିକ ୨୦ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଡାହାଣ ହାତୀ ଅଫ ସ୍ପିନର ଅଙ୍ଗଦ ଲୋଟିଆ ୪ ଓଭର ବୋଲିଂରେ ଗୋଟିଏ ମେଡନ ସହ ୮ ରନ ଦେଇ ୪ଟି ୱିକେଟ ନେଇଥିବା ବେଳେ ଦିବ୍ୟାଂଶୁ ପୃଷ୍ଟି ୩.୨ ଓଭର ବୋଲିଂରେ ୧୧ ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆଜିର ଖେଳରେ ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ ନିଜର ଯାଦୁକରୀ ସ୍ପିନ ବୋଲିଂରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ ନାୟକ ହୋଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ଖେଳକୁ ବିଶ୍ୱମ୍ଭର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

## ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍ ସୁଟିଂ ସ୍ୱର୍ଣ୍ଣ ଜିତିଲେ ତେଜସ୍ୱିନୀ



ନୂଆଦିଲ୍ଲୀ: ଜର୍ମାନୀର ସୁଲ୍‌ଠାରେ ଆୟୋଜିତ ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱକପ୍ ସୁଟିଂରେ ଭାରତୀୟ ସୁଟର ତେଜସ୍ୱିନୀ ୨୫ ମିଟର ମହିଳା ପିସ୍ତଲରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ୮ପ୍ରତିଯୋଗୀ ବିଶିଷ୍ଟ ଫାଇନାଲ୍‌ରେ ୫୦ ସଟ୍‌ରୁ ୩୧ ପଏଣ୍ଟ୍ ଅର୍ଜନ କରି ସେ ପ୍ରଥମ ସ୍ଥାନରେ ରହିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟର ଚତୁର୍ଥ ସ୍ଥାନରେ ରହି ଫାଇନାଲ୍‌କୁ ଯାଇଥିଲେ ତେଜସ୍ୱିନୀ। ମହିଳା ୨୫ ମିଟର ପିସ୍ତଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟ ତିନି ଭାରତୀୟ ରିୟା ଶିରିଶ ଥାଟେ, ନମ୍ୟା କାପୁର ଓ ଦିବ୍ୟାଂଶୀ ଯଥାକ୍ରମେ ୧୫, ୧୮ ଓ ୨୪ତମ ସ୍ଥାନରେ ରହି ନିରାଶ କରିଥିଲେ। କନିଷ୍ଠ ସୁଟରଙ୍କର ଏହି ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ୧୧ ପଦକ ଜିତି ଶୀର୍ଷ ସ୍ଥାନରେ ରହିଛି।

**ବିସିସିଆଇ ସ୍ୱତନ୍ତ୍ର ପ୍ରସ୍ତୁତି**

# ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବରେ ତିନି ସେନାଙ୍କୁ କରାଯିବ ସମ୍ମାନିତ




ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ର ଉଦ୍‌ଯାପନୀ ସମାରୋହ ହେବ ବେଶ୍ ଦମ୍‌ଦାରରେ ପାଳନ କରାଯିବ। ତେବେ ଏହି ସମାରୋହ କେବଳ ଭାରତୀୟ ସଶସ୍ତ୍ର ବାହିନୀକୁ ଉତ୍ସର୍ଗ କରାଯିବ। କ୍ରିକେଟ ମଇଦାନରେ ସେନାର ଶୌର୍ଯ୍ୟକୁ କରାଯିବ ସଲାମ। ଆଇପିଏଲ ଗ୍ରାଣ୍ଡ ଫାଇନାଲରେ ଅପରେସନ ସିନ୍ଦୂରର ସଫଳତା ଉତ୍ସବ ପାଳନ ହେବ । ସିଡିଏସଙ୍କ ସମେତ ତିନି ସେନାର ମୁଖ୍ୟ ଏହି ଅବସରରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଛି। ବିସିସିଆଇ ପକ୍ଷରୁ ଏନେଇ ପ୍ରସ୍ତୁତି କରାଯାଉଥିବା ଜାତୀୟ ଗଣମାଧ୍ୟମରୁ ସୂଚନା ମିଳିଛି । ଜୁନ ୩ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ ଆଇପିଏଲ ୨୦୨୫ର ଫାଇନାଲ ମୁକାବିଲା। ଉଦଯାପନୀ ଉତ୍ସବକୁ ଭାରତୀୟ ସେନାର ବୀର ଯବାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ। ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ, ଅପରେସନ ସିନ୍ଦୂରରେ ନେଇଛି ଭାରତ। ପୂରା ଦେଶବାସୀ ସେନାବାହିନୀକୁ ପ୍ରଶଂସା କରୁଥିବାବେଳେ ବିସିସିଆଇ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି କରୁଛି। ଅପରେସନ ସିନ୍ଦୂର ପରେ ସୁରକ୍ଷା ଦୃଷ୍ଟିରୁ ପାଖାପାଖି ୧ ସପ୍ତାହ ଧରି ଆଇପିଏଲକୁ ସ୍ଥଗିତ ରଖାଯାଇଥିଲା। ମେ ୧୭ ତାରିଖରୁ ପୁଣି ଥରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିବା ବେଳେ ଜୁନ ୩ ତାରିଖରେ ହେବ ଫାଇନାଲ୍ ଫାଇଟ୍। ଏହି ସମୟରେ, 'ଅପରେସନ୍ ସିନ୍ଦୂର'ର ନାୟକମାନଙ୍କୁ ସମ୍ମାନିତ କରାଯିବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଘୋଷଣା କରିଛି ଯେ ଆଗାମୀ ଆଇପିଏଲ୍ ୨୦୨୫ର ଫାଇନାଲ ଭାରତୀୟ ସଶସ୍ତ୍ର ବାହିନୀର ସମ୍ମାନାର୍ଥେ ଉତ୍ସର୍ଗ କରାଯିବ। ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି- ବିସିସିଆଇ ପକ୍ଷରୁ, ଆମେ ଆମର ସାହସୀ ସୈନିକଙ୍କ ସାହସ, ସାହସ ଏବଂ ନିଃସ୍ୱାର୍ଥପର ସେବାକୁ ସଲାମ କରୁଛୁ। କହିବାକୁ ଗଲେ ୨୨ ଏପ୍ରିଲରେ ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଯାଇଥିଲା ୨୬ ସାଧାରଣ ନାଗରିକଙ୍କ ଜୀବନ ।


**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**Short e-tender for procurement through rate contract**

JBVNL invites online short e-tender from reputed, technically experienced and financially sound manufacturers/ authorized supplier only for supply of following Material through rate contract :-

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
|---|---|---|---|---|---|---|---|
| 1 | 36/PR/JBVNL/2025-26 1000 KVA, 11/0.433 KV Cu. Wd. CRGO M4 Core ONAN BIS Level-I Distribution Transformer | Rs 10000/- + GST | 28/05/2025 from 13:00 Hrs. | 28/05/2025 from 13:10 Hrs. | 28/05/2025 from 13:20 Hrs. | 10/06/2025 upto 18:00 Hrs. | 11/06/2025 at 18: 00 Hrs. |

NOTE:- (i) Only e-tenders will be accepted. Further details can be seen on website http:jharkhandtenders.gov.in and may be contacted on Mobile No. 9431135523/ 9430348596, NIC helpline No. 0651-2400178
(ii) Tender fee & EMD must be paid through online mode.
(iii) Tender fee is non-refundable.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353676 Jharkhand Bijlee Vitran Nigam Ltd(25-26).D



**OFFICE OF THE EXECUTIVE ENGINEER, MINOR IRRIGATION DIVISION ,GUMLA**

**e-Procurement Tender Notice**
**Two Envelope System**
**Tender Reference No:-**
**WRD/MID/GUMLA/B.D./S.L.I.-01/2025-26**
**Letter No- 560 Date-27/05/2025**

| | | |
|---|---|---|
| 1 | Name of Work: | Construction of Katkaian Solar Lift Irrigation Scheme in Block-Raidih, Dist.-Gumla . |
| 2 | Estimated Cost (Rs. In Lakh) | Rs. 120.228 Lakh |
| 3 | Cost of tender document (in Rs) | Rs. 10,000=00 only (non-refundable). |
| 4 | Earnest Money Deposit (in Rs.) | Rs. 1,20,300=00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date:13.06.2025 Time: 2PM |
| 8 | Last Date/Time for downloading of bidding documents and Submission of Tender on Website | Date:20.06.2025 Time:5PM |
| 9 | Submission of Tender Fee and EMD | Start Date:-13.06.2025 Time:-2 PM Last Date:-20.06.2025 Time:- 5 PM |
| 10 | Technical Bid Opening Date | Date:- 23.06.2025 Time: 2PM |
| 11 | Officer Inviting Bids | Executive Engineer, Minor Irrigation Division, Gumla. |
| 12 | Contact No. of Procurement Officer e-mail of Procurement Officer | 8986890345 eemidkhun-cemr-jhr@nic.in |
| 13 | Helpline No. of Procurement Cell | 0651-2491232 |

Note:-
➢ Work will be awarded to those bidders {specially MNRE approved channel partners/MNRE approved manufacturers/MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps **(AC** Surface Water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
➢ **Published Estimated Cost May Increase or Decrease.**
Further detail scan be seen on website http://jharkhandtenders.gov.in

PR 353665 Minor Irrigation(25-26).D

Executive Engineer,
Minor Irrigation Division, Gumla.



TT-04

**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**
**କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ**
**ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**

**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୨୪ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ **ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର** ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭିପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ । ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ. ୨,୦୦,୦୦୦/- ଙ୍କାର ଅର୍ଥରାଶି ୨୦୨୫ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍ କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୨୪ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ । ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ସୁପାରିଶ ଗୁଡ଼ିକ ନିର୍ଦ୍ଦେଶକ, କ୍ରୀଡ଼ା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା. ୨୦/୦୬/୨୦୨୫ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ ଏବଂ ଆବେଦନ ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.sportsodisha.gov.in ରେ ଉପଲବ୍ଧ ଅଟେ ।

**ନିର୍ଦ୍ଦେଶକ,**
**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**

OIPR 29001/11/0083/2526



**कार्यालय, जिला परिषद, राँची।**
**(अभियंत्रण शाखा)**

**अति अल्पकालीन ई–निविदा आमंत्रण सूचना**
**टेन्डर रिफ्रेन्स नम्बर–DOPR/DE/Ranchi/02/2025-26**

| S.No | योजना का नाम | स्वीकृत राशि (रुपये में) | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | नगड़ी प्रखण्ड अन्तर्गत पंचायत नगड़ी में जिला परिशद के भूमि पर मैरेज हॉल का निर्माण कार्य। | 4,22,94,700.00 | 8,45,900.00 | 10,000.00 | 24 माह |
| 02 | प्रखण्ड नगड़ी के नारो बाजार टांड़ में मार्केटिंग कॉम्पलेक्स रैंट रूम का निर्माण। | 3,43,48,651.00 | 6,86,975.00 | 10,000.00 | 18 माह |

**नोट** :– केवल ई–टेण्डर ही स्वीकार होगें।
1.अधिक जानकारी के लिए बेबसाईट jharkhandtenders.gov.in पर देखा जा सकता है।
2. बेबसाईट में निविदा प्रकाशन की तिथि – 03.06.2025
3. ई–निविदा की प्राप्ति की तिथि एवं समय–04.06.2025 से 11.06.2025 अपराह्न 5.00 बजे तक।
4. **निविदा खोलने की तिथि–12.06.2025 को 5.00 बजे अपराह्न।**
5. निविदा आमंत्रित करने वाले पदाधिकारी का नाम एवं पता–जिला अभियंता, जिला परिषद, राँची।
ई–निविदा प्रकोष्ट का दुरभाष नं0– 7739519093
6. परिमाण विपत्र की राशि घट बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
8. Form of Bid एवं Bill of Quantity में दर भिन्न रहने पर संबंधित निविदादाता का निविदा अमान्य समझा जाएगा।
9. **निविदा डबल बीड प्रद्वति से होगा।**
10. **इस निविदा में जिला परिषद, राँची / भवन निर्माण विभाग में निबंधित समुचित श्रेणी के संवेदक ही भाग लेगें।**

जिला अभियंता,
जिला परिषद, राँची।

PR.NO.353603 Panchayati Raj(25-26):D



**कार्यपालक अभियंता का कार्यालय, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।**

Email id-eenrepchaibasa@gmail.com
अति अल्पकालीन ई–निविदा आमंत्रण सूचना
ई–निविदा सूचना संख्या– EE/NREP/CHAIBASA/03/2024-25(2nd Call)

कार्य की विस्तृत विवरणी :–

| क्र० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि | मद |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | गोईलकेरा | बारा पंचायत के ग्राम दोड़बो चबुतरा से ईंचाबितर तक सड़क निर्माण। | 9856000 | 198000.00 | 10000.00 | 06 माह | DMFT |
| 2. | खूँटपानी | रूईडीह पंचायत के मुरह बांध में गार्डवाल निर्माण। | 2898300 | 58000.00 | 5000.00 | 03 माह | DMFT |

1. जिला का वेबसाईट में निविदा प्रकाशन की तिथिः– 30.05.2025
2. ई–निविदा प्राप्ति की तिथि एवं समयः–30.05.2025 से 06.06.2025 तक समय अपराह्न 05.00 बजे तक।
3. ई– निविदा खोलने का स्थान– कार्यपालक अभियंता, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
4. ई– निविदा आमंत्रित करने वाले पदाधिकारी का नाम एवं पता– कार्यपालक अभियंता, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय – 09.06.2025 अपराह्न 05.00 बजे।
6. ई–निविदा प्रकोष्ठ का दूरभाष सं०– 8789809440
7. परिमाण विपत्र की राशि की घट–बढ़ सकती है, तदनुसार अग्रधन की राशि देय होगा।
8. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251 / 23 ग्रामीण कार्य विभाग 3130(अनु०) राँची दिनांक 09.10.2023 द्वारा दिये गये निदेश के अनुपालन में सभी कागजात के साथ निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायगा उसी खाते में अग्रधन की राशि वापस होगी अगर खाता को बंद कर दिया जाता है तो उसकी सारी जवाब देही आपकी होगी।
10. ग्रामीण विकास विभाग (ग्रामीण कार्य मामले) झारखण्ड, पथ निर्माण विभाग एवं जल संसाधन विभाग, झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेगें।
11. जिन संवेदक का कार्य लंबित है उनका कार्य आवंटन पर विचार नहीं किया जायगा।
12. निविदा खोलने की तिथि से 05 (पाँच) दिनों के अंदर निविदाता द्वारा अपनी आपत्ति / दावा दर्ज करायें अन्यथा अवधि बितने के पश्चात् कोई भी आपत्ति / दावा मान्य नहीं होगा।
विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता,
राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा

PR 353652 West Singhbhum (25-26)D



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଶରୀର ପାଇଁ ରାମବାଣ ଧନିଆ ପାଣି

*ଧନିଆ ଏକ ସାମଗ୍ରୀ । ଯାହାର ମସଲା ସୁସ୍ୱାଦ ଖାଦ୍ୟ ପାଇଁ ବ୍ୟବହାର କରାଯାଇଥାଏ । ତେବେ ଆଜିକାଲି ପରିସ୍ଥିତକୁ ଲକ୍ଷ୍ୟ ରଖି ଡାକ୍ତରମାନେ ଅତ୍ୟଧିକ ମସଲା ଖାଇବାକୁ ବାରଣ କରୁଛନ୍ତି । ଧନିଆ ଏପରି ଏକ ମସଲା ଯାହାକୁ ଖାଇବା ପାଇଁ ଆୟୁର୍ବେଦିକ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି । ଯାହା ରାମବାଣୀ ଭଳି କାର୍ଯ୍ୟକାରୀ କରିଥାଏ ।*

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଧନିଆରେ ଭିଟାମିନ୍ ସି, ଏ, କେ, ବି୬, କ୍ୟାଲସିୟମ, ଆଇରନ୍, ମ୍ୟାଗ୍ନେସିୟମ, ଫସଫରସ, ପୋଟାସିୟମ୍, କର୍ପ, ଜିଙ୍କ୍, ସେଲେସିୟମ୍, ମାଙ୍ଗାନିଜ, ସୋଡିୟମ, ଫୋଲେଟ, ଥିୟାମିନ୍, ନିଆସିନ୍, ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଇନ୍ଫ୍ଲେମେଟେରୀ ଭଳି ଗୁଣ ଏଥିରୁ ମିଳିଥାଏ। ଯାହାଫଳରେ ଶରୀରକୁ ଅନେକ ଫାଇଦା ଦେଇଥାଏ ।

ଧନିଆ ପାଣି ଅନ୍ତନଳୀ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ । ଏହା ସହିତ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଏସିଡିଟି ଏବଂ ଡାଇବେଟିସ ଭଳି ସମସ୍ୟାରୁ ମଧ୍ୟ ରକ୍ଷା କରିଥାଏ । ଏହି ପାଣି ଡାଏଟ୍ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ । ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ ଶରୀରରେ ଥିବା ମେଟାବୋଲେଜିୟମକୁ ବୃଦ୍ଧି କରି ଓଜନ ହ୍ରାସର ଯାତ୍ରାକୁ ସହଜ କରିଦେଇଥାଏ ।

ଏହା ବ୍ୟତୀତ ଧନିଆ ପାଣି ପିଇବା ଦ୍ୱାରା ମିଡନୀ ଏବଂ ଲିଭର ଜନିକ ସମସ୍ୟାରୁ ମୁକ୍ତି ଦେଇଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଗୁଣ ହେତୁ ଏହା ଇମ୍ୟୁନିଟି ସିଷ୍ଟମକୁ ବୃଦ୍ଧି କରିଥାଏ । ଏହା ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ । ଭଲ ଫାଇଦା ପାଇବାକୁ ହେଲେ ଉଚିତ୍ ମାତ୍ରା ଓ ସଠିକ୍ ଉପାୟରେ ଏହାର ପାଣିକୁ ପିଇବା ଗୁରୁତ୍ୱପୂର୍ଣ୍ଣ ।

## ଧନିଆ ପାଣିର ପ୍ରସ୍ତୁତି ପ୍ରଣାଳୀ

ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ସବୁଜ ଧନିଆ ପତ୍ର ଧୋଇ ଦିଅନ୍ତୁ, ପରିଷ୍କାର ପତ୍ରକୁ ଅଲଗା କରନ୍ତୁ ଏବଂ ଦୁଇ ଚାମଚ ପାଣି ଦେଇ ଏହାକୁ ଗ୍ରାଇଣ୍ଡ୍ କରନ୍ତୁ। ଏବେ ଏହି ମିଶ୍ରଣକୁ ଏକ ଗ୍ଲାସ ପାଣିରେ ପକାଇ ଫୁଟାନ୍ତୁ । ଫୁଟିବା ପରେ ଏହି ପାଣିକୁ ଏକ ଗ୍ଲାସରେ ଢାଳନ୍ତୁ ଏବଂ ବର୍ତ୍ତମାନ ସ୍ୱାଦ ଅନୁଯାୟୀ କଳା ଲୁଣ ଏବଂ ଲେମ୍ବୁ ରସ ମିଶାଇ ପିଅନ୍ତୁ । ଏହା ଆପଣଙ୍କ ହଜମ ଶକ୍ତିକୁ ଭଲ କରିବ ଏବଂ ଆପଣଙ୍କ ସୁଗାର ଲେଭଲ ମଧ୍ୟ କମ୍ କରିବ ।




## ବିବାହରେ ଯୋଗଦେଲେ ଦିବଂଗତ

ଏବେ ଏଆଇ ଟେକ୍ନିକ୍ ଦ୍ୱାରା ମୃତ ବ୍ୟକ୍ତି ଜୀବିତ ଥିବା ଭଳି ତାଙ୍କ ପରିବାର ଲୋକେ ଅନୁଭବ କରିପାରୁଛନ୍ତି। ଏମିତି ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ସାମାଜିକ ଗଣମାଧ୍ୟମରେ ଏହି ବାହାଘରର ଭିଡିଓ ଭାଇରାଲ ହୋଇଛି । ଏଥିରେ ବର-କନିଆଙ୍କ ସମେତ ପରିବାର ସଦସ୍ୟ, ସାଙ୍ଗ ସାଥୀ ଏବଂ ବନ୍ଧୁବାନ୍ଧବ ସମସ୍ତେ ଏକାଠି ଛିଡ଼ା ହୋଇଛନ୍ତି । ବାହାଘରରେ ସମସ୍ତେ ଉପସ୍ଥିତ ଥିଲେ ହେଁ ବରଙ୍କ ପିତା ନ ଥିଲେ। କାରଣ ତାଙ୍କ ବାପାଙ୍କର ପୂର୍ବରୁ ଦେହାନ୍ତ ହୋଇଯାଇଛି। ହେଲେ ଏଆଇ ଟେକ୍ନିକ୍ ତାଙ୍କୁ ଜୀବିତ କରାଇ ସମସ୍ତଙ୍କ ସାମ୍ନାରେ ଛିଡ଼ା କରାଇଛି। ବାହାଘରରେ ଏକ ବଡ଼ ସ୍କ୍ରିନ୍‌ରେ ସେସବୁ ପ୍ରଦର୍ଶନ କରାଯାଇଛି। ସ୍କ୍ରିନ୍‌ରେ ପ୍ରଦର୍ଶନ କରାଯାଇଥିବା ଭିଡିଓରୁ ଦେଖିବାକୁ ମିଳିଛି ଯେ, ସମ୍ପୃକ୍ତ ବରଙ୍କ ଦିବଂଗତ ବାପା ସ୍ୱର୍ଗରୁ ଶିଢ଼ିରେ ଓହ୍ଲାଉଛନ୍ତି । ତା'ପରେ ପୁଅ-ବୋହୂଙ୍କୁ ଆଶୀର୍ବାଦ ଦେବା ଲାଗି ମଣ୍ଡପକୁ ଆସିଛନ୍ତି । ପରିବାର ସହିତ ଫଟୋ ଉଠାଇବା ସହ ପୁଅକୁ ଆଲିଙ୍ଗନ କରୁଛନ୍ତି। ଶେଷରେ ସେ ସ୍ୱର୍ଗକୁ ଫେରି ଯାଉଛନ୍ତି । ଏହି ଭିଡିଓଟିକୁ ଦେଖି କେବଳ ବର ଜଣକ ଭାବବିହ୍ୱଳ ହୋଇ ନାହାନ୍ତି, ବରଂ ସେଠାରେ ଉପସ୍ଥିତ ଅନ୍ୟ ଅତିଥିଙ୍କ ଆଖିରେ ମଧ୍ୟ ଲୁହ ଆସି ଯାଇଥିଲା। ତେବେ ଏହି ଭିଡିଓଟିକୁ ଦେଖି ଅନେକ ମତ ଦେଇଛନ୍ତି ଯେ, ଟେକ୍ନିକ୍‌ର ଠିକ୍ ଭାବେ ଉପଯୋଗ କରାଗଲେ, ସମ୍ପର୍କ ଆହୁରି ନିବିଡ଼ ହୋଇପାରିବ ।

## ହେରା ଫେରି-୩ରେ ନୂଆ ବାବୁରାଓ ପଙ୍କଜ!

ପ୍ରିୟଦର୍ଶନଙ୍କ 'ହେରା ଫେରି ୩'ରେ ପରେଶ ରାୱଲ ବାବୁରାଓ ଭୂମିକାରେ ଦେଖାଯିବେ ନାହିଁ। ଏହି ଖବର ପ୍ରଶଂସକମାନଙ୍କୁ ବହୁତ ନିରାଶ କରିଥିଲା। ଏହି ସମୟରେ, ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି। ଯେଉଁଠାରେ ପରେଶ ରାୱଲଙ୍କ ସ୍ଥାନରେ ପଙ୍କଜ ତ୍ରିପାଠୀଙ୍କ ନାମ ଆସୁଛି। ପରେଶ ରାୱଲଙ୍କ ବିଦାୟ ପରେ, ପଙ୍କଜ ତ୍ରିପାଠୀଙ୍କୁ ନୂତନ ବାବୁରାଓ ପୋଷ୍ଟରରେ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ପୋଷ୍ଟର ଏବଂ ମିମ୍ସ ବନ୍ୟା ଆସିଛି। କିନ୍ତୁ ଅଭିନେତା ଏହି ଭୂମିକା ବିଷୟରେ ସମ୍ପୂର୍ଣ୍ଣ ସତ୍ୟ କହିଥିଲେ। ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ନୂଆ ବାବୁରାଓ ଭୂମିକାରେ ଅଭିନୟ କରୁଛନ୍ତି କି? ପଙ୍କଜ ତ୍ରିପାଠୀ କହିଥିଲେ ଯେ ଏହି ମାମଲାରେ କୌଣସି ସତ୍ୟତା ନାହିଁ। ଏହି ଭୂମିକାରେ ଅଭିନୟ କରିବା ପାଇଁ ତାଙ୍କୁ ଏପର୍ଯ୍ୟନ୍ତ ଯୋଗାଯୋଗ କରାଯାଇ ନାହିଁ। ଏଥିରେ କୌଣସି ସତ୍ୟତା ନାହିଁ, ଏହା କେବଳ ପ୍ରଶଂସକଙ୍କ ଇଚ୍ଛା।





## ସହିଦ ପତ୍ନୀଙ୍କ କଲ୍ୟାଣ ପାଣ୍ଠିକୁ ୧.୧୦ କୋଟି ଦାନ କଲେ ପ୍ରୀତି

ଭାରତୀୟ ସେନାର ସାଉଥ ୱେଷ୍ଟର୍ଣ୍ଣ କମାଣ୍ଡର ସେନା ପତ୍ନୀଙ୍କ କଲ୍ୟାଣ ସଂଗଠନ(ଏଡବ୍ଲ୍ୟୁଡବ୍ଲ୍ୟୁଏ)କୁ ୧କୋଟି ୧୦ଲକ୍ଷ ଟଙ୍କା ଦାନ କରିଛନ୍ତି ଅଭିନେତ୍ରୀ ପ୍ରୀତି ଜିଣ୍ଟା। ଆଇପିଏଲ ଟିମ୍ ପଞ୍ଜାବ କିଙ୍ଗସ୍‌ର ମାଲିକାଣୀ ଥିବା ପ୍ରୀତି ଏହି ଟିମ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର) ପାଣ୍ଠିରୁ ଏହି ଅର୍ଥ ଦାନ କରିଛନ୍ତି। ବୀର ଯବାନଙ୍କ ସହିଦ ପତ୍ନୀ(ବୀର ନାରୀ) ଓ ସେମାନଙ୍କ ସନ୍ତାନଙ୍କ ଶିକ୍ଷା ଓ ବିକାଶ ଦିଗରେ ଏହି ପାଣ୍ଠି ବିନିଯୋଗ ହେବ। ଶନିବାର ସାଉଥ ୱେଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରୀତି କହିଥିଲେ ଯେ ବୀର ସୈନିକଙ୍କ ପରିବାରକୁ ସହଯୋଗ କରିବା ଆମ ପାଇଁ ଏକ ସମ୍ମାନ ଓ ଦାୟିତ୍ୱର ବିଷୟ। ଆମର ସଶସ୍ତ୍ର ବାହିନୀ ଦେଶ ପାଇଁ ଯେଉଁ ତ୍ୟାଗ ଓ ବଳୀଦାନ ଦେଉଛନ୍ତି ଆମେ ତାକୁ କେବେହେଲେ ପରିଶୋଧ କରିପାରିବା ନାହିଁ। ମାତ୍ର ଆମେ ସେମାନଙ୍କ ପରିବାରକୁ ଆଗକୁ ବଢିବା ଲାଗି ସହଯୋଗର ହାତ ବଢାଇବା ଉଚିତ୍।




## 'ଡକାୟତ'ରେ ଅଦିଭିଙ୍କ ବିପକ୍ଷରେ ମୃଣାଳ

ଅଭିନେତା ଅଦିଭି ଶେଷ ଏବଂ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଆଗାମୀ ଫିଲ୍ମ 'ଡକାୟତ: ଏକ ପ୍ରେମ କଥା'ର ଟିଜରକୁ ଜାରି କରାଯାଇଛି। ଟିଜର ସାମନାକୁ ଆସିବା ପରେ ଫିଲ୍ମକୁ ନେଇ ଅଦିଭି ଏବଂ ମୃଣାଳଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୧ ମିନିଟ୍ ୧ ସେକେଣ୍ଡ ଲମ୍ବା ଏହି ଟିଜରର ଏକ ଦୃଶ୍ୟରେ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟିଜରରେ ଅଦିଭିଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଥିବାବେଳେ ଏଥିରେ ଅଦିଭି ଏବଂ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଛି।

ଫିଲ୍ମର କାହାଣୀ ପ୍ରେମ ଏବଂ ବିଶ୍ୱାସଘାତକତାକୁ ନେଇ ଆଧାରିତ ରହିଥିବା ନେଇ ଟିଜରରୁ ଜଣାପଡୁଛି। ଆସନ୍ତା ଡିସେମ୍ବର ୨୫ରେ କ୍ରିସ୍‌ମାସ୍ ଅବସରରେ ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ଏହି ଫିଲ୍ମକୁ ରିଲିଜ୍ କରାଯିବ। ଶାନାଲୀ ଦେଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଥମେ ଅଭିନେତ୍ରୀ ଶ୍ରୁତି ହାସନ ଅଦିଭିଙ୍କ ବିପକ୍ଷରେ ନଜରକୁ ଆସିବେ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପରେ ଶ୍ରୁତି କୌଣସି କାରଣବଶତଃ ଫିଲ୍ମରୁ ଓହରି ଯିବାରୁ ମୃଣାଳଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିଛି। 'ଡକାୟତ' ଫିଲ୍ମରେ ଅଭିନେତା ପ୍ରକାଶ ରାଜ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ।

## ୪୨ କୋଟି କୋଟିର ମାଲିକ ଥିଲେ ମୁକୁଲ

ଅଫେରାରାଇଜକୁ ଚାଲିଯାଇଛନ୍ତି ବଲିଉଡ ଅଭିନେତା ମୁକୁଲ ଦେବ। ମାତ୍ର ୫୪ ବର୍ଷ ବୟସରେ ମୁକୁଲ ଆରପାରିକୁ ଚାଲିଯାଇଛନ୍ତି। । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହେବା ପରେ ଏବେ ପୂରା ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଆଇସିୟୁରେ ଥିଲେ ମୁକୁଲ ଦେବ । କୁହାଯାଉଛି ଯେ, ତାଙ୍କ ମା'ଙ୍କ ମୃତ୍ୟୁ ପରେ ସେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ମା'ଙ୍କୁ ହରାଇବାର ଦୁଃଖକୁ ସେ ଭୁଲିପାରିନଥିଲେ। ଏବେ ତାଙ୍କ ଦେହାନ୍ତ ପରେ ସେ କୋଟିର ମାଲିକ ଥିଲେ ତାହା ସାମ୍ନାକୁ ଆସିଛି। ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ମୁକୁଲ ଦେବ ପାଇଲଟ୍ ଭାବରେ ତାଲିମ ନେଇଥିଲେ। ତଥାପି, ତାଙ୍କ ଭାଗ୍ୟ ତାଙ୍କୁ ଚଳଚ୍ଚିତ୍ର ଜଗତକୁ ଟାଣି ଆଣିଥିଲା। ମୁକୁଲ ହଙ୍ଗାମା, କିଲା, ମେରେ ଦୋ ଅନମୋଲ ରତନ, ୟମଲା ପଗଲା ଦିୱାନା, ଇତେଫାକ୍, ସନ୍ ଅଫ୍ ସରଦାର ଭଳି ଚଳଚ୍ଚିତ୍ରରେ କାମ କରିଥିଲେ। ଏହା ବ୍ୟତୀତ ସେ କହିଁ ଦିୟା ଜଲେ କହିଁ ଜିଆ, କାହାନୀ ଘର ଘର କି ଏବଂ ପ୍ୟାର ଜିନ୍ଦେଗୀ ହେ ଭଳି ଟିଭି ସୋ'ରେ ମଧ୍ୟ କାମ କରିଥିଲେ। ଅନେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତାଙ୍କର ସମ୍ପତ୍ତି ପ୍ରାୟ ୪୨ କୋଟି ଟଙ୍କା ହେବ। ମୁକୁଲ ଦେବଙ୍କ ଜନ୍ମ ୩୦ ନଭେମ୍ବର ୧୯୭୦ରେ ଦିଲ୍ଲୀରେ ହୋଇଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତାଙ୍କ ବାପା ଜଣେ ପୁଲିସ କମିଶନର ଥିଲେ ଏବଂ ତାଙ୍କର ୨୦୧୯ମସିହାରେ ଦେହାନ୍ତ ହୋଇଥିଲା। ମୁକୁଲଙ୍କ ଭାଇଙ୍କ ନାମ ରାହୁଲ ଦେବ, ଯିଏ ଜଣେ ମଡେଲ ଏବଂ ଅଭିନେତା। ମୁକୁଲ, ଶିଳ୍ପା ଦେବଙ୍କୁ ବିବାହ କରିଥିଲେ, କିନ୍ତୁ ଏହି ବିବାହ ଅଧିକ ଦିନ ତିଷ୍ଠି ପାରି ନଥିଲା। ଦୁହେଁ ୨୦୦୫ ମସିହାରେ ଛାଡପତ୍ର ନେଇଥିଲେ। ଏହି ଦମ୍ପତିଙ୍କର ଏକ ଝିଅ ଅଛି, ଯାହାର ନାମ ସିଆ ଦେବ। ୨୦୨୨ ମସିହାରେ, ତାଙ୍କ ଝିଅର ଜନ୍ମଦିନରେ, ମୁକୁଲ ତାଙ୍କର ଫଟୋ ସେୟାର କରି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ବ୍ଲକ୍ କାପାସି ପଞ୍ଚାୟତ ଅରକଟା ମା କୁଆମଚଣ୍ଡୀ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟ କରଣ ଉଜ୍ଜ୍ୱଳ ଆଲୋକୀକରଣ ଏବଂ ଗୋଷ୍ଠି ସୌଚାଳୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପକଳ୍ପ ଗୁଡ଼ିକର କାର୍ଯ୍ୟ କରାଯାଇଥିଲା। ଏହାକୁ ୧୬.୪.୨୫ତାରିଖ ରେ ନିଆଳୀ ବିଧାୟକ ଛବିମଲ୍ଲିକ ଶୁଭ ଉଦ୍ ଘାଟନ କରିଥିଲେ। ଉଦ୍ ଘାଟନ କରିବା ମାସେ ପୂରି ନଥିବାବେଳେ ସାମାନ୍ୟ ବର୍ଷାରେ ମନ୍ଦିର ଚତୁଃରପାର୍ଶ୍ୱରେ ପଡ଼ିଥିବା ଫେବର ବ୍ଲକ୍ ବାଇଟା ଦବିଯାଇ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ଯାହାଫଳରେ ସୌନ୍ଦର୍ଯ୍ୟକରଣ ନଷ୍ଟ ହୋଇଯାଇଛି। ଏହି କାଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କେଉଁ ପ୍ରକଳ୍ପ ପାଇଁ କେତେ ଟଙ୍କା ବିଧାୟକ ପାଣ୍ଠିରୁ ଖର୍ଚ୍ଚକରାଯାଇଛି ତାହାର ହିସାବ ନାହିଁ। ମନ୍ଦିର ଆଲୋକୀକରଣ ନାମରେ ଛ'ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର କାଯ୍ୟ କରାଯାଇ ମୋଟା ଅଙ୍କର ଅର୍ଥ ହରିଲୁଟ୍ କରାଯାଇଛି। ଲୋକାଇତରେ ଆଲୋକୀକରଣ ମାମଲାର ତଦନ୍ତ କରାଯାଉ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗୋଟିଏ ପଟେ ବିଧାୟକ ଦୁର୍ନୀତି ବିରୋଧରେ ଭାଷଣ ଦେଉଥିବାବେଳେ ଆଲୋକୀକରଣ ଦୁର୍ନୀତି ଓ ନିମ୍ନମାନର କାମର ଘୋଟଲା ତଦନ୍ତ କରାଗଲେ ପ୍ରକୃତସତ୍ୟ ପ୍ରକାଶ ପାଇବ।

# ଦଶମ ଫେଲ ନକଲି ଡାକ୍ତର ଗିରଫ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଦଶମ ଫେଲ ହେଲେ ବେକରେ ଷ୍ଟେଥସ୍ କୋପ ପକାଇ କରୁଥିଲେ ରୋଗୀ ସେବା। ଦୀର୍ଘ ଦେଢ଼ବର୍ଷ ଧରି ଏଭଳି ରୋଗୀ ସେବା କରିବା ପରେ ଏହି ନକଲି ଡାକ୍ତରଙ୍କୁ ଗିରଫ କରିଛି ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ। ଗିରଫ ନକଲି ଡାକ୍ତର ଜଣକ ହେଲେ ପ୍ରସନ୍ନଜିତ୍ ସରକାର। ଗତ କିଛିମାସ ହେଲା ନକଲି ଡାକ୍ତର ତଥା କ୍ୱାକ ଡାକ୍ତର ଆର୍ଯ୍ୟପଲ୍ଲୀରେ ବୁଲୁଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ୍ ସାନ ଆର୍ଯ୍ୟପଲ୍ଲୀ ଓ ବଡ଼ ଆର୍ଯ୍ୟପଲ୍ଲୀରେ ଚଢ଼ାଉ କରିଥିଲା। ଏହି ସମୟରେ ଆର୍ଯ୍ୟପଲ୍ଲୀର ଗାନ୍ଧୀ ଛକ ଠାରେ ପ୍ରସନ୍ନଜିତ୍ ସରକାର ନାମକ ଜଣେ ଯୁବକ ବେଆଇନ ଭାବେ କ୍ଲିନିକ କରିଥିବା ଜାଣିବାକୁ ପାଇଥିଲା ପୋଲିସ। ସେହି କ୍ଲିନିକରେ ଚଢ଼ାଉ କରିବା ପରେ ଜଣାପଡିଥାଲା ସମ୍ପୃକ୍ତ ଡାକ୍ତର ଜଣକ ବିନା ଲାଇସେନ୍ସରେ କ୍ଲିନିକ୍ କରିଛନ୍ତି। ଏପରିକି ତାଙ୍କର ଶିକ୍ଷାଗତ ଯୋଗ୍ୟତା ଦଶମ ଫେଲ। ଗତ କିଛିବର୍ଷ ହେଲା ପଶ୍ଚିମବଙ୍ଗରୁ ଆସି ଆର୍ଯ୍ୟପଲ୍ଲୀରେ କ୍ଲିନିକ ଖୋଲି ରୋଗୀ ସେବା କରୁଥିଲେ। ପୋଲିସ ପ୍ରସନ୍ନଜିତଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ବିପୁଳ ପରିମାଣର ମେଡ଼ିସିନ ଜବତ କରାଯାଇଛି। ପ୍ରସନ୍ନଜିତଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ପୋଲିସ ସୂଚନା ଦେଇଥିବା ବେଳେ ଏହା ବିଭିନ୍ନ ସ୍ଥାନରେ ଏଭଳି ଚଢ଼ାଉ ଜାରି ରହିବ ଏବଂ ନକଲି ଡାକ୍ତରମାନଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାର ଅଧିକାରୀ ବିଦ୍ୟା ଭାରତି।

# ମାରିସାର ଦାବି କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ ନିଷ୍ପତ୍ତି

ବାରିପଦା, (ଭାସ୍କର ନ୍ୟୁଜ୍): ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲକୁ ରଙ୍ଗାମାଟିଆ ସ୍ଥିତ ନୂତନ ଶିକ୍ଷାଦାନ ହସ୍ପିଟାଲକୁ ସୁଗମ ସ୍ଥାନାନ୍ତର ଏବଂ ସେଠାରେ କାର୍ଯ୍ୟକ୍ଷମତାକୁ ଦୃଷ୍ଟିରେ ରଖି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଉପ ଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ମୟୂରଭଞ୍ଜ ଜିଲ୍ଲାପାଳ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କାରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୫୬ ପ୍ରତିଶତରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାବେଳେ ଏମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ଓ ଏମାନଙ୍କ ଆର୍ଥିକସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସରକାରୀ ଚିକିତ୍ସା ଉପରେ ପ୍ରାୟ ନିର୍ଭର କରନ୍ତି। ୨୦୧୭ ମସିହାରେ ବାରିପଦା ସ୍ଥିତ ରଙ୍ଗାମାଟିଆ ଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ, ୨୦୧୭ ମସିହାରେ ବାଲେଶ୍ୱର ଠାରେ ଫକୀର ମୋହନ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ, ୨୦୧୮ ମସିହାରେ ବଲାଙ୍ଗୀର ଠାରେ ଭୀମଭୋଇ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ ଏବଂ ୨୦୨୨ ମସିହାରେ କେନ୍ଦୁଝରଠାରେ ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ନିର୍ମାଣ କରିଥିଲେ। କିନ୍ତୁ ଏହିସବୁ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଅନ୍ତଃବିଭାଗ ଏବଂ ବର୍ହିବିଭାଗ ଚିକିତ୍ସା ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ବାରିପଦା ସ୍ଥିତ ରଙ୍ଗାମାଟିଆ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ସମସ୍ତ ଆନୁସଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ ଅନ୍ତଃବିଭାଗ ଏବଂ ବର୍ହିବିଭାଗ ଚିକିତ୍ସା ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇ ନାହିଁ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମଧ୍ୟ ବହୁ ଅବ୍ୟବସ୍ଥା ଯୋଗୁଁ ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ପାଇପାରୁ ନ ଥିବାବେଳେ ପ୍ରାୟ ରୋଗୀମାନଙ୍କୁ କଟକ ପଠାଯାଉଛି। ସରକାରୀ ଡାକ୍ତରଖାନା ଗୁଡିକରେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବାରୁ ସେମାନେ ଗୁଣିଗାରେଡି, ଝଡାଫୁଙ୍କା ଆଦି ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ ହେଉଛନ୍ତି। ଫଳରେ ପ୍ରତ୍ୟେକ ବର୍ଷ ଶହଶହ ଲୋକଙ୍କ ଜୀବନ ଯାଉଛି। ରଙ୍ଗାମାଟିଆ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲରେ ଜେନେରାଲ ମେଡିସିନ୍ ବିଭାଗ, ଚର୍ମ ଏବଂ ଭିଡି ବିଭାଗ, ମାନସିକ ରୋଗ ବିଭାଗ, ଚକ୍ଷୁ ଏବଂ କାନ, ନାକ, ଜିହ୍ୱା ବିଭାଗର ଅନ୍ତଃବିଭାଗ ଏବଂ ବର୍ହିବିଭାଗ ଗୁଡୁକୁ କାର୍ଯ୍ୟକ୍ଷମ କରିବାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକର କାର୍ଯ୍ୟକ୍ଷମ ପାଇଁ ମାରିସା ପକ୍ଷରୁ ଦୃଢ ଦାବି କରାଯାଇଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପଦକ୍ଷେପକୁ ମାରିସା ଅପେକ୍ଷା କରିଛି ନିରାଶ ହେଲେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ମାରିସା ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାସମାତ୍ ହେମ୍ବ୍ରମ, ସମାଜ ସେବୀ ଅନନ୍ତ ମୁର୍ମୁ, କିଶୁନ ହେମ୍ବ୍ରମ, ହ୍ୟାପି ମୁର୍ମୁ, ରଥ ଟୁଡୁ, ଅଜୟ ମାର୍ଣ୍ଡି, ସୁକିନ୍ଦ୍ର ଟୁଡୁ, ମିଶ୍ର ଗୁଲୁଠୁ, ଦିକୁ ଟୁଡୁ, ଯୋଗେ ଦାଦା ଉପସ୍ଥିତ ଥିଲେ।



# ଚୋରି ଅଭିଯୋଗରେ ୨ଯୁବକ କୋର୍ଟ ଚାଲାଣ

ରାୟଗଡା, (ଭାସ୍କର ନ୍ୟୁଜ୍): କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦର ମହକୁମାରେ ଥିବା ଗୋପାଳ ଚେଟି ଉପେନ୍ଦ୍ରଙ୍କ ଘରୁ ମାଓବାଦୀ ପରିଚୟ ଦେଇ କଳାକନା ବୁଲାଇ ଡକାୟତ ଘଟଣାରେ ପୂର୍ବରୁ କାଶୀପୁର ବ୍ଲକର ଗୋଡ଼ିବାଲି ପଞ୍ଚାୟତର ପଣସ ଗୁଡା ଗ୍ରାମର ଜାଗାମ ନାୟକଙ୍କ ପୁଅ ଈଶ୍ୱର ନାୟକଙ୍କୁ ଗିରଫ କରି ଥାନା ଆଣି ପଚାରଉଚରା କରିଥିବା ବେଳେ ସେ ଚୋରି କରିବାର ସ୍ୱୀକାର କରିବା ପରେ ଗିରଫ କରିଥିଲେ। ମଙ୍ଗଳବାର ଆଉ ଦୁଇଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ଶିକରପାଇ ପଞ୍ଚାୟତର ଗେମ୍ବାଲି ଗାଙ୍ଗାରାଜୁଙ୍କ ପୁଅ ଚନ୍ଦନ କୁମାର(୩୬)ଓ ବୁଢ଼ାଗୁଡା ପଞ୍ଚାୟତର ଗୁର୍ଲୁଲି ଗ୍ରାମର କୁମ୍ଭାର ସାହିର ଲେଡି ଭେଙ୍କେଟ ରାବାଣାଙ୍କ ପୁଅ ଲେଡି ସନ୍ତୋଷ କୁମାର(୩୮) ଙ୍କୁ ଗିରଫ କରି କୋର୍ଟ ଚାଳନ କରାଯାଇଛି। ଦମ୍ପତିଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର, ବାଇକ, ସିନ୍ଧୁକ ଲୁଟ ଘଟଣା ରେ ପୋଲିସ ତଦନ୍ତ କରିଛି, ବାଇକ ଓ ସିନ୍ଧୁକ ଠାବ କରଯାଇଛି। ଚୋରି ଘଟଣାକୁ ନେଇ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ଏସଆଇ, ହେମନ୍ତ କୁମାର ବରିହା, ଏସଆଇ ଦିଲୀପ ମାଝୀ, ହାବିଲଦାର କାର୍ତିକ ଶବର ଏକ ଦଳ ନେଇ ଉକ୍ତ ବ୍ଲକରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ପୂଜାରୀଗୁଡା ପଞ୍ଚାୟତର ପୂଜାରୀଗୁଡା ନିକଟରେ ବାଇକ ଓ ସିନ୍ଧୁକ ମିଳିଥିଲା ଆଉ ଚାରିଜଣ ନାମରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛନ୍ତି। ସମସ୍ତଙ୍କୁ ଗିରଫ କରାଯିବ ସେମାନେ ବର୍ତ୍ତମାନ ଫେରାର ଥିବା ଥାନା ଅଧିକାରୀ ନୀଳକଣ୍ଠ ବେହେରା କହିଛନ୍ତି।

# ବେଆଇନ ଗୋରୁ ବେପାରୀ ଫେରାର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ସାନଶାସନ ପଞ୍ଚାୟତ ବଡକଣ୍ଟାପଡା ଗ୍ରାମରେ ବେଆଇନ ଗୋରୁ ବେପାରୀଙ୍କ ନାମରେ ମାମଲା ରଜୁ ହୋଇଛି। ଗ୍ରାମର ମାନସ ବାରିକଙ୍କ ଅଭିଯୋଗ ଆଧାରରେ ବଡକଣ୍ଟାପଡା ଗ୍ରାମର ନାରଣ ପେରେଇ, ଗୋରୁ ପରିବହନକାରୀ ବୋଲେରୋ ଚାଳକ ଓ ଅନ୍ୟ ୬ ଜଣଙ୍କ ନାମରେ ମାମଲା ସୋମବାର ରାତ୍ରରେ ରୁଜୁ ହୋଇଛି। ମାତ୍ର ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ ଅଭିଯୋଗକାରୀ ମାନସ ବାରିକ ଓ କୈଳାସ ପେରେଇ ମଞ୍ଜୁରୀରୋଡରୁ ରବିବାର ରାତ୍ର ଗୋଟାଏ ବେଳେ ଘରକୁ ଫେରୁଥିବା ବେଳେ ନାରଣ ପେରେଇଙ୍କ ଘର ସମ୍ମୁଖ ରାସ୍ତା ଉପରେ ସମ୍ପୃକ୍ତ ବୋଲେରୋ ଡାଲାରେ ଅମାନୁସିକ ଭାବେ ଚାଲାଣ ଉଦ୍ଦେଶ୍ୟରେ ୫ଟି ଗୋରୁ ବୋଝେଇ କରିଥିଲେ। ବୋଲେରୋ ଚାଳକ ସମତେ ଗ୍ରାମର ନାରାୟଣ ପେରେଇ ବିଭିନ୍ନ ଅଞ୍ଚଳରୁ ଗୋରୁ ସଂଗ୍ରହ କରି ବିକ୍ରୟ କରିଆସୁଥିଲେ। ଏହା ଉପରେ ବଜରଙ୍ଗୀ ଦଳ ନଜର ରଖିଥିଲା। ରବିବାର ରାତ୍ର ପ୍ରାୟ ୩ଟା ସମୟରେ ଦୁଇଟି ଗ୍ରାମର ବାଇକରେ ଆସିଥିବା ଅନ୍ୟ ଲୋକମାନେ ଗୋରୁ ବୋଝେଇରେ ସହାୟତା କରୁଥିଲେ। ମାନସ ଓ କୈଳାସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିବାରୁ ଗୋରୁ ଚାଲାଣକାରୀମାନେ ଗାଳିଗୁଲଜ କରିବା ସହ ଆକ୍ରମଣ ଧମକ ଦେଇଥିଲେ। ମାନସଙ୍କ ଡାକ ଶୁଣି ଗ୍ରାମବାସୀ ମାନେ ଆସିଯିବାରୁ ଅଭିଯୁକ୍ତ ନାରଣଙ୍କ ସମେତ ଅନ୍ୟ ଗୋରୁ ବେପାରୀମାନେ ପଳାଇ ଯାଇଥିଲେ। ଖବର ପାଇ ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଗୁଡିକୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛାଡିଥିଲା। ଫାଣ୍ଡି ଅଧିକାରୀ ଦେବରାଜ ଜେନା ମାମଲାର ତଦନ୍ତ ଚଳାଇଛନ୍ତି। ୧୬ନଂ ରାଜୀୟ ରାଜପଥରେ ସ୍ଥାନୀୟ ଥାନା ଅଧିନ ଏକ ଟୋଲଗେଟ ସୁବିଧା ଥିବା ସତ୍ତ୍ୱେ ସପ୍ତାହକୁ ଶହଶହ ବେଆଇନ ଗୋରୁ ଗାଡି ନିର୍ଦ୍ଦୟ ଭାବେ ଗୋରୁ ଚାଲାଣ କରିବା ବିଡମ୍ବନାର ବିଷୟ ହୋଇଛି।

# ଆରସେଟି ପକ୍ଷରୁ କୃଷି ଉଦ୍ୟମୀ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ବଢିଗାଁ ଗ୍ରାମ ପଞ୍ଚାୟତର ଗିରାସିଙ୍ଗା ଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆରସେଟି ପକ୍ଷରୁ ଚାଲିଥିବା କୃଷି ଉଦ୍ୟମୀ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗତ ୧୪ତାରିଖ ଠାରୁ ୩୪ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନଙ୍କୁ ନେଇ କୃଷି ଉଦ୍ୟମୀ ତାଲିମ ପ୍ରଦାନ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଆରସେଟି ନିର୍ଦ୍ଦେଶକ ସଚ୍ଚିନ୍ଦ୍ର ନାଥ ବେହେରା ଯୋଗଦେଇ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ସଂଯୋଜକ କାନନ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ଶିଶିର କୁମାର ମହନ୍ତ ତାଲିମ ପ୍ରଦାନ କରିଥିଲେ।

# କାଳୁ ଭାଇ ହେଲେ କାକଟପୁର ବ୍ଲକ ସାଂସଦ ପ୍ରତିନିଧି



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ବିଜେପିର ସାଂସଦ ପ୍ରତିନିଧି ଭାବେ କୈଳାଶ ଚନ୍ଦ୍ର ନାୟକ (କାଳୁ ଭାଇ) ନିଯୁକ୍ତି ହୋଇଛନ୍ତି। ଦଳ ପ୍ରତି ତ୍ୟାଗ, ଦୃଢ ସଂଗଠନ, ସଚ୍ଚୋଟ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା ବ୍ୟକ୍ତିଙ୍କୁ କେବେ ବିଜେପି ନିରାଶ କରେନାହିଁ। ଯାହା ଦେଖିବାକୁ ମିଳିଛି ଜଗତସିଂହପୁର ଲୋକସଭା କ୍ଷେତ୍ର ଅଧିନସ୍ଥ କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁର ବ୍ଲକରେ। ବ୍ଲକ୍ ବିଜେପିର ଦୃଢ ସଂଗଠକ କୈଳାଶ ନାୟକ, ଯିଏକି ଦିନରାତି ପରିଶ୍ରମ କରି କାକଟପୁର ବ୍ଲକରେ ଦଳକୁ ମଜଭୁତ କରିଛନ୍ତି। ଯାହାଫଳରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ କୈଳାଶଙ୍କୁ କାକଟପୁର ବ୍ଲକ୍ ସାଂସଦଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଛନ୍ତି। ନାୟକ କାକଟପୁର ବ୍ଲକ୍ ସାଂସଦଙ୍କ ପ୍ରତିନିଧି ହେବା ପରେ ମୋ ଉପରେ ଭରଷା ଓ ବିଶ୍ୱାସ ରଖି ମୋତେ କାକଟପୁର ବ୍ଲକ୍ ସାଂସଦଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ଦେଇଥିବାରୁ ମାନ୍ୟବର ସାଂସଦ ତରାଇଙ୍କୁ ଅଶେଷ ଧନ୍ୟବାଦ୍ ଦେଇଛନ୍ତି। ତତ୍ ସହିତ ଲୋକମାନେ କିପରି ସରକାରଙ୍କ ସମସ୍ତ ସୁବିଧା, ସୁଯୋଗ ପାଇବେ, ଦଳ ଅଧିକ ମଜବୁତ୍ ହେବ ଏବଂ କାକଟପୁର ବ୍ଲକ୍ ଅଧିକ ବିକାଶ ହେବା ସହିତ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଜନ ସାଧାରଣଙ୍କ ନିକଟରେ ପହଞ୍ଚିବ ସେ ଦିଗରେ ଅଧିକ ଯତ୍ନବାନ ହେବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ଅବସରରେ ନବ ନିଯୁକ୍ତ ପ୍ରତିନିଧି ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ମୃତ ସୁଭଦ୍ରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ

କଣିହାଁ, (ଭାସ୍କର ନ୍ୟୁଜ୍): ପାଲଲହଡା ବିଧାୟକ ଆଶୋକ ମହାନ୍ତି ମଙ୍ଗଳବାର କଣିହାଁ ବ୍ଲକ ଅନ୍ତର୍ଗତ ଲୋଧାଝରି ଗ୍ରାମ ଗସ୍ତ କରି ମୃତ ସୁଭଦ୍ରା ପଦିଲି ପରିବାରଙ୍କୁ ସାକ୍ଷାତ କରି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଧାୟକ ମହାନ୍ତି କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ, ଅଧିକ୍ଷଣ ଯନ୍ତ୍ରୀ ସଲିଳ କୁମାର ସ୍ୱାଇଁ, ବାଲିପଶି ସରପଞ୍ଚ ହାଡିବନ୍ଧୁ ସେଠୀ ଓ କର୍ମୀମାନଙ୍କ ଉପସ୍ଥିତିରେ ମୃତ ସୁଭଦ୍ରାର ବାପା ପଞ୍ଚାନନ ପଦିଲିକୁ ୪ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ମୃତ ସୁଭଦ୍ରାର ହତ୍ୟାକାରୀକୁ ଗିରଫ କରାଯାଇଛି। ଏଥିରେ ଯେଉଁମାନେ ସମ୍ପୃକ୍ତ କାହାକୁ ଛଡା ଯିବ ନାହିଁ ଏବଂ ଏହାର ବିଚାର ଫାଷ୍ଟ ଟ୍ରାକ କୋର୍ଟରେ କରାଯାଇ କଠୋର ଦଣ୍ଡ ପ୍ରଦାନ କରାଯିବ ବୋଲି ବିଧାୟକ ମହାନ୍ତି କହିଥିଲେ। ଉକ୍ତ ଚେକ ପ୍ରଦାନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ନୃସିଂହ ଚରଣ ବରାଳ, ତ୍ରିପୁରାରି ପ୍ରଧାନ, ବିନୟ ପ୍ରଧାନ, ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ନିଶାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରର ସାହିତ୍ୟ, ସଂସ୍କୃତି ଓ କଳା ପ୍ରତିଷ୍ଠାନର କାର୍ଯ୍ୟକ୍ରମ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝରର ସାହିତ୍ୟ, ସଂସ୍କୃତି ଓ କଳା ପ୍ରତିଷ୍ଠାନର ସଭାପତି ତଥା ତେଲକୋଇର ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକଙ୍କ ନେତୃତ୍ୱରେ ଏକ ଅଣ ଆନୁଷ୍ଠାନିକ ଆଲୋଚନା ଗୋନାସିକା ନିକଟସ୍ଥ ବୈତରଣୀ କୂଳ ନିକଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ପ୍ରତିଷ୍ଠାନର ସଂପ୍ରସାରଣ,ବାର୍ଷିକ ଉତ୍ସବ ଓ ଏହାର ମୁଖପତ୍ର 'ମହାଦୀପ'ର ପ୍ରକାଶନ ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିବା ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଡକ୍ଟର ବିମ୍ବାଧର ବେହେରା ଜଣାଇଛନ୍ତି। କେନ୍ଦୁଝରର ଆଦିବାସୀ କଳା ଓ ସଂସ୍କୃତିର ସାମ୍ପ୍ରତିକ ପରିବର୍ତ୍ତନ ସମ୍ପର୍କରେ ଏକ ଗବେଷଣାତ୍ମକ ତଥ୍ୟ ସଂଗ୍ରହ ଉପରେ ସଭାପତି, କାର୍ଯ୍ୟକାରୀ ସଭାପତି ଓ ଅନ୍ୟାନ୍ୟ ସଦସ୍ୟମାନେ ଆଗ୍ରହ ପ୍ରକାଶ କରିଅଛନ୍ତି। କେନ୍ଦୁଝରର ପର୍ଯ୍ୟଟନ ଉପରେ ଏହାର ଭୂମିକା ଅନୁଧ୍ୟାନ କରାଯାଇପାରେ। 'ମହାଦୀପ' ଖୁବଶିଘ୍ର ପ୍ରକାଶ ପାଇବାକୁ ଥିବାରୁ ପରେ ପରେ ଏହାର ବାର୍ଷିକ ଉତ୍ସବ କୌଣସି ଆଦିବାସୀ ଅଧ୍ୟୁଷିତ ଅରଣ୍ୟ ଆଚ୍ଛାଦିତ ସୁରମ୍ୟ ନଦୀ କୂଳରେ ଆୟୋଜନ କରାଯିବା ପାଇଁ ସମସ୍ତ ସଭ୍ୟ ମତପ୍ରକାଶ କରିଥିଲେ। ଯାହାଫଳରେ ପରିବେଶ ଓ ପର୍ଯ୍ୟଟନ ଉପରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇପାରିବ। ପ୍ରତିଷ୍ଠାନର ଉପସଭାପତି ନରେଶ ପଟ୍ଟନାୟକ, ସମ୍ପାଦକ ମନୋଜ ଦାଶ, ସହ ସମ୍ପାଦକ କରୁଣାକର ବାରିକଙ୍କ ସମେତ ସମସ୍ତେ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

# ଡାବୁଗାଁରେ ପୋଲର ଉଚ୍ଚତା ମୁଖ୍ୟରାସ୍ତା ଠାରୁ ବହୁତ ଉଚ୍ଚରେ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନୂତନ ଭାବରେ ନିର୍ମିତ ମୈଦାଲପୁର ଠାରୁ ଛତିଶଗଡ ରାଜ୍ୟକୁ ଯୋଗାଯୋଗ କରୁଥିବା ରାସ୍ତା ସଠିକ ଭାବରେ ନିର୍ମିତ ହୋଇଛି। କିନ୍ତୁ ରାସ୍ତା କାମ ସମାପ୍ତ ହେବା ପରେ ପ୍ରତ୍ୟକ ସାହି, ରାସନ ଦୋକାନ, ଔଷଧ ଦୋକାନ, +୨ ଶିକ୍ଷା କେନ୍ଦ୍ର, ବିପରୀତ ଦିଗରେ ମଧ୍ୟ ବହୁତ ଗୁଡ଼ିଏ ଦୈନନ୍ଦିନ ବ୍ୟବହାର ଉପଯୋଗ କାରି, ଦୋକାନ ରହିଛି। ଏହା ପୂର୍ବରୁ ବହୁ ଖବର କାଗଜରେ ପ୍ରସାରଣ ପରେ ରାସ୍ତା ଏବଂ ସରକାରୀ ନାଳ ପ୍ରସ୍ତୁତ ହୋଇଥିଲା, କିନ୍ତୁ ରାସ୍ତା କାମ ସମ୍ପୂର୍ଣ୍ଣ ଶେଷ ହେବା ପରେ ଆବର୍ଜନା ଯିବା ନାଳ ନିର୍ମିତ ହୋଇଥିଲା। କିନ୍ତୁ ସେହି ଆବର୍ଜନା ଯିବା ପାଇଁ ଯେଉଁ ନାଳ ପୋଲ ନିର୍ମିତ ହୋଇଥିଲା, ତାହାର ଉଚ୍ଚତା ରାସ୍ତା ଠାରୁ ଅଧିକ ହୋଇଯିବା କାରଣରୁ କାର, ବଡ ଗାଡି, ଏମିତିକି ବାଇକ ଜିବା ମଧ୍ୟ କଷ୍ଟ ହୋଇଯାଉଛି। ଯାହାଦ୍ୱାରା କି ବହୁତ ଦୁର୍ଘଟଣା ଘଟୁଛି। ତେଣୁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ସରକାର ସେହି ନାଳ ଉପରେ ନିର୍ମିତ ପୋଲଗୁଡିକୁ ଠିକ ଭାବେ ନିର୍ମାଣ ନହେଲେ ବହୁତ ଲୋକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହାରିବେ। ଯଥା ଶିଘ୍ର ସରକାର ସେହି ପୋଲୋ ଗୁଡିକର ମାରାମତି କରାନ୍ତୁ।

# ପ୍ରେମ ଜନିତ ମାମଲା ଅଦାଲତରେ

## କଙ୍ଗାରୁ କୋର୍ଟ ବାସନ୍ଦକୁ ଗ୍ରାମବାସୀଙ୍କ ଖଣ୍ଡନ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ବଡାଲ ପଞ୍ଚାୟତର ଓଗାଳପୁର ଗ୍ରାମରେ ଲକ୍ଷ୍ମୀଧର ପଲାଇଙ୍କ ପୁତ୍ର ମନୋଜ ସେହି ଗ୍ରାମର ଗୋଟିଏ ଝିଅକୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲା। ବିବାହ ନକରିବାରୁ ଏକ ବର୍ଷ ତଳେ ପୁଅର ଦ୍ୱାରେ ଧାରଣାରେ ବସିବା ପରେ ଝିଅର ପିତା ଗ୍ରାମବାସୀଙ୍କ ନିକଟରେ ଫେରାଦ ହୋଇଥିଲା। ଗ୍ରାମବାସୀମାନେ ପୁଅ ଏବଂ ଝିଅ ଙ୍କର ପିତାଙ୍କୁ ଡାକି ସମସ୍ତ ସାକ୍ଷୀ ସମନ ଦେବା ପରେ ପୁଅର ପିତା ଲକ୍ଷ୍ମୀଧରକୁ ଝିଅକୁ ବୋହୂ କରି ନେବା ପାଇଁ ନିଷ୍ପତି ନେଇଥିଲେ। ଲକ୍ଷ୍ମୀଧର ଘରୁ ବୁଝିକରି ଆସୁଛି ବୋଲି କହି ଆଉ ଗ୍ରାମସଭାକୁ ଫେରି ନଥିଲେ। ଝିଅର ପିତା ଓ ଝିଅ ତା.୯/୬/୨୦୨୪ ରିଖରେ ଗଡିଶାଗୋଦା ଥାନାରେ ଏତଲା ଦେବା ପରେ ଗଡିଶାଗୋଦା ଥାନାରେ ଏକ ମକଦମା କରାଯାଇ ମନୋଜ ପିତା ଲକ୍ଷ୍ମୀଧର ଓ ମାତା ଖୁଲଣାଙ୍କ ନାମରେ ଏକ ମକଦମା କରାଯାଇଥିଲା। ଲକ୍ଷ୍ମୀଧର ଓ ଖୁଲଣା ଓଡିଶା ଉଚ୍ଚ ନ୍ୟାୟଳରୁ ଜାମିନରେ ଆସିଥିବାବେଳେ ପୁତ୍ର ମନୋଜ ୨୨ ଦିନ ଜେଲ ହାଜତରେ ରହି ଜାମିନରେ ଆସିଥିଲା। ପୂର୍ବତନ ଗଡିଶାଗୋଦା ଥାନା ଅଧିକାରୀ ପୁଅ ଓ ଝିଅଙ୍କୁ ଆପୋସ ସମାଧାନ ମାଧ୍ୟମରେ କଥା ତୁଟାଇବା ପାଇଁ ଅଞ୍ଚଳର କିଛି ଭଦ୍ରବ୍ୟକ୍ତିଙ୍କୁ ଧରି ଗଡିଶାଗୋଦା ଥାନା ଠାରେ ବୈଠକ କରିଥିଲେ। ସେହି ବୈଠକରେ ପୁଅ ଜୀକୁ ବିବାହ ହେବ ନାହିଁ ବୋଲି ଜିଦ ଧରିବାରୁ ଭଦ୍ରବ୍ୟକ୍ତି ମାନେ ନିରାଶୟ ହୋଇ ଫେରି ଯାଇଥିଲେ। ଲକ୍ଷ୍ମୀଧର ବିଭିନ୍ନ ପ୍ରଶାସନ ଅଧିକାରୀଙ୍କ ପାଖରେ ତାଙ୍କୁ ନିଆଁ ପାଣି ବାସନ୍ଦ କରିଥିବା ଅଭିଯୋଗ କରି ଆସୁଛନ୍ତି। ଗ୍ରାମବାସୀମାନେ ଲକ୍ଷ୍ମୀଧରକୁ ନିଆଁ ପାଣି ବାସନ୍ଦ କରିନଥିବା ଅଭି ଯୋଗ କରିଛନ୍ତି। ଗ୍ରାମର ମୂଖିଆ ରାମଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀଧର ସାହୁ, ଅଶ୍ୱନୀ ସାହୁ, ଗଦାଧର ସାହୁ, ପ୍ରମୋଦ ମାନସିଂହ, ନିରଞ୍ଜନ ମହାପାତ୍ର, ପ୍ରଶାନ୍ତ କୁମାର ମହାପାତ୍ର, ବାବୁଲି ମହାପାତ୍ର, ବୁଲୁ ସାହୁ, ଜଳନ୍ଧର ସାହୁ, ମାଗୁଣା ସାହୁ ରମାକାନ୍ତ ମହାପାତ୍ର ପ୍ରମୁଖ ଗ୍ରାମବାସୀ ମାନେ ଜଣାଇଛନ୍ତି।

# ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଂଚାୟତ ସାଧୁପୁର ଗ୍ରାମର ଧୃବଚରଣ ସ୍ୱାଇଁଙ୍କ ପୁତ୍ର ସୁରେଶ କୁମାର ସ୍ୱାଇଁ(୪୭) ସାଲେପୁର ଥାନା ନାନ୍ଦୋଳଗଡା ତେଲଟାଙ୍କି ନିକଟରେ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କର ଶବକୁ ଶୋକକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଛି। ସୋମବାର ରାତ୍ରରେ ସୁରେଶ ଏକ ବାଇକ୍ ଯୋଗେ ଭୁବନେଶ୍ୱରରୁ ତାଙ୍କର ନବଜାତ ନାତିକୁ ଦେଖିବା ନିମନ୍ତେ ଆସୁଥିଲେ। ରାତ୍ରର ବିଳମ୍ବିତ ପ୍ରହରରେ ଏକ ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ସାଲେପୁର ଥାନା ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ମଝିଆ ଭାଇ ରମେଶ ଚନ୍ଦ୍ର ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ହେଲେ ଦିବାକର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଲୋକସଭା ଆସନ କ୍ଷେତ୍ରର ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ନିମନ୍ତେ ତାଙ୍କର ପ୍ରତିନିଧି ଭାବେ ଦୃଢ଼ ସଂଗଠକ, ଯୁବ ନେତୃତ୍ୱ, ଲୋକ ସେବାରେ ଜଡିତ ଶ୍ରୀଯୁକ୍ତ ଦିବାକର ଛାଟୋଇ ଙ୍କୁ ମନୋନୀତ କରିଛନ୍ତି। ଏ ସମ୍ପର୍କରେ ମାନ୍ୟବର ସାଂସଦ ଚିଠି ନଂ ଏମପିଏଲଏସ /ବିପିଟି /ଏଇଏଲ -୦୮୯ ତାରିଖ ୨୬/ମେ ଦିନ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଙ୍କୁ ଅବଗତ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଜଣାଶୁଣା ବ୍ୟକ୍ତିତ୍ୱ ଦିବାକର ଛାଟୋଇ ୧୯୯୬ ମସିହାରୁ ଅସ୍ତରଙ୍ଗ ସମବାୟ ସମିତି ସଭାପତି ହୋଇ ରାଜନୀତି କ୍ୟାରିୟର ଆରମ୍ଭ କରିଥିବା ବେଳେ ୨୦୦୨ ମସିହାରେ ଅସ୍ତରଙ୍ଗ ପଂଚାୟତ ର ସରପଞ୍ଚ, ୨୦୧୭ ମସିହାରେ ଅସ୍ତରଙ୍ଗ ପଂଚାୟତ ସମିତି ସଭ୍ୟ ପଦରେ ରହି ଲୋକଙ୍କ ସେବା କରିଆସୁଛନ୍ତି। ଏହା ସହ ବିଭିନ୍ନ ସଂଗଠନରେ ରହି ଅସ୍ତରଙ୍ଗ ବ୍ଲକ ଅଂଚଳରେ ଲୋକଙ୍କ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ।



ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ପ୍ରତିନିଧି ଭାବେ ମନୋନୀତ ହେବା ପରେ ଦିବାକର ଛାଟୋଇ ମାନ୍ୟବର ସାଂସଦଙ୍କୁ ସାଧୁବାଦ ଜଣାଇଛନ୍ତି। ଦଳ ତୃଣମୂଳସ୍ତର ଠାରୁ ଦଳୀୟ ସଂଗଠନକୁ ମଜବୁତ କରିବା ଦିଗରେ ସବୁ ପ୍ରକାର ସହଯୋଗ କର୍ମୀମାନଙ୍କୁ କରିବେ ବୋଲି କହିଛନ୍ତି। ଦିବାକରଙ୍କ ପରି ଦୃଢ଼ ସଂଗଠନଙ୍କୁ ମାନ୍ୟବର ସାଂସଦ ତାଙ୍କର ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦିବାକରଙ୍କ ପରି ଦୃଢ ଓ ଦରଦୀ ଲୋକର ସାଥିଙ୍କୁ ଗୁରୁତ୍ୱ ଦିଆଯାଇଥିବାରୁ ଏହା ଯୁବସମାଜ ପ୍ରତି ସମ୍ମାନ ବୋଲି ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା କହିଛନ୍ତି।

# ସାବିତ୍ରୀ'ଙ୍କ ଜନ୍ମଦିବସରେ ପ୍ରଣାମ ସାବିତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ



ବେତନଟୀ,(ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକର ମହୁଲିଆ ଗ୍ରାମରେ ଥିବା ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତି ଆନୁକୂଲ୍ୟରେ ସାବିତ୍ରୀ ବ୍ରତ ପାଳନ ଉତ୍ସବ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସଭାପତି ଅନ୍ନଦା ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ଐତିହାସିକ ଡକ୍ଟର ଶ୍ୟାମ ସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ମୁଖ୍ୟବକ୍ତା ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ସଂଗଠନ କବି ସଙ୍ଗମର ସଭାପତି ବାସୁଦେବ ନାପିତ, ସମ୍ମାନିତ ବକ୍ତା ଭାବରେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ଯୋଗଦାନ କରି ସାବିତ୍ରୀ ବ୍ରତ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଅଲୋକପାତ କରିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ମହୁଲିଆ ଗ୍ରାମ ନିବାସୀ ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡକ୍ଟର ରମାକାନ୍ତ ମହାନ୍ତଙ୍କର ମାତା ସ୍ୱର୍ଗତା ସାବିତ୍ରୀ ମହାନ୍ତଙ୍କର ଜନ୍ମ ଦିବସ ଉପଲକ୍ଷେ ସମକଳା ଗ୍ରାମର ସ୍ୱର୍ଗତ ଶିକ୍ଷକ ରାମଚନ୍ଦ୍ର ମହାନ୍ତଙ୍କ ଧର୍ମପତ୍ନୀ 'ସାବିତ୍ରୀ', କଇଁଫୁଲିଆ ଗ୍ରାମର ଅଜୟ ମହାନ୍ତଙ୍କର ଧର୍ମପତ୍ନୀ 'ସାବିତ୍ରୀ' ଏବଂ ମହୁଲିଆ ଗ୍ରାମର ବୀରେନ୍ଦ୍ର ମହାନ୍ତଙ୍କର ଧର୍ମପତ୍ନୀ 'ସାବିତ୍ରୀ'ଙ୍କୁ ସମ୍ମାନିତ କରାଯାଇ ଥିଲା। ସଭା କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ ଶିକ୍ଷକ ଡକ୍ଟର ରମାକାନ୍ତ ମହାନ୍ତ, ଧନ୍ୟବାଦ ଅର୍ପଣ କରିଥିଲେ ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସମ୍ପାଦିକା ମାମିନା ମହାନ୍ତ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିର ଅଞ୍ଚଳଗୁଡ଼ା ମଣ୍ଡଳ ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଯାଇଛି। ଏହି ତ୍ରିରଙ୍ଗା ଶୋଭା ଯାତ୍ରା ଝରିଗୁଡ଼ା ଠାରୁ ଆରମ୍ଭ ହୋଇ କଣ୍ଡା ଗାଁ, ଅମଳା ଭଟ୍ଟା, କୁସୁମୀ, ବାଗ୍ରା ଗୁଡା ଅଞ୍ଚଳଗୁଡ଼ା, ପାପୁଡ଼ପୁଟ ପର୍ଯ୍ୟନ୍ତ ଏକ ବାଇକ ରାଲି ବାହାରିଥିଲା। ଏହି ର୍ୟାଲିରେ ଅଂଚଳ ଗ୍ରାମ ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ସୁଧାର ବିଷୋୟୀ, ସହ ମଣ୍ଡଳର ଆଉ ଗୋଟି ପଂଚାୟତର ଜନ ସାଧାରଣ ସ୍ୱତଃପ୍ରବୃତ୍ତ ଭାବରେ ସାମିଲ ହୋଇ ଭାରତୀୟ ସେନାର ସୁର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭା ଯାତ୍ରା ମାଧ୍ୟମରେ ପରିକ୍ରମା କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଗ୍ରାମରେ ଏହି ସଭାଯାତ୍ରାକୁ ଗ୍ରାମବାସୀ ମାନେ ଉଷ୍ମଭାର ସହ ସ୍ୱାଗତ ଜଣାଇଥିଲେ। ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ନିରୀହ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକମାନଙ୍କୁ ଉତ୍ସାହିତ କରିବା ପାଇଁ ଏହା ଶୋଭାଯାତ୍ରାର ମୂଳ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ, ମଣ୍ଡଳ ସାଧାରଣ ସମ୍ପାଦକ ସୁଧାର ବିଷୋୟୀ, ପ୍ରଫୁଲ୍ଲ ଛତ୍ରିଆ, ହରେକୃଷ୍ଣ ଛତ୍ରିଆ, ବିଜୁ ଛତ୍ରିଆ, ଲିପୁନ ବିଷୋୟୀ, ଡମ୍ବରୁ ବିନ୍ଧାଣିଙ୍କ ସହ ଭାରତୀୟ ଜନତାପାର୍ଟିର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ।



# ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍

## ୨୮ରୁ ପାଲବଣି-ମେଡ଼ିକାଲ କଲେଜ ରାସ୍ତା ପ୍ରଶସ୍ତିକରଣ

ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା-ଅମର୍ଦା ରୋଡ଼, ଅବସ୍ଥିତ ୬୧ନଂ ରାଜ୍ୟ ରାଜପଥର ପାଲବଣି ଠାରୁ ପି.ଆର.ଏମ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ରାସ୍ତା ବିସ୍ତାର ଯୋଜନାକୁ ନେଇ ଜିଲ୍ଲା ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ଦ୍ଧିତ ଜନସଂଖ୍ୟା ସାଙ୍ଗକୁ ସରକାରଙ୍କର ବିକାଶ ରଥର ଦ୍ରୁତ ପ୍ରଗତି ନିମନ୍ତେ ଏହି ରାସ୍ତାକୁ ଚାରି ଲେନରେ ପରିଣତ କରିବା ପାଇଁ ଆସନ୍ତା ୨୮ ତାରିଖରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ହେବ। ଏହି ପ୍ରକ୍ରିୟା ପୂର୍ବରୁ ଉଚ୍ଛେଦ ଅଭିଯାନ ସମ୍ପର୍କରେ ଜବରଦଖଲ କାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ହଠାତ୍ ଆଜି ୨୭ତାରିଖ ବାରିପଦା ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ବାରିପଦା ଓ ବାରିପଦା ତହସିଲଦାର ମିଳିତ ଉପସ୍ଥିତିରେ ପୂର୍ବ ଧାର୍ଯ୍ୟ ଉଚ୍ଛେଦୀକରଣ ସ୍ଥାନ ପରିବର୍ତ୍ତେ ଅଧିକ ୫୦ ଫୁଟ ଉଚ୍ଛେଦ କରିବା କଥା କହିଛନ୍ତି ଯଦ୍ୱାରା ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଉଚ୍ଛେଦୀକରଣ ଯୋଗୁ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଓ କ୍ଷୁଦ୍ର ବ୍ୟବସାୟୀ ପ୍ରଭାବିତ ହେବେ ବୋଲି ଲୋକେ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକେ ଏଭଳି ସଂଗଠନ ଅଭିଯୋଗ ଆଣିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ କାହେଁ ପାତରଅନ୍ତର ନୀତି ଆପଣେଇ ଧନୀ ବ୍ୟବସାୟୀ ମାନଙ୍କୁ ଅଧିକ ସମୟ ଦେଉଥିବା ବେଳେ,ସରକାରଙ୍କ ନିୟମ ବାହାରେ ଅର୍ଥାତ୍ ବର୍ଷା ଲାଗିରହିଛି ଅଥଚି ଉଚ୍ଛେଦର ଡର ଲୋକଙ୍କ ପେଟରୁ ଭୋକ ଓ ଆଖିରୁ ନିଦ ହଜେଇ ଦେଇଛି ଆହୁରି ଏକ ଘଟଣା ଲୋକେ ଅଭିଯୋଗ କରିଛନ୍ତି ଯେ ସରକାରୀ ଯାଗାରେ ମ୍ୟାରେ ପାଇଲେ ଭଳି ବିଶାଳ ବିଲଡ଼ିଂ ର ଟାଉନ ପ୍ଲାନିଂ ପାସ୍ ହେଲା କିପରି ? ପୁଣି ଉକ୍ତ ଯାଗାରେ ଟିକେଟ ରହିଥିବା କିପରି ସମ୍ଭବ ? ତେଣୁ ଏସବୁ କଥା ନିଶ୍ଚିତ ତଦନ୍ତ ସାପେକ୍ଷ ବୋଲି ଲୋକେ କହିବା ସହିତ ପୂର୍ବନିର୍ଦ୍ଧାରିତ ଚିହ୍ନଟ ହିସାବରେ ଉଚ୍ଛେଦ କରାଯିବା ସହିତ ଉଚ୍ଛେଦରେ ପ୍ରଭାବିତ ହେବାକୁ ଥିବା ଦୋକାନୀମାନଙ୍କୁ ବାରିପଦା ମ୍ୟୁନିସିପାଲଟି ପକ୍ଷରୁ ଦୋକାନ ଗୃହ ଯୋଗାଇ ଥଇଥାନ କରିବାକୁ ଦାବି ଯୋର ଧରିଛି ନଚେତ୍ ଲୋକେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ରାସ୍ତା ବାରିପଦା ପାଲବଣିସ୍ଥିତ ୧୮ନଂ ଜାତୀୟ ରାଜପଥରୁ ଚିତ୍ରଡ଼ା, ରାସଗୋବିନ୍ଦପୁର ହୋଇ ଅମର୍ଦା ସଂଯୋଗରେ ଥିବା ୬୮ନଂ ଜାତୀୟ ରାଜପଥ ସହିତ ଯୋଡ଼ାଯାଇଛି। ଏହି ରାସ୍ତାର ପାଖରେ ପିଆରଏମ ମେଡ଼ିକାଲ କଲେଜ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଆଇନ ବିଦ୍ୟାଳୟ, ଏମପିସି ଅଟୋନୋମସ୍ କଲେଜ, ପକ୍ଷୀ ବାଟାଲିଅନ୍ କାର୍ଯ୍ୟାଳୟ ଓ ଅନେକ ସରକାରୀ-ବେସରକାରୀ ଅଫିସ ଅବସ୍ଥିତ ଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟସ୍ତ ବାଟ ଦେପାରି ପରିଣତ ହୋଇଛି। ଏହି ରାସ୍ତା ଦୁଇପାର୍ଶ୍ୱରେ ଅବାଧ୍ୟକୃତ ଦଖଲ ହେବା ଯୋଗୁଁ ଯାନବାହାଚଳରେ ବ୍ୟାପକ ସମସ୍ୟା ଦେଖାଯାଉଛି। ଆମ୍ବୁଲାନ୍ ଚାଳିବାରେ ବି ଅସୁବିଧା ହେଉଥିବା ବେଳେ, ରାସ୍ତା ପ୍ରଶସ୍ତିକରଣ ଏକ ଅତ୍ୟାବଶ୍ୟକ ଉଦ୍ୟମ ଭାବରେ ଗଣାଯାଉଛି। ପ୍ରଥମ ପର୍ଯ୍ୟାୟରେ ପାଲବଣିରୁ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ପ୍ରାୟ ୫ କି.ମି. ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହେବ। ଏହା ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ୪୦ କୋଟି ୬୬ ଲକ୍ଷ ଟଙ୍କା ବିନିଯୋଗ ନିର୍ଦ୍ଧାରିତ ହୋଇଛି ଓ ଅନଲାଇନ୍ ଟେଣ୍ଡର ପ୍ରକାଶିତ ହୋଇଛି। ରାସ୍ତାର ଚଉଡ଼ା ବୃହତ କରି ୨୯ରୁ ୩୦ ମିଟର କରାଯିବ ଓ ସର୍ଭିସ୍ ରୋଡ୍ ସହିତ ୪ଲେନ ରାସ୍ତା ତିଆରି ହେବ। ପ୍ରଶସ୍ତିକରଣ ପାଇଁ ବ୍ୟବସ୍ଥିତ ଭାବେ ୨୦୧୪ ମସିହାରୁ ସର୍ଭେ ଓ ମାପ ନିର୍ଣ୍ଣୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ଏକାଧିକ ବୈଠକ, ଅଭିଯୋଗ ଶୁଣାଣି ଓ ନ୍ୟାୟାଳୟର ଫେଇଲା ବି ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ୨୮ ତାରିଖରେ ପୁଲିସ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ସ୍ୱଷ୍ଟ ଦିବାଲୋକରେ ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ଠାରେ ଜଣେ ଯୁବକ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। କେଣ୍ଟାଲୋ ଗ୍ରାମର ନାରାୟଣ ପଧାନ(୨୪)ଙ୍କୁ ପୂର୍ବ ଶତୃତାକୁ କେନ୍ଦ୍ର କରି ସେହି ଗ୍ରାମର କାହ୍ନା ପଧାନ ମରଣାନ୍ତ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ନାରାୟଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏସମ୍ପର୍କରେ ନାରାୟଣ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେଲା ବେଳକୁ ଏସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବାର ଜଣାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

# ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ, (ଭାସ୍କର ନ୍ୟୁଜ୍): ସାରୁଅ ଗ୍ରାମ ସ୍ଥିତ ମା ଗହୀର ବଘେଇ ପୀଠରେ ଗ୍ରାମବାସୀ ଓ ଯୁବଗୋଷ୍ଠୀଙ୍କ ସହଯୋଗରେ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଦିନ ଶୁଭାରମ୍ଭ ହୋଇଛି। ବୈଦିକ ରୀତି ନୀତି ଅନୁଯାଇ ମୁଖ୍ୟ ପୁରୋଧା ରାଧାଶ୍ୟାମ ନନ୍ଦଙ୍କ ତତ୍ୱାବଧାନରେ ପ୍ରଫୁଲ୍ଲ କୁମାର ସାହୁ ଓ ପତ୍ନୀ ସୁରେଖା କର୍ତ୍ତା ଭାବେ ଉପ୍ବେସନ କରିଥିଲେ। ଏହି ଯଜ୍ଞର ପ୍ରଥମ ଦିନ ଅଙ୍କୁରାରୋପଣ, ଦ୍ୱିତୀୟ ଦିନ କଳସ ଯାତ୍ରାଟି ରଣନଇ ଶାଖାରୁ ବାହାରି ଭକ୍ତି ଓ ଭାବମୟ ପରିବେଶ ମଧ୍ୟରେ ହରିବୋଲ ହୁଳହୁଳି, ଘଣ୍ଟ ଓ ବାଦ୍ୟର ତାଳେ ତାଳେ ଯଜ୍ଞ ସ୍ଥଳରେ ସ୍ଥାପନ ହେବା ପରେ ମଣ୍ଡଳିକରଣ କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଂଚ ରଞ୍ଜିତା ମହାଭୋଇ, ସମାଜସେବୀ ଶଶି ଭୂଷଣ ପାଣିଗ୍ରାହୀ ଓ ଦିଲୀପ କୁମାର ମହାଭୋଇ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ତେବେ ଆସନ୍ତା କାଲି ସୂର୍ଯ୍ୟପୂଜା ଗୋ ପୂଜା, ଶାଳା ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ,ଆହୁତି ପ୍ରଦାନ ସହ ଅନ୍ତିମ ଦିବସରେ ସର୍ବ ଦେବାଦେବୀ ପୂଜା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

# ବାଳକର ଉପସ୍ଥିତ ବୁଦ୍ଧି ବଞ୍ଚାଇଲା ବୃଦ୍ଧଙ୍କ ଜୀବନ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଆସନ୍ନ ମୃତ୍ୟୁରୁ ରକ୍ଷା ପାଇଥିବା ମଣିଷର ପୁନର୍ଃଜନ୍ମ ହୋଇଥାଏ ବୋଲି କୁହାଯାଏ। ଆଉ ତାକୁ ରକ୍ଷା କରିଥିବା ମଣିଷଟା ଦେବଦୂତ ପାଲଟିଯାଏ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ଧାନସିମୁଳିଆ ଗାଁରେ। ପ୍ରତିଦିନ ପରି ମଙ୍ଗଳବାର ମଧ ହେମନ୍ତ ଜେନା (୭୦) ଗାଁର ଥିବା ୨ଏକରରୁ ଊର୍ଦ୍ଧ୍ୱ ପରିମିତ ପଶ୍ଚିମପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ ଖସିଯିବାରୁ ସେ ପାଣି ଭିତରେ ବୁଡିଯାଇଥିଲେ। ସେହି ସମୟରେ ପୋଖରୀ ହୁଡା ଦେଇ ଗ୍ରାମର ତପନ ଜେନାଙ୍କ ପୁଅ ରାଜେଶ ଜେନା(୧୪) ଗଲାବେଳେ ପୋଖରୀ ମଧ୍ୟରେ ଜଣେ କେହି ବୁଡି ଯାଉଥିବା ଦେଖିବାକୁ ପାଇଥିଲେ। ପୋଖରୀଟି ନିର୍ଜନ ସ୍ଥାନରେ ଥିବାରୁ ସେଠାରେ ଅନ୍ୟକେହି ନ ଥିବାର ଦେଖି ତତ୍‌କ୍ଷଣାତ୍ ପୋଖରୀକୁ ଡେଇଁପଡି ବୃଦ୍ଧଙ୍କୁ କୂଳକୁ ଟାଣି ଆଣିଥିଲେ। ଜୋର୍‌ରେ ଚିତ୍କାର କରି ଡାକପକାଇଥିବାରୁ ଗାଁ ଲୋକେ ମଧ ରୁଣ୍ଡ ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିବାରୁ ବୃଦ୍ଧଜଣକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ତପନଙ୍କୁ ପ୍ରସଂଶା କରିବା ସହିତ ହେମନ୍ତଙ୍କ ଲାଗି ସେ ଦେବଦୂତ ପାଲଟିଛନ୍ତି ବୋଲି କୁହାକୁହି ହେଉଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ପ୍ରତିବାଦ କରିବାରୁ ପିତାଙ୍କୁ ତୀରମାଡ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଠାକୁରମୁଣ୍ଡା ଥାନା ହାତୀଗୋଡା ଗ୍ରାମର ଜିରୁମ ସାହିରେ ନାବାଳିକା ବଳାତ୍କାର ଉଦ୍ୟମକୁ କେନ୍ଦ୍ର କରି ସମ୍ପର୍କୀୟ ମାମୁଁଙ୍କ ତିରମାଡରେ ଭଣଜା ଗୁରୁତର। ଘଟଣାରୁ ପ୍ରକାଶଯେ, ହାତୀଗୋଡା ଗ୍ରାମ ପଞ୍ଚାୟତ ଜିରୁମ ସାହିରେ ବିଶ୍ରା ବଦ୍ରା ସୋମବାର ରାତି ୭.୩୦ ମିନିଟ ସମୟରେ ଘର ନିକଟରେ ଠିଆହୋଇ ଥିବା ବେଳେ ନିଜ ସମ୍ପର୍କୀୟ ମାମୁଁ ହୁଣ୍ଡୁଲୁକଚା ସାହିର ରାଧାଶ୍ୟାମ ବାନ୍ଦିଆ ଅନ୍ଧକାରର ସୁଯୋଗ ନେଇ ତୀର ମାରିଥିଲେ। ତୀରଟି ବିଶ୍ରାଙ୍କର ବାହୁରେ ପଶି ମଝିରେ ରହିଯାଇଥିଲା। ତୀର ବାଜିବା ସତ୍ତ୍ୱେ ବିଶ୍ରା ଘରେ ରହି ଯାଇ ପରଦିନ ଠାକୁରମୁଣ୍ଡା ଡାକ୍ତରଖାନା ଆସିଥିଲେ। ମଙ୍ଗଳବାର ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ତୀରଟିକୁ କାଢି ଚିକିତ୍ସା କରାଯାଉଥିଲା। ସୂଚନା ଆଧାରରେ ସୋମବାର ସନ୍ଧ୍ୟା ୫ଟା ସମୟରେ ରାଧାଶ୍ୟାମ ଜିରୁମ ସାହିରେ ସମ୍ପର୍କୀୟ ନାତୁଣୀକୁ ବଳାତ୍କାର କରିବାକୁ ଉଦ୍ୟମ କରୁଥିବାବେଳେ ନାବାଳିକାର ମା' ରାଧାଶ୍ୟାମକୁ ଦୁଇ ପାହାର ମାଡ଼ ମାରିଥିଲେ ଏବଂ ଘଟଣା ସମ୍ପର୍କରେ ସ୍ୱାମୀ ବିଶ୍ରାଙ୍କୁ ଜଣାଇଥିଲେ। ରାଧାଶ୍ୟାମ ରାଗରଖି ରାତି ୭.୩୦ରେ ଘର ପାଖକୁ ଆସି ତୀରମାଡ କରିଥିଲକ୍ଷ। ଅଭିଯୋଗ ପାଇବା ପରେ ଠାକୁରମୁଣ୍ଡା ଥାନାରେ କେଶ ନଂ ୫୦ ବଳରେ ମୋକଦ୍ଦମା ରୁଜୁ ହୋଇଛି। ଅଧିକାରୀଣୀ ସାବିତ୍ରୀ ଦଳେଇ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ଅପରାଧୀ ଫେରାର ଥିବା ଜଣାପଡିଛି।

# ପଙ୍କୋଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ବଘିଆ ପଡା ପଞ୍ଚାୟତ ଆମଠା ପଡା ଠାରେ ଥିବା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ପଙ୍କ, ବାଲି ଓ ଗଛ ଲତାରେ ଭର୍ତ୍ତି ହୋଇଥିବାରୁ କେନାଲର ତଳ ମୁଣ୍ଡକୁ ପାଣି ଆସୁ ନଥିବା ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ସ୍ଥାନୀୟ ଚାଷୀ କ୍ଷ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ବଘିଆ ପଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ହୋଇଥିବା ବେଳେ ଚାଷୀ ମାନେ ଏନେଇ ଅଭିଯୋଗ କରିଥିଲେ। ମରାମତି ଓ ରକ୍ଷଣା ବେକ୍ଷଣରେ କ୍ଷୁଦ୍ର ଜଳ ସେଚନ ବିଭାଗର ଅବହେଳା ଯୋଗୁଁ ମୁଖ୍ୟ ଓ ଶାଖା କେନାଲ ପଙ୍କ ଓ ବାଲିରେ ପୋତି ହେବାସହ କେନାଲ ଲଟା ବୁଦାରେ ପରିପୂର୍ଣ୍ଣ ହୋଇଯାଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ। ଅଗ୍ରାଧିକାର ଭିତ୍ତିରେ କେନାଲ ପୁନଃଉଦ୍ଧାର ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।



# ସରପଞ୍ଚଙ୍କୁ ବଦନାମ କରିବା ମହଙ୍ଗା ପଡ଼ିଲା



ଗରଦପୁର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ କାର୍ଯ୍ୟ ଚାଲୁ ରହିଥିବା ବେଳେ ବିଭାଗୀୟ ଅଧିକାରୀ ଏବଂ ଠିକାସଂସ୍ଥାର କର୍ମଚାରୀମାନଙ୍କ ବେପରୁଆ ମନୋଭାବ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଳାପ ପାଇଁ ଗରଦପୁର ବ୍ଲକ ଅଞ୍ଚଳର ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଶୃଙ୍ଖଳା ଓ ଗଣ୍ଡଗୋଳ ମାନ ଘଟୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ ବହୁ ଘଟଣାମାନ ଘଟି ଯାଇଥିବା ବେଳେ ଏଇ ନିକଟରେ ପଳସୁଧା ପଞ୍ଚାୟତର ପଳସୁଧା ଗାଁରେ ଘଟିଥିବା ଘଟଣାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମେଗା ପ୍ରକଳ୍ପର କର୍ମଚାରୀମାନଙ୍କ ଦାୟିତ୍ୱହୀନତା କାର୍ଯ୍ୟ ପାଇଁ ପଞ୍ଚାୟତକୁ ସଂଯୋଗୀକରଣ ହୋଇ ଜଳ ଯୋଗାଣ କରାଯାଉଥିବା ପୁରୁଣା ପାଇପ ଲାଇନଟି ଫାଟି ଯାଇଥିଲା। ହେଲେ ମେଗା ପ୍ରକଳ୍ପର କର୍ମଚାରୀମାନେ ତାହାକୁ ମରାମତି ନକରି ଆଗକୁ କାର୍ଯ୍ୟ ଜାରୀ ରଖିବା ଫଳରେ ଗ୍ରାମକୁ ଜଳ ଯୋଗାଣରେ ବାଧାପ୍ରାପ୍ତ ହେବାରୁ ଗ୍ରାମବାସୀ ମାନେ ସରପଞ୍ଚଙ୍କୁ ଅବଗତ କରାଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ତ୍ରିଲୋଚନ ଜେନା ଏନେଇ ଘଟଣା ସ୍ଥଳକୁ ଯାଇ ଦେଖିବା ସହ ଫାଟି ଯାଇଥିବା ପାଇପ ଲାଇନକୁ ତୁରନ୍ତ ମରାମତି କରିବା ପରେ ଅନ୍ୟତ୍ର କାର୍ଯ୍ୟ କରିବା ପାଇଁ ମେଗା ପ୍ରକଳ୍ପର କର୍ମଚାରୀମାନଙ୍କୁ କହିଥିଲେ। ହେଲେ ସେମାନେ ସରପଞ୍ଚଙ୍କ ପ୍ରତିନିଧିଙ୍କ କଥାକୁ ଗୁରୁତ୍ୱ ନଦେଇ ଆଉ କିଛି ଲୋକମାନଙ୍କୁ ଡାକି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିବା ପରେ ଘଟଣା ସ୍ଥଳକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଭ୍ରମାତ୍ମକ ପ୍ରତିକ୍ରିୟା ଦେଇ ସରପଞ୍ଚଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର କରିଥିଲେ। ଯେଉଁଥିପାଇଁ ସରପଞ୍ଚଙ୍କ ପକ୍ଷରୁ ସ୍ଥାନୀୟ କୁଦାନଗରୀ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଓ ସ୍ଥାନୀୟ ଭଦ୍ରଲୋକମାନଙ୍କ ଜରିଆରେ ଆପୋଷ ସମାଧାନ ହୋଇଥିଲା। ଏଠି ଗୋଟିଏ କଥା ପ୍ରଶ୍ନବାଚୀ ସୃଷ୍ଟି କରୁଛି ମେଗା ପାନୀୟ ଜଳ ପ୍ରକଳ୍ପଟିର କାର୍ଯ୍ୟ ପାଇଁ ସରକାରୀ ସ୍ତରରେ କ'ଣ ପ୍ରାବଧାନ ରହିଛି ତାହାର କୌଣସି ସୂଚନା ଫଳକ ପ୍ରତ୍ୟେକ ପଞ୍ଚାୟତରେ କାହିଁକି ଲଗାଯାଇନାହିଁ ଏବଂ କାର୍ଯ୍ୟ ଆରମ୍ଭ ଓ କାର୍ଯ୍ୟ ଶେଷର ସମୟସୀମା ବାବଦରେ କିଛି ସୂଚନା ନଥିବା ବେଳେ କାର୍ଯ୍ୟ ପରିଚାଳନା ପାଇଁ ବିଭାଗୀୟ ଅଧିକାରୀ ମାନେ ଅନୁପସ୍ଥିତ ରହିବା ଯୋଗୁଁ ମନମୁଖୀ କାର୍ଯ୍ୟ କରିଦେଇ କୋଟି କୋଟି ଟଙ୍କା ଲୁଟିନେବା ପାଇଁ ଠିକା ସଂସ୍ଥା ପକ୍ଷରୁ ମସୁଧା ଚାଲିଥିବା ସାଧାରଣରେ ଆଲୋଚନା ହେଉଛି।

# ସତ୍ୟ ସୁଷମା ମେମୋରିଆଲ ଟ୍ରଷ୍ଟ ତରଫରୁ ପ୍ରତିଭା ସମ୍ମାନ ଓ ରକ୍ତଦାନ ଶିବିର

ଆଳି, (ଭାସ୍କର ନ୍ୟୁଜ୍): ଆଳି ବ୍ଲକ କୋଳିଡିହ ପଞ୍ଚାୟତ ଦିନିଆରି ଗ୍ରାମରେ ସତ୍ୟସୁଷମା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କମିଶନରେଟ ହେଡ଼କ୍ୱାଟରରେ ଡିସିପି ଭାବେ କାର୍ଯ୍ୟରତ ଥିବା ଦିନିଆରି ଗ୍ରାମର ସୁରେଶ ଚନ୍ଦ୍ର ପାତ୍ରଙ୍କ ସ୍ୱର୍ଗତ ପତ୍ନୀ ସୁଷମା ବରାଳ ଓ ସ୍ୱର୍ଗତ ଡାକ୍ତରୀ ଛାତ୍ର ସାନ ପୁଅ ସତ୍ୟ ସ୍ୱରୂପ ପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଚତୁର୍ଥତମ ରକ୍ତଦାନ ଶିବିର ଏବଂ ମାଟ୍ରିକ ଓ ଯୁକ୍ତ ଦୁଇରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଛି। ଅଦ୍ୟତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଡକ୍ଟର କୁଶାସନ ପରିଡା, ମୁଖ୍ୟବକ୍ତା ଭାବେ ଡକ୍ଟର ବନ ବିହାରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ଖଣ୍ଡେଇ, ଟ୍ରଷ୍ଟର ସଭାପତି ସୁରେଶ ପାତ୍ର ଓ ସମ୍ପାଦକ ନରେଶ କୁମାର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ଆଳି, ରାଜକନିକା ଓ ରାଜନଗରର ୨୪ ଜଣ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାବାଜୀ ରାଉତ, ରବି ନାରାୟଣ ମହାନ୍ତି, ବିଚିତ୍ରା ନନ୍ଦ ବିଳାସ, ରବୀନ୍ଦ୍ର ମହାନ୍ତି, ରଞ୍ଜିତ ନାୟକ, ପ୍ରଭାସ କୁମାର ଧଳ, ଦିବାକର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିବା ବେଳେ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ରେଡ କ୍ରସ ସହଯୋଗରେ ଏକ ରକ୍ତଦାନ ଶିବିର ମଧ ଆୟୋଜନ ହୋଇଥିଲା ବେଳେ ମୋଟ ୨୬ ଜଣ ରକ୍ତଦାନ କରିଥିଲେ।

# ଦେବନାଗରୀ ଲିପି ଯୁକ୍ତ ବିରଳ ଭୂମି ସ୍ୱର୍ଶ ବୁଦ୍ଧ ମୂର୍ତ୍ତି ଉଦ୍ଧାର

ଭଣ୍ଡାରୀପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରୀପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ମୁଢାପଦା ଗ୍ରାମ ନିକଟ ବୈତରଣୀ ନଦୀ ଶଯ୍ୟାରୁ ଏକ ବିରଳ ଶିଳାଲେଖ ଯୁକ୍ତ ଭୂମି ସ୍ୱର୍ଶ ବୁଦ୍ଧଙ୍କ ମୂର୍ତ୍ତି ମଙ୍ଗଳବାର ଦିନ ମଧ୍ୟାହ୍ନ ସମୟରେ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ନଦୀ ଶଯ୍ୟାରେ ଆଂଶିକ ଦୃଶ୍ୟମାନ ଏକ କ୍ଲୋରାଇଟ ପ୍ରସ୍ତରରେ ମୂର୍ତ୍ତି ଖୋଦିତ ଏକ ପ୍ରସ୍ତର ଦେଖିବାକୁ ପାଇ ତାକୁ ଉଦ୍ଧାର କରିଥଲେ। ଦେଢ଼ ଫୁଟ ଲମ୍ବ ଏକ ଫୁଟ ଚଉଡ଼ା ବିଶିଷ୍ଟ କ୍ଲୋରାଇଟ ପ୍ରସ୍ତରରେ ଉଦ୍ଧାର ହୋଇଥିବା ଏକ ଭୂମି ସ୍ୱର୍ଶ ବୁଦ୍ଧ ମୂର୍ତ୍ତି ଓ ଏହି ମୂର୍ତ୍ତିର ପ୍ରଚ୍ଛଦ ପାର୍ଶ୍ୱରେ ୩ ଧାଡ଼ିର ବିରଳ ଶିଳାଲେଖ ରହିଛି। ଏଥିନେଇ ବିଶିଷ୍ଟ ପ୍ରତ୍ନତତ୍ୱବିତ ଡଃ.ସୁନିଲ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏହି ବିରଳ ବୁଦ୍ଧ ମୂର୍ତ୍ତିଟି ୮ମ/୯ମ ଶତାବ୍ଦୀର ପଦ୍ମାସନରେ ଉପବେସିତ ବଜ୍ରଯାନ ସାମୟିକ ଏକ ବିରଳ ଭୂମିସ୍ୱର୍ଶ ବୁଦ୍ଧ ମୂର୍ତ୍ତି ବୋଲି ପଟ୍ଟନାୟକ ଚିହ୍ନଟ କରିବା ସହ ଏହାର ପ୍ରଚ୍ଛଦ ପାର୍ଶ୍ୱରେ ୩ ଧାଡ଼ିରେ ଶିଳାଲେଖ ଦେବନାଗରୀ ଲିପିରେ ବୌଦ୍ଧ ଧର୍ମ ଧାରଣୀ ମନ୍ତ୍ର 'ଇଏ ହେତୋ ଧମ୍ମ ପ୍ରଭ..... ଏବମ୍ବ ବାଦୀ ମହା ଶ୍ରମଣ'କୁ ପାଠ ଉଦ୍ଧାର କରିଥିଲେ। ମୂର୍ତ୍ତିଟିରେ ବୁଦ୍ଧଙ୍କ ମୁଖ ମଣ୍ଡଳ ସମ୍ମୁଖ ଭାଙ୍ଗି ଯାଇଥିବା ବେଳେ ଦୁଇ ପାର୍ଶ୍ୱରେ ଦୁଇ ଗନ୍ଧର୍ବ ପୁଷ୍ପମାଲ୍ୟ ଧରି ଥିବା ଦେଖିବାକୁ ମିଳିଛି। ମୂର୍ତ୍ତିଟିର ନିମ୍ନ ଅଂଶରେ ପୁଷ୍ପ, ପୂଜା ଉପକରଣ ଥିବା ବଜ୍ରଯାନ ସୂଚନା ପ୍ରଦାନ କରିଛି। ଏହା ଏକ ବିରଳ ଏବଂ ଦୁର୍ଲ୍ଲଭ ଶିଳାଲେଖ ଯୁକ୍ତ ମୂର୍ତ୍ତି ଯାହା ଉଦୟଗିରି ବ୍ୟତୀତ ଅତୀତରେ ଷୋଳମପୁର ବୌଦ୍ଧମହାବିହାରର ଏକ ଚୈତ୍ୟ ଗୃହରେ ପୂଜିତ ହେଉଥିଲା ବୋଲି ଡକ୍ଟର ପଟ୍ଟନାୟକ ମତ ଦେଇଥିଲେ। ଇନଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କ ଉଦ୍ୟମରେ ଏହି ବିରଳ ଶିଳାଲେଖ ମୂର୍ତ୍ତିଟିକୁ ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଶରତ ବେଉରିଆ, ସମାଜସେବୀ ସରୋଜ ବେହେରା, ରାକେଶ ବେହେରାଙ୍କ ସହଯୋଗରେ ବୌଦ୍ଧବିହାର ସଂଗ୍ରହାଳୟକୁ ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇ ସୁରକ୍ଷିତ ଭାବେ ରଖାଯାଇଥିବା ସୂଚନା ମିଳିଛି।



# ଶିମିଳିପାଳକୁ ବିଶ୍ୱ ଜୈବମଣ୍ଡଳ ସ୍ୱୀକୃତିର ୧୭ତମ ସ୍ୱୀକୃତି ଦିବସ ପାଳିତ



ବେତନଟୀ, (ଭାସ୍କର ନ୍ୟୁଜ୍):ଶିମିଳିପାଳ ଇକୋ ଫ୍ରେଣ୍ଡସ, ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି ବେତନଟୀ ଏବଂ ଇକୋ କ୍ଲବ, ସରକାରୀ ପ୍ରାଥମିକ ବିଦ୍ୟାଳୟ ମହୁଲିଆ ଆନୁକୂଲ୍ୟରେ ଶିମିଳିପାଳକୁ ମିଳିତ ଜାତିସଂଘର ୟୁନେସ୍କୋ ପକ୍ଷରୁ ଶିମିଳିପାଳକୁ ବିଶ୍ୱ ଜୈବମଣ୍ଡଳ ସ୍ୱୀକୃତି ପ୍ରଦାନର ୧୭ତମ ଚିନ୍ତନ ଦିବସ ଆୟୋଜିତ କରାଯାଇଛି। ଏହି ଉପଲକ୍ଷେ 'ଶିମିଳିପାଳର ସୁରକ୍ଷା ଓ ବିକାଶରେ ସ୍ଥାନୀୟ ଲୋକ ମାନଙ୍କର ଭୂମିକା' ଶୀର୍ଷକ ଏକ ଆଲୋଚନା ଚକ୍ର ବେତନଟୀ ବ୍ଲକ ଅନ୍ତର୍ଗତ ମହୁଲିଆ ସରକାରୀ ସ୍କୁଲ ପରିସରରେ ଜିଲ୍ଲା ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ବିଦ୍ୟାଳୟ ଆଲୁମିନୀ ସଭାପତି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି ବେତନଟୀର ସଭାପତି ତଥା ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଐତିହାସିକ ଡ଼କ୍ଟର ଶ୍ୟାମ ସୁନ୍ଦର ଦାସ, ସମ୍ମାନିତ ଅତିଥି ଭାବରେ ମା ସବଳା ବିଶ୍ୱ କଲ୍ୟାଣ ସେବା ସମିତି ମହୁଲିଆର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ଅନୁଷ୍ଠାନ 'କବିସଙ୍ଗମ'ର ସଭାପତି ବାସୁଦେବ ନାପିତ, ସମ୍ମାନିତ ବକ୍ତା ଭାବରେ ପ୍ରଧାନ ଶିକ୍ଷକ କବି ରତିକାନ୍ତ ବେହେରା, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ପ୍ରମୁଖ ଯୋଗଦାନ କରି ଶିମିଳିପାଳର ଜୀବଜଗତକୁ ଅବଦାନ ଅବିସ୍ମରଣୀୟ ବୋଲି କହି ୟୁନେସ୍କୋ ପକ୍ଷରୁ ଶିମିଳିପାଳକୁ ବିଶ୍ୱ ଜୈବମଣ୍ଡଳର ମାନ୍ୟତା ପ୍ରଦାନ କରାଯାଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ଶିମିଳିପାଳ ପ୍ରେମୀ ବନ୍ଧୁମାନେ ବହୁସଂଖ୍ୟାରେ ଯୋଗଦାନ କରିଥିଲେ।

# ପରଲୋକରେ ମୋଟୁ ଅଞ୍ଚଳ ବରିଷ୍ଠ ନେତା ମାସୁମ ଖାନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ରୁ ଆସି ପହଞ୍ଚିଛି ଏକ ଦୁଃଖଦ ଖବର। ମୋଟୁ ଅଞ୍ଚଳର ବରିଷ୍ଠ ନେତା ମାସୁମ ଖାନଙ୍କ ପରଲୋକ ଘଟିଛି। ମୋଟୁ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା କଂଗ୍ରେସର ବରିଷ୍ଠ ନେତା ଏବଂ ବର୍ତ୍ତମାନର ବିଜେଡି ନେତା ମାସୁମ ଖାନ ଙ୍କ ୬୦ ବର୍ଷ ବୟସରେ ତେଲେଙ୍ଗାନାର ଭଦ୍ରାଚଳମ ସ୍ଥିତ କ୍ଷୀମ୍ସ ନାମକ ଏକ ଘରୋଇ ଚିକିତ୍ସାଳୟ ରେ ଦେହାନ୍ତ ହୋଇଛି। ଦୀର୍ଘଦିନରୁ ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ଦିନ ତାଙ୍କର ପରଲୋକ ଘଟିଛି। ପରଲୋକ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମାସୁମ ଖାନ ଜଣେ ଲୋକପ୍ରିୟ ଜନନେତା ଓ ଦୃଢ଼ ସଂଗଠକ ବ୍ୟକ୍ତି ଥିଲେ। ଆଦିବାସୀ ଅଞ୍ଚଳ ତଥା ମୋଟୁ ପଞ୍ଚାୟତର ବିକାଶରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ନିଜର ମିଷ୍ଟଭାଷୀ ବ୍ୟକ୍ତିତ୍ୱ ପାଇଁ ସେ ସବୁ ବର୍ଗର ଲୋକଙ୍କର ପ୍ରିୟପାତ୍ର ଥିଲେ। ପୂର୍ବରୁ ମୋଟୁ ଅଞ୍ଚଳ ସହିତ ସାରା ମାଲକାନଗିରି ଜିଲ୍ଲାରେ କଂଗ୍ରେସ ପାର୍ଟିର ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଖାନ ବର୍ତ୍ତମାନ କିଛି ବର୍ଷ ପୂର୍ବରୁ ପ୍ରଦୀପ ମାଝୀଙ୍କ ସହିତ ବିଜେଡି ଦଳରେ ଯୋଗଦାନ କରିଥିଲେ। ଖାନଙ୍କ ବିଜେଡିରେ ଯୋଗଦାନ ପରେ ଅଞ୍ଚଳର ଅଧିକାଂଶ ଲୋକେ ବିଜେଡିରେ ସାମିଲ ହୋଇଥିଲେ। ଖାନ ମୋଟୁ ଅଞ୍ଚଳର ଏତେ ଲୋକପ୍ରିୟ ନେତା ଥିଲେ ତାଙ୍କ ଇସାରାରେ ଅଞ୍ଚଳର ଆଦିବାସୀ ଲୋକେ ଚାଲୁଥିଲେ। ରାଜ୍ୟ ରାଜନୀତି ସରୋଗମରେ ଆଦିବାସୀ ଅଞ୍ଚଳର ଉନ୍ନତିର ଦବଦବା ଜାହିର କରିଥିଲେ ଖାନ। ଖାନଙ୍କ ପରଲୋକ ବିଷୟ ଜାଣିବା ପରେ ରାଜନୈତିକି ମାହୋଲରେ ମଧ ଶୋକର ଛାୟା ଖେଳିଯାଇଛି। ଖାନଙ୍କ ଶେଷକୃତ୍ୟ ରାଜନୈତିକ ନେତା ଓ ଅଞ୍ଚଳ ବାସୀଙ୍କ ଦୁଃଖ ଏବଂ ମର୍ଯ୍ୟାଦା ସହିତ ଅନୁଷ୍ଠିତ ହେବ।

# ବ୍ଲକ ସଭାପତି ଓ ପଞ୍ଚାୟତ ସଭାପତିଙ୍କୁ ସମ୍ବର୍ଦ୍ଧନା ଉତ୍ସବ

କଣିହାଁ, (ଭାସ୍କର ନ୍ୟୁଜ୍) : ଅନୁଗୁଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ବିଜୁ ଜନତା ଦଳର ନୂତନ ଭାବେ ନିର୍ବାଚିତ ସଭାପତି ଓ ୧୯ ଟି ପଞ୍ଚାୟତ ସଭାପତି ମାନଙ୍କୁ ଶିପୁରମା ଲୁଧୁଣି ମନ୍ଦିର ନିକଟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଯାଇଅଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଥମେ ମା ଲୁଧୁଣୀ ମନ୍ଦୀର ଠାରେ ପୂଜାର୍ଚ୍ଚନା, ଦୀପ ପ୍ରଜଳନ କରି ମା ଙ୍କ ପାଖରୁ ଆଶୀର୍ବାଦ ଭିକ୍ଷା ଲାଭ କରିଥିଲେ। ତାପରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଅଥିତି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ରବି ଚନ୍ଦ୍ର ରାଉତ, ହିମାଚଳ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ପୂର୍ବତନ ସଭାପତି ସୁବାସ ମହାନ୍ତି ସଭାପତିତ୍ୱ କରିଥିଲେ, ପ୍ରଥମେ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ ଙ୍କୁ କଣିହାଁ ବ୍ଲକ ବିଜେଡି ତରଫରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା, ୧୯ ପଞ୍ଚାୟତ ସଭାପତି ମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ କଣିହାଁ ବ୍ଲକ ବିଜେଡି ସଂଗଠନ କିପରି ୱାର୍ଡ ସ୍ତରରୁ ମଜବୁତ୍ ହେବ ଏବଂ ଡବଲ ଇଞ୍ଜିନ ସରକାର ଏକ ବର୍ଷ ମଧ୍ୟରେ ବିଫଳତାକୁ କିପରି ଭାବରେ ୱାର୍ଡ ସ୍ତରରେ ପହଞ୍ଚାଇବା ସେ ବିଷୟରେ ସମସ୍ତ ସଭାପତି, ବରିଷ୍ଠ ବିଜେଡି ନେତା ମାନଙ୍କୁ ପୂର୍ବତନ ବିଧାୟକ ମୁକେଶ କୁମାର ପାଳ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଶୁରାମ ବିଶ୍ୱାଳ, ମହେଶ୍ୱର ସାମଲ, ସୌଭାଗ୍ୟ ପ୍ରଧାନ, ଭବେଶ ପ୍ରଧାନ, ଅବନୀ ଦେହୁରୀ, ଶିବ ପ୍ରସାଦ ବେହେରା, କରୁଣାକର ପ୍ରଧାନ ପୂରୋଷୋତ୍ତମ୍ ସାହୁ, ପ୍ରଦୀପ ଦାସ, ପ୍ରଜ୍ଞାବିର ଦାସ, ମହର୍ଗା ସ୍ୱାଇଁ, ଗିରିଶ ସାହୁ ଅଭିମନ୍ୟୁ ପ୍ରଧାନ, ଜୟନ୍ତ ପ୍ରଧାନ ପ୍ରତାପ ବେହେରା ଶିଶିର ବେହେରା, ଗଗନ ରାଉତ, ସଞ୍ଜୟ ମାଝୀ, ପ୍ରଦୀପ ସାମଲ, ମଣ୍ଟୁ ମହାନ୍ତି, ପ୍ରଶାନ୍ତ ପ୍ରଧାନ ଧର୍ମେନ୍ଦ୍ର ସାମଲ, ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଅନ୍‌ଲାଇନ୍ ଗେମ୍ ନେଲା ଜୀବନ

ଗରଦପୁର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧିନ ବଙ୍ଗାରୀ ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଅନଲାଇନ ଗେମ ନେଲା ପୁଣି ଜଣେ ଯୁବକଙ୍କ ଜୀବନ। ବଂଗାରୀ ଅଞ୍ଚଳର ଉମାକାନ୍ତ ଜେନାଙ୍କ ପୁଅ ୧୯ ବର୍ଷିୟ ସାହିଲ ଜେନା ଭୁବନେଶ୍ୱର ଚନ୍ଦକା ଅଞ୍ଚଳରେ ଡିପ୍ଲୋମା କରୁଥିଲେ। ଛୁଟିରେ ଘରକୁ ଆସିଥିଲେ। ମଙ୍ଗଳବାର ସେ ଅନଲାଇନ ଗେମ ଖେଳି ୯୬ ହଜାର ଟଙ୍କା ହାରିଥିଲେ ବୋଲି ସୂଚନା ମିଳିଛି। ଟଙ୍କା ହାରିଯିବା ପରେ ନିଜେ ବିଷ ପିଇଦେଇଥିଲେ। ବିଷ ପିଇବାର କିଛି ସମୟ ପରେ ନିଜ ମାମୁଁଙ୍କୁ ଫୋନ ଯୋଗେ କହିଥିଲେ। ତାଙ୍କ ମାମୁଁ ଉମାକାନ୍ତଙ୍କୁ ଜଣାଇବା ପରେ ତୁରନ୍ତ ସାହିଲଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଶୋଚନୀୟ ହେବାରୁ କଟକ ବଡ଼ ମେଡ଼ିକାଲ ନେବା ରାସ୍ତାରେ ସେ ମୃତ୍ୟୁବରଣ କରିଥିଲେ।



# ଆମ କଳାହାଣ୍ଡି



# ୨ ଯୁବ କଳାକାର ପାଇବେ ଜାତୀୟ ଯୁବ କଳାକାର ସମ୍ମାନ





ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ 'ପ୍ରତିଭା'ର ଦୁଇ ଯୁବ କଳାକାର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସିସିଆରଟି ତରଫରୁ ଜାତୀୟ ଯୁବ କଳାକାର ବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ଦୁଇ ଯୁବ କଳାକାର ହେଲେ ମହାଦେବ ଭାଟି ଓ ସାମନ୍ତ ସୁନାନୀ। ଏ ଦୁଇ କଳାକାର ଗୁରୁ ଧ୍ୟାନାନନ୍ଦ ପଣ୍ଡାଙ୍କ ଠାରୁ ପ୍ରଶିକ୍ଷଣ ନେଇ ଦିଲ୍ଲୀରେ ଥିବା ସିସିଆରଟିଙ୍କ ଠାରେ ଯୁବ କଳାକାର ବୃତ୍ତି ପାଇଁ ଆବେଦନ କରିଥିଲେ। ମହାଦେବ ଭାଟିଙ୍କୁ 'କଳାହାଣ୍ଡିର ପାରମ୍ପରିକ ଲୋକବାଦ୍ୟ' ପାଇଁ ଓ ସାମନ୍ତ ସୁନାନୀଙ୍କୁ 'ପାରମ୍ପରିକ ଲୋକନୃତ୍ୟ' ପାଇଁ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଏହି ସମ୍ମାନଜନକ ଯୁବ କଳାକାର ବୃତ୍ତି ଲାଭପାଇଁ ମନୋନୀତ କରିଛନ୍ତି। ଏହି କଳାକାର ମାନଙ୍କୁ ମାସକୁ ୫ ହଜାର ଟଙ୍କା କଳାକାର ବୃତ୍ତି ଭାବରେ ଦୁଇ ବର୍ଷ ଯାଏଁ ପ୍ରଦାନ କରାଯିବ। ଏହି ଖବର ପ୍ରସାରିତ ହେବା ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି ଓ କଳାକାର ମାନଙ୍କୁ ଗୁରୁ ଜୟନ୍ତ କୁମାର ବେହେରା, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଶାନ୍ତନୁ କୁମାର ବେହେରା ଓ ସଂପାଦକ ସତ୍ୟ ନାରାୟଣ ସିଂ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ଅକ୍ଷୟ କୁମାର ଦାସ, ଓଡିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ଚିଣ୍ଟୁ ପ୍ରସାଦ ନାଏକ, ଗୁରୁ ଦେବେଶ ସିଂ, ଗୁରୁ ପ୍ରଦୀପ କୁମାର ସିଂ, କଳାହାଣ୍ଡି କଳାକାର ସଂଘର ସଭାପତି ପଦ୍ମନାଭ କୁମାର, କଳାହାଣ୍ଡି ଲେଖକ କଳାପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଶୁଭେଚ୍ଛାବାର୍ତ୍ତା ଜଣାଇଛନ୍ତି।

## ଚିଫ୍ ମିନିଷ୍ଟର ଜୋନାଲସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଯୁବ ଖେଳାଳୀଙ୍କ ବ୍ରହ୍ମପୁର ଯାତ୍ରା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଆସନ୍ତା ୨୮ ତାରିଖ ବୁଧବାର ଠାରୁ ବ୍ରହ୍ମପୁର ଠାରେ ଆରମ୍ଭ ହେଉଥିବା ଜୋନାଲସ୍ତରୀୟ ଚିଫ୍ ମିନିଷ୍ଟର ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରେ ଅଂଶ ଗ୍ରହଣ କରିବା ପାଇଁ କଳାହାଣ୍ଡି ଜିଲ୍ଲାର ୨୨ଜଣ ଯୁବ ଫୁଟବଲ ଖେଳାଳୀ ବ୍ରହ୍ମପୁର ଯାତ୍ରା କରିଛନ୍ତି। ରାଜ୍ୟକୁ ଚାରୋଟି ଜୋନ୍‌ରେ ବିଭକ୍ତ କରି ଏହି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍ ଆୟୋଜନ କରାଯାଇଛି। ମଇ ମାସ ୨୮ ତାରିଖ ଠାରୁ ଆରମ୍ଭ ହୋଇ ଜୁନ୍ ୦୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। କଳାହାଣ୍ଡି ଜିଲ୍ଲାରୁ ଯାଇଥିବା ଏହି ଫୁଟ୍‌ବଲ ଦଳର ଖେଳାଳୀମାନଙ୍କୁ ଚୟନ କରିବା ନିମନ୍ତେ ମଇ ମାସ ୨୧ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସ୍ପୋର୍ଟସ୍ ହଷ୍ଟେଲ ଖେଳପଡିଆ ଠାରେ ଜିଲ୍ଲାର ନିର୍ବାଚିତ ୪୦ ଜଣ ଖେଳାଳୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଗତ ଏପ୍ରିଲ ମାସରେ ଆୟୋଜିତ ଜିଲ୍ଲା ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରୁ ଏହି ୪୦ ଜଣ ଖେଳାଳୀଙ୍କୁ ମନୋନୀତ କରାଯାଇଥିଲା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଶ୍ରେଷ୍ଠ ୨୦ ଜଣଙ୍କୁ ଜିଲ୍ଲା ଦଳରେ ଖେଳିବା ପାଇଁ ଚୂଡାନ୍ତ କରାଯାଇଥିଲା। କଳାହାଣ୍ଡି ଜିଲ୍ଲା କ୍ରୀଡାସଂସ୍ଥାର ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ୍ କାଦର ଏହି ଦଳର ମ୍ୟାନେଜର ଭାବେ ଯାତ୍ରା କରିଥିଲାବେଳେ ଦଳର କୋଚ୍ ଭାବେ ଦେବେନ୍ଦ୍ର ରାଉତ ଓବି. ଯୋଗେଶ୍ୱର ରାଓ ମଧ୍ୟ ବ୍ରହ୍ମପୁର ଯାତ୍ରା କରିଛନ୍ତି। ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗ, ଫୁଟବଲ ଏସୋସିଏସନ୍ ଅଫ୍ ଓଡିଶା, କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିରପରିଚାଳିତ ହୋଇଥିଲା ବୋଲି ଜିଲ୍ଲା କ୍ରୀଡାସଂସ୍ଥା ସୂତ୍ରରୁ ପ୍ରକାଶ।ଜିଲ୍ଲା ଫୁଟବଲ ଦଳ ବ୍ରହ୍ମପୁର ଯାତ୍ରା ସମୟରେ କଳାହାଣ୍ଡି ଜିଲ୍ଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଏସୋସିଏସନ୍ ର ଉପ ସଭାପତି ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା ଓ ସଂସ୍ଥାର ଅନ୍ୟାନ୍ୟ କର୍ମକର୍ତ୍ତା, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳର ବିଜୟ କାମନା କରିଥିଲେ।

## ବିଦ୍ୟୁତ ଆଘାତରେ ଚାଲିଗଲେ ମା'- ଭାଇ

# ବଞ୍ଚିବାର ରାହା ଖୋଜୁଛି ଅନାଥ ଜଗଦିଶ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପୋଇଗୁଡ଼ା ଗାଁରେ ଘଟିଛି ଏକ ଅଭାବନିୟ ଘଟଣା। ଘରେ ଛିଣ୍ଡିକି ପଡିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ତେବେ ପୂର୍ବରୁ ବାପାକୁ ହରାଇଥିବା ବେଳେ ଏବେ ମା' ଓ ସାନ ଭାଇକୁ ହରାଇ ବେସାହାର ହୋଇପଡିଛି ନାବାଳକ ଜଗଦୀଶ। ମୃତ ମା' ଓ ପୁଅ ହେଲେ ଫୁଲମତି ନାଏକ ଓ ସବୀର ନାୟକ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପୋଇଗୁଡ଼ା ଗାଁର ସନ୍ତୋଷ ନାୟକଙ୍କ ୮ ମାସ ତଳେ ଦେହାନ୍ତ ହେବା ପରେ ଫୁଲମତି ନାଏକ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଆଠ ବର୍ଷର ପୁଅ ଜଗଦିଶ ନାଏକ ଓ ସାତ ମାସର ପୁଅ ସବୀର ନାଏକଙ୍କୁ ନେଇ କୁଲି ମଜୁରି କରି ଶିଶୁ ମାନଙ୍କୁ ପ୍ରତିପୋଷଣ କରି ଆସୁଥିଲେ। କିନ୍ତୁ ସୋମବାର ଘରେ ସତେ ଯେମିତି ସକାଳୁ ଯମରାଜ ଛକି ବସିଥିଲେ। ଏକାସାଙ୍ଗରେ ମା' ପୁଅଙ୍କୁ ଯମ ଦଉଡ଼ିରେ ବାନ୍ଧି ନେଇଛନ୍ତି। ଫୁଲମତି ନାଏକ (୨୯)ସାନ ପୁଅ ସବୀର ନାଏକ (୭ମାସ)ଙ୍କୁ କାଖେଇ ନିଜ ଘର କାମ କରୁଥିବା ସମୟରେ ଅଜାଣତରେ ଘରେ ଛିଣ୍ଡି ରହିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଘଟଣା ସ୍ଥଳରେ ମା' ପୁଅଙ୍କ ମୃତ୍ୟୁ ଘଟିଥିଲା। ବାପାଙ୍କ ମୃତ୍ୟୁର ୮ ମାସ ନ ପୁରୁଣୁ ଏବେ ମା' ଓ ସାନ ଭାଇଙ୍କୁ ହରାଇ ବେସାହାର ହୋଇପଡିଛନ୍ତି ଜଗଦୀଶ। ହେଲେ ପରିବାରର ସମସ୍ତଙ୍କୁ ହରାଇଲା ପରେ ନିଜର ବୋଲି ଜଗଦିଶଙ୍କ ନିକଟରେ କେହି ନାହାନ୍ତି। ଖବର ପାଇ ବିଶ୍ୱନାଥପୁର ବିଦ୍ୟୁତ ବିଭାଗ ଯନ୍ତ୍ରୀ ସନ୍ଦୀପ ଠାକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ସମ୍ପର୍କୀୟ ଲୋକେ ଏ ନେଇ ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବିଜେପୁର ଥାନା ଏଏସ୍ଆଇ ଶ୍ୟାମ କୁଲସିକା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଦୁଃଖ ଖବର ପାଇ ଲାଞ୍ଜିଗଡ ଜୋନ-୨ ଜିଲ୍ଲାପରିଷଦ ପରୀକ୍ଷିତ ନାଏକ, ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝୀ, ଆମର ନାଏକ, ଇନ୍ଦ୍ର ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବାପା, ମା' ଛେଉଣ୍ଡ ଜଗଦିଶଙ୍କୁ ସମବେଦନା ଜଣାଇଛନ୍ତି।

## ପାରିଶ୍ରମିକ ପାଇନଥିବା ନେଇ ଶ୍ରମିକଙ୍କ ଅଭିଯୋଗ

କେସିଙ୍ଗା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମ ପଞ୍ଚାୟତ ଅଧୀନ ତୁର୍ଲା ଗ୍ରାମର ହରିଜନ ପଡାରେ ରାସ୍ତାକାମ କରି ଆଜକୁ ଏକବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଶ୍ରମିକମାନେ ପାରିଶ୍ରମିକ ପାଇନାହାନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ତୁର୍ଲା ଗ୍ରାମର ସ୍କୁଲ ପଡ଼ାରେ ଦୁଇ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କଂକ୍ରିଟ ରାସ୍ତା କାମ କରଯାଇଥିଲା। ତୁର୍ଲା ଗ୍ରାମର ଜନୈକ ଠିକାଦାରଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। କାମ ସାରିବା ପରେ ଠିକାଦାର ପାରିଶ୍ରମକ ଦେଇ ନ ଥିବା ନେଇ ଶ୍ରମିକମାନେ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ସୁଫଳ ମିଳି ନ ଥିବାରୁ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଣି ରାସ୍ତାକାମ ଅତି ନିମ୍ନମାନର ନେଇ ଅଭିଯୋଗ ହୋଇଛି।

## ବର୍ଷକ ପରେ ନିଖୋଜ ପୁଅକୁ ପାଇଲେ ପରିବାର

କୋକସରା, (ଭାସ୍କର ନ୍ୟୁଜ୍) : ଦିର୍ଘ ୧ ବର୍ଷ ପରେ ନିଜର ହଜିଥିବା ଭାଇକୁ ଫେରି ପାଇଛି ଭଉଣୀ ଓ ପରିବାର ଲୋକେ। ଗତ ୨୦୨୪ ଏପ୍ରିଲ ୨୮ ତାରିଖରୁ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦସିଆ ଗ୍ରାମର ସ୍ୱର୍ଗତ ଲକ୍ଷ୍ମଣ ସାହୁଙ୍କ ମାନସିକ ବିକାର ଗ୍ରସ୍ତ ପୁଅ ମାତୃ ପ୍ରସାଦ ଘରୁ ବାହାରି ନିଖୋଜ ଥିଲେ। ଏନେଇ ପରିବାର ଲୋକେ ସ୍ଥାନୀୟ ପରଜଙ୍ଗ ଥାନାରେ ନିଖୋଜ ମାମଲା ମଧ୍ୟ ରୁଜୁ କରିଥିଲେ। ତେବେ ଦିର୍ଘ ମାସ ପରେ ମଧ୍ୟ ମାତୃ ପ୍ରସାଦର କୌଣସି ଖୋଜଖବର ମିଳିନଥିଲା। ସୂଚନା ମୁତାବକ, ଗତ ୨ ଦିନ ତଳେ କୋକସରା ବ୍ଲକର ଜଣେ ଗଣମାଧ୍ୟମ ପ୍ରତିନିଧି ହିରଣ୍ୟ ବେହେରା ଖବର ସଂଗ୍ରହ ପାଇଁ ଯାଉଥିବା ସମୟରେ ଡ଼ହଗାଁ ପଞ୍ଚାୟତ ନୂଆଗୁଡା ରାସ୍ତାରେ ଜଣେ ମାନସିକ ବିକାର ଥିବା ଯୁବକଙ୍କୁ ଦେଖି ତାଙ୍କୁ ପଚାରି ଭିଡିଓ ଉତ୍ତୋଳନ କରି ତାଙ୍କ ପରିଚୟ ସହ ସୋସିଆଲ ମିଡିଆ ଫେସବୁକରେ ପୋଷ୍ଟ କରିଥିଲେ। ତେବେ ସଂଯୋଗ ବଶତଃ ସୋସିଆଲ ମିଡିଆରୁ ଏହି ପୋଷ୍ଟ ଦେଖି ପରିବାର ଲୋକେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯୋଗାଯୋଗ କରିଥିଲେ। ଏନେଇ ଗଣମାଧ୍ୟମ ପ୍ରତିନିଧି ଶ୍ରୀ ବେହେରା କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲଙ୍କୁ ଯୁବକ ବିଷୟରେ କହିବା ପରେ ବ୍ଲକ ଉପାଧକ୍ଷ ଯୁବକଙ୍କୁ ତାଙ୍କ ଘରେ ରଖି ସେବା ଶୁଶ୍ରୁଷା କରି ବ୍ଲକ ପ୍ରଶାସନ ସହିତ ଯୁବକର ଚିକିତ୍ସା ଓ ଥଇଥାନ ବ୍ୟବସ୍ଥା ପାଇଁ ଯୋଗାଯୋଗ କରିଥିଲେ।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଧର୍ମଗଡ(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ବେହେରା ଗ୍ରାମପଞ୍ଚାୟତ ବାଙ୍କିମୁଣ୍ଡା ଗ୍ରାମରେ ଷୋହଳ ପ୍ରହର ମହା ମନ୍ତ୍ର ନାମ ସଙ୍କୀର୍ତ୍ତନ ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଭାତ ତିୱାରୀ ଓ ପୁଷ୍ପାଞ୍ଜଳି ତିୱାରୀ କର୍ତ୍ତା ରୂପରେ, ଗୋପାଳ ଜି ଠାକୁର ପୂଜକ ଭାବେ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ । ୨୨ ରେ କଳସ ଯାତ୍ରା ଓ ଅଧିବାସ, ୨୩ରେ ମା' ଦନ୍ତେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପ୍ରଥମେ ନାମ ଆରମ୍ଭ କରାଯାଇଥିଲା ଓ ସମସ୍ତ ଭକ୍ତଙ୍କ ନିମିତ୍ତ ଅନ୍ନ ଛତ୍ର ଖୋଲାଯାଇଥିଲା। ନାମ ଯଜ୍ଞରେ ବଲାଙ୍ଗୀର ଜିଲ୍ଲା ଦଳେଇ ମୁଣ୍ଡାର ଜ୍ୟୋତ୍ସ୍ନାମୟୀ ଦୀକ୍ଷିତଙ୍କ ବାଳିକା ସଂକୀର୍ତ୍ତନ ମଣ୍ଡଳୀ, ଘୁଚାପାଳୀ ବଲାଙ୍ଗୀର ଜସ୍ମିନ ମାଝୀଙ୍କ ବାଳିକା ସଂକୀର୍ତ୍ତନ ମଣ୍ଡଳୀ, ବରଗଡ଼ ଜିଲ୍ଲା ଭୁଲିଆଡିହିର ପ୍ରଭାତ ସାହୁଙ୍କ କୀର୍ତ୍ତନ ମଣ୍ଡଳୀ,ବଲାଙ୍ଗୀର ଜିଲ୍ଲା କୁର୍ଲୁ ଭଟାର ଗୁରୁ ମିଟୁ ପାଣିଗ୍ରାହୀଙ୍କ ସଂକୀର୍ତ୍ତନ ମଣ୍ଡଳୀ, ନୂଆପଡ଼ା ଜିଲ୍ଲା ନିଲଜିର ଗୁରୁ ନରସିଂହ ମାଝୀଙ୍କ ସଂକୀର୍ତ୍ତନ ମଣ୍ଡଳୀ, ନୂଆପଡ଼ା ସୋଲବନ୍ଧର ଜଗାବଳିଆ ସଂକୀର୍ତ୍ତନ ମଣ୍ଡଳୀ,କଳାହାଣ୍ଡି କର୍ଲାକୋଟର ଗୁରୁ ଚନ୍ଦନ ପଣ୍ଡାଙ୍କ ସଂକୀର୍ତ୍ତନ ଦଳ, କଳାହାଣ୍ଡି ଦଳଗୁମାର ଗୁରୁ ଦେବରାଜ ଖର୍ସେଲଙ୍କ ସଂକୀର୍ତ୍ତନ ଦଳ ଓ ବାଙ୍କିମୁଣ୍ଡାର ଗୁରୁ ସୁକାନ୍ତ ପୁଞ୍ଜିଙ୍କ ସଂକୀର୍ତ୍ତନ ଦଳ ଯୋଗ ଦେଇ ପର୍ଯ୍ୟାୟ କ୍ରମେ ଷୋହଳ ପ୍ରହର ବ୍ୟାପି ନିରନ୍ତର ମହାମନ୍ତ୍ର ନାମ ଗାନ ପୂର୍ବକ କଳା ପ୍ରଦର୍ଶନ କରିଥିଲେ। ୨୫ରେ ନାମସମ୍ପନ୍ନ, ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି ହୋଇଥିଲା। ଦଳ ସର୍ଗି ଓ ବାଙ୍କିମୁଣ୍ଡା ଗ୍ରାମର ଶତାଧିକ ମହିଳା ମାନେ ଭକ୍ତ ମାନଙ୍କ ପାଇଁ ଭୋଗ ବିତରଣ ଦାୟିତ୍ୱରେ ଥିବାବେଳେ ନାମଯଜ୍ଞ କମିଟିର ସଭାପତି ପ୍ରେମ କାଣ୍ଡ, ଉପସଭାପତି ସର୍ଦ୍ଧାକର ମାଝୀ, ସମ୍ପାଦକ ଉଜ୍ଜ୍ୱଳ ସିଂହ ପୁଝାରୀ, ସହ ସମ୍ପାଦକ ମଙ୍ଗଲୁ ପୁଝାରୀ, ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୁଝାରୀ ସମେତ ଓ ଗ୍ରାମର ଶତାଧିକ ଭକ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମଣ୍ଡି ଖୋଲିବା ପରେ ଛତିଶଗଡ଼ରୁ ଓଡିଶାକୁ ଧାନ ଚାଲାଣ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଗତ କିଛି ଦିନ ତଳେ କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ରବି ଧାନ କ୍ରୟ ପାଇଁ ମଣ୍ଡି ଖୋଲିଛି। ଯାରି ଭିତରେ କଳାହାଣ୍ଡି ଜିଲ୍ଲାକୁ ବିଭିନ୍ନ ରାସ୍ତା ଦେଇ ଛତିଶଗଡ଼ରୁ ଧାନ ଚୋରାଚାଲାଣ ହେଉଥିବା ନଜର ରହିଛି। ବିଶେଷ ଭାବେ ଛତିଶଗଡ଼-ଝାଙ୍କରପଡା ଠାରୁ ବେହେରାଗୁଡା ସେମେଲା କଦଲିମୁଣ୍ଡା ପର୍ଲା ସନ୍ଧିକୁଳେର ଦେଇ ଧାନ ଟ୍ରାକ୍ଟରେ ଗାଡି ଆସୁଥିବା ଦେଖିବାକୁ ମିଳୁଛି। ତେବେ ଛତିଶଗଡ଼ ରାଜୀମ, ଗୋରିଆ ବନ୍ଦ, ଝାକରପଡାର କେତେକ ବ୍ୟକ୍ତି କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଅଞ୍ଚଳର ଚାଷୀଙ୍କ ନାଁରେ ବିକ୍ରି କରିବାକୁ ଆଣୁଥିବା ଆଲୋଚନା ହେଉଛି। ଏପରିକି ଅଞ୍ଚଳଚାଷୀ ଛତିଶଗଡ଼ରୁ ଧାନ କ୍ରୟ କରି ସ୍ଥାନୀୟ ମଣ୍ଡିରେ ବିକ୍ରି କରିବାକୁ ଆଣୁଥିବା କୁହାଯାଉଛି। ଶୁଣାଯାଏ ଛତିଶଗଡ଼ରେ ରବି ଧାନ କ୍ୱିଣ୍ଟାଲ ପ୍ରତି ୨୧-୨୨ଶହ ଟଙ୍କାରେ ମିଳୁଥିବା ବେଳେ ତାହା କଳାହାଣ୍ଡି ଜିଲ୍ଲାର ମଣ୍ଡିରେ ୩୧ ସରକାରୀ ଦରରେ ବିକ୍ରି କରି ଲାଭବାନ ଆଶା ରଖି ଚୋରାଚାଲାଣ କରୁଥିବା ଚର୍ଚ୍ଚା ହୁଏ। ଗତ କିଛି ଦିନ ତଳେ ଛତିଶଗଡ଼ରୁ କଳାହାଣ୍ଡି ଧାନ ଚୋରା ଚାଲାଣ ହେଉଥିବା ବେଳେ ଆର୍‌ଏମ୍‌ସି କର୍ମଚାରୀଙ୍କ ହାତରେ ଧରା ପଡିଥିବା ଆଲୋଚନା ହୁଏ। ଖରିଫ ଧାନ ଅମଳ ବେଳେ ଛତିଶଗଡ଼ ଠାରୁ ଅନେକ ଦଲାଲ ଓଡିଶାରେ ଡେରା ପକେଇ ଖୁଲମ ଖୁଲା ଦିବାରାତି ଚୋରା ଚାଲାଣ କରୁଥିବା ନଜିର ରହିଛି। ବର୍ତ୍ତମାନ ତାର ଓଲଟା ସ୍ଥିତି ରବି ଅମଳରେ ଦେଖିବାକୁ ମିଳୁଛି। ଖରିଫ ବେଳକୁ ଏଠାରୁ ଧାନ ଛତିଶଗଡ଼ ଚୋରା ଚାଲାଣ ହେବା କାହାକୁ ଅଛୋପା ନ ଥିବା ବେଳେ ଏବେ ରବି ବେଳକୁ ଛତିଶଗଡ଼ରୁ ଧାନ ଓଡିଶା ଭିତରକୁ ଆସୁଥିବା ଦେଖିବାକୁ ମିଳିଛି। ତେବେ ଏହି ଚୋରା ଚାଲାଣ କାରବାରରେ ଅନେକ ସ୍ଥାନୀୟ ପ୍ରଶାସନ କର୍ମଚାରୀଙ୍କ ହାତ ଥିବା ଏଡାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୁଏ। ଏହାକୁ ରୋକିବାର ଦାୟିତ୍ୱ ପ୍ରଶାସନର ଥିଲେ ହିଁ ଜାଣିଶୁଣି ଚୋରା ଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଅଞ୍ଚଳ ଲୋକଙ୍କ ମଧ୍ୟରେ ଆଲୋଚନା ହୁଏ। ସୀମାନ୍ତ ଅଞ୍ଚଳ ମାନଙ୍କରେ ଫାଟକ ଓ ପୋଲିସ ମୁତୟନ ବ୍ୟବସ୍ଥା କରାଗଲେ ଚୋରା ଚାଲାଣକୁ କିଛି ମାତ୍ରାରେ ରୋକା ଯାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଏ।

# ବିଧାୟିକାଙ୍କ ସାଗର ପରିଦର୍ଶନ



ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲା ବିଧାୟିକା ମନୋରମା ମହାନ୍ତି ବିଭାଗୀୟ ଅଧିକାରୀ ମାନଙ୍କ ସହିତ ନର୍ଲା ବ୍ଲକର ସୁନାମୁହିଁ ସାଗର ରୁପ୍ରା, ଅସୁରଗଡ଼ ସାଗର, ମ. ରାମପୁର ବ୍ଲକରର ହରିହର ସାଗର ଏବଂ କ୍ଷୁଦ୍ର ଜଳ ସେଚନ ବିଭାଗର ବିଭିନ୍ନ ପ୍ରକଳ୍ପକୁ ପରିଦର୍ଶନ କରି ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ଆଲୋଚନା କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସରୋଜ ସା, ସୋମ୍ୟ ରଞ୍ଜନ ମାଝୀ, ବାଗପୁର ସରପଞ୍ଚ ଗୋପାଳ ହାତୀ, ରାମପୁର ସରପଞ୍ଚ ସତ୍ୟ ସୁନ୍ଦର ସାହୁ, ରାଜ୍ୟ ସରପଞ୍ଚ ସଙ୍ଘ ସଭାପତି ଶ୍ରୀଯୁକ୍ତ ରୋମାଞ୍ଚକ ସାହୁ, ଭବାନୀ ସାହୁ, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସରୋଜ କୁମାର ରାଉତ ଗୋବିନ୍ଦ ତାଣ୍ଡି ପ୍ରମୁଖ ଏଥିରେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବର୍ଷା ଯୋଗୁଁ ରବି ଧାନ କିଣା ପ୍ରଭାବିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ଗତ ୨୦ତାରିଖଠାରୁ ରବି (ଡାଲୁଅ) ଧାନ ପାଇଁ ମଣ୍ଡି ଖୋଲିଛି। ତେବେ ମଣ୍ଡି ଖୋଲିବାର ୨ଦିନ ପରେ ଜିଲ୍ଲାରେ ବର୍ଷା ପ୍ରାୟ ସମୟରେ ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ଅପରାହ୍ନରେ ଘଡ଼ ଘଡି ସହ ପ୍ରବଳ ବର୍ଷା ହେଉଛି। ଜିଲ୍ଲାରେ ଚଳିତ ରବି ମଣ୍ଡି ଖୋଲିବା ବିଳମ୍ବିତ ଓ ମଣ୍ଡି ଖୋଲିବା ପରେ ବର୍ଷା ହେବା ଯୋଗୁଁ ଧାନକିଣା ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ଚିନ୍ତାରେ ପଡିଛି। ଜିଲାର ପ୍ରାୟ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ବର୍ଷା ଯୋଗୁ ସେଠାରେ ଥିବା ଧାନ ଭିଜିଯାଉଥିବା ଦେଖିବାକୁ ମିଳିଛି। ଆର୍‌ଏମ୍‌ସି ପକ୍ଷରୁ ଚାଷୀଙ୍କୁ ତାରପୋଲିନ ଦିଆଯାଉଥିଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ତଳପଟେ ପାଣି ପଶି ଧାନ ଭିଜିଯାଉଥିବା ଚାଷୀ ପ୍ରକାଶ କରିଛନ୍ତି। ସେହିପରି ଖଳାରେ ଚାଷୀ ରଖିଥିବା ଧାନ ମଧ୍ୟ ଭିଜିଯାଉଥିବାବେଳେ କ୍ଷେତରେ ଥିବା ଧାନ ମଧ୍ୟ ବର୍ଷା ଯୋଗୁଁ ଶୋଇ ପଡି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଜିଲ୍ଲାର ଚାଷୀ ପ୍ରାୟ ୬୦ ପ୍ରତିଶତ ଧାନ ଅମଳ କରିଥିବାବେଳେ ବର୍ଷା ଦାଉ ସାଧୁଥିବାରୁ ପ୍ରାୟ ୧୦ ପ୍ରତିଶତ ମଧ୍ୟ ଧାନ କ୍ରୟ ହୋଇ ନ ଥିବା ଜଣାପଡିଛି। ଜିଲାରେ ଗତ ୬ ଦିନରେ ୧୭୪୩ ଜଣ ଚାଷୀଙ୍କ ୧ ଲକ୍ଷ ୧୭ ହଜାର ୪ଶହ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୫ ଧାନ ମଣ୍ଡି ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଧାନ କିଣା ଟାର୍ଗେଟ ୨୦ ଲକ୍ଷ ୭୦ ହଜାର ରହିଛି। ସେହିପରି ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍ ?ଲାଇନ ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି। ଜିଲାର ୭୦ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରି ମଣ୍ଡିରୁ ଚାଷୀଙ୍କ ଧାନ ଠିକ ସମୟରେ ଉଠାଣ କରିବା ପାଇଁ ନିର୍ଦ୍ଧାରିତ କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ବର୍ଷା ଯୋଗୁ ଧାନ କିଣା ପ୍ରଭାବିତ ହୋଇଛି। ବର୍ଷା ଛାଡିଲେ ଧାନ କିଣା ସ୍ୱାଭାବିକ ହେବ ବୋଲି କହିଥିଲେ।

# ରାଜ୍ୟସ୍ତରରେ ପୁରସ୍କୃତ ହେଲେ ଗୁରୁ-ଶିଷ୍ୟ ଯୋଡ଼ି


ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର କଳାକାର ରାଜ୍ୟସ୍ତରରେ ପୁରସ୍କୃତ ହୋଇ ନିଜ ବ୍ଲକ ଓ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ଅର୍ଜନ କରିଥିବା ଜଣାପଡିଛି। ୨୨ ତାରିଖ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ, ଖୋର୍ଦ୍ଧା ତରଫରୁ ଆୟୋଜିତ ୧୧ ତମ ଚଳଚ୍ଚିତ୍ର ପୁରସ୍କାର ବା କବି କଳାକାର ମହାକୁମ୍ଭ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ତଥା ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଥୁଆମୂଳ ରାମପୁର ସଦର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗତ ଜାନୁଆରୀରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଅବସରରେ ଏହି ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିବା ଲୋକନୃତ୍ୟ ଓ ଲୋକବାଦ୍ୟକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର ସୋସିଆଲ ମିଡିଆ ମାଧ୍ୟମରେ ଦେଖି ଏହି କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ନିମନ୍ତ୍ରଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତଥା ନୃତ୍ୟଗୁରୁ ଅଜିତ କୁମାର ଦୁର୍ଗାଙ୍କୁ 'କଳାନିଧି ସମ୍ମାନ' ରେ ସମ୍ମାନିତ କରାଯାଇଥିଲା ଓ ପ୍ରଧାନ ଶିକ୍ଷକ ନାଗେଶର ନାଏକ ତଥା ଛାତ୍ରୀଛାତ୍ରୀଙ୍କୁ 'ଉତ୍କଳ ନୃତ୍ୟ ମଞ୍ଜରୀ' ସମ୍ମାନ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ ସମ୍ପାଦକ ଡ.ପୂର୍ଣ୍ଣଚନ୍ଦ୍ର ବେହେରା, ଅଲ ଇଣ୍ଡିଆ ସିନେ ୱାର୍କରସ ଆସୋସିଏସନ ସଭାପତି ଦେବକାନ୍ତ ମିଶ୍ର (ବବି), ପୂର୍ବତନ ସଭାପତି ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଶିଫଳ


ବୁଧବାର, ୨୮ ମଇ ୨୦୨୫



**ମେଷ:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ।



**ବୃଷ:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ଼ ହେବ। ଘରର ଉପଯୋଗୀ ଜିନିଷଗୁଡ଼ିକ ବୃଦ୍ଧି ପାଇବ।



**କର୍କଟ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ବେପରୁଆ ହୁଅନ୍ତୁ ନାହିଁ।



**ସିଂହ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।




**କନ୍ୟା:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ତୁଳା:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ବିଛା:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ।



**ଧନୁ:** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଶାଶୁଙ୍କ ଅନୁଗ୍ରହରୁ ଉପହାର ପାଇବା ସମ୍ଭାବନା ସୃଷ୍ଟି ହେଉଛି।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ । କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଶ୍ରୀଗୁରୁ କୃପା

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯